# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୩/୨୦୧୮ (୨୦ ପୃଷ୍ଠା) | Bhubaneswar, Tuesday, November 13/ 2018 | ★★★★★★

୪୪ଶ ଭାଗ ୩୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**‘ଦି ସ୍କାଏ ଇଜ୍ ପିଙ୍କ୍’ ଶୁଟିଂ ଆରମ୍ଭ କଲେ ପ୍ରିୟଙ୍କା**

ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ରାଜଧାନୀ ଦିଲ୍ଲୀରେ ‘ଦି ସ୍କାଏ ଇଜ୍ ପିଙ୍କ୍’ର ଶୁଟିଂ ଆରମ୍ଭ କରିଛନ୍ତି।


୦୮

୧୮

**ମୁସ୍‌ଫିକରଙ୍କ ରେକର୍ଡ**

ବାଂଲାଦେଶର ମୁସ୍‌ଫିକର ରହିମ ପ୍ରଥମ ଉଇକେଟକିପର ଭାବେ ଟେଷ୍ଟରେ ଦୁଇଟି ଦ୍ୱିଶତକ ହାସଲ କରି ରେକର୍ଡ ପ୍ରତିଷ୍ଠା କରିଛନ୍ତି।





## ଛତିଶଗଡ଼ ନିର୍ବାଚନବେଳେ ଗୁଳି ବିନିମୟ: ୫ ମାଓବାଦୀ ମୃତ

ମାଲକାନଗିରି,୧୨।୧୧ (ଡି.ଏନ୍.ଏ.)

ଛତିଶଗଡ ନିର୍ବାଚନର ପ୍ରଥମ ଦିନରେ ପୋଲିସ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇ ୫ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ନିହତ ମାଓବାଦୀଙ୍କ ପରିଚୟ ମିଳିନାହିଁ। ବିଜାପୁର ଜିଲା ପାମେଡ୍ ଜଙ୍ଗଲରେ ସୋମବାର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଯବାନଙ୍କ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଥିଲା। ଏଥିରେ ୫ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ମାଓବାଦୀଙ୍କ ଗୁଳିରେ ୫ଜଣ ଯବାନ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ରାୟପୁର ପଠାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଉଭୟପକ୍ଷ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି।

# ପୁଞ୍ଜି ନିବେଶ ପାଇଁ ଭରସା ଦେଲେ ଶିଳ୍ପହସ୍ତୀ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ରାଜ୍ୟରେ ପୁଞ୍ଜି ନିବେଶର ପର୍ଯ୍ୟାପ୍ତ ସୁଯୋଗ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ହେଲେ ରାଜ୍ୟର ଆର୍ଥିକ ବିକାଶ ଆହୁରି ଦ୍ରୁତଗତିରେ ମାଡ଼ିଚାଲିବ। ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରି ଦେଶର ବଡ଼ ବଡ଼ ଶିଳ୍ପ ହସ୍ତୀମାନେ ବହୁ କୋଟି ଟଙ୍କାର ପୁଞ୍ଜି ନିବେଶ କରିବା ସ୍ୱପ୍ନ ଦେଖାଇଛନ୍ତି। ରାଜ୍ୟର ସାମାଜିକ, ସାଂସ୍କୃତିକ, ଆର୍ଥିକ ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସହ କାନ୍ଧ ମିଳାଇ ଚାଲିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟରେ ଥିବା ପର୍ଯ୍ୟାପ୍ତ ସୁଯୋଗର ସହାୟତା ନେଇ ଆଧୁନିକ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳ୍ପ ମହାରଥୀମାନଙ୍କର ସହଯୋଗ କାମନା କରିଛନ୍ତି।

ଓଡ଼ିଶାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍(ଆରଆଇଏଲ) ୬ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିଛି। ଆସନ୍ତା ୩ ବର୍ଷ ମଧ୍ୟରେ ଆଉ ୩ ହଜାର କୋଟି ପୁଞ୍ଜି ନିବେଶ କରିବ। ଜିଓ ନେଟ୍‌ୱର୍କ ସୃଷ୍ଟି କରିବାରେ ଏହି ପୁଞ୍ଜିରୁ ଅଧିକାଂଶ ବ୍ୟୟ କରାଯିବ। ଆରଆଇଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଏହି ସୂଚନା ଦେଇଛନ୍ତି।



ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮ର ଦ୍ୱିତୀୟ ଦିବସରେ ଉପସ୍ଥିତ ବିଶିଷ୍ଟ ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ସୋମବାର ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଶିଳ୍ପ ମହାମେଳା ‘ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ’ର ବିଜ୍‌ନେସ ଲିଡରଶିପ୍ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ, ରିଲାଏନ୍ସ ପାଇଁ ଜିଓ କେବଳ ଏକ ବ୍ୟବସାୟ ନୁହେଁ। ଭାରତ ଏବଂ ଓଡ଼ିଶାକୁ ପରିବର୍ତ୍ତନ କରିବା ଏହାର ଲକ୍ଷ୍ୟ। ଏଥିଯୋଗୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ପାଇଁ ନୂତନ ସୁଯୋଗ ସୃଷ୍ଟି କରାଯାଇଛି। ରାଜ୍ୟରେ ୩୦ ହଜାର ଲୋକଙ୍କୁ ଏଥିରେ ଯୋଡ଼ାଯାଇଛି। ଗ୍ରାମାଞ୍ଚଳ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଓ ଶିକ୍ଷା, ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବା ସହିତ ଜଣେ ଅନ୍ୟ ଜଣଙ୍କ ସହିତ ଯୋଡିହୋଇ ବିଶ୍ୱ ସହିତ ପରିଚିତ କରାଇବା ଏହାର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଜିଓ ସହିତ ଓଡ଼ିଶାର ସମସ୍ତ ସହର ଏବଂ ୪୩ ହଜାର ଗାଁ ଯୋଡ଼ିହୋଇଛି। ସେ ପୁଣି କହିଛନ୍ତି ଯେ, ମୁଣ୍ଡପିଛା ଡାଟା ବ୍ୟବହାର କରିବାରେ ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ। ଶିକ୍ଷା, ଆର୍ଥିକ ସେବା ଆଦି ଅନ୍ୟାନ୍ୟ କ୍ଷେତ୍ରରେ ଡିଜିଟାଲ ସଂଯୋଗର ବହୁଳ ବ୍ୟବହାର ହେଉଛି। ରାଜ୍ୟ ସରକାରଙ୍କ ସହ ଆମେ ଏକାଠି ହୋଇ କାମ କରୁଛୁ। ମିଶନ ଶକ୍ତି ଜରିଆରେ ରାଜ୍ୟର ଲକ୍ଷାଧିକ ମହିଳା ଡିଜିଟାଲ ଇଣ୍ଡିଆର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି। ଗିଗା ଫାଇବର ସହ ଏଣିକି ଘରକୁ ବ୍ରଡ୍‌ବ୍ୟାଣ୍ଡ ଫାଇବର ସଂଯୋଗ କରାଯିବ ବୋଲି

ମୁକେଶ କହିଛନ୍ତି। ରିଲାଏନ୍ସ ଏବଂ ଜିଓ ନିୟମିତ ଭାବେ ପ୍ରତ୍ୟେକଙ୍କ ପାଇଁ ଇଜ୍ ଅଫ୍ ଲିଭିଂ ଭାବେ କାର୍ଯ୍ୟ କରିଆସୁଛି। ଶେଷରେ ଅମ୍ବାନୀ ବିଜୁ ପଟ୍ଟନାୟକଙ୍କ ଉକ୍ତିକୁ ଉଦ୍ଧାର କହି କହିଥିଲେ, ଏକବିଂଶ ଶତାବ୍ଦୀରେ ମୋର ସ୍ୱପ୍ନ ହେଉଛି ଯୁବଗୋଷ୍ଠୀ ନିଜକୁ ଗର୍ବିତ ମନେକରିବା ସହ ନିଜ ଭିତରେ ଆତ୍ମବିଶ୍ୱାସ ଦେଖିପାରିଲେ ସେମାନେ ପୁଣି କଳିଙ୍ଗକୁ ଦଖଲ କରିବେ। ଏହି ସ୍ୱପ୍ନ ମୋର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବୋଲି କହିବା ସହ ଆମେ ମିଳିମିଶି ଓଡ଼ିଶାକୁ ବିଶ୍ୱରେ ଭାରତର ଏକ ଅଞ୍ଚଳରେ ପରିଣତ କରିବା ବୋଲି କହିଥିଲେ। ☞ପୃଷ୍ଠା–୪

**ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮**

- ଓଡ଼ିଶା ବିକାଶରେ ଭାଗୀଦାର ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
- ରିଲାଏନ୍ସ ୩ ହଜାର, ଟାଟା ସନ୍ସ ୨୫ ହଜାର କୋଟି ପୁଞ୍ଜି ନିବେଶ କରିବ
- ବିଜୁବାବୁଙ୍କୁ ମନେ ପକାଇଲେ ମୁକେଶ, ନବୀନ, ଅନିଲ
- ଡାଟା ବ୍ୟବହାରରେ ଓଡ଼ିଶା ଆଗରେ



**ହକି ବିଶ୍ୱକପ୍ ଟ୍ରଫି ଉନ୍ମୋଚିତ**

........୧୯........

**ବୁଧବାର ଯାଏ ବଢ଼ିଲା ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ**

**ବଳବତ୍ତର ରହିବ ନିଲମ୍ବନ ଆଦେଶ**

........୩........

## ଆଜିର ସମ୍ପାଦକୀୟ

**ଅପେକ୍ଷା ଓ ସଜାଗ**

## ଆଜିର ମନ୍ତବ୍ୟ

“ କଶ୍ମୀର ପ୍ରସଙ୍ଗରେ କେନ୍ଦ୍ର ସରକାର ଆତଙ୍କବାଦୀଙ୍କ ସହ ଆଦୌ ଆଲୋଚନା କରିବେ ନାହିଁ।

–ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ

## କିଛି ତଥ୍ୟ

ଚଳିତବର୍ଷ ସେପ୍ଟେମ୍ବରରେ ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ଘଟିବା ସହ ଏହା ୪.୩% ସ୍ତରରେ ରହିଛି।

– ସରକାରଙ୍କ ପ୍ରଦତ୍ତ ତଥ୍ୟ


NECC NATIONAL EGG CO-ORDINATION COMMITTEE | 12.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 61 | 107 | 117 |
| DKL | 62 | 109 | 119 |
| BDK | 60 | 106 | 116 |
| BLS | 62 | 109 | 119 |
| ANG | 64 | 111 | 121 |

*Conditions Apply

Eggs Retail Price- 51/-Dozen

Issued in the Interest of Consumers


# ୬ ଜେଲ୍‌ର ଅନ୍ତେବାସୀ ଖାଇଛନ୍ତି ୧୮ ଲକ୍ଷ ଟଙ୍କାର ଜଳଖିଆ

ଭୁବନେଶ୍ୱର,୧୨।୧୧ (ବ୍ୟୁରୋ)

- ଜେଲକୁ ବେଆଇନ ଭାବେ ଯାଉଛି ବିପୁଳ ଟଙ୍କା
- ଜେଲ କର୍ମଚାରୀଙ୍କ କାର୍ଯ୍ୟଧାରାକୁ ନେଇ ଉଠିଲା ପ୍ରଶ୍ନ

ରାଜ୍ୟର ୬ଟି ଜେଲ୍‌ରେ ରହୁଥିବା ଅନ୍ତେବାସୀମାନେ ବର୍ଷକ ଭିତରେ ୧୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜଳଖିଆ ଖାଇଛନ୍ତି। କଏଦୀଙ୍କ ଏହି ଜଳଖିଆ ଖର୍ଚ୍ଚକୁ ନେଇ ଏବେ ନୂଆ ବିବାଦ ଆରମ୍ଭ ହୋଇଥିବାବେଳେ ଜେଲ୍ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ କାର୍ଯ୍ୟଧାରା ସନ୍ଦେହ ଘେରକୁ ଆସିଛି। କଏଦୀ-ଜେଲ୍ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଜେଲ୍ ଭିତରକୁ ବେଆଇନ ଭାବେ ବିପୁଳ ଟଙ୍କା ଯାଉଥିବା ବାରି ହୋଇପଡୁଛି। ଚାରିକାନ୍ଥ ଭିତରେ ରହୁଥିବା କଏଦୀମାନେ ଏତେ ଟଙ୍କା କେଉଁଠୁ ଆଣି ଜଳଖିଆରେ ଖର୍ଚ୍ଚ କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ତଥ୍ୟ ଅନୁଯାୟୀ, କଏଦୀଙ୍କ ଜଳଖିଆ ଖର୍ଚ୍ଚ ତାଲିକାରେ ଝାରପଡା ଜେଲ ପ୍ରଥମ ସ୍ଥାନରେ ରହିଛି। ଝାରପଡା ଜେଲ କ୍ୟାଣ୍ଟିନରୁ କଏଦୀମାନେ ପ୍ରାୟ ୭ ଲକ୍ଷ ୨୨ ହଜାର ଟଙ୍କାର ଜଳଖିଆ ଖାଇଛନ୍ତି। ସେହିପରି ଚୌଦ୍ୱାର ଜେଲ୍‌ରେ ୬ ଲକ୍ଷ ୩୦ ହଜାର, ବ୍ରହ୍ମପୁର ଜେଲରେ ୩ ଲକ୍ଷରୁ

ଉର୍ଦ୍ଧ୍ୱ ଟଙ୍କା, ବାରିପଦା ଜେଲରେ ୬୦ ହଜାର, କେଉଁଝର ଜେଲ୍‌ରେ ୫୦ ହଜାର ଓ ବାଲେଶ୍ୱର ଜେଲର ଅନ୍ତେବାସୀ ଜଳଖିଆ ବାବଦକୁ ୫୪ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। କଏଦୀଙ୍କ ସୁବିଧା ଓ ସୁରକ୍ଷା ପାଇଁ ଜେଲ୍ କର୍ତ୍ତୃପକ୍ଷ ବହୁ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିସହ ନୂଆ ନିୟମ ଲାଗୁକରିଛନ୍ତି। ଅନେକ ସମୟରେ ଜେଲ୍ ଭିତରେ ବହୁ ବେଆଇନ ସାମଗ୍ରୀ ମିଳୁଛି। ତେଣୁ ଜେଲ ଭିତରକୁ ବାହାର ଖାଦ୍ୟ ନେବା ଉପରେ କଟକଣା ଲଗାଯାଇଛି। ଏହି ଅନୁସାରେ, କଏଦୀମାନେ ବିଭିନ୍ନ କାର୍ଯ୍ୟ କରିବା ବାବଦକୁ ଦିନକୁ ୪୦ ଟଙ୍କା ଓ ପରିବାର ପକ୍ଷରୁ ଖର୍ଚ୍ଚ ପାଇଁ ମାସିକ ସର୍ବାଧିକ ୫ଶହ ଟଙ୍କା ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବାର ନିୟମ ରହିଛି। ଏହି ଟଙ୍କାରେ ସେମାନେ ଜେଲ୍ କ୍ୟାଣ୍ଟିନରେ ଜଳଖିଆ ଖାଇବା ସହ ଅନ୍ୟକିଛି ଖର୍ଚ୍ଚ କରିପାରିବେ। କିନ୍ତୁ ଉପରୋକ୍ତ ୬ଟି ଜେଲ୍‌ରେ ଯେତିକି କଏଦୀ ରହୁଛନ୍ତି ସେମାନଙ୍କ ଜଳଖିଆ ଖର୍ଚ୍ଚକୁ ହିସାବକୁ ନେଲେ ଏହାଠାରୁ ବହୁଗୁଣ ଅଧିକ ଖର୍ଚ୍ଚ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଭିଯୋଗ ହେଉଛି ଯେ, ପରିବାର ଲୋକ ଓ ସମ୍ପର୍କୀୟ କଏଦୀଙ୍କ ଦେଖା କରିବା ସମୟରେ ବିପୁଳ ଟଙ୍କା ସେମାନଙ୍କୁ ଦେଉଛନ୍ତି। ଜେଲ୍‌ର କର୍ମଚାରୀମାନେ ହାତଗୁଞ୍ଜା ନେଇ ଏଥିପାଇଁ ସୁଯୋଗ ଦେଉଛନ୍ତି। କଏଦୀ ଓ କର୍ମଚାରୀଙ୍କ ଏହି ମଧୁଚନ୍ଦ୍ରିକା ପାଇଁ ଜେଲ୍ ଭିତରକୁ ବହୁ ବେଆଇନ ସାମଗ୍ରୀ ମଧ୍ୟ ଯାଉଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଝାରପଡ଼ା ଜେଲର ଡି.ଏନ୍ ବାରିକ କହିଛନ୍ତି, ଜେଲ ଭିତରେ କଏଦୀମାନେ ଖାଇବା ଦ୍ୱାରା ସେମାନଙ୍କ ଭିତରେ ଆଉ ପୂର୍ବଭଳି ବିଶୃଙ୍ଖଳା ଦେଖାଯାଉ ନାହିଁ। କଏଦୀମାନେ ଉପାର୍ଜନ କରୁଥିବା ଅର୍ଥ ବନ୍ଦୀ କଲ୍ୟାଣ ଫଣ୍ଡରେ ଜମା କରାଯାଇଛି। ଉକ୍ତ ରୋଜଗାର ସହ ପରିବାର ଲୋକ ଦେଉଥିବା ଅର୍ଥରେ ସେମାନେ ଏହି ଖର୍ଚ୍ଚ କରିଛନ୍ତି। ଏଥିରେ ସେଭଳି କିଛି ବେଆଇନ୍ କାର୍ଯ୍ୟ ହୋଇନାହିଁ।

## ପରଲୋକରେ ଅନନ୍ତ କୁମାର



ବାଙ୍ଗାଲୋର,୧୨।୧୧(ପି.ଟି.)

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ତଥା ଭାଜପା ନେତା ଅନନ୍ତ କୁମାରଙ୍କ ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ଫୁସ୍‌ଫୁସ୍ କର୍କଟରେ ସେ ଅନେକ ଦିନ ହେଲା ପୀଡ଼ିତ ଥିଲେ। ଏକ ଘରୋଇ ହସ୍ପିଟାଲରେ ଅନନ୍ତ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଦକ୍ଷିଣ ବାଙ୍ଗାଲୋର ଏମ୍‌ପି ଅନନ୍ତ କୁମାର ପ୍ରାଣନାଶୀ କର୍କଟ ଓ ସଂକ୍ରମଣରେ ପୀଡ଼ିତ ହେବା ପରେ ଚିକିତ୍ସା ପାଇଁ ଆମେରିକା ଏବଂ ବ୍ରିଟେନ ଯାଇଥିଲେ। ଗତ ଅକ୍ଟୋବରରେ ସେ ବିଦେଶରୁ ଫେରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଙ୍ଗାଲୋରର ଏକ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଗତ କିଛିଦିନ ହେଲା ସେ ଆଇସିୟୁରେ ଥିଲେ। ରବିବାର ରାତି ୨ଟା ସମୟରେ ☞ପୃଷ୍ଠା–୪

# ପାଣିରେ ବୁଡ଼ି ୩ ମୃତ

## ମୃତକଙ୍କ ମଧ୍ୟରେ ୨ ଅଙ୍ଗନୱାଡି ଶିଶୁ

ପାଲଲହଡ଼ା/ପରଜଙ୍ଗ, ୧୨।୧୧(ଡି.ଏନ.ଏ.)

ଆଉ ମାତ୍ର କେଇ ମିନିଟ୍‌ରେ ପହଞ୍ଚିଥାନ୍ତେ ଘରେ। ହେଲେ ବିଧିର ବିଧାନ ଥିଲା ଅଲଗା। ଅଧାରାସ୍ତାରୁ ଟାଣି ନେଇଗଲା ମୃତ୍ୟୁ। ଏକ ଅଭାବନୀୟ ଘଟଣାକ୍ରମେ ଅଙ୍ଗନୱାଡ଼ି କେନ୍ଦ୍ରରୁ ଫେରୁଥିବାବେଳେ ବିଲ ମଝିରେ ଥିବା ପରିତ୍ୟକ୍ତ କୂଅରେ ପଡ଼ି ପ୍ରାଣ ହରାଇଛନ୍ତି ୨ କୋମଳମତି ଶିଶୁ କନ୍ୟା। ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଅର୍ଜୁନଝରି ସାହିରେ ସୋମବାର ମଧ୍ୟାହ୍ନରେ ଘଟିଛି ଏପରି ହୃଦୟ ବିଦାରକ ଘଟଣା। ସେହିପରି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ ଧୁବୁଲିପଥର ସାହିର ଦିଲୀପ ନାୟକ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଗୋଟିଏ ଦିନରେ ଏପରି ୩ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ଅର୍ଜୁନଝରି ସାହିର କ୍ଷେତ୍ରବାସୀ କିଷାନଙ୍କ ଝିଅ ପଲ୍ଲବୀ (୪) ଏବଂ ବିପିନ କିଷାନଙ୍କ ଝିଅ ଲଭ୍‌ଲି (୩) ସୋମବାର ଆଲୁରୀ ଅଙ୍ଗନୱାଡି କେନ୍ଦ୍ରକୁ ଯାଇଥିଲେ। ସେଠାରୁ ବିଲ ରାସ୍ତା ଦେଇ ଫେରୁଥିବାବେଳେ ଏକ ପରିତ୍ୟକ୍ତ କୂଅରେ ଖସିପଡ଼ିଥିଲେ। ସୂଚନାପାଇ ପରିବାର ଲୋକେ ଦୁଇ ଶିଶୁଙ୍କୁ ଉଦ୍ଧାର ପରେ ୧୦୮ ଆମ୍ବୁଲାନ୍ସରେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖମାର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଏ ସଂକ୍ରାନ୍ତରେ ନଂ. ୫/୧୮ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ସନ୍ତୋଷ କୁମାର ମିର୍ଦ୍ଧା ସୂଚନା ଦେଇଛନ୍ତି। ଉପଜିଲାପାଳ ଅଜିତ କୁମାର ପ୍ରଧାନ ରେଡ୍‌କ୍ରସ୍ ପାଣ୍ଠିରୁ ମୃତ ଶିଶୁଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ନିୟମ ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଧୁବୁଲିପଥର ସାହିର ଦିଲୀପ ନାୟକ ଶ୍ୱଶୁର ଘର ଛାତ ଢଳେଇ ☞ପୃଷ୍ଠା–୪


**ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ**

**ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା**

ସମ୍ବାଦ, ସମାଜ ଏବଂ ଧରିତ୍ରୀ ଖବରକାଗଜରେ ତା୧୦.୧୧.୨୦୧୮ ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତ କ୍ରମିକ ସଂଖ୍ୟା ୨୪୧ ରୁ ୩୦୦ ପର୍ଯ୍ୟନ୍ତ ତା୩୦.୧୧.୧୮ ରିଖ ଦିନ ଶୁଣାଣି ନିମନ୍ତେ ଧାର୍ଯ୍ୟ ହୋଇଥିଲା। ଉକ୍ତ ଦିନ ସ୍ଥାନୀୟ ଛୁଟି ପଡୁଥିବାରୁ ଶୁଣାଣି ନିମନ୍ତେ ଧାର୍ଯ୍ୟ ଦରଖାସ୍ତଗୁଡିକୁ ତା୩୦.୧୧.୨୦୧୮ ରିଖ ପରିବର୍ତ୍ତେ ତା୦୩.୧୨.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଶୁଣାଣି କରାଯିବ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୩ ନଭେମ୍ବର, ୨୦୧୮



"କଂଗ୍ରେସର ରାଜନୀତି ଗୋଟିଏ ପରିବାରରୁ ଆରମ୍ଭ ଏବଂ ସେଇଠି ହିଁ ଶେଷ । ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ଦୁର୍ନୀତି ମାମଲାରେ ଜାମିନରେ ମୁକୁଳିଥିବା ସତ୍ତ୍ୱେ ମୋତେ ସାର୍ଟିଫିକେଟ ଦେବା ଅତି ହାସ୍ୟାସ୍ପଦ କଥା ।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ଅଯୋଧ୍ୟା ମାମଲା
### ତ୍ୱରିତ ବିଚାର ପାଇଁ ନା କହିଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ,୧୨।୧୧-** ଅଯୋଧ୍ୟା ଜମି ବିବାଦ ମାମଲାର ବିଚାର ତୁରନ୍ତ କରାଯାଇପାରିବ ନାହିଁ। ହିନ୍ଦୁ ମହାସଭା ପକ୍ଷରୁ ହୋଇଥିବା ଏକ ଆବେଦନର ଶୁଣାଣି କରି ସୋମବାର ଏଭଳି ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ଏସ୍.କେ. କୌଲ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନ ଖାରଜ କରି ଏହା କହିଛନ୍ତି। ନିର୍ଦ୍ଧାରିତ ସମୟ ଅନୁଯାୟୀ ଜାନୁୟାରୀରେ ଏହି ମାମଲାର ବିଚାର ସମ୍ପର୍କରେ ନିଷ୍ପତ୍ତି ହେବ ବୋଲି ଖଣ୍ଡପୀଠ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୦ରେ ଆହ୍ଲାବାଦ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ଅକ୍ଟୋବର ୨୯ରେ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ ଦାଖଲ କରାଯାଇଥିଲା। ଆହ୍ଲାବାଦ ହାଇକୋର୍ଟ ବିବାଦୀୟ ୨.୭୭ ଏକର ଜମିକୁ ରାମଲାଲା, ନିର୍ମୋହୀ ଆଖଡ଼ା ଏବଂ ସୁନ୍ନି ୱାକଫ୍ ବୋର୍ଡ ମଧ୍ୟରେ ସମାନ ଭାଗରେ ବାଣ୍ଟିବାକୁ ରାୟ ଦେଇଥିଲେ।

### ୫ଥର ଜିତିଥିବା ଭାଜପା ବିଧାୟକଙ୍କ ଇସ୍ତଫା



**ଜୟପୁର,୧୨।୧୧(ପି.ଟି)-** ରାଜସ୍ଥାନର ଜୟିତରନ୍ ନିର୍ବାଚନ ମଣ୍ଡଳୀରୁ ୫ଥର ଜିତିଆସିଥିବା ଭାଜପା ବିଧାୟକ ସୁରେନ୍ଦ୍ର ଗୋୟଲ ଶେଷରେ ଇସ୍ତଫା ଦେଇଛନ୍ତି। ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବା ବେଳେ ଦଳ ତାଙ୍କ ନାମକୁ ଏହି ତାଲିକାରୁ ବାଦ୍ ଦେଇଥିଲା। ବର୍ତ୍ତମାନ ପବ୍ଲିକ୍ ହେଲ୍‌ଥ ଇଞ୍ଜିନିୟରିଂ ଓ ଗ୍ରାଉଣ୍ଡ ୱାଟର ମନ୍ତ୍ରୀ ଥିବା ଗୋୟଲ ତାଙ୍କର ଦୁଇଟି ଇସ୍ତଫାପତ୍ର ପୃଥକ୍ ଭାବରେ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଏବଂ ଦଳର ରାଜ୍ୟ ସଭାପତି ମଦନଲାଲ୍ ସାଇନିଙ୍କୁ ପ୍ରଦାନ କରିଛନ୍ତି। ତେବେ ସେ ଇସ୍ତଫା ଦେବାର କୌଣସି କାରଣ ଉଲ୍ଲେଖ କରିନାହାନ୍ତି। ରବିବାର ରାତିରେ ପ୍ରକାଶ ପାଇଥିବା ପ୍ରଥମ ପ୍ରାର୍ଥୀ ତାଲିକାରେ ଭାଜପା ଜୟିତରନ୍ ଆସନ ପାଇଁ ଏକ ନୂଆ ମୁହଁ ଅବିନାଶ ଗେହଲଟ୍‌ଙ୍କୁ ଠିଆ କରାଇଛି।

### ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ବିଜ୍ଞପ୍ତି

**ହାଇଦ୍ରାବାଦ,୧୨।୧୧(ପି.ଟି.)-** ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଡିସେମ୍ବର ୭ରେ ଏହି ରାଜ୍ୟରେ ଭୋଟ ଗ୍ରହଣ ହେବ ବୋଲି ନିର୍ବାଚନ କମିଶନ (ଇସି) ସୂଚନା ଦେଇଛନ୍ତି। ବିଜ୍ଞପ୍ତି ଅନୁଯାୟୀ ନଭେମ୍ବର ୧୨ରୁ ୧୯ ମଧ୍ୟରେ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ ହେବ। ୨୦ ତାରିଖରେ ସେସବୁ ଯାଞ୍ଚ କରାଯିବ। ସେହି ମାସ ୨୨ ତାରିଖ ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ। ଡିସେମ୍ବର ୭ରେ ଭୋଟହେବା ପରେ ୧୧ ତାରିଖରେ ଫଳାଫଳ ଘୋଷଣା ହେବ ବୋଲି ଇସି ପ୍ରକାଶ କରିଛନ୍ତି। କାମଚଳା ମୁଖ୍ୟମନ୍ତ୍ରୀ ତଥା ଟିଆର୍‌ଏସ୍ ସୁପ୍ରିମୋ କେ. ଚନ୍ଦ୍ରଶେଖର ରାଓ ପୁନଃ କ୍ଷମତା ଦଖଲ ପାଇଁ ଉଦ୍ୟମ ଚଳାଇଛନ୍ତି। ସେ ମେଡ଼କ୍ ଜିଲାର ଗଜୱେଲ ଆସନରୁ ପ୍ରାର୍ଥୀ ହେବେ ବୋଲି ଜଣାପଡ଼ିଛି।

### ସାବରିମାଳା ବିବାଦ: ସର୍ବଦଳୀୟ ବୈଠକ ଡାକିବେ କେରଳ ସରକାର

**ଥିରୁଭାନନ୍ତପୁରମ୍,୧୨।୧୧(ପି.ଟି.)** ସାବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ନେଇ ଲାଗିରହିଥିବା ବିବାଦ ଥମୁ ନ ଥିବାବେଳେ କେରଳ ସରକାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି ପ୍ରସଙ୍ଗରେ ଆଲୋଚନା ଲାଗି ସରକାର ସର୍ବଦଳୀୟ ବୈଠକ ଡକାଇବାକୁ ଚିନ୍ତା କରୁଛନ୍ତି। ଆସନ୍ତା ୧୭ ତାରିଖରେ ସାବରିମାଳାସ୍ଥିତ ଆୟାପ୍ପାଙ୍କ ମନ୍ଦିର ଖୋଲାଯିବ।

# ସୁପ୍ରିମକୋର୍ଟରେ ରାଫାଲ୍ ପେଡ଼ି

■ ଯୁଦ୍ଧବିମାନର ମୂଲ୍ୟ ସମ୍ପର୍କିତ ଦସ୍ତାବିଜ ହସ୍ତାନ୍ତର
■ ପ୍ରତିରକ୍ଷା ଚୁକ୍ତି ନିୟମ ପାଳନ ହୋଇଛି: କେନ୍ଦ୍ର

**ନୂଆଦିଲ୍ଲୀ,୧୨।୧୧(ପି.ଟି.)**



ରାଫାଲ୍ ଯୁଦ୍ଧବିମାନ କ୍ରୟ ନେଇ ଫ୍ରାନ୍ସ ସହ ହୋଇଥିବା ଚୁକ୍ତିବେଳେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଦୁର୍ନୀତି କରିଥିବା ଅଭିଯୋଗ ଆଣି ହୁଙ୍କାର ଛାଡୁଛନ୍ତି ବିରୋଧୀ। ବିବାଦ ଘନୀଭୂତ ହେବାରୁ ଏନେଇ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି। ଦାବି ଜୋର୍ ଧରିବା ପରେ ଶେଷରେ ସରକାର ସୋମବାର ୩୬ ରାଫାଲ୍ ବିମାନର ମୂଲ୍ୟ ସମ୍ପର୍କିତ ସବିଶେଷ ତଥ୍ୟ ବନ୍ଦ ଲଫାପାରେ ରଖି ସର୍ବୋଚ୍ଚ ଅଦାଲତଙ୍କୁ ପ୍ରଦାନ କରିଛନ୍ତି। ଭଲଭାବେ ତର୍ଜମା କରି ଏହି ମୂଲ୍ୟ ନିର୍ଦ୍ଧାରଣ ହୋଇଛି ଏବଂ ପ୍ରତିରକ୍ଷା ଚୁକ୍ତି ସଂକ୍ରାନ୍ତ ନିୟମ (୨୦୧୩) ପାଳନ ହୋଇଥିବା କେନ୍ଦ୍ର କହିଛି।

ରାଫାଲ୍ ଚୁକ୍ତିରେ ବହୁକୋଟି ଟଙ୍କାର ଦୁର୍ନୀତି ହୋଇଥିବାରୁ ସବିଶେଷ ତଥ୍ୟ ସର୍ବସମ୍ମୁଖକୁ ଅଣାଯାଉ ବୋଲି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ଅଡ଼ିବସିଛନ୍ତି। ଏସବୁ ସମ୍ବେଦନଶୀଳ ତଥ୍ୟ ଯେବେ ପାର୍ଲାମେଣ୍ଟରେ ଉପସ୍ଥାପନ ହେଉ ନାହିଁ, ସେତେବେଳେ ରିପୋର୍ଟ ସାର୍ବଜନୀନ କରିବା ସମ୍ଭବ ନୁହେଁ ବୋଲି ସରକାର ଦୋହରାଇ ଆସୁଛନ୍ତି। ଉଭୟ ପକ୍ଷ ନିଜ ଜିଦ୍‌ରେ ଅଟଳ ରହିଥିବାବେଳେ ଅକ୍ଟୋବର ୩୧ରେ ଅଦାଲତ ଦେଇଥିବା ରାୟ ଘଟଣାର ମୋଡ଼ ବଦଳାଇଦେଲା। କୋର୍ଟ ନିର୍ଦ୍ଦେଶକ୍ରମେ କେନ୍ଦ୍ର ରାଫାଲ୍ ଚୁକ୍ତି ସଂକ୍ରାନ୍ତ ନିଷ୍ପତ୍ତି ଉପରେ ୧୪ ପୃଷ୍ଠା ସମ୍ବଳିତ ଦସ୍ତାବିଜ୍ ଦାଖଲ କରିଛି। ଏଥିସହ ନିଜ ପକ୍ଷରୁ କୌଣସି ତ୍ରୁଟି ନ ଥିବା ସରକାର କହିଛନ୍ତି। ତେବେ ବନ୍ଦ ଲଫାପାରେ ଥିବା ରିପୋର୍ଟରେ ବାସ୍ତବରେ କ'ଣ ଦର୍ଶାଯାଇଛି, ତାହା ଜଣାପଡ଼ି ନାହିଁ। ଏହି ରିପୋର୍ଟ ଏବେ ଅଦାଲତଙ୍କ ହେପାଜତରେ ରହିଛି।

ପ୍ରକାଶ ଯେ, ୨୦୧୬ ସେପ୍ଟେମ୍ବର ୨୩ରେ ଭାରତ ଏବଂ ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ଅତ୍ୟାଧୁନିକ ରାଫାଲ ଯୁଦ୍ଧବିମାନ କ୍ରୟ ନେଇ ଚୁକ୍ତି ସ୍ୱାକ୍ଷର ହୋଇଥିଲା।

■ ସିବିଆଇରେ ଅନ୍ତର୍କନ୍ଦଳ: ବଢ଼ିଲା ବର୍ମାଙ୍କ ଅଡୁଆ

# ବନ୍ଦ ଲଫାପାରେ ତଦନ୍ତ ରିପୋର୍ଟ ଦେଲା ସିଭିସି

**ନୂଆଦିଲ୍ଲୀ,୧୨।୧୧(ପି.ଟି.)**



ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ନାଁରେ ଆସିଥିବା ଲାଞ୍ଚ ଅଭିଯୋଗର ତଦନ୍ତ ଚଳାଇଛି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)। ସୋମବାର ତଦନ୍ତ ସଂସ୍ଥା ବନ୍ଦ ଲଫାପାରେ ପ୍ରାଥମିକ ତଦନ୍ତ ରିପୋର୍ଟକୁ ସୁପ୍ରିମକୋର୍ଟରେ ଦାଖଲ କରିଛି।

ବର୍ମାଙ୍କ ନାଁରେ ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ଦୁର୍ନୀତି ଅଭିଯୋଗ ଆଣିବା ପରେ ସବୁଠୁ ବିଶ୍ୱସନୀୟ ତଦନ୍ତ ସଂସ୍ଥାରେ ଥିବା କଳି ପଦାରେ ପଡ଼ିଛି। ଲାଞ୍ଚ ଅଭିଯୋଗ ନେଇ ବର୍ମାଙ୍କୁ କାର୍ଯ୍ୟରୁ ନିବୃତ୍ତ ରଖାଯିବା ସହ ବାଧ୍ୟତାମୂଳକ ଛୁଟିରେ ପଠାଇଦିଆଯାଇଛି। ଅସ୍ଥାନାଙ୍କ ବିରୋଧରେ ମଧ୍ୟ ସମାନ କାର୍ଯ୍ୟାନୁଷ୍ଠାନ ହୋଇଛି। ସର୍ବୋଚ୍ଚ ଅଦାଲତଙ୍କ ତତ୍ତ୍ୱାବଧାନରେ ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଚାଲିଛି। ଏବେ ଭିଜିଲାନ୍ସ କମିଶନ୍‌ର ତଦନ୍ତ ରିପୋର୍ଟ ବର୍ମାଙ୍କୁ ଅଡୁଆରେ ପକାଇଛି। ସିବିଆଇର କାମଚଳା ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓ ମଧ୍ୟ ଅକ୍ଟୋବର ୨୩ରୁ ୨୬ ମଧ୍ୟରେ ନେଇଥିବା ନିଷ୍ପତ୍ତି ସମ୍ପର୍କିତ ରିପୋର୍ଟକୁ ଦାଖଲ କରିଛନ୍ତି। ବନ୍ଦ ଲଫାପାରେ ରହିଥିଲା ଏହି ରିପୋର୍ଟ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୟ କିଷାନ୍ କୌଲ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଭୟ ରିପୋର୍ଟକୁ ଗ୍ରହଣ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୬ରେ ହେବ ବୋଲି କୋର୍ଟ କହିଛନ୍ତି। ଅକ୍ଟୋବର ୨୬ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଆଧାରରେ ସିଭିସି ଏବଂ ରାଓ ସେମାନଙ୍କ ରିପୋର୍ଟର ୩ଟି ନକଲ କୋର୍ଟଙ୍କୁ ହସ୍ତାନ୍ତର କରିଛନ୍ତି।

# ଛତିଶଗଡ଼ ନିର୍ବାଚନ: ପ୍ରଥମ ପର୍ଯ୍ୟାୟରେ ୭୦% ମତଦାନ

**ରାୟପୁର,୧୨।୧୧(ପି.ଟି.)–** ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ସୋମବାର ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଛି। ୧୮ ନିର୍ବାଚନମଣ୍ଡଳୀରେ ୭୦ ପ୍ରତିଶତ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିଛନ୍ତି। ତନ୍ମଧ୍ୟରେ ଅନେକ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ରହିଛି। ମାଓବାଦୀଙ୍କ ଧମକକୁ ଖାତିର ନ କରି ବହୁସଂଖ୍ୟକ ମତଦାତା ପୋଲିଂ ବୁଥ୍‌କୁ ଯାଇଥିଲେ।

ସୋମବାର ପୂର୍ବାହ୍ନରେ ଭୋଟ ଗ୍ରହଣ ଆରମ୍ଭ ହେବା ପରେ କମ୍ ଭୋଟରଙ୍କୁ ଦେଖିବାକୁ ମିଳିଥିଲା। ଧୀରେ ଧୀରେ ଲୋକଙ୍କ ଲମ୍ବା ଲାଇନ୍ ଲାଗିଥିଲା। ଶାନ୍ତିପୂର୍ଣ୍ଣ ଭାବେ ମତଦାନ ପ୍ରକ୍ରିୟା ଶେଷ କରିବା ଲାଗି ସୁରକ୍ଷା କଡ଼ାକଡ଼ି କରାଯାଇଥିଲା। ମୋଲା-ମନ୍‌ପୁର, ଅନ୍ତଗଡ଼, ଭାନୁପ୍ରତାପପୁର, କଙ୍କେର, କେସ୍କଲ, କୋନ୍ଦାଗାଓଁ, ନାରାୟଣପୁର, ଦାନ୍ତେୱାଡ଼ା, ବିଜାପୁର ଏବଂ କୋନ୍ତା ଆଦି ୧୦ ନିର୍ବାଚନମଣ୍ଡଳୀରେ ଅପରାହ୍ନ ୩ଟା ସୁଦ୍ଧା ଭୋଟ ଶେଷ ହୋଇଥିଲା। ସେହିପରି ଖୈରଗଡ଼, ଦୋଙ୍ଗାରଗଡ଼, ରାଜନନ୍ଦଗାଓଁ, ଖୁଜି, ବସ୍ତର, ଜଗଦଲପୁର ଏବଂ ଚିତ୍ରକୂଟରେ ଅପରାହ୍ନ ୫ଟାରେ ମତଦାନ ସମାପ୍ତ ହୋଇଛି।

୧୫ ବର୍ଷ ପରେ ସୁକୁମା ଜିଲାର ପାଲମ୍ ଅଡଗୁ ଗ୍ରାମରେ ନିର୍ବାଚନ ହୋଇଛି। ଏଠାରେ ୪୪% ମତଦାନ ରେକର୍ଡ କରାଯାଇଛି। ନାରାୟଣପୁରରେ ଆତ୍ମସମର୍ପଣ କରିଥିବା ମାଓବାଦୀ ଦମ୍ପତି ମୈନୁରାମ ଏବଂ ତାଙ୍କ ସ୍ତ୍ରୀ ରାଜବତୀ ଭୋଟ ଦେଇଛନ୍ତି। ସେହିପରି ଶତାୟୁଙ୍କ ସମେତ ଅନେକ ବୃଦ୍ଧାବୃଦ୍ଧ ଏବଂ ଦିବ୍ୟାଙ୍ଗ ମଧ୍ୟ ମତାଧିକାର ସାବ୍ୟସ୍ତ କରିଥିଲେ। କେତେକ ସ୍ଥାନରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଏବଂ ଭିଭିପିଏଟି ମେଶିନ୍‌ରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ସେସବୁକୁ ବଦଳାଇ ନୂଆ ମେଶିନ୍ ଲଗାଯିବା ପରେ ପୁଣି ଭୋଟ ଗ୍ରହଣ ହୋଇଥିଲା।

### ମାଓବାଦୀଙ୍କ ଧମକକୁ ଫୁ



ମାଓବାଦୀ ଅଧ୍ୟୁଷିତ ବସ୍ତର, କଙ୍କେର, ସୁକୁମା, ବିଜାପୁର, ଦାନ୍ତେୱାଡ଼ା, ନାରାୟଣପୁର, କୋନ୍ଦାଗାଓଁ ଏବଂ ରାଜନନ୍ଦଗାଓଁ ଜିଲାର ୧୮ ନିର୍ବାଚନମଣ୍ଡଳୀରେ ଏହି ଭୋଟ ଶେଷ ହୋଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଏସବୁ ଅଞ୍ଚଳରେ ପ୍ରାୟ ୧.୨୫ ଲକ୍ଷ ପୋଲିସ ଏବଂ ଅର୍ଦ୍ଧସାମରିକ ବାହିନୀଙ୍କୁ ମୁତୟନ କରାଯାଇଥିଲା। ଗୋଟିଏ ପଟେ ନିର୍ବାଚନ ପ୍ରକ୍ରିୟା ଚାଲିଥିଲାବେଳେ ଅନ୍ୟପଟେ ବିଜାପୁରରେ ମାଓବାଦୀ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଏନ୍‌କାଉଣ୍ଟର ଘଟିଛି। ଦାନ୍ତେୱାଡ଼ାରେ ମଧ୍ୟ ବୋମା ବିସ୍ଫୋରଣ ହୋଇଛି। ଏଥିରେ ୫ ଯବାନ ଆହତ ହୋଇଛନ୍ତି।

ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ପ୍ରମୁଖ ନେତାଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ରମଣ ସିଂ, ମନ୍ତ୍ରୀ କେଦାର କାଶ୍ୟପ, ମହେଶ ଗଗ୍‌ଦା, ଭାଜପାର କଙ୍କେର ଏମ୍‌ପି ବିକ୍ରମ ଉସେନ୍ଦି, କଂଗ୍ରେସ ନେତା ଦେବତୀ କର୍ମା। ଏହି ପର୍ଯ୍ୟାୟରେ ମୋଟ ୧୯୦ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ଆଉ ୭୨ ଆସନ ଲାଗି ନଭେମ୍ବର ୨୦ରେ ଭୋଟଗ୍ରହଣ ହେବ। ଡିସେମ୍ବର ୧୧ରେ ଭୋଟ ଗଣତି ପରେ ଫଳାଫଳ ଘୋଷଣା କରାଯିବ।

# କୁଶ୍‌ୱାହା-ଶରଦ ସାକ୍ଷାତ୍‌କୁ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ,୧୨।୧୧(ପି.ଟି.)**



ଲୋକ ସଭା ନିର୍ବାଚନ ପାଇଁ ବିହାରରେ ଏବେଠାରୁ ରାଜନୀତି ଜୋର୍ ଧରିଲାଣି। ମୁଖ୍ୟତଃ ଏନ୍‌ଡିଏର ସମୀକରଣକୁ ନେଇ ଚର୍ଚ୍ଚା। ଭାଜପା ଏବଂ ଜେଡିୟୁ ସମାନ ଭାବେ ଆସନ ଭାଗବଣ୍ଟା କରିବେ ବୋଲି ବୁଝାମଣା କରିବା ପରେ ଏବେ ଶାସକ ମେଣ୍ଟର ଅନ୍ୟତମ ସଦସ୍ୟ ଆସନ ପାଇଁ ଦାବି ଉଠାଇଲେଣି। ଆର୍‌ଏଲ୍‌ଏସ୍‌ପି ଅଧ୍ୟକ୍ଷ ଉପେନ୍ଦ୍ର କୁଶ୍‌ୱାହା ସହଯୋଗୀ ଦଳ ଭାଜପା ଉପରେ ଅସନ୍ତୁଷ୍ଟ ଅଛନ୍ତି। ତେଣୁ ବିରୋଧୀ ନେତା ଶାରଦ ଯାଦବଙ୍କୁ ସୋମବାର ସେ ଭେଟିଛନ୍ତି। ଏହାକୁ ନେଇ ନାନାଦି ଆଲୋଚନା ଚାଲିଛି। କେନ୍ଦ୍ରମନ୍ତ୍ରୀ କୁଶ୍‌ୱାହା ଏନ୍‌ଡିଏ ହାତ ଛାଡ଼ିପାରନ୍ତି ବୋଲି ମଧ୍ୟ ଅନେକେ କହିବା ଆରମ୍ଭ କଲେଣି। କିନ୍ତୁ ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ବୋଲି ଆର୍‌ଏଲ୍‌ଏସ୍‌ପି ମୁଖ୍ୟ କହିଛନ୍ତି। ଖବର ମୁତାବକ, ବିହାରର ରାଜନୈତିକ ସ୍ଥିତି ସମ୍ପର୍କରେ ଦୁଇନେତା ଆଲୋଚନା କରିଛନ୍ତି। ତେବେ କୁଶ୍‌ୱାହା ଏନ୍‌ଡିଏ ସରକାରଙ୍କ ବିରୋଧରେ ଅପପ୍ରଚାର କରୁଛନ୍ତି ବୋଲି ଜେଡିୟୁ କହିଛି।



ବେଙ୍ଗାଲୁରୁସ୍ଥିତ ବାସଭବନରେ ପରଲୋକ ଗମନ କରିଥିବା ଅନନ୍ତ କୁମାରଙ୍କ ଶେଷ ଦର୍ଶନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## କାବୁଲରେ ବିସ୍ଫୋରଣ: ୬ ନିହତ

**କାବୁଲ,୧୨।୧୧(ପି.ଟି.)**

ଆଫଗାନିସ୍ତାନର କାବୁଲରେ ସୋମବାର ଆତ୍ମଘାତୀ ବିସ୍ଫୋରଣ ଘଟିଛି। ଏଥିରେ ୬ ଜଣ ନିହତ ହୋଇଛନ୍ତି। ଏହି ଆକ୍ରମଣରେ ୨୦ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସଂଖ୍ୟାଲଘୁ ହଜାରା ସମ୍ପ୍ରଦାୟର ଲୋକଙ୍କୁ ଟାର୍ଗେଟ କରି ତାଲିବାନ ଆକ୍ରମଣ ଘଟାଉଥିବାରୁ ଏହା ବିରୋଧରେ ଶହ ଶହ ଲୋକ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ନିକଟରେ ବିସ୍ଫୋରଣ ଘଟିଥିଲା। ଏକ ସ୍କୁଲ ଆଗରେ ଆତ୍ମଘାତୀ ନିଜକୁ ଉଡ଼ାଇଦେଇଥିଲେ। ଏଥିରେ ମହିଳାଙ୍କ ସମେତ ଅନେକ ଲୋକ ପୋଡ଼ିହୋଇଥିବା ଜଣାପଡ଼ିଛି।

# ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହୋଇପାରନ୍ତି ତୁଲ୍‌ସୀ



**ୱାଶିଂଟନ୍,୧୨।୧୧(ପି.ଟି.)–** ଆମେରିକା କଂଗ୍ରେସର ଏକମାତ୍ର ହିନ୍ଦୁ ଆଇନ୍ ପ୍ରଣେତା ତୁଲ୍‌ସୀ ଗବାର୍ଡ କ୍ଷମତାଶାଳୀ ନେତାଙ୍କ ମଧ୍ୟରେ ସାମିଲ ଅଛନ୍ତି। ୨୦୨୦ରେ ଆମେରିକାରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ସେ ପ୍ରାର୍ଥୀ ଦୌଡ଼ରେ ସାମିଲ ହୋଇପାରନ୍ତି। ଏନେଇ ଚର୍ଚ୍ଚା ଜୋର୍ ଧରିଲାଣି। ଲସ୍ ଏଞ୍ଜେଲସ୍‌ରେ ଗତ ଶୁକ୍ରବାର ଅନୁଷ୍ଠିତ ମେଡ୍‌ଟ୍ରୋନିକ୍ କନ୍‌ଫରେନ୍ସରେ ଭାରତୀୟ-ଆମେରିକୀୟ ଡକ୍ଟର ସମ୍ପତ୍ ଶିବାଙ୍ଗୀ ଏ ସମ୍ପର୍କରେ ପ୍ରକାଶ କରିଥିଲେ। ୩୭ ବର୍ଷୀୟା ତୁଲ୍‌ସୀ ଆଗକୁ ଆମେରିକାର ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ଯାଉଛନ୍ତି ବୋଲି ସେ କହିଥିଲେ। ତୁଲ୍‌ସୀ ହେଉଛନ୍ତି ଡେମୋକ୍ରାଟିକ୍ ପାର୍ଟିର ସଦସ୍ୟ। ହାୱାଇ ନିର୍ବାଚନମଣ୍ଡଳୀରୁ ସେ କଂଗ୍ରେସରେ ପ୍ରତିନିଧିତ୍ୱ କରୁଛନ୍ତି। ହ୍ୱାଇଟ୍ ହାଉସ୍ ଦୌଡ଼ରେ ସେ ସାମିଲ ହେବା ନେଇ ଖ୍ରୀଷ୍ଟମାସ ପୂର୍ବରୁ ନିଷ୍ପତ୍ତି ଗ୍ରହଣ ହେବ। ଯଦି ଏପରି ହେଲା, ତା'ହେଲେ ତୁଲ୍‌ସୀ ହେବେ ଆମେରିକା ରାଷ୍ଟ୍ରପତି ନିର୍ବାଚନର ପ୍ରଥମ ହିନ୍ଦୁ ପ୍ରାର୍ଥୀ। ନିର୍ବାଚିତ ହୋଇଗଲେ ସେ ବନିଯିବେ ଆମେରିକାର ସର୍ବକନିଷ୍ଠ ତଥା ପ୍ରଥମ ମହିଳା ରାଷ୍ଟ୍ରପତି।

# ନ୍ୟାଶନାଲ ହେରାଲ୍ଡ: ସୋନିଆ, ରାହୁଲଙ୍କ ଆବେଦନର ଶୁଣାଣି ଆଜି

**ନୂଆଦିଲ୍ଲୀ,୧୨।୧୧(ପି.ଟି)**

ନ୍ୟାଶନାଲ୍ ହେରାଲ୍ଡ ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ୍ କରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ତାଙ୍କ ମା' ସୋନିଆ ଗାନ୍ଧୀ ସୁପ୍ରିମକୋର୍ଟରେ ଯେଉଁ ଆବେଦନ କରିଥିଲେ ତାହାର ଶୁଣାଣି ମଙ୍ଗଳବାର ହେବ। ଏହି ମାମଲାରେ ସେମାନଙ୍କ ୨୦୧୧-୧୨ ବର୍ଷର ଟ୍ୟାକ୍ସ ଆସେସ୍‌ମେଣ୍ଟ ପୁଣି ଖୋଲିବାର ସୁଯୋଗ ଦେବାକୁ ଦିଲ୍ଲୀ ହାଇକୋର୍ଟମନା କରିଦେଇଥିଲେ। ଏହାକୁ ଉଭୟେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲେ। ସେପ୍ଟେମ୍ବର ୧୦ରେ ହାଇକୋର୍ଟ ଦେଇଥିବା ଏ ସଂକ୍ରାନ୍ତୀୟ ରାୟକୁ ବିରୋଧ କରି ରାହୁଲ, ସୋନିଆ ଏବଂ ବରିଷ୍ଠ କଂଗ୍ରେସ ନେତା ଓସ୍କାର ଫର୍ନାଣ୍ଡିଜ୍ ଏହାକୁ ଚ୍ୟାଲେଞ୍ଜ୍ କରିଥିଲେ। ଜଷ୍ଟିସ୍ ଏ.କେ. ସିକ୍ରି ଏବଂ ଏସ୍. ଅବଦୁଲ୍ ନଜୀରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିବେ। ଇତିମଧ୍ୟରେ ଆୟକର ବିଭାଗ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଦାଖଲ କରାଯାଇଥିବା ଏ ସଂକ୍ରାନ୍ତୀୟ ଏକ ପତ୍ରରେ ଦର୍ଶାଯାଇଛି, ହାଇକୋର୍ଟ ବିରୋଧରେ କୌଣସି ଆବେଦନ କରାଯାଇଥିଲେ ଏହାର ଶୁଣାଣି କରାଯିବା ଉଚିତ। ନ୍ୟାଶନାଲ ହେରାଲ୍ଡ ମାମଲାରେ ଉପରୋକ୍ତ ୩ଜଣଙ୍କୁ ଦାୟୀ କରାଯାଇ ଭାଜପାର ବରିଷ୍ଠ ନେତା ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଦ୍ୱାରା ଅଦାଲତରେ ଏକ ଫୌଜଦାରି ଅଭିଯୋଗ ଦାଏର କରାଯାଇଥିଲା। ଆୟକର ବିଭାଗ ଏହି ଘଟଣାର ତଦନ୍ତ କରିବା ପରେ ଗିରଫଦାରିକୁ ଏଡ଼ାଇବା ପାଇଁ ସେମାନେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। ୨୦୧୫ ଡିସେମ୍ବର ୧୯ରେ ସୋନିଆ, ରାହୁଲ ଏବଂ ଓସ୍କାର ଫର୍ଣ୍ଣାଣ୍ଡେଜ୍‌କୁ ଜାମିନ ମଞ୍ଜୁର କରାଯାଇଥିଲା।



■ ସର୍ଜିକାଲ ଷ୍ଟ୍ରାଇକ୍ ଭୟ

# ଏଲ୍‌ଓସିରେ ପାକ୍ ସ୍ନାଇପରଙ୍କ ପଇଁତରା



**ନୂଆଦିଲ୍ଲୀ/ଇସଲାମାବାଦ୍,୧୨।୧୧**

ଭାରତୀୟ ସୈନ୍ୟଙ୍କୁ ଟାର୍ଗେଟ କରିବା ସହ ପୁଣି ଏକ ସର୍ଜିକାଲ ଷ୍ଟ୍ରାଇକ୍ ହେବା ଆଶଙ୍କା କରି ପାକିସ୍ତାନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ସୁରକ୍ଷା ବଳ ବଢ଼ାଇଛି। ସୀମାରେ ପାକ୍ ସ୍ନାଇପର ଏସ୍‌ଏସ୍‌ଜି କମାଣ୍ଡୋଙ୍କ ସଂଖ୍ୟା ବୃଦ୍ଧି କରିଛି। କମାଣ୍ଡୋମାନେ ଭାରତ ଯବାନଙ୍କ ଉପରେ ସ୍ନାଇପର ଆକ୍ରମଣ ଜାରି ରଖିଛନ୍ତି। ଇତିମଧ୍ୟରେ ଏଭଳି ଆକ୍ରମଣରେ କେତେଜଣ ଯବାନ ମଧ୍ୟ ଶହୀଦ୍ ହେଲେଣି। ସୀମାରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ଲାଗି ପାକିସ୍ତାନ ଏଭଳି ଛାୟା ଯୁଦ୍ଧ ସୃଷ୍ଟି କରିଥିବା କୁହାଯାଉଛି। ପାକିସ୍ତାନୀ ସ୍ନାଇପର କମାଣ୍ଡୋ ଭାରତୀୟ ଯବାନଙ୍କ ଉପରକୁ ସ୍ନାଇପର ଗନ୍‌ରେ ଆକ୍ରମଣ କରୁଛନ୍ତି। ଏହି ଗନ୍‌ର ମାରକ କ୍ଷମତା ୧୬ଶହ ମିଟର ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୧୬ରେ ଭାରତୀୟ ସେନାଙ୍କ ସର୍ଜିକାଲ୍ ଷ୍ଟ୍ରାଇକ୍ ପରେ ପାକିସ୍ତାନ ଏହାର ସୀମାରେ ଏସ୍‌ଏସ୍‌ଜି କମାଣ୍ଡୋଙ୍କୁ ମୁତୟନ କରିବା ଆରମ୍ଭ କରିଥିଲା।

## ପୁଞ୍ଚ୍‌ରେ ଯବାନ ଶହୀଦ

**ଜମ୍ମୁ,୧୨।୧୧(ପି.ଟି.)**

ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ସଂଲଗ୍ନ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ପାକିସ୍ତାନ ବାରମ୍ବାର ଅସ୍ଥିରତା ସୃଷ୍ଟି କରୁଛି। ସୋମବାର ପାକିସ୍ତାନୀ ସ୍ନାଇପରଙ୍କ ଆକ୍ରମଣରେ ଜଣେ ସେନା ଯବାନ ଶହୀଦ ହୋଇଛନ୍ତି।

ମିଳିଥିବା ସୂଚନା ମୁତାବକ ସୋମବାର ଅପରାହ୍ନ ୫ଟା ୧୫ରେ କ୍ରିଷ୍ଣା ଘାଟି ସେକ୍ଟରସ୍ଥିତ ନିୟନ୍ତ୍ରଣ ରେଖାରେ ପାକିସ୍ତାନୀ ସୈନ୍ୟ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲେ। ସ୍ନାଇପରଙ୍କ ଆକ୍ରମଣରେ ଲାନ୍ସ ନାଏକ ଆଣ୍ଟୋନୀ ସେବାଷ୍ଟିଆନ କେ.ଏମ୍. ଟଳିପଡ଼ିଥିଲେ। ଶହୀଦ ଯବାନ ହେଉଛନ୍ତି କେରଳର ମାନାକୁନମ୍ ଗ୍ରାମ ନିବାସୀ। ହାବିଲଦାର ମାରି ମୁଥୁ ଡି. ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ସେଠାରୁ ଉଦ୍ଧାର କରି ମିଲିଟାରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ରାଜୌରୀ ଜିଲାର ସୁନ୍ଦରବନୀରେ ଶନିବାର ଏବଂ ନୌଶୋରା ସେକ୍ଟରରେ ରବିବାର ଦୁଇ ଯବାନ ପଡ଼ୋଶୀ ରାଷ୍ଟ୍ରର ସ୍ନାଇପରଙ୍କ ଆକ୍ରମଣର ଶିକାର ହୋଇଥିଲେ। ଶୁକ୍ରବାର ମଧ୍ୟ ସମାନ ଧରଣର ଆକ୍ରମଣରେ ଜଣେ ସେନା ପୋର୍ଟର ଶହୀଦ ହୋଇଥିଲେ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଅଷ୍ଟ୍ରେଲିଆରେ ରହିଛି ଏକ ହସ୍ପିଟାଲ, ଯେଉଁଠାରେ ବାଦୁଡ଼ିଙ୍କର ଚିକିତ୍ସା କରାଯାଏ। ସ୍ଥାନୀୟ ଏଥର୍ଟନ ସହରରେ ଥିବା ଟୋଲ୍‌ଗୋ ୱେଷ୍ଟ୍ ହସ୍ପିଟାଲରେ ବାଦୁଡ଼ିବଂଶ ବଞ୍ଚାଇବା ପାଇଁ ଏଭଳି ପ୍ରୟାସ କରାଯାଉଛି। ଏଠାରେ ବାଦୁଡ଼ିଙ୍କୁ ଛୋଟ ମଣିଷ ଶିଶୁ ଭଳି ଟାୱେଲରେ ଗୁଡ଼ାଇ ଚିକିତ୍ସା କରାଯିବା ସହିତ ଫିଡ଼ିଂ ବୋତଲରେ ଖାଦ୍ୟ ଦିଆଯାଇଥାଏ। ଏଠାରେ ଶୀତଋତୁରେ ଅଧିକ ସଂଖ୍ୟକ ବାଦୁଡ଼ିଙ୍କର ଚିକିତ୍ସା କରାଯାଇଥାଏ।








## ସଂକ୍ଷେପରେ

### ବିମାନବନ୍ଦରରେ ଶିଳ୍ପପତିଙ୍କ ୧୨ ବିମାନ

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ):** ମେକ୍ ଇନ୍ ଓଡ଼ିଶା କନକ୍ଲେଭର ସୋମବାର ଦ୍ୱିତୀୟ ଦିବସରେ ଦେଶର ବଡ଼ ବଡ଼ ଶିଳ୍ପପତି ଯୋଗଦେଇଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଅଧକ୍ଷ ମୁକେଶ ଅମ୍ବାନୀ, ବେଦାନ୍ତ ରିସୋର୍ସେସ୍ ଅଧକ୍ଷ ଅନୀଲ ଅଗ୍ରୱାଲ୍, ଜେଏସ୍‌ପିଏଲ ମୁଖ୍ୟ ନବୀନ ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ମୁଖ୍ୟ ସଜ୍ଜନ ଜିନ୍ଦଲ, ଟାଟା ସନ୍ସର ଅଧକ୍ଷ ଏନ୍. ଚନ୍ଦ୍ରଶେଖରନଙ୍କ ସମେତ ବହୁ ଶିଳ୍ପପତି ବିମାନ ଯୋଗେ ଆସିଛନ୍ତି। ତେଣୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ମେକ୍ ଇନ ଓଡ଼ିଶା କନକ୍ଲେଭ ପାଇଁ ସାଧାରଣ ବିମାନ ସହ ଶିଳ୍ପପତିଙ୍କ କିଛି ଚାଟାର୍ଡ଼ ବିମାନ ମଧ ଅବତରଣ କରିଥିଲା। ବିମାନବନ୍ଦରରେ ଗୋଟିଏ ଦିନରେ ଅଣନିର୍ଦ୍ଧାରିତ ୧୨ଟି ବିମାନ ଅବତରଣ ସହ ପାର୍କିଂ କରିବା ପ୍ରଥମ ଘଟଣା। ଏହି ବିମାନଗୁଡିକ ମଧରେ ରିଲାଏନ୍ସ କମର୍ସିଆଲର VTIAH ବିମାନ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲର VTJSE ବିମାନ, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍‌ର VTNJB ଓ VTBRS ଦୁଇଟି ବିମାନ, ମଦୁରାଇ ଟ୍ରାନ୍ସ କ୍ୟାରିୟରର VTMTV ବିମାନ, ରିଲାଏନ୍ସ ଟ୍ରାନ୍ସପୋର୍ଟ ଓ ଟ୍ରାଭେଲସ୍‌ର VTOMM ବିମାନ, ଇଆଇଏଜ୍ ଲିମିଟେଡ୍‌ର VTOBR, ତାଜ୍ ଏୟାର ଏଲଟିଡ଼ିର VTTDT ବିମାନ, କର୍ଣ୍ଣାବତୀ ଆଭିଏଶନ୍ ପ୍ରାଇଭେଟ୍ ଲିମିଟେଡ଼ର VTAGP ବିମାନ, ଏୟାର କାର୍ ଏୟାରଲାଇନ୍ସର VTCSP ବିମାନ, ଇଣ୍ଡିଆ ଫ୍ଲାଏ ସେଫ୍ ଆଭିଏଶନ୍‌ର VTJIN ବିମାନ, ଆର୍‌ଡ଼ିଏସ୍‌ଏଲର VTNMA ବିମାନ ରହିଥିଲା।

### ୧.୩୫ କୋଟି ଋଣ ଠକେଇ
### ଅଭିଯୁକ୍ତଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୧୨।୧୧ (ବ୍ୟୁରୋ):** ମଦ ଦୋକାନ କରିବା ଆଳରେ ଜାଲ୍ କାଗଜପତ୍ର ଦେଇ ଏସ୍‌ବିଆଇରୁ ୧.୩୫ କୋଟି ଋଣ ନେବା ଘଟଣାରେ ଇଓଡବ୍ଲ୍ୟୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଢେଙ୍କାନାଳ ଜିଲା ରାସୋଳ ଥାନା ଅନ୍ତର୍ଗତ ବାଙ୍କଟିଆର ବଦ୍ରି ନାରାୟଣ ମିଶ୍ର ଓରଫ ଟୁବୁରୁ। ତାଙ୍କୁ ଇଓଡବ୍ଲ୍ୟୁର ଅଧିକାରୀମାନେ ଭୁବନେଶ୍ୱର ମଧୁସୂଦନନଗରସ୍ଥିତ ବାସଭବନରୁ ଗିରଫ କରିଛନ୍ତି। କେସ୍ ନଂ-୨୨/୧୮, ଦଫା ୪୨୦, ୪୬୭, ୪୬୮, ୪୭୧, ୪୦୬ରେ ବଦ୍ରି ନାରାୟଣଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି। ଅଭିଯୁକ୍ତ ବଦ୍ରିନାରାୟଣ ବିଦେଶୀ ମଦ ଦୋକାନ କରିବା ପାଇଁ ଭୁବନେଶ୍ୱରର ଶାସ୍ତ୍ରୀନଗର ଏସ୍‌ବିଆଇ ଶାଖାରେ ଏକ ଜମି ବନ୍ଧକ ଦେଇ ପ୍ରଥମେ ୧.୨୦ କୋଟି ଓ ପରେ ୧୫ଲକ୍ଷ ଟଙ୍କା ଋଣ ନେଇଥିଲେ। ପରବର୍ତ୍ତୀ ସମୟରେ ସେ ଋଣ ବାବଦକୁ କିଛି ଟଙ୍କା ବ୍ୟାଙ୍କକୁ ପରିଶୋଧ କରିଥିଲେ। ମାତ୍ର ବକେୟା ୧ କୋଟି ୨୮ ଲକ୍ଷ ୯୬ ହଜାର ୯୪୯ ଟଙ୍କାକୁ ସେ ଆଉ ଦେଇ ନ ଥିଲେ। ଇତିମଧରେ ବଦ୍ରିନାରାୟଣ ବନ୍ଧକ ଦେଇଥିବା ୨ ଏକର ୪୬୦ ଡିସିମିଲ୍ ଜମିଟିକୁ ସେ ୨୦୦୮ରେ ବେଆଇନ ଭାବେ ଅମରେଶ୍ୱର ଦାସ ନାମକ ଜଣେ ଅନୁସୂଚିତ ଜାତିର ବ୍ୟକ୍ତିଙ୍କଠାରୁ କିଣିଥିବା ଓ ଏ ନେଇ ମାମଲା ରହିଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ ଶାସ୍ତ୍ରୀନଗର ଏସ୍‌ବିଆଇ ଶାଖା ପରିଚାଳକ ଅଜୟ କୁମାର ମୁନି ଇଓଡବ୍ଲୁରେ ଲିଖିତ ଅଭିଯୋଗ କରିଥିଲେ।




■ ବୁଧବାର ଯାଏ ବଢ଼ିଲା ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

## ବଳବତ୍ତର ରହିବ ନିଲମ୍ବନ ଆଦେଶ

**କଟକ ଅଫିସ, ୧୨।୧୧**

ରବିବାର ସନ୍ଧ୍ୟାରେ ପୋଲିସ-ଆଇନଜୀବୀଙ୍କ ମଧ୍ୟରେ ୩ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଆଲୋଚନା ସଫଳ ହୋଇଥିବା ଉଭୟ ପକ୍ଷ ସୂଚନା ଦେଇଥିଲେ। ଆଶା କରାଯାଉଥିଲା ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହାର କରାଯିବ। ଆନ୍ଦୋଳନକାରୀ ଆଇନଜୀବୀମାନେ କାର୍ଯ୍ୟରେ ଯୋଗଦେବେ। ମାତ୍ର ସେଭଳି କିଛି ହେଲା ନାହିଁ। କାର୍ଯ୍ୟବନ୍ଦ ଆନ୍ଦୋଳନକୁ ବୁଧବାର ପର୍ଯ୍ୟନ୍ତ ବର୍ଦ୍ଧିତ କରିବାକୁ ହାଇକୋର୍ଟ ବାର୍ ଆସୋସିଏଶନ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲା ଉପରେ ସୋମବାର ଶୁଣାଣି ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ବ୍ୟକ୍ତିଗତ ଭାବେ ଖଣ୍ଡପୀଠରେ ହାଜର ହୋଇ ତଦନ୍ତ ପାଇଁ ଅଧିକ ସମୟ ଦେବାକୁ କୋର୍ଟଙ୍କୁ ନିବେଦନ କରିଥିଲେ। ତେବେ କ୍ରାଇମବ୍ରାଞ୍ଚର ଆବେଦନ ଉପରେ କୋର୍ଟ କେଉଁ ନିଷ୍ପତ୍ତି ନେଉଛନ୍ତି ତାହା ମଙ୍ଗଳବାର ଶୁଣାଣି ସମୟରେ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ଆଇନଜୀବୀଙ୍କୁ ଆକ୍ରମଣ ଘଟଣାରେ ନିଲମ୍ବିତ ହୋଇଥିବା ୩ ପୋଲିସ କର୍ମଚାରୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିବା ନେଇ କୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେଣୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ଉପରେ କୋର୍ଟ ରହିତାଦେଶ ଜାରି କରିଛନ୍ତି। ନିଲମ୍ବନ ଆଦେଶ ବଳବତ୍ତର ରହିବ ବୋଲି ଖଣ୍ଡପୀଠ ଆଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ବିଚାରପତି ସି.ଆର୍. ଦାସଙ୍କ ତଦାରଖରେ ଚାଲିଥିବା ତଦନ୍ତର ଶୁଣାଣି ବୁଧବାରକୁ ବର୍ଦ୍ଧିତ କରାଯାଇଛି। ଏଭଳି ସ୍ଥିତିରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସୋମବାର ୭୬ ଦିନ ପୂରିଛି। ବୁଧବାର ବାର୍ ଆସୋସିଏଶନ ବୈଠକ ପରେ ଆନ୍ଦୋଳନର ଭାଗ୍ୟ ଭବିଷ୍ୟତ ନିର୍ଦ୍ଧାରଣ କରାଯିବ।

■ କୋଣାର୍କ ମନ୍ଦିରରୁ ମୂର୍ତ୍ତି ହଟାଯିବା ପ୍ରସଙ୍ଗ

## ଏଏସ୍ଆଇ ଅଧିକାରୀ କହିଲେ କିଛି କଢ଼ାଯାଇ ନାହିଁ

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)**

କୋଣାର୍କ ବିଶ୍ୱ ଐତିହ୍ୟ ସ୍ଥଳଭାବେ ମାନ୍ୟତା ପାଇଥିବାବେଳେ ଏହାର ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣରେ କୌଣସି ପ୍ରକାର ଅବହେଳା କରାଯାଇ ନାହିଁ। କୋଣାର୍କ ବାବଦରେ ସବୁ ପ୍ରକାର ପ୍ରଯତ୍ନ ଓ ଆନ୍ତରିକତା ଅବ୍ୟାହତ ରହିବ ବୋଲି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ) ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ସୋମବାର ପୂର୍ବାହ୍ନରେ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ପ୍ରକୋଷ୍ଠରେ ଏଏସ୍ଆଇ ଡେପୁଟି ଇଞ୍ଜିନିୟର ତପନ ଭଟ୍ଟାଚାର୍ଯ୍ୟ ଓ ରାଜ୍ୟ ସର୍କଲର ଆଞ୍ଚଳିକ ମୁଖ୍ୟ ଅରୁଣ ମଲ୍ଲିକ ଉପସ୍ଥିତ ରହି କୋଣାର୍କ ମନ୍ଦିର ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ଆଲୋଚନା ମଧ୍ୟରେ ଅରୁଣ ମଲ୍ଲିକ କହିଛନ୍ତି ଯେ, କୋଣାର୍କ ମନ୍ଦିରର ଯେଉଁସବୁ ସ୍ଥାନରେ ସାଦା ପଥର ଲାଗିଛି ସେସବୁ ବ୍ରିଟିଶ ଅମଳରୁ ଲଗାଯାଇଛି। କୌଣସି ସ୍ଥାନରେ ପଥରର କାରୁକାର୍ଯ୍ୟ କଢାଯାଇ ନାହିଁ କି ଅପସାରିତ ହୋଇନାହିଁ କିମ୍ବା ସେହି ସ୍ଥାନରେ ସାଧା ପଥର ଲଗାଯାଇ ନାହିଁ। ଯେଉଁଠାରେ ଶୂନ୍ୟସ୍ଥାନ ରହିଛି ତାହାକୁ ସାଧା ପଥରରେ ପୂରଣ କରାଯାଇ ଏହି ବିଶ୍ୱବିଖ୍ୟାତ କୀର୍ତ୍ତିର ସୁରକ୍ଷା ପାଇଁ ଉଦ୍ୟମ କରାଯାଇଛି। କୋଣାର୍କକୁ ସୁରକ୍ଷିତ ରଖିବା ପାଇଁ ଏ.ଏସ୍.ଆଇ ପ୍ରତିଶ୍ରୁତିବଦ୍ଧ ବୋଲି ମଲିକ କହିଛନ୍ତି। ଶୁକ୍ରବାର ମଧ୍ୟ ଏନେଇ ଆଉ ଏକ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଏ.ଏସ୍.ଆଇ ପ୍ରତିନିଧି ବୃନ୍ଦ ଉପସ୍ଥିତ ରହିବେ। ଏହି ବୈଠକ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହେବ। ଏହାସହ ବୈଠକରେ ଉନ୍ନୟନ କମିଶନର, ପୁରୀ ଜିଲାପାଳ, କାକଟପୁର ଓ ନିମାପଡା ବିଧାୟକ ମଧ୍ୟ ଉପସ୍ଥିତ ରହିବେ। ଅପରାହ୍ନ ସାଢେ ୧୨ଟାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଏ.ଏସ୍.ଆଇ ପ୍ରତିନିଧି ଦଳ ସବିଶେଷ ତଥ୍ୟ ଓ ବିବରଣୀ ଉପସ୍ଥାପିତ କରିବେ ବୋଲି ଜଣାପଡିଛି।

## ଭୟଙ୍କର ହେଉଛି ସାମୁଦ୍ରିକ ଝଡ଼ 'ଗଜ'

■ ଦକ୍ଷିଣ ଓଡ଼ିଶାରେ ସାମାନ୍ୟ ବର୍ଷା ସମ୍ଭାବନା
■ ୧୧ ଡିଗ୍ରୀକୁ ଖସିଲା ପାରଦ

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ପଶ୍ଚିମ କେନ୍ଦ୍ରୀୟ ଏବଂ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଝଡ଼ରେ ପରିଣତ ହୋଇଛି। ଏହାର ନାମ ରଖାଯାଇଛି 'ଗଜ'। ଏହା ପୂର୍ବ ଉତ୍ତର ପୂର୍ବ ତାମିଲନାଡୁର ନାଗପଟନମ୍‌ଠାରୁ ୭୩୦ କିଲୋମିଟର ଦୂର ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ହୋଇଛି। ଏହା ଆହୁରି ଭୟଙ୍କର ହୋଇ ପଶ୍ଚିମ-ଦକ୍ଷିଣ ପଶ୍ଚିମ ଦିଗ ଦେଇ ଗତି କରିବାରେ ଲାଗିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସାମୁଦ୍ରିକ ଝଡ଼ ଆହୁରି ଉଗ୍ର ରୂପ ଧାରଣ କରିବା ସମ୍ଭାବନା ରହିଛି। ତେବେ ଏହା ପଶ୍ଚିମ ଦକ୍ଷିଣ ପଶ୍ଚିମ ଦିଗକୁ ଗତି କରି ଦୁର୍ବଳ ହୋଇ ଉତ୍ତର ତାମିଲନାଡୁ ଉପକୂଳ ନାଗପଟନମ ଏବଂ ଚେନ୍ନାଇ ଉପକୂଳ ଦେଇ ଅତିକ୍ରମ କରିବ। ଏହାର ପ୍ରଭାବରେ ଆସନ୍ତା ୧୪ ଓ ୧୫ ତାରିଖ ଦକ୍ଷିଣ ଓଡ଼ିଶାରେ କାଁଭାଁ ବର୍ଷା ହେବାର ସମ୍ଭାବନା ରହିଛି। ସାମୁଦ୍ରିକ ଝଡ଼କୁ ଦୃଷ୍ଟିରେ ରଖି ୧୨ରୁ ୧୫ ତାରିଖ ଯାଏ ଦକ୍ଷିଣ ଓ କେନ୍ଦ୍ରୀୟ ବଙ୍ଗୋପସାଗରକୁ ମାଛ ଧରିବାକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷରେଗତଦୁଇଦିନହେବରାଜ୍ୟରେପାରଦ ତଳକୁ ଖସିବାରେ ଲାଗିଛି। ସୋମବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡ଼ି ୧୩, କୋରାପୁଟ ୧୨.୪, ସୁନ୍ଦରଗଡ଼ ୧୪, ଭବାନୀପାଟଣା ୧୪.୬, କେନ୍ଦୁଝର ୧୪.୫, ଝାରସୁଗୁଡ଼ା ୧୫.୬, ଅନୁଗୋଳ ୧୫ ଏବଂ ହୀରାକୁଦରେ ସର୍ବନିମ୍ନ ତାପମାତ୍ରା ୧୬.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

■ ଦାବି ପୂରଣ ହେଲାନି

## ଧାରଣା ଦେଲେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ



ଧାରଣାରେ ବସିଥିବା ଅଧ୍ୟାପିକା ଏବଂ ଅଧ୍ୟାପକମାନେ।

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ବିଶ୍ୱବିଦ୍ୟାଳୟର ୟୁଜିସି ଅଧ୍ୟାପକମାନେ ୩ ଦଫା ଦାବି ନେଇ କାର୍ଯ୍ୟକ୍ଷେତ୍ରରେ କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରିବା ପରେ ସରକାର ସେମାନଙ୍କ ଦାବିକୁ ଗ୍ରହଣ କଲେନାହିଁ। ଫଳରେ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର ୟୁଜିସିପ୍ରାପ୍ତ ଅଧ୍ୟାପକ ସୋମବାରଠାରୁ ଶାନ୍ତିପୂର୍ଣ୍ଣ ଭାବେ ମଧ୍ୟାହ୍ନ ସାଢ଼େ ୧ଟାରୁ ୨.୩୦ ମିନିଟ୍ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ସଂଯୋଜକ ସନ୍ତୋଷ ତ୍ରିପାଠୀ କହିଛନ୍ତି।

ସେ କହିଛନ୍ତି, ସରକାର ୟୁଜିସିକୁ ସଂଶୋଧନ କରି ୭ମ ବେତନ କମିଶନ ୟୁଜିସିପ୍ରାପ୍ତ ଅଧ୍ୟାପକମାନଙ୍କୁ ପ୍ରଦାନ କରନ୍ତୁ। ତା' ସହିତ ଅବସର ବୟସ ୬୫ ବର୍ଷକୁ ବୃଦ୍ଧି ଏବଂ ୟୁଜିସି ରେଗୁଲେଶନ-୨୦୧୮କୁ କାର୍ଯ୍ୟକାରୀ କରିବାକୁ ସଂଘ ଦାବି କରୁଛି। ୧୨ରୁ ୧୭ ତାରିଖ ଯାଏ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଅଧ୍ୟାପକମାନେ ଏକଘଣ୍ଟା ପାଇଁ ଧାରଣାରେ ବସିବେ। ସରକାର ଅଧ୍ୟାପକଙ୍କ ଦାବି ପୂରଣ ନ କଲେ ସମସ୍ତ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନେ ଏକତ୍ରିତ ହୋଇ ୧୯ରେ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିବ। ଯଦି ସେଥିରେ ସରକାର ନ ତରଳନ୍ତି ତେବେ ବିଶ୍ୱବିଦ୍ୟାଳୟ ଅଧ୍ୟାପକମାନେ ୨୬ରେ ପୁଣି ଏକାଠି ହୋଇ ଶାନ୍ତିପୂର୍ଣ୍ଣ ଭାବେ ରାମମନ୍ଦିରରୁ କ୍ୟାଣ୍ଡେଲ ଧରି ଶୋଭାଯାତ୍ରାରେ ବାହାରିବେ। ମାଷ୍ଟରମ୍ୟାଣ୍ଟିନ୍ ଛକରେ ପହଞ୍ଚି କ୍ୟାଣ୍ଡେଲ ଧରି ବିକ୍ଷୋଭ କରିବେ ବୋଲି ତ୍ରିପାଠୀ କହିଛନ୍ତି।






■ ଜେଲ୍‌ରେ କଏଦୀଙ୍କୁ ହତ୍ୟା ଘଟଣା

## କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ୨ ୱାର୍ଡର ନିଲମ୍ବିତ

**ବାଲେଶ୍ୱର ଅଫିସ,୧୨।୧୧**

ବାଲେଶ୍ୱର ଜେଲ୍ ପରିସରରେ ଆଜୀବନ କାରଦଣ୍ଡ ଭୋଗୁଥିବା ଜଣେ କଏଦୀଙ୍କ ଆକ୍ରମଣରେ ବିଚାରାଧୀନ କଏଦୀ ରାମଚନ୍ଦ୍ର ସେନାପତିଙ୍କ ମୃତ୍ୟୁ ଘଟଣାରେ ସୋମବାର ଜେଲ୍‌ର ଦୁଇ ୱାର୍ଡରଙ୍କୁ ନିଲମ୍ବିତ କରାଯାଇଛି। ନିଲମ୍ବିତ ୱାର୍ଡ଼ର ହେଲେ ଦିଲୀପ କୁମାର ମହାପାତ୍ର ଓ ସଞ୍ଜୀବ ପଣ୍ଡା। ଦାୟିତ୍ୱରେ ଥାଇ କର୍ତ୍ତବ୍ୟରେ ଅବହେଳା ଯୋଗୁ ପ୍ରାଥମିକ ପର୍ଯ୍ୟାୟରେ ଜିଲା କାରାପାଳ ଶୁଭକାନ୍ତ ମିଶ୍ର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅପରପକ୍ଷରେ ମୃତକଙ୍କ ପରିବାର ପକ୍ଷରୁ ସହଦେବଖୁଣ୍ଟା ଥାନାରେ ଅଭିଯୋଗ ଅନୁଯାୟୀ ତଦନ୍ତ ଜାରି ରହିଛି। କଏଦୀ ଆକ୍ରମଣ କରିଥିବା ଏକ ଶକ୍ତ ଇଟାକୁ ପୋଲିସ ଜବତ କରିଥିବା ବେଳେ ଜେଲ୍ ଡିଆଇଜି ଗୋପବନ୍ଧୁ ମଲ୍ଲିକ ସୋମବାର ମଧ୍ୟାହ୍ନରେ ବାଲେଶ୍ୱରରେ ପହଞ୍ଚି ତଦନ୍ତ କରିଛନ୍ତି।

ପ୍ରାଥମିକ ତଦନ୍ତ ଏବଂ ସିସିଟିଭି ଫୁଟେଜ୍‌ରୁ ମିଳିଥିବା ତଥ୍ୟ ଅନୁସାରେ, ରବିବାର ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀ ଖଇରା ଅଞ୍ଚଳର ଶରତ ଚନ୍ଦ୍ର ଗିରି ଜେଲ୍ ପରିସରରେ ଥିବା ଚିକିତ୍ସାକେନ୍ଦ୍ର ନିକଟରେ ଥିଲେ। ସେ ହଠାତ୍ ପାଇଖାନା ଭିତରକୁ ପଶି ଯାଇ ଏକ ଇଟା ଧରି ବାହାରକୁ ଆସିଥିଲେ। ଆଉ ଚିକିତ୍ସାକେନ୍ଦ୍ର ବାରଣ୍ଡାରେ ବସିଥିବା ବିଚାରାଧୀନ କଏଦୀ ରାମଚନ୍ଦ୍ରଙ୍କ ମୁଣ୍ଡକୁ ପଛଆଡୁ ଆକ୍ରମଣ କରିଥିଲେ। ପରେ ତାଙ୍କ ଛାତି ଉପରେ ବସି ବାରମ୍ବାର ମୁଣ୍ଡ ଏବଂ ମୁହଁକୁ ଆକ୍ରମଣ କରିଥିଲେ। ରାମଚନ୍ଦ୍ର ଜୋର୍‌ରେ ଚିତ୍କାର କରିବାରୁ ଜେଲ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟକୁ ନେଇ ଆସିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକେ, ଗ୍ରାମବାସୀ ଏବଂ ଭାଜପାର କର୍ମକର୍ତ୍ତାମାନେ ଜେଲ୍ ଫାଟକ ସମ୍ମୁଖରେ ରଖି ଦୀର୍ଘସମୟ ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏବଂ ପୋଲିସ ଅଧିକାରୀମାନେ ପହଞ୍ଚି ଏହା ଏକ ଅଭାବନୀୟ ଘଟଣା ବୋଲି କହିବା ସହ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ଧାରଣାକାରୀମାନଙ୍କ ସହ ଆଲୋଚନା କରି ତାଙ୍କର ସମସ୍ତ ଦାବିକୁ ବିଚାର କରାଯିବା ସହ ଶବ ବ୍ୟବଚ୍ଛେଦ ପାଇଁ ରେଡକ୍ରସ୍ ଏବଂ ଜେଲ ତରଫରୁ ୩୦ହଜାର ଟଙ୍କା ପ୍ରଦାନ ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୋମବାର ଏହାର ସବିଶେଷ ତଦନ୍ତ ଜାରି ରହିଥିବା ବେଳେ ଜେଲ୍‌ର ପ୍ରଥମ ପର୍ଯ୍ୟାୟରେ ଦୁଇଜଣଙ୍କୁ ନିଲମ୍ବିତ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୩ ନଭେମ୍ବର, ୨୦୧୮



ଉତ୍ତରପ୍ରଦେଶର ଐତିହାସିକ ସହର ଆଗ୍ରାର ନାମ ପରିବର୍ତ୍ତନ ପାଇଁ ଭାଜପା ବିଧାୟକ ଜଗନ ପ୍ରସାଦ ଗର୍ଗ ସୂଚନା ଦେଇଥିଲେ। ତେବେ ଏହାକୁ ସ୍ଥାନୀୟ ବ୍ୟବସାୟୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପ ଉପରେ ଖରାପ ପ୍ରଭାବ ପଡ଼ିବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଦେଶ ବିଦେଶରୁ ପ୍ରତିବର୍ଷ ଏଠାକୁ ହଜାର ହଜାର ପର୍ଯ୍ୟଟକ ଆସିଥାଆନ୍ତି। ମାତ୍ର ଆଗ୍ରାର ନାମ ପରିବର୍ତ୍ତନ କରାଯାଇ ଏହାକୁ ଅଗ୍ରବନ ରଖାଗଲେ ରାଜସ୍ୱ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ ବୋଲି ବ୍ୟବସାୟୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ପ୍ରେମ୍
ପରିବାରବର୍ଗ



ସ୍ୱାଗତିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

Gharabari boundary plot infront Krupajal Engineering College Bhubaneswar. 9090899281, 8908805482. D-65053

ଡୁମୁଡୁମା ନଗରରେ ଘର ବିକ୍ରି ହେବ। ୧୨୦୦ sqft. ୧ମହଲା 35 lakh 1111/12. 7377529311. D-65163

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

Residential plot with revenue road and electricity near Patia Station. Immediate registration and possession. 9437827966. D-9346

**First time in Bhubaneswar. A new mega plotting project colony at Mouza Krushnasaranpur sqft.- 450/- 30' project road, (boundary free). 9937542232.** D-64371

Patia Bigbazarରୁ 5km. ଦୂରତାରେ ରାସ୍ତାଥାଇ ବାସୋପଯୋଗୀ ପ୍ଲଟ sqft. 600/-. 9937686826. D-64744

**3BHK flat for sale at Goutam Nagar, Vivekananda Marg, Near Mausima Temple. Contact: 7789841141, 9692864178.** D-64535

4BHK duplex with gated community at Balianta (land-1400 construction-2100) @ 50 lakh. Finance by LIC housing. Distance from NH- 4km. Handover within 1 year. Contact Mplanets: 9861022055, 9938219397. D-9398

Readymade new 3BHK flat at BJB Nagar, No tax. 9439716901 (Broker not allowed). D-65171

30' road gharabari boundary residential plot at Benupur near Hanspal (100' road side) 7, 80,000/-. 9437033320. D-64373




Construct your building in finished house contact: 9937064680. D-27282




One single room with kitchen and bath near DAV School, Unit-8. Rent- 5000/-. Contact: 9078417496. D-9397




Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Mansoon professional massage. Contact Purple Orchid. 9776598888. D-65139

Experience full body massage with us by expert Enquiry: 7377048581. D-65164

Newly open herbal full body massage with refreshment well trained therapist. 7381239385. D-64636

Ayurvedic full body massage ladies / gents smart experts therapist. 9114697517. D-64637

All type of full body massage by expert therapist. 7609005923. D-65166

Herbal full body massage by smart/ expert therapist. Contact: 8338067247. D-65167

Newly opening ayurvedic massage smart therapist, Shree herbal. 7750020754. D-65168

Improving your health, skin care through expert therapist, excellent offer. 9668374480. D-65169

Madam Monalisa massage club- 50% discount full body massage by hiprofile smart lady therapist. 9708545108. D-9361

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Lab certified ରାଶିରତ୍ନ, ୧-୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

### LOST

ମୁଁ ସିଦ୍ଧେଶ୍ୱର ଦାସ, ପିତା- ରାମଚନ୍ଦ୍ର ଦାସ, ଗ୍ରାମ- ବୀରରଘୁନାଥପୁର, ପୋ.- ଢୁଙ୍କାପଡ଼ା, ଥାନା- ପୋଲସରା ଗତ ୨୭।୧୨।୨୦୧୭ ତାରିଖ ଦିନ ବର୍ତ୍ତମାନ ରହଣି ବୁଗୁଡ଼ା ବାସଗୃହରୁ ବୁଗୁଡ଼ା ତହସିଲ ଅଫିସକୁ ଯିବା ସମୟରେ ହରିଶରଣପୁର ମୌଜାର ଖାତା ନମ୍ବର ୧୭୬/୭୬ ଓରିଜିନାଲ ପଚ୍ଚାଟି କେଉଁଠି ହଜିଯାଇଛି। ଯଦି କୌଣସି ବ୍ୟକ୍ତି ପାଇଲେ ଉପର ଲିଖିତ ଠିକଣାରେ ଜଣାଇବା ପାଇଁ ନିବେଦନ। ଧ-୯୪୦୬

### AFFIDAVIT

I, Babulal Ram Bachan Yadav residence Panchbhaiyapur, Azamgarh, UP have changed my name to Babulal Yadav vide affidavit dated 31.10.2018 sworn before Notary Rajnath Yadav-H(46) 2014. D-9408

Now Matrimonial ads. only on Wednesday & Sunday Book 1 Get 1 FREE

### ଜନ୍ମଦିନ ଶୁଭେଚ୍ଛା



(ପ୍ରେମ୍)

**ପ୍ରେମ କୁମାର ଲେଙ୍କା**
ମହାନଦୀବିହାର, କଟକ
ସବୁ ଖୁସି ଲୋଟିଯାଉ ତୋରି ପାଦରେ,
ସବୁସ୍ୱପ୍ନ ପୂରା ହେଉ ତୋ ଜୀବନରେ।
ତୋ ଓଠରେ ଥାଉ ସଦା ସେଇ ମିଠା ହସ,
ତୋ ରାସ୍ତାରେ ଫୁଲ ପଡୁ ମହକାଇ ବାସ।
ଶୁଭେଚ୍ଛା ସହ: **ବନ୍ଧୁ (ମଣ୍ଟୁ) ଓ ପରିବାରବର୍ଗ।** ଧ-୯୪୦୧

### 1st Birthday Wish



(Siba)

**Dhrubansh Dash**
ଧ୍ରୁବାଂଶୁଁର ପ୍ରଥମ ଶୁଭ ଜନ୍ମଦିନରେ ଆମେ ସପରିବାର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋ'ର ନୀରୋଗ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ଶୁଭେଚ୍ଛା ସହ: ଅଜା, ଆଈ, ମାମୁ, ମଉସା, ମାଉସୀ, ଜେଜେବାପା, ଜେଜେମାଆ, ବାବା, ମାମା, ଦାଦା, ଖୁଡ଼ୀ, ରାକ୍ଷୀ, ବବୁଲୁ ଓ ଅନ୍ୟମାନଙ୍କ ତରଫରୁ ଅଶେଷ ଅଶେଷ ଆଶୀର୍ବାଦ। ଧ-୯୩୯୫

### ଷୋଳପୂଜାର ଶୁଭେଚ୍ଛା



(ପାପା)

**ଜୀବନ ଜ୍ୟୋତି**
ନୂଆଗାଁ, ମାରୁତୀ ନଗର, ଭୁବନେଶ୍ୱର
ଶୁଭେଚ୍ଛା ସହ: ବାବା, ମାମା, ସାନଭାଇ ଓମ୍, ବନ୍ଧୁ ଓ ପରିବାରବର୍ଗ। ଧ-୯୪୦୭

## ପାଣିରେ ବୁଡ଼ି...

କାର୍ଯ୍ୟସାରିସ୍ରୀ, ଝିଅଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗୋଡ଼ ଖସିଯିବାରୁ ହଠାତ୍ ଦିଲୀପ ଗଭୀର ଜଳକୁ ଚାଲିଯାଇଥିଲେ। ବାପା ବୁଡ଼ିଯାଉଥିବା ଦେଖି ଝିଅ ଦୀପ୍ତି ଚିତ୍କାର କରି ଡାକ ପକାଇଥିଲେ। ପାଟି ଶୁଣି ଆଖପାଖରେ ଥିବା ଲୋକେ ଦିଲୀପଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରି ନିରାଶ ହୋଇଥିଲେ। ଅଗ୍ନିଶମ କର୍ମଚାରୀ ପାଣିରୁ ଦିଲୀପଙ୍କୁ ଉଦ୍ଧାର କରିବାବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲେ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




**ସ୍ୱର୍ଗତା ଅନ୍ନପୂର୍ଣ୍ଣା ରଥ**
ଆବିର୍ଭାବ: ୨୭।୧୧।୧୯୫୨
ତିରୋଧାନ: ୨୫।୧୦।୨୦୧୭
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ ଓ ପରିବାରବର୍ଗ। ଧ-୯୨୪୬

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ଶକୁନ୍ତଳା ମହାନ୍ତି**
ଧାମରା, ଭଦ୍ରକ
ଆବିର୍ଭାବ: ୦୧।୦୮।୧୯୬୭
ତିରୋଧାନ: ୧୩।୧୧।୨୦୧୪
ମା, ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ସର୍ବଦା ଆମ ପାଇଁ ଅବିସ୍ମରଣୀୟ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୯୨୮୩

### ଦଶମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ରେଣୁବାଳା ପଣ୍ଡା**
ଗୁଣ୍ଡିଚା ବିହାର, ପୁରୀ
ଆବିର୍ଭାବ: ୧୨।୦୯।୧୯୫୨
ତିରୋଧାନ: ୦୪।୧୧।୨୦୦୮
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁବାନ୍ଧବ। ଧ-୬୪୦୨୦

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

## ପୁଞ୍ଜି ନିବେଶ...

ପ୍ରଥମ ପୃଷ୍ଠାରୁ...

ସେ କହିଥିଲେ ଯେ, ତାଙ୍କ ପିତା ଧୀରୁ ଭାଇ ଅମ୍ବାନୀ ଏବଂ ବିଜୁବାବୁ ପରସ୍ପରଙ୍କର ଘନିଷ୍ଠ ବନ୍ଧୁ ଥିଲେ। ସେ ତାଙ୍କ ସମୟରେ ବହୁତ ଆଗରେ ଥିଲେ ଏବଂ ଦୁନିଆରେ କିଛି ଅସମ୍ଭବ ନୁହେଁ ବୋଲି ଲୋକମାନଙ୍କୁ ବାର୍ତ୍ତା ଦେଉଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ରାଜ୍ୟର ବିକାଶ ସୂଚକାଙ୍କ ୮ ପ୍ରତିଶତ ହୋଇପାରିଛି, ଯାହାକି ସର୍ବଭାରତୀୟ ସ୍ତରରେ ଅଧିକ।

ଏହି କନ୍‌କ୍ଲେଭରେ ଯୋଗଦେଇ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍‌ର ଚେୟାରମ୍ୟାନ ନବୀନ ଜିନ୍ଦଲ କହିଥିଲେ, ୩୦ ବର୍ଷ ପୂର୍ବରୁ ଓଡ଼ିଶାରେ ବ୍ୟବସାୟ ଆରମ୍ଭ କରିଥିଲେ। ମୋ ପିତା ଗୋପୀ ଜିନ୍ଦଲଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓଡ଼ିଶାରେ ଇସ୍ପାତ କାରଖାନା ସ୍ଥାପନ କରିବାକୁ କହିଥିଲେ। ସେତେବେଳେ ତାହା ସମ୍ଭବ ହୋଇପାରି ନ ଥିଲା। ଓଡ଼ିଶାରେ ଦେଶରୁ ଉତ୍ପାଦନ ହେଉଥିବା କଞ୍ଚାମାଲରେ ୬ ନିୟୁତ ଟନ୍ ଇସ୍ପାତ କାରଖାନା ସ୍ଥାପନ କରିବାକୁ ୧୫ ବର୍ଷ ପୂର୍ବେ ଆମେ ଚିନ୍ତା କରିଥିଲୁ। ୨୦୦୫ରେ ବିଶ୍ୱର ପ୍ରଥମ କୋଇଲା ଗ୍ୟାସ୍‌ରେ ପରିଚାଳିତ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବାକୁ ଯୋଜନା କରିଥିଲୁ। ହେଲେ ୨୦୧୪ରେ ସୁପ୍ରିମକୋର୍ଟ କୋଇଲା ବ୍ଲକ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ, ଯାହା ଆମ ଯୋଜନାକୁ ଏକ ଶକ୍ତ ଧକ୍କା ଲାଗିଥିଲା। ଅନୁଗୋଳରେ ୬ ନିୟୁତ ଟନ୍‌ର ଇସ୍ପାତ କାରଖାନା ଗତବର୍ଷରୁ କାର୍ଯ୍ୟକ୍ଷମ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଗତ ୧୫ ବର୍ଷ ମଧ୍ୟରେ ରାଜ୍ୟରେ ଆମେ ୪୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିସାରିଛୁ। ଆମ ଆଗରେ ବହୁ ସମସ୍ୟା ସୃଷ୍ଟି ହୋଇଛି। ଓଡ଼ିଶା ଲୋକ, ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କଠାରୁ ବହୁ ସମର୍ଥନ ମିଳିଛି। ୨୦୩୦ ସୁଦ୍ଧା ଆମେ ୨୦ ନିୟୁତ ଟନ୍‌ର ଇସ୍ପାତ କାରଖାନା ଏଠାରେ ପ୍ରତିଷ୍ଠା କରିବୁ। ସେଥିରେ ୪୫ ହଜାର କୋଟିରୁ ୧ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ପୁଞ୍ଜି ନିବେଶ ହେବା ସହିତ ୫୦ ହଜାର ନିଯୁକ୍ତିରୁ ୧ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ନବୀନ ଜିନ୍ଦଲ କହିଛନ୍ତି।

ଏହି ଅବସରରେ ଜେଏସ୍‌ଡବ୍ଲ୍ୟୁ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଓଡ଼ିଶାକୁ ଶାନ୍ତିର ରାଜ୍ୟ କହିବା ସହ ଏଠାରେ ପୁଞ୍ଜି ନିବେଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି କହିଥିଲେ। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଚେୟାରମ୍ୟାନ ରଜନିଶ କୁମାର କହିଲେ, ରାଜ୍ୟରେ ସ୍ଥିର ସରକାର ରହିଛି। ରାଜ୍ୟର ଆର୍ଥିକ ବିକାଶ ମଧ୍ୟ ଆଗେଇ ଚାଲିଛି। ଆସନ୍ତା ୨୦୩୦ ସୁଦ୍ଧା ୨ ଲକ୍ଷ ୫୦ ହଜାର ଉଦ୍ୟୋଗୀଙ୍କୁ ବ୍ୟାଙ୍କରଣ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ସରକାରଙ୍କ ଯୋଜନାକୁ ସାକାର କରିବା ପାଇଁ ଆଗ୍ରହ ଦେଖାଉଥିବା ପୁଞ୍ଜି ନିବେଶକାରୀଙ୍କୁ ସହଯୋଗ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍)ର ଅଧ୍ୟକ୍ଷ ଅନିଲ କୁମାର ଚୌଧୁରୀ କହିଲେ, ରାଜ୍ୟରେ ୧୯୫୯ରେ ପ୍ରଥମ କରି ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା। ରାଜ୍ୟ ସରକାରଙ୍କ ସହଯୋଗ ଯୋଗୁ ସେଲ୍ ନିଜର ଉତ୍ପାଦନ ବୃଦ୍ଧି କରିଚାଲିଛି। ଟାଟା ସନ୍ସର ଚେୟାରମ୍ୟାନ ଏନ୍. ଚନ୍ଦ୍ରଶେଖରନ ରାଜ୍ୟ ସରକାରଙ୍କ ସହଯୋଗକୁ ଦୋହରାଇଥିଲେ। ଗୋପାଳପୁର ପ୍ରକଳ୍ପ ଶୀଘ୍ର ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ। କଳିଙ୍ଗନଗର ଇସ୍ପାତ ପ୍ରକଳ୍ପରେ ୭୫ ହଜାର କୋଟି ଟଙ୍କା ବିନିଯୋଗ କରାଯାଇଥିବା ବେଳେ ଏହାର ସମ୍ପ୍ରସାରଣ ପାଇଁ ଆଉ ୨୫ ହଜାର କୋଟି ଟଙ୍କା ବିନିଯୋଗ ହେବ ବୋଲି ସେ କହିଥିଲେ। ସେହିପରିକି ଏହି କନକ୍ଲେଭରେ ଯୋଗ ଦେଇ ବିର୍ଲା ଗ୍ରୁପର ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲା ଓଡ଼ିଶାରେ ୨ ନିୟୁତ ଡଲାର ପୁଞ୍ଜି ନିବେଶ ହେବ ବୋଲି ସୂଚନା ଦେଇଥିଲେ।

ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ରାଜ୍ୟର ପଛୁଆ ଜିଲା କଳାହାଣ୍ଡିରେ ୧୯୯୪ରେ ଇସ୍ପାତ କାରଖାନା ସ୍ଥାପନ କରି ଲୋକମାନଙ୍କର ମୁଣ୍ଡପିଛା ଆୟ ବଢ଼ାଇବାକୁ ଚେଷ୍ଟା କରିଥିବା ସୂଚନା ଦେଇଥିଲେ। ସେ ଆହୁରି କହିଲେ ଯେ, ଇସ୍ପାତ କାରଖାନା ପ୍ରତିଷ୍ଠା ହେବା ବେଳକୁ ସେଠାକାର ୧୪ ଲକ୍ଷ ଲୋକଙ୍କର ଜିଡିପି ଥିଲା ମାତ୍ର ୧ ପ୍ରତିଶତ। ଏବେ ତାହା ୨୦ ପ୍ରତିଶତରେ ପହଞ୍ଚିଛି। ତେବେ ସେ ପୁରୀରେ ବନ୍ଦ ହୋଇ ରହିଥିବା ବେଦାନ୍ତ ବିଶ୍ୱବିଦ୍ୟାଳୟ ବିଷୟ ଉଠାଇଥିଲେ। ସେ କହିଥିଲେ ଯେ, ଏହି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପାଇଁ ଆମେ ପଦକ୍ଷେପ ନେବା ଆରମ୍ଭ କରିଛୁ। ଏଥିରେ ୬ ଲକ୍ଷ ଛାତ୍ରୀଛାତ୍ର ଅଧ୍ୟୟନ କରିବାର ସୁଯୋଗ ପାଇପାରିବେ। ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ଭଲ ବାତାବରଣ ରହିଛି। ରାଜ୍ୟ ସରକାରଙ୍କର ମଧ୍ୟ ସହଯୋଗ ରହିଛି ବୋଲି ସେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଦୀର୍ଘକାଳୀନ ସମୃଦ୍ଧ ଓଡ଼ିଶା ଗଠନ କରିବା ଲାଗି ବିଶ୍ୱସ୍ତରରୁ ଏବଂ ଦେଶର ବଡ଼ ବଡ଼ ଶିଳ୍ପ ମୁଖିଆମାନଙ୍କୁ ଏହି କନ୍‌କ୍ଲେଭକୁ ଆମନ୍ତ୍ରଣ କରାଯାଇଛି। ମେକ୍ ଇନ୍ ଓଡ଼ିଶାର ଦ୍ୱିତୀୟ ସଂସ୍କରଣରେ ଜାପାନ କଣ୍ଟ୍ରିପାର୍ଟନର ଭାବେ ଯୋଗଦେଇଛି। ଅଭିବୃଦ୍ଧି ଓ ସମୃଦ୍ଧି ପାଇଁ ମାନବିକ ଚେଷ୍ଟା କରିବାକୁ ଶିଳ୍ପହସ୍ତୀମାନଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଗତ ୮୦ ବର୍ଷ ଧରି ରାଜ୍ୟକୁ ଭାରତର ଆଧୁନିକ ରାଜ୍ୟ ଭାବେ ଗଠନ କରିବାକୁ ଉଦ୍ୟମ ହୋଇଆସିଛି। ଗତ ଦୁଇ ଦଶନ୍ଧି ଧରି ଘାତ ପ୍ରତିଘାତ ସତ୍ତ୍ୱେ ଆମେ ଆମ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଉଦ୍ୟମ କରିଚାଲିଛୁ। ଏଥିରେ ଶିଳ୍ପପତିମାନଙ୍କର ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୧୬ରେ ହୋଇଥିବା ପ୍ରଥମ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ସଫଳତା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ୧୨୪ଟି ପୁଞ୍ଜିନିବେଶ ପାଇଁ ସୁଯୋଗ ଆସିଥିବା ବେଳେ ୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ସହ ୧ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ଏଥିରୁ ଦୁଇ ତୃତୀୟାଂଶ ପ୍ରକଳ୍ପ ବିଭିନ୍ନ ସ୍ତରରେ ରହିଛି। ଓଡ଼ିଶା ଦେଶର ସର୍ବବୃହତ୍ ଖଣିଜ ପଦାର୍ଥ ଉତ୍ପାଦନକାରୀ ରାଜ୍ୟ। ଏହା ଦେଶର ଷ୍ଟିଲ ହବ୍ ଭାବେ ପରିଚିତ ହୋଇ ପାରିଛି। ମାନୁଫାକ୍ଚର କ୍ଷେତ୍ରରେ ୨ ଲକ୍ଷ ୫୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ତଥା ୩୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ରାଜ୍ୟ ସରକାର ଭିଜନ ୨୦୨୫ ପ୍ରସ୍ତୁତ କରିଛନ୍ତି। ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପରେ ଆସନ୍ତା ୪ ବର୍ଷ ମଧ୍ୟରେ ୧ ଲକ୍ଷ ୫୦ ହଜାର ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୧୦୦୦ ଷ୍ଟାର୍ଟଅପ୍‌ଙ୍କ ସହାୟତାରେ ଓଡିଶାରେ ଆସନ୍ତା ୨୦୨୦ ସୁଦ୍ଧା ୩ଟି ଷ୍ଟାର୍ଟଅପ୍ ହବ୍ କରିବାକୁ ଯୋଜନା କରାଯାଇଛି। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, କୃଷି, ବାୟୋଟେକ୍ନୋଲୋଜି, ପର୍ଯ୍ୟଟନ ଆଦିରେ ବ୍ୟାପକ ପୁଞ୍ଜି ନିବେଶ ପାଇଁ ବ୍ୟାପକ କ୍ଷେତ୍ର ରହିଥିବା ସୂଚନା ଦେଇଥିଲେ।

ଅଧିବେଶନ ଆରମ୍ଭରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା ମେକ୍ ଇନ୍ ଓଡ଼ିଶାର ଆଭିମୁଖ୍ୟ ଏବଂ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଥିବା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଇଡ୍‌କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସିଂ ଧନ୍ୟବାଦ ଦେଇଥିଲେ।

## ପରଲୋକରେ...

ସେ ପ୍ରାଣ ହରାଇଛନ୍ତି। ମୃତ୍ୟୁ ବେଳକୁ ଅନନ୍ତଙ୍କ ନିକଟରେ ସ୍ତ୍ରୀ ତେଜସ୍ୱିନୀ ଏବଂ ଦୁଇ ଝିଅ ଥିଲେ। ପରଲୋକ ଗମନ କରିଥିବା ଭାଜପା ନେତାଙ୍କ ଶେଷ ଦର୍ଶନ ଲାଗି ଦିନ ତମାମ ତାଙ୍କ ବାସଭବନରେ ଭିଡ଼ ଲାଗିରହିଥିଲା। ମଙ୍ଗଳବାର ଅନନ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଭାଜପାର କର୍ଣ୍ଣାଟକ ଶାଖା ପକ୍ଷରୁ ସୂଚନା ମିଳିଛି। ଅନନ୍ତଙ୍କୁ ସମ୍ମାନ ଜଣାଇ ସୋମବାର ଦେଶବ୍ୟାପୀ ଜାତୀୟପତାକା ଅର୍ଦ୍ଧନମିତ କରାଯାଇଥିଲା। ସେହିପରି କର୍ଣ୍ଣାଟକ ସରକାର ମଧ୍ୟ ତାଙ୍କ ପାଇଁ ତିନିଦିନିଆ ଶୋକଦିବସ ପାଳନ ପାଇଁ ଘୋଷଣା କରିଛନ୍ତି। ସୋମବାର ରାଜ୍ୟରେ ଛୁଟି ଘୋଷଣା ହୋଇଥିଲା।

ଅନନ୍ତ କୁମାର ଥିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଜଣେ ପ୍ରମୁଖ ସଦସ୍ୟ, ଯିଏକି ପ୍ରଥମ କରି ଜାତିସଂଘରେ କନ୍ନଡ଼ରେ ଭାଷଣ ଦେଇଥିଲେ। ତାଙ୍କ ଇହଲୀଳା ସମ୍ବରଣ ପରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଶୋକ ବାର୍ତ୍ତା ଦେଇଛନ୍ତି। ଅନନ୍ତ ଜଣେ ବିଚକ୍ଷଣ ନେତା ଥିଲେ। ତାଙ୍କ ଭଳି ଜଣେ ଉତ୍ତମ ସହକର୍ମୀ ଏବଂ ବନ୍ଧୁଙ୍କୁ ହରାଇ ମର୍ମାହତ ହୋଇଥିବା ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। ଅନନ୍ତ କୁମାରଙ୍କ ପରଲୋକରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିବା ସହ ସ୍ୱର୍ଗତ କୁମାରଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିବା ସାଙ୍ଗକୁ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହୋଇପାରନ୍ତି। ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାମାନ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ପାରିପାର୍ଶ୍ୱିକ ପରିସ୍ଥିତି ପ୍ରାୟତଃ ଭଲ ଦିଗକୁ ଗତିକରୁଥିବାରୁ ମାନସିକ ବ୍ୟସ୍ତତା ଦୂରେଇ ଯାଇପାରେ। ପ୍ରଶାସନିକ ସ୍ତରରେ, ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ସାଧାରଣ କଥାକୁ କେନ୍ଦ୍ର କରି ଭୁଲ୍ ବୁଝାମଣାବଶତଃ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହି ପାରେ।

**ମିଥୁନ** ଆକସ୍ମିକ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ସହକର୍ମୀମାନେ କୌଶଳରେ କାର୍ଯ୍ୟ ହାସଲ କରିବାରେ ପଛାଇବେ ନାହିଁ। ଜମିଜମା କାରବାର, ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ତଥା ବିବାଦୀୟ ଘଟଣା ସମସ୍ୟା ବହୁଳ ହୋଇପାରେ।

**କର୍କଟ** ଭାବପ୍ରବଣତା ଓ ନିଷ୍କପଟ ଭାବନା ସମ୍ବଳିତ କର୍ମ ପରିପ୍ରେକ୍ଷୀରେ ଉଚ୍ଚବର୍ଗଙ୍କ ସାହାଯ୍ୟ ପାଇପାରିବେ। ବ୍ୟକ୍ତିଗତ ସାମାନ୍ୟ ଅସୁବିଧାକୁ କୌଣସି ବନ୍ଧୁ ଗୁରୁତର ଭାବରେ ଗ୍ରହଣ କରି ଦୂରେଇ ରହିପାରନ୍ତି। ସଭାସମିତିରେ ଆଲୋଚନା ତଥା ଚୁକ୍ତିପତ୍ର ସମ୍ପାଦନାରେ ସଫଳତା ହାସଲ କରିବେ। ବାଣିଜ୍ୟ, ଶିକ୍ଷା ଓ ଅର୍ଥସମ୍ପର୍କ ମାନସିକ ଶାନ୍ତିର ପାଥେୟ ହୋଇପାରେ।

**ସିଂହ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଆପଣ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରନ୍ତି। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମାମଲାମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢ଼ିଯାଇପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜିଦିନଟିରେ ଅଧିକାଂଶ ସମୟ ବିତିବ।

**କନ୍ୟା** ପରିବାରର ଆର୍ଥିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମରେ ଉତ୍ସାହିତ ହୋଇ ପାରିବେ ନାହିଁ। ପରିସ୍ଥିତିବଶତଃ ସାମାଜିକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ପରକଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରି ଅନୁତାପ କରିବାକୁ ପଡିପାରେ। ଦରକାରୀ କାଗଜପତ୍ର ହଜିଯିବାର ସୂଚନା ରହିଛି।

**ତୁଳା** ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ବ୍ୟକ୍ତିଗତ ସ୍ୱାର୍ଥକୁ କେନ୍ଦ୍ରକରି ପାରିବାରିକ ଅଶାନ୍ତି ହେତୁକ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟାର ସରଳ ସମାଧାନ କରିପାରିବେ।

**ବିଛା** ଆଶା ଓ ଅଭିଳାଷ କେତେ ମାତ୍ରାରେ ପୂରଣ ହେବାରୁ ସାମୟିକ ଆଶ୍ୱସ୍ତି ମିଳିପାରେ। ତଥାପି ବିବାଦୀୟ ପରିସରରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନାକୁ ଏଡି ହେବ ନାହିଁ। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରିବେ। ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିବ।

**ଧନୁ** ପାରିବାରିକ ସ୍ଥିତି ପୂର୍ଣ୍ଣତଃ ଭଲ ନ ହେଲେ ମଧ୍ୟ ଏକ ପ୍ରକାର ଭଲ ରହିବ। ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାକୁ ସମସ୍ୟା ବହୁଳ କରିପାରନ୍ତି। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କ୍ରମରେ ଅଫିସ କାମରେ ତର୍କ ବିତର୍କର ସମ୍ଭାବନା ରହିଛି।

**ମକର** ଯାହା ଭାବୁଥିଲେ ତାହା କେତେକାଂଶରେ ପୂର୍ଣ୍ଣତା ଲାଭ କରିବାର ଆଶା ମନକୁ ପ୍ରଫୁଲ୍ଲ କରାଇବ। ଆଜିର ଯାତ୍ରା ଫଳପ୍ରଦ ହେବ ଏବଂ ବନ୍ଧୁମିଳନଜନିତ ସାମୟିକ ଆନନ୍ଦ ଅନୁଭବ କରିବେ। ଅନ୍ୟମାନଙ୍କର ତାଗିଦ୍ ଓ ବୃଥା ସନ୍ଦେହଜନକ ବାକ୍ୟାଳାପ ମନକୁ ଭାରାକ୍ରାନ୍ତ କରିପାରେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରି ପାରନ୍ତି।

**କୁମ୍ଭ** ହାତକୁ ନେଇଥିବା କାମଗୁଡିକ ସମ୍ପନ୍ନ ହେବାରେ ବହୁତ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୀର୍ଘଦିନରୁ ଲାଗି ରହିଥିବା ରୋଗ ଓ ଋଣ ଦୁଶ୍ଚିନ୍ତାର କାରଣ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବ୍ୟବହାରରେ ଅପମାନିତ ବୋଧ କରିପାରନ୍ତି।

**ମୀନ** ପାପଯୁକ୍ତ ମଙ୍ଗଳ ଓ ଧନ ସ୍ଥାନପ୍ରତି ରବିଙ୍କ ଦୃଷ୍ଟି କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି। ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହେବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହା କଥା ନ ମିଶିବା କାରଣରୁ ମନର ସରସତା ମଉଳି ଯାଇପାରେ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ସୂର୍ଯ୍ୟ ଷଷ୍ଠୀ ମଙ୍ଗଳବାର, ନଭେମ୍ବର ୧୩ ତାରିଖ,ରାଶି ନକ୍ଷତ୍ର-ଉତ୍ତରାଷାଢା/ଧନୁ, ମକର ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୮।୪୫ମି. ଗତେ ଘ୧୦।୧୦ମି. ମଧ୍ୟେ, ଘ୧୧।୩୩ମି. ଗତେ ଘ୧୨।୫୫ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୧୦ମି. ଗତେ ଘ୧୧।୨୫ମି. ମଧ୍ୟେ, ଘ୨।୧୮ମି. ଗତେ ଘ୩।୪୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୧୭ମି. ଗତେ ଘ୩।୪୦ମି. ମଧ୍ୟେ ରାହୁକାଳ।



ମଧ୍ୟପ୍ରଦେଶର ସାଗର ଜିଲା ଧାନା ଗ୍ରାମରେ ବାସ କରୁଥିବା ଜଣେ ବ୍ୟକ୍ତିଙ୍କ ଶରୀରରେ ରହିଛି ଚୁମ୍ବକୀୟ ଶକ୍ତି। ତାଙ୍କୁ ସଭିଏଁ ମ୍ୟାଗ୍ନେଟ୍ ମ୍ୟାନ ବୋଲି ଡାକିଥାଆନ୍ତି। ସେ ହେଉଛନ୍ତି ୫୦ ବର୍ଷୀୟ ଅରୁଣ ରାୟକ୍ୱାର। ପେସାରେ ସେ ଜଣେ ଫଟୋଗ୍ରାଫର। ଏପରି କରି ସେ ନିଜ ପରିବାରର ଭରଣପୋଷଣ କରନ୍ତି। ତାଙ୍କ ଶରୀର ଲୁହାକୁ ଆକର୍ଷିତ କରିଥାଏ। ଏଭଳି ଶକ୍ତି ତାଙ୍କଠାରେ କିଭଳି ଉପୁଜିଲା, ସେନେଇ ଡାକ୍ତରମାନେ ମଧ୍ୟ କିଛି ଉତ୍ତର ଦେଇପାରୁ ନାହାନ୍ତି।



## ସଂକ୍ଷେପରେ

### ୪୦ହଜାର ଲାଞ୍ଚ: ଧରାପଡ଼ିଲେ ନିର୍ବାହୀ ଯନ୍ତ୍ରୀ

**କଟକ ଅଫିସ, ୧୨।୧୧:** ୪୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ନୟାଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ (୨)ର ନିର୍ବାହୀ ଯନ୍ତ୍ରୀ ପ୍ରାଣକୃଷ୍ଣ ପ୍ରସାଦ। ସୋମବାର ପ୍ରଦୀପ୍ତ ମହାକୁଡ଼ ନାମକ ଜଣେ ଠିକାଦାରଙ୍କଠାରୁ ଯନ୍ତ୍ରୀ ପ୍ରସାଦ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ତାଙ୍କୁ କାବୁ କରିଛନ୍ତି। ତାଙ୍କ ନିକଟରୁ ଲାଞ୍ଚ ଟଙ୍କାକୁ ଜବତ କରାଯାଇଛି। ଏହା ପରେ ଯନ୍ତ୍ରୀଙ୍କ ବିଭିନ୍ନ ସ୍ଥାନରେ ଥିବା ଘରକୁ ଭିଜିଲାନ୍ସ ପକ୍ଷରୁ ତଲାସି କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଠିକାଦାର ମହାକୁଡ଼ଙ୍କ ୨୫ ଲକ୍ଷ ଟଙ୍କାର ଏକ ବକେୟା ବିଲ୍ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଡ଼ିରହିଛି। ଏହି ବିଲ୍ କରାଇଦେବା ପାଇଁ ଯନ୍ତ୍ରୀ ପ୍ରସାଦ ୪୦ହଜାର ଲାଞ୍ଚ ଦାବି କରିଥିଲେ।

### ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବୌଦ୍ଧ,୧୨।୧୧(ସ୍ୱ.ପ୍ର):** ବୌଦ୍ଧ ସ୍ୱତନ୍ତ୍ର ଉପଖଣ୍ଡ କାରାଗାରରେ ଜଣେ ବିଚାରାଧୀନ ବନ୍ଦୀଙ୍କ ସୋମବାର ମୃତ୍ୟୁ ହୋଇଛି। ମୃତକ ହେଲେ ପଶ୍ଚିମବଙ୍ଗ ୨୪ ପ୍ରଗଣା ଜିଲା ବାସ୍କେପଡା ଗ୍ରାମର ଗୋପାଳ ବିଶ୍ୱାସ (୪୦)। ରବିବାର ହଠାତ୍ ଗୋପାଳଙ୍କ ଦେହ ଖରାପ ହେବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳୁ ତାଙ୍କର ମୃତ୍ୟୁ ହୋଇଛି। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଜେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସେମାନେ ଆସିଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଜେଲ୍ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଗୋପାଳ ଚୋରା ଗଞ୍ଜେଇ କାରବାର ମାମଲାରେ ମନମୁଣ୍ଡା ପୋଲିସ ଦ୍ୱାରା ଗିରଫ ହୋଇ ଗତ ତା୪।୬।୧୮ ରିଖଠାରୁ ବୌଦ୍ଧ ସ୍ୱତନ୍ତ୍ର ଉପଖଣ୍ଡ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଆସୁଥିଲେ।






## ■ ଶ୍ରୀମନ୍ଦିରରେ ମୁକେଶ ଅମ୍ବାନୀ

# ଝିଅ ବାହାଘର ପାଇଁ କଲେ ନିମନ୍ତ୍ରଣ

**ପୁରୀ ଅଫିସ, ୧୨।୧୧**

- ■ମହାପ୍ରଭୁଙ୍କ ଲାଗି ମାଳ, ଗୁଆ ନେଲେ
- ■କୌଳିକ ପଣ୍ଡାଙ୍କ ଯାତ୍ରୀ ଖାତାରେ କଲେ ଦସ୍ତଖତ
- ■ଲଫାପାରେ ଦେଲେ ଦକ୍ଷିଣା



ମୁକେଶ ଅମ୍ବାନୀ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

ରିଲାଏନ୍ସ ଗ୍ରୁପ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସୋମବାର ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ ମେକ ଇନ୍ ଓଡ଼ିଶା କନକ୍ଲେଭ-୨୦୧୮ର ଦ୍ୱିତୀୟ ଦିବସରେ ଯୋଗଦେବା ପରେ ଅମ୍ବାନୀ ହେଲିକପ୍ଟରରେ ଆସି ଅପରାହ୍ନ ୩ଟା ୨୩ରେ ତାଳବଣିଆ ହେଲିପ୍ୟାଡରେ ଅବତରଣ କରିଥିଲେ। ସେଠାରେ ଉପଜିଲାପାଳ ଭବତାରଣ ସାହୁ ଓ ସିଟି ଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ ତାଙ୍କୁ ସ୍ୱାଗତ କରିଥିଲେ। ହେଲିପ୍ୟାଡ୍‌ରୁ କାର ଯୋଗେ ବାହାରି ୩ଟା ୩୦ରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଏବଂ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରି ଅମ୍ବାନୀଙ୍କୁ ସ୍ୱାଗତ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଜଗନ୍ନାଥଙ୍କ ଫଟୋଚିତ୍ର, ଶୁଖିଲା ମହାପ୍ରସାଦ ଓ ଶ୍ରୀମନ୍ଦିର କ୍ୟାଲେଣ୍ଡର ଦିଆଯାଇଥିଲା। ଏହାପରେ ସେ ସିଂହଦ୍ୱାର, ବାଇଶପାହାଚ, ଗାରଦଦ୍ୱାର, ନାଟମଣ୍ଡପ, ଜୟବିଜୟ ଦ୍ୱାର ଦେଇ ଭିତରକାଠ ନିକଟକୁ ଯାଇଥିଲେ। ଭିତରକାଠ ନିକଟରେ ମନ୍ତ୍ର ଉଚ୍ଚାରଣ ପୂର୍ବକ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

ଆସନ୍ତା ଡିସେମ୍ବର ୧୨ରେ ମୁକେଶଙ୍କ ଝିଅ ଇଶା ଅମ୍ବାନୀଙ୍କର ପ୍ରତିଷ୍ଠିତ ବ୍ୟବସାୟୀ ଆନନ୍ଦ ପରିମଲଙ୍କ ସହ ବିବାହ ଅନୁଷ୍ଠିତ ହେବ। ଏହାପୂର୍ବରୁ ମୁକେଶ ବଦ୍ରିନାଥ ଏବଂ କେଦାରନାଥ ଯାଇ ପୂଜାର୍ଚ୍ଚନା କରି ଝିଅ ବାହାଘର ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ମଧ୍ୟ ସେ ଝିଅ ବାହାଘରର ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଖୁଣ୍ଟିଆ ସେବକ ବିଜୟ ଖୁଣ୍ଟିଆ ରତ୍ନସିଂହାସନ ନିକଟରେ ନିମନ୍ତ୍ରଣ ପତ୍ର ପଢି ମହାପ୍ରଭୁଙ୍କୁ ଶୁଣାଇ ନିମନ୍ତ୍ରଣ ଜଣାଇଥିଲେ। ଏଥିସହ ମହାପ୍ରଭୁଙ୍କ ଲାଗି ମାଳ ଓ ଗୁଆ ଆଣି ଅମ୍ବାନୀଙ୍କୁ ପ୍ରଦାନ କରିଥିଲେ। ଏହି ଗୁଆ ଓ ଲାଗି ମାଳକୁ ବିବାହ ବେଦିରେ ରଖିବା ନିମନ୍ତେ ବିଜୟ କହିଥିଲେ। ଅମ୍ବାନୀ ଖୁଣ୍ଟିଆ ସେବକଙ୍କୁ ଏକ ଲଫାପାରେ ଦକ୍ଷିଣା ଦେଇଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ଅମ୍ବାନୀ ବେହେରଣ ଦ୍ୱାର ଦେଇ ବାହାରି ଲକ୍ଷ୍ମୀ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ସେଠାରେ ମା'ଙ୍କ ଅଙ୍ଗ ବସ୍ତ୍ର, ଲାଗି ଫୁଲମାଳ ଏବଂ ଧାନ ସେବାୟତ ପ୍ରଦାନ କରିଥିଲେ। ଏହାକୁ ଗ୍ରହଣ କରି ରିଲାଏନ୍ସ ଲେଖା ଥିବା ଏକ ଲଫାପାରେ ଦକ୍ଷିଣା ସମ୍ପୃକ୍ତ ସେବାୟତଙ୍କୁ ପ୍ରଦାନ କରିଥିଲେ। ଦର୍ଶନ ସାରି ଲକ୍ଷ୍ମୀ ମନ୍ଦିର ଚଉତରା ଉପରେ କିଛି ସମୟ ବସିଥିଲେ। ଅମ୍ବାନୀଙ୍କୁ ତାଙ୍କ କୌଳିକ ପଣ୍ଡା ରଘୁନାଥ ଗୋଚ୍ଛିକାର ଉପସ୍ଥିତ ରହି ତାଙ୍କୁ ଦର୍ଶନ କରାଇଥିଲେ। ଲକ୍ଷ୍ମୀ ମନ୍ଦିର ଚଉତରାରେ ବସିଥିବା ବେଳେ କୌଳିକ ପଣ୍ଡାଙ୍କ ଯାତ୍ରୀ ଖାତା ପଢିବା ସହ ସେଥିରେ ଦସ୍ତଖତ କରିଥିଲେ। ତାଙ୍କୁ ମଧ୍ୟ ଦକ୍ଷିଣା ଦେଇଥିଲେ।

ମନ୍ଦିରରୁ ବାହାରି ସିଂହଦ୍ୱାରଠାରେ ଗଣମାଧ୍ୟମକୁ କହିଥିଲେ ଯେ, ଶ୍ରୀମନ୍ଦିରକୁ ପ୍ରଥମଥର ଆସି ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ମୁଁ ଖୁବ୍ ଆନନ୍ଦିତ। ଆମ ଗୁଜରାଟୀ ସମ୍ପ୍ରଦାୟରେ ପ୍ରଥମେ ଠାକୁରଙ୍କୁ ବିବାହ କାର୍ଡ ଦେଇ ନିମନ୍ତ୍ରଣ ଜଣାଇବାର ପରମ୍ପରା ରହିଛି। ସେହି ଅନୁଯାୟୀ ମହାପ୍ରଭୁଙ୍କୁ ଝିଅ ବିବାହ କାର୍ଡ ପ୍ରଦାନ କରିବାର ସୌଭାଗ୍ୟ ପାଇଛି। ଏହାପରେ ଅମ୍ବାନୀ ତାଳବଣିଆ ହେଲିପ୍ୟାଡ୍‌କୁ ଯାଇଥିଲେ। ସେଠାରୁ ହେଲିକପ୍ଟରରେ ଭୁବନେଶ୍ୱର ଫେରିଯାଇଥିଲେ।

ଅନ୍ୟପକ୍ଷରେ ଅମ୍ବାନୀଙ୍କ ଗସ୍ତକୁ ନେଇ ସୋସିଆଲ ମିଡିଆରେ କଂଗ୍ରେସର ଯୁବ ନେତା ଆଲୋକ କୁମାର ଦାଶ ଏକ ପୋଷ୍ଟ କରିଥିଲେ ସବୁ ଭକ୍ତଙ୍କ ଭଳି ଧାଡ଼ିରେ ଯାଇ ଦର୍ଶନ କଲେ ଆମେ ସ୍ୱାଗତ କରିବୁ। କିନ୍ତୁ ଭିଆଇପିଙ୍କ ଭଳି ଗଲେ ଆମେ କାଳିମାଡ଼ କରିବୁ ବୋଲି ଦର୍ଶାଇଥିଲେ। ଯେଉଁଥିପାଇଁ ଅମ୍ବାନୀଙ୍କ ଗସ୍ତ ପୂର୍ବରୁ ଅପରାହ୍ନ ପ୍ରାୟ ୧ଟାରେ ପୋଲିସ ତାଙ୍କୁ ଧରି ଥାନାରେ ଅଟକ ରଖି ପରେ ଛାଡି ଦେଇଥିଲା।

**ଏମାର ମଠର ବିକାଶ ପାଇଁ ସହଯୋଗ ଲୋଡ଼ିଲା ପ୍ରଶାସନ**

ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ୫ ମହଲା ବିଶିଷ୍ଟ ମଲ୍‌ଟି ଲେଭଲ କାର ପାର୍କିଂ କରାଯିବ। ୩ ଲକ୍ଷ ୬୪ ହଜାର ବର୍ଗଫୁଟ ଇଲାକାରେ ଏହା ନିର୍ମାଣ ହେବ। ଏଥିରେ ପ୍ରାୟ ୪୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ପ୍ରାୟ ୧୫୦୦ କାର୍ ପାର୍କିଂ କରିବା ଭଳି ସୁବିଧା ରହିବ। ଏହି ପ୍ରକଳ୍ପ ଲାଗି ସହଯୋଗର ହାତ ବଢାଇବା ପାଇଁ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଅମ୍ବାନୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ଶ୍ରୀମନ୍ଦିର ସଂସ୍କୃତି ସହ ଜଡ଼ିତ ଏମାର ମଠର ସୌନ୍ଦର୍ଯ୍ୟକରଣ ଓ ବିକାଶ ପାଇଁ ସହଯୋଗ କରିବା ଲାଗି ଜିଲାପାଳ ପ୍ରସ୍ତାବ ଦେଇଛନ୍ତି। ଏଥିରେ ଅମ୍ବାନୀ ସହମତି ପ୍ରକାଶ କରିଥିବା ଜିଲାପାଳ ଗଣମାଧ୍ୟମକୁ କହିଛନ୍ତି।



# ବଡ଼ଠାକୁରଙ୍କ ହରିହର ବେଶ

**ପୁରୀ ଅଫିସ,୧୨।୧୧**

ସୋମବାର ରତ୍ନସିଂହାସନରେ ବଡ଼ଠାକୁର ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ବଡ଼ଠାକୁରଙ୍କ ଏହି ଦିବ୍ୟ ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା।

ଅବକାଶ ନୀତି ପରେ ହରିହର ବେଶ ଅନୁଷ୍ଠିତ ହୋଇଥିଲା। ପୁଷ୍ପାଳକ ସେବକମାନେ ବଡ଼ଠାକୁରଙ୍କୁ ଏହି ବେଶରେ ଭୂଷିତ କରାଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶ ଏବଂ ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ବଡ଼ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବା ବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରସ୍ଫୁଟିତ ହୋଇଥିଲା। ଶାସ୍ତ୍ରରେ ମଧ୍ୟ ହରି ଏବଂ ହର ଅଭିନ୍ନ ବୋଲି ପ୍ରମାଣ ରହିଛି। ଏହା ହିଁ ହରିହର ବେଶରେ ପରଲକ୍ଷିତ ହୋଇଥାଏ। ଏହି ବେଶରେ ଠାକୁର ଅର୍ଦ୍ଧେକ କଳା ଓ ଅର୍ଦ୍ଧେକ ଧଳା ବସ୍ତ୍ରରେ ଭୂଷିତ ହୋଇଥାନ୍ତି। ବଡ଼ଠାକୁର ୩୨ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି।

ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡ଼େ ସେହିଦିନ ବଡ଼ଠାକୁରଙ୍କ ବାଡ଼ରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଗୋଟିଏ ଦିନ ହରିହର ବେଶ ପଡିଛି।

# ଲାଞ୍ଚ: ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ, କିରାଣି ଦଣ୍ଡିତ

**କଟକ ଅଫିସ, ୧୨।୧୧**

ଏକ ଲାଞ୍ଚ ମାମଲାରେ ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ଓ କିରାଣି ଦଣ୍ଡିତ ହୋଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ରାୟଗଡ଼ାର ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ଦାସ ଓ ତାଙ୍କ କାର୍ଯ୍ୟାଳୟର ତତ୍କାଳୀନ କିରାଣି ବିଜୟ ଚନ୍ଦ୍ର ଜେନା। ଉଭୟ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ କୋରାପୁଟ ଭିଜିଲାନ୍ସ ଥାନାରେ ୧୯/୨୦୧୨ରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ଶୁଣାଣି କରି ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ଦ୍ୱୟଙ୍କୁ ପୃଥକ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରଥମ ଦଫାରେ ଉଭୟଙ୍କୁ ୬ ମାସ ସଶ୍ରମ ଜେଲ୍ ଓ ୧ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଆଦାୟ ନ ହେଲେ ଅଭିଯୁକ୍ତଙ୍କୁ ଅଧିକ ୧ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସେହିପରି ଅନ୍ୟ ଏକ ଦଫାରେ ଅଭିଯୁକ୍ତଦ୍ୱୟଙ୍କୁ ୧ ବର୍ଷ ସଶ୍ରମ ଜେଲ୍ ଓ ୧ହଜାର ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଆଦାୟ ନ ହେଲେ ଉଭୟଙ୍କୁ ଅଧିକ ୨ ମାସ ଲେଖାଏ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ। ତେବେ ସମସ୍ତ ଦଣ୍ଡ ଏକକାଳୀନ ଲାଗୁ ହେବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି।

ଭିଜିଲାନ୍ସ ଦେଇଥିବା ସୂଚନା ଅନୁଯାୟୀ, ଉଭୟ ରାୟଗଡ଼ା ଜିଲା ସାନଚାନ୍ଦିଲି ମଧ୍ୟ ଇଂଲିଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେ. ରୁଷି ନାଇଡୁଙ୍କଠାରୁ ୨ହଜାର ଓ ୩ହଜାର ଟଙ୍କା ଲେଖାଏ ଲାଞ୍ଚ ନେଉଥିଲେ। କାରଣ ନାଇଡୁଙ୍କ ସଂଶୋଧିତ ବକେୟା ଦରମା ବାବଦକୁ ୧ ଲକ୍ଷ ୫୫ହଜାର ଟଙ୍କାର ଚେକ୍ ଇସ୍ୟୁ କରିବା ପାଇଁ ଉଭୟ ଏହି ଲାଞ୍ଚ ଦାବି କରିଥିଲେ। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ଏମ୍. ବାଲାଜୀ ରାଓ ମାମଲା ପରିଚାଳନା କରୁଥିଲେ।

# ଓଡ଼ିଶାରେ ହେବ ଏଣ୍ଡୋକ୍ରାଇନ ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର, ୧୨।୧୧ (ବ୍ୟୁରୋ)**

- ■ସ୍ପୋର୍ଟ୍ସ ଏଣ୍ଡୋକ୍ରାଇନ ସ୍ୱତନ୍ତ୍ର ଆଲୋଚନା
- ■ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ■କାର୍ଯ୍ୟକ୍ରମକୁ ଆସିବେ ଅନୀଲ କୁମ୍ବଲେ

ଏଣ୍ଡୋକ୍ରାଇନସୋସାଇଟିଅଫ୍‌ଇଣ୍ଡିଆ (ଇଏସ୍‌ଆଇ)ର ୪୮ତମ ବାର୍ଷିକ ସମ୍ମିଳନୀ ପ୍ରଥମଥର ପାଇଁ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମିଳନୀ ନଭେମ୍ବର ୧୫ରୁ ୧୮ ଯାଏ ଚାଲିବ। ତେବେ ଆଗକୁ ହକି ବିଶ୍ୱକପ୍ ଥିବାରୁ ଅନୁଷ୍ଠାନ ସ୍ପୋର୍ଟ୍ସ ଏଣ୍ଡୋକ୍ରାଇନ ବିଷୟବସ୍ତୁ ନେଇ ସ୍ୱତନ୍ତ୍ର ଭାବେ ଆଲୋଚନା କରିବ। ଖେଳାଳିମାନଙ୍କ ଶରୀରରେ ଥିବା ହର୍‌ମୋନକୁ ନେଇ ବିଭିନ୍ନ ସମୟରେ ପ୍ରସଙ୍ଗ କରାଯାଉଛି। ଏହାକୁ ନେଇ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସମ୍ମିଳନୀରେ ଆଲୋଚନା କରାଯିବ ବୋଲି ଇଏସ୍‌ଆଇର ସାଙ୍ଗଠନିକ ସମ୍ପାଦକ ଡା. ଅଭୟ କୁମାର ସାହୁ କହିଛନ୍ତି।

ସୋମବାର ମଧ୍ୟାହ୍ନରେ ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆଇଏମ୍‌ଏ ସଭାଗୃହରେ ଅନୁଷ୍ଠିତ ହୋଇଥିଲର। ଏଥିରେ ଡା. ସାହୁ ଅଧ୍ୟକ୍ଷତା କରି କହିଛନ୍ତି, ସମ୍ମିଳନୀରେ ୨୦୦୦ ଡାକ୍ତର ପଞ୍ଜୀକରଣ କରିବା ସମ୍ଭାବନା ରହିଛି। ୩୦୦ ଜାତୀୟସ୍ତରୀୟ ଡାକ୍ତରୀ ଶିକ୍ଷକ ଏବଂ ୨୨ ଅନ୍ତର୍ଜାତୀୟ ଡାକ୍ତରୀ ଶିକ୍ଷକ ଅଂଶଗ୍ରହଣ କରିବେ। ସମ୍ମିଳନୀ ୧୫ ତାରିଖରୁ ଆରମ୍ଭ ହେବାକୁଥିବାବେଳେ ଏହାକୁ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନ କରିବେ। ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି ବୋଲି ଡା. ସାହୁ କହିଛନ୍ତି।

ଉଦ୍‌ଯାପନୀ ଦିବସର ପୂର୍ବାହ୍ନରେ ସ୍ପୋର୍ଟ୍ସ ଏଣ୍ଡୋକ୍ରାଇନ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ମୁଖ୍ୟଅତିଥି ଭାବେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଅନୀଲ୍ କୁମ୍ବଲେ ଯୋଗଦେବାକୁ ଥିବାବେଳେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲୀପ୍ ତିର୍କୀ ଏବଂ ଧାବିକା ଦୂତୀ ଚାନ୍ଦ ଅଂଶଗ୍ରହଣ କରି ଖେଳାଳିଙ୍କ ଶରୀରରେ ଥିବା ହର୍‌ମୋନକୁ ନେଇ ମତ ରଖିବେ। ଜାତୀୟସ୍ତରରୁ ଆସୁଥିବା ଏଣ୍ଡୋକ୍ରାଇନ ଡାକ୍ତରଙ୍କୁ ନେଇ ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ, ଦକ୍ଷିଣାଞ୍ଚଳ ଏବଂ ଉତ୍ତରାଞ୍ଚଳ ଭାବେ ଚାରୋଟି ଜୋନ୍ କରାଯିବ। ଏହି ଜୋନ୍‌ଗୁଡିକ ବସି ହୃଦ୍‌ରୋଗ ଏବଂ ଥାଇରଏଡ୍ ଭଳି ରୋଗର ନିରାକରଣ ଏବଂ ଉନ୍ନତ ପରୀକ୍ଷାନିରୀକ୍ଷା ଉପରେ ଆଲୋଚନା କରିବେ। ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ବୈଜ୍ଞାନିକ କମିଟିର ସଦସ୍ୟ ଡା. ସମ୍ବିତ୍ ଦାଶ ଉପସ୍ଥିତ ଥିଲେ।







# କନ୍ଧମାଳରେ ପୁଣି ମାଓବାଦୀ ପୋଷ୍ଟର

## ■ଚାଷୀ ଆନ୍ଦୋଳନକୁ ସମର୍ଥନ ପାଇଁ ଆହ୍ୱାନ

**ଫୁଲବାଣୀ ଅଫିସ/ ଫିରିଙ୍ଗିଆ, ୧୨।୧୧**



ମାଓବାଦୀ ପୋଷ୍ଟର।

କନ୍ଧମାଳ ଜିଲା କୋଟଗଡ ବ୍ଲକ ଦୁର୍ଗପାଙ୍ଗାରେ ରବିବାର ମାଓବାଦୀ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଥିଲା। ସୋମବାର ଫିରିଙ୍ଗିଆ ବ୍ଲକର ବିଭିନ୍ନ ଅଞ୍ଚଳ ଏବଂ ଗୋଚ୍ଛାପଡାରେ ମଧ୍ୟ ମାଓବାଦୀ ପୋଷ୍ଟର ଲାଗିଛି। ଫିରିଙ୍ଗିଆର ପବିଙ୍ଗିଆ, କୁକେରିମା ଛକ ଏବଂ ଗୋଚ୍ଛାପଡାର ଖଜୁରିଗାଁରେ ଏସବୁ ପୋଷ୍ଟର ମରାଯାଇଛି। ଏଥିରେ ଖୋଲାଖୋଲି ଭାବେ ଚାଷୀ ଆନ୍ଦୋଳନକୁ ସମର୍ଥନ କରାଯାଇଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ଓଡିଶା କମିଟି ଲେଖାଥିବା ଏହି ପୋଷ୍ଟରରେ ଚାଷୀ ଆନ୍ଦୋଳନକୁ ସମର୍ଥନ କରିବାକୁ ଆହ୍ୱାନ ଦିଆଯାଇଛି। ଏଥିସହ ହକ୍ ପାଇଁ ଲଢ଼ି ଗିରଫ ହୋଇଥିବା କୃଷକଙ୍କୁ ତୁରନ୍ତ ଖଲାସ କରିବା, ଚାଷୀ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବା, ଆକ୍ରମଣକାରୀ ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଚାଷୀଙ୍କୁ ପେନସନ, ଆତ୍ମହତ୍ୟା କରିଥିବା ଚାଷୀ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ଆଦି ଉଲ୍ଲେଖ ରହିଛି। ତେବେ ଖବର ଲେଖାଯିବା ସୁଦ୍ଧା ପୋଲିସ କେଉଁଠାରୁ ବି ପୋଷ୍ଟର ବାହାର କରିପାରିନାହିଁ। ଏହା ମାଓବାଦୀଙ୍କ ପୋଷ୍ଟର ନା ଅନ୍ୟ କାହାର କାର୍ଯ୍ୟ, ତାହା ଉପରେ ତର୍ଜମା ଚାଲିଥିବା ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନେ କହିଛନ୍ତି।


# CLASSIFIED DISPLAY













MORE SPACE • SAME PRICE

CLASSIFIED DISPLAY

(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:

Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable



ଯେତେବେଳେ ଆମକୁ କିଛି ଦେଖାଯାଏନା– ସେତେବେଳେ ଆମେ ଜାଣିବା ଉଚିତ ଯେ, ଈଶ୍ୱର ଆମ ପାଖରୁ ତାଙ୍କର ଆଲୋକ ପ୍ରତ୍ୟାହୃତ କରି ନେଇଛନ୍ତି ଏବଂ ଆମ ଉପରେ ଭୁଲଭ୍ରାନ୍ତି ଲଦି ଦେଇଛନ୍ତି। କାରଣ –ଆମେ ଯଥାର୍ଥ ଜ୍ଞାନ ଆଡକୁ ପାଦେ ଆଗେଇ ଚାଲିବୁ। ସେହିପରି ସେ ଆମ ଉପରେ ପରାଜୟ ଲଦି ଦେଇଛନ୍ତି– ତା ଫଳରେ ଆମେ ବିଜୟ ପଥରେ ଆଗେଇଯିବୁ। –ଶ୍ରୀଅରବିନ୍ଦ



# ଅପେକ୍ଷା ଓ ସଜାଗ

ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କାରେ ରାଜନୈତିକ ପରିସ୍ଥିତି ଦିନକୁ ଦିନ ଅତ୍ୟନ୍ତ ଦୟନୀୟ ହେବାରେ ଲାଗିଛି। ଗାଦିନସୀନ ପ୍ରଧାନମନ୍ତ୍ରୀ ରନିଲ ୱିକ୍ରମସିଂହେଙ୍କୁ ହଟାଇ ମହିନ୍ଦା ରାଜପାକ୍‌ସେଙ୍କୁ ଥଇଥାନ କରିବାରେ ପ୍ରମୁଖ ଭୂମିକା ନେଇଥିଲେ ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା। ନଭେମ୍ବର ୧୪ରେ ରାଜପାକ୍‌ସେ ପାର୍ଲାମେଣ୍ଟରେ ଶକ୍ତି ପ୍ରଦର୍ଶନ କରିବାର ଥିବା ବେଳେ ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ନଭେମ୍ବର ୯ରେ ସିରିସେନା ପାର୍ଲାମେଣ୍ଟକୁ ଭାଙ୍ଗି ଦେଇଛନ୍ତି। ଏଥିସହିତ ଘୋଷଣା କରିଛନ୍ତି ଯେ ୨୦୧୯ ଜାନୁୟାରୀ ୫ରେ ଦେଶରେ ନିର୍ବାଚନ ଅନୁଷ୍ଠିତ ହେବ। ରାଷ୍ଟ୍ରପତିଙ୍କ ଏଭଳି ଅସାମ୍ବିଧାନିକ ନିଷ୍ପତ୍ତି ପରେ ଦେଶର ପ୍ରମୁଖ ରାଜନୈତିକ ଦଳ ସମେତ ନିର୍ବାଚନ କମିଶନଙ୍କ ଜଣେ ସଦସ୍ୟ ନଭେମ୍ବର ୧୨ରେ ସୁପ୍ରିମକୋର୍ଟରେ ସିରିସେନାଙ୍କ ପଦକ୍ଷେପକୁ ଚ୍ୟାଲେଞ୍ଜ କରିଛନ୍ତି। ତେବେ ସିରିସେନାଙ୍କୁ ସବୁଆଡୁ ସମାଲୋଚନା କରାଯିବା ପରେ ସେ ନିଜକୁ ରକ୍ଷା କରିବା ପାଇଁ ଦେଇଥିବା ସଫେଇ ଏବେ ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟି କରିଛି। ସେ କହିଛନ୍ତି, ଯେ ଗଣମାଧ୍ୟମରୁ ଶୁଣିବାକୁ ମିଳିଥିଲା ଯେ ଶକ୍ତିପରୀକ୍ଷା ଦିନ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ପାର୍ଲାମେଣ୍ଟରେ ବାଡ଼ିଆପିଟା ହେବାର ଆଶଙ୍କା ରହିଛି। ଆଇନ ପ୍ରଣୟନକାରୀ ଯଦି ଏଭଳି ପରିସ୍ଥିତି ଉପୁଯାଆନ୍ତି, ତାହା ହେଲେ ଦେଶର ପ୍ରତ୍ୟେକ ସହର ଓ ଗାଁରେ ଅରାଜକତା ସୃଷ୍ଟି ହୋଇ ଲୋକଙ୍କ ଜୀବନହାନି ଘଟିପାରେ। ଏପରି ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେବା ପୂର୍ବରୁ ସେ ପାର୍ଲାମେଣ୍ଟକୁ ଭାଙ୍ଗି ସଦ୍ୟ ଜନମତ ଲୋଡ଼ିବା ପାଇଁ ପ୍ରୟାସ କରିଛନ୍ତି ବୋଲି କହିଛନ୍ତି। ଅବଶ୍ୟ ବାଡ଼ିଆପିଟା ଭଳି ପରିସ୍ଥିତି ଶ୍ରୀଲଙ୍କା ପାଇଁ ଅଶୋଭନୀୟ ହେଉଥିବା ବେଳେ ଭାରତରେ ତାହା ଦୈନନ୍ଦିନ ଘଟଣା ଭାବେ ପରିଲକ୍ଷିତ ହେଉଛି।

ରାଷ୍ଟ୍ରପତି ନିଜ ପ୍ରତିରକ୍ଷା ପାଇଁ ଯେଉଁ ଉପରଲିଖିତ କଥା ଉପସ୍ଥାପନ କରିଛନ୍ତି, ତାହା ସାଧାରଣରେ ଗ୍ରହଣଯୋଗ୍ୟ ହୋଇପାରୁ ନାହିଁ। ବାସ୍ତବତା ହେଲା ନିଜ ଦମ୍ଭ ବଜାୟ ରଖିବାକୁ ଯାଇ ସିରିସେନା ରାଜପାକ୍‌ସେଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ଅବସ୍ଥାପିତ କରାଇ ଦେଇଥିଲେ। ହେଲେ ତାହା ସାମ୍ବିଧାନିକ ବିଧିବ୍ୟବସ୍ଥା ଦ୍ୱାରା ଧୂଳିସାତ ହେବାର ସବୁ ପ୍ରମାଣ ପାଇବା ପରେ ସେ ସଂସଦକୁ ଭାଙ୍ଗିବାର ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି କୁହାଯାଇପାରେ। ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରକୁ ବରଖାସ୍ତ କରି ସେ ଯେଉଁ ନୂଆ ନାଟକ ସୃଷ୍ଟି କଲେ ତାହା ଦ୍ୱାରା ଦେଶ ବହୁଦିଗରୁ କ୍ଷତିଗ୍ରସ୍ତ ହୋଇଛି। ଦେଖିବାକୁ ଗଲେ ରନିଲ୍ ୱିକ୍ରମସିଂହେ ସରକାରଙ୍କ ଅବଧି ୨୦୨୦ ଅଗଷ୍ଟରେ ଶେଷ ହେବାର ଥିଲା। ପାଖାପାଖି ୨୦ ମାସ ପୂର୍ବରୁ ଏକ ନିର୍ବାଚିତ ସରକାରକୁ ଭାଙ୍ଗି ଦେଇ ସଦ୍ୟ ନିର୍ବାଚନ ଲାଗି ପଦକ୍ଷେପ ନିଆଯିବା ଦ୍ୱାରା ଦେଶ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେବା ଥୟ। ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ସିରିସେନାଙ୍କ ନିଷ୍ପତ୍ତିକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଆଶ୍ରୟ ନେଇଥିବାରୁ ଏ ସଂକ୍ରାନ୍ତ ରାୟକୁ ଅପେକ୍ଷା କରାଯାଇଛି। ହେଲେ ଶ୍ରୀଲଙ୍କା ସମ୍ବିଧାନରେ ହୋଇଥିବା ସଂଶୋଧନ ଅନୁଯାୟୀ କୌଣସି ନିର୍ବାଚିତ ସରକାରକୁ ସାଢ଼େ ୪ ବର୍ଷ ପୂର୍ବରୁ ଭଙ୍ଗାଯାଇପାରିବ ନାହିଁ। ପାର୍ଲାମେଣ୍ଟର ସମୁଦାୟ ସଦସ୍ୟଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ଆଇନ ପ୍ରଣୟନକାରୀ ଯଦି ଏକ ସଂକଳ୍ପ ଜରିଆରେ ସଂସଦ ଭଙ୍ଗ କରିବାକୁ ସହମତିରେ ଆସନ୍ତି, ସେଭଳି ସ୍ଥଳେ ଶେଷ ପଦକ୍ଷେପ ନିଆଯାଇପାରିବ। ସିରିସେନାଙ୍କ ନିଷ୍ପତ୍ତିକୁ ନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଉଦ୍‌ବେଗ ପ୍ରକାଶ କରିବା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ।

ବିଗତ କିଛି ବର୍ଷ ହେବ ଦେଖାଯାଇଛି ଯେ ଏକଚ୍ଛତ୍ରବାଦ ବା ସାମରିକ ଶାସନାଧୀନ ଟ୍ୟୁନିସିଆ, ଇଜିପ୍ଟ, ମ୍ୟାନ୍‌ମାର ଭଳି ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିଛି। ଫଳରେ ସେହିସବୁ ଦେଶର ନାଗରିକମାନେ ପୂର୍ବାପେକ୍ଷା ମତବ୍ୟକ୍ତ କରିବାର ସୁଯୋଗ ପାଇବା ସହ ଅନେକ ସୁବିଧା ପାଇପାରିଛନ୍ତି। ଶ୍ରୀଲଙ୍କା ରାଷ୍ଟ୍ରପତି ନିଜ ଜିଦ୍‌ରେ ଅଟଳ ରହିବାକୁ ଯାଇ ଗଣତାନ୍ତ୍ରିକ ପଦ୍ଧତିରେ ବଛାଯାଇଥିବା ସରକାରକୁ ବରଖାସ୍ତ କରିବା ପରେ ପାର୍ଲାମେଣ୍ଟକୁ ଭାଙ୍ଗିଦେବା ଭିନ୍ନ ସଙ୍କେତ ଦେଉଛି। ଏହି ପ୍ରଚ୍ଛଦପଟରେ ଭାରତ ପଡ଼ୋଶୀ ଦେଶର ରାଜନୈତିକ ଗତିବିଧିକୁ ଅତି ସତର୍କତାର ସହ ନିରୀକ୍ଷଣ କରିବା ଦରକାର। ସିରିସେନା ଓ ରାଜପାକ୍‌ସେ ଚାଇନାର ଗୋଡ଼ାଣିଆ ସାଜିଥିବା ବିଷୟ ସମସ୍ତେ ଜାଣନ୍ତି। ତେଣୁ ନୂଆଦିଲ୍ଲୀ ପଡ଼ୋଶୀ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରି 'ଅପେକ୍ଷା ଓ ସଜାଗ' ଶୈଳୀ ଆପଣାଇ ସେଠାକାର ଘଟଣାକ୍ରମ ଉପରେ ନଜର ରଖିବା ବିଜ୍ଞତାର ପରିଚୟ ହେବ ବୋଲି କୁହାଯାଉଛି।

## ଚିରନ୍ତନୀ

ପଲକହୀନ ନୟନ ତା'ର
ଅବଶ ହେଲା ପରାଣ–ଦ୍ୱାର
ସେ କେଉଁ ଦେଶେ ରହିଲା ଚାହିଁ
ସେ କେଉଁ ପରପାରେ!
ମୁଗ୍ଧ କବି ମୁରୁଛି ନାହିଁ ପାରେ।
(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 8 | 2 | 7 | | | | | | | | | E | A |
| | | | | C | 8 | 3 | | 0 | | | 5 | | | |
| | | | | 9 | | 2 | E | D | | | | | | 3 |
| | C | | | | | | | | | | | 9 | | |
| | | | 0 | | | A | 1 | | E | 4 | | | | 7 |
| C | 9 | | B | | 1 | E | | | | 2 | | | | 8 |
| | 7 | | | | | | | | 4 | | | | | |
| | | 0 | C | | 3 | D | 7 | 8 | 6 | | | | 2 | |
| 4 | E | | | A | 0 | 6 | B | | | | | 7 | | D |
| | | 5 | | 8 | D | | | | | | 1 | | 6 | |
| | | | | | | 4 | 5 | | 1 | | | | 9 | B |
| | B | 9 | | | 5 | | 3 | | | | | E | D | |
| E | 5 | | 9 | 6 | | C | D | | | | 3 | | | |
| A | 6 | 4 | 1 | | | | 0 | 9 | | 7 | | | | |
| 3 | | | | | | 7 | | A | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 3 | 9 | 6 | A | 1 | 2 | 5 | 0 | E | B | 7 | D | 8 | C |
| 7 | 5 | 1 | 4 | 9 | C | E | D | B | 6 | 8 | 0 | 2 | A | 3 |
| A | C | 8 | 2 | B | E | 1 | 7 | 3 | 4 | 5 | D | 0 | 9 | 6 |
| 0 | B | 2 | D | 5 | 3 | 8 | 6 | 9 | C | A | 1 | 4 | 7 | E |
| E | 6 | D | 0 | 8 | 7 | C | A | 4 | 2 | 9 | 3 | 1 | 5 | B |
| C | D | 7 | 3 | 0 | 2 | 6 | 1 | 8 | A | E | 5 | B | 4 | 9 |
| B | 8 | 5 | E | 4 | A | 3 | 9 | C | D | 1 | 2 | 6 | 0 | 7 |
| 2 | 1 | 0 | 7 | 6 | 8 | 5 | B | E | 3 | 4 | 9 | A | C | D |
| 3 | 9 | 4 | C | D | B | 7 | 2 | A | 0 | 6 | 8 | 5 | E | 1 |
| 6 | E | A | 5 | 1 | 9 | 4 | 0 | D | 7 | C | B | 8 | 3 | 2 |
| 9 | A | C | B | 3 | 0 | D | 4 | 1 | 5 | 2 | E | 7 | 6 | 8 |
| 5 | 2 | 6 | 1 | E | 4 | 0 | 8 | 7 | B | 3 | C | 9 | D | A |
| 8 | 7 | B | 9 | C | D | A | E | 6 | 1 | 0 | 4 | 3 | 2 | 5 |
| D | 4 | E | 8 | 2 | 6 | B | 3 | 5 | 9 | 7 | A | C | 1 | 0 |
| 1 | 0 | 3 | A | 7 | 5 | 9 | C | 2 | 8 | D | 6 | E | B | 4 |

ଗତକାଲିର ଉତ୍ତର

# ୨୦୧୯ରେ ମହାମେଣ୍ଟ : ଆଶା ଓ ଆଶଙ୍କା



ସହଦେବ ସାହୁ

୨୦୧୯ର ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ନ ଥିବା ଦଳର ନେତାଏ ଏକ ମହାମେଣ୍ଟ ଗଢ଼ିବାର ଚେଷ୍ଟା କରୁଛନ୍ତି। ଏ ଚେଷ୍ଟା ପ୍ରବଳ ରୂପ ଧାରଣ କରିଛି ରାଜସ୍ଥାନ ଓ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଭାଜପାର କ୍ଷତି ଘଟିଥିବାରୁ। ନଭେମ୍ବର ପ୍ରଥମ ସପ୍ତାହରେ କର୍ଣ୍ଣାଟକ ଉପନିର୍ବାଚନରେ କଂଗ୍ରେସ–ଜେଡିଏସ୍ ହାତ ମିଳାଇ ୩ଟି ଲୋକ ସଭା ଆସନରୁ ୨ଟି ଜିତି ଦେଖାଇଛି ଯେ ବିରୋଧୀ ଦଳମାନେ ମିଶି ଗୋଟିଏ ପ୍ରାର୍ଥୀ ଦେଲେ ଜିତିବା ସମ୍ଭାବନା ବେଶି। କିନ୍ତୁ ଜିତିବାର ବ୍ୟବଧାନ ଏତେ ବେଶି ହେବ ବୋଲି ଆଶାକରାଯାଉ ନ ଥିଲା। ପ୍ରତ୍ୟେକ ଦଳର କିଛି ନା କିଛି ସମର୍ଥକ ଅଛନ୍ତି, ସେମାନେ ଦଳର ଛବିରେ ଭୋଟ ଦିଅନ୍ତି, ଦଳ ଯାହାକୁ ଛିଡା କରାଉ, ସେଥିରେ ଯା'ଆସ ନାହିଁ। ତିନିଚତୁର୍ଥାଂଶ ନିର୍ବାଚନମଣ୍ଡଳୀରେ ଜିତିଥିବା ପ୍ରାର୍ଥୀ ବା ଦଳ ଶତକଡା ୩୫ ଭାଗରୁ କମ୍ ଭୋଟ ପାଇଥାନ୍ତି, ବାକି ୬୫ ଭାଗ ବିଭିନ୍ନ ଦଳ ବା ପ୍ରାର୍ଥୀ ଭିତରେ ବାଣ୍ଟି ହୋଇଯାଏ। ନିର୍ବାଚନ ଅଙ୍କ କହେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ଗୋଟିଏ ପ୍ରାର୍ଥୀ ଦେଲେ ଜିତିବା ସମ୍ଭାବନା ବଢ଼ିଯାଏ। ଲଜିକ୍ କହେ, ତେଣୁ ଦଳମାନେ ଜଣେ ପ୍ରାର୍ଥୀକୁ ସମର୍ଥନ କଲେ ସମ୍ପୃକ୍ତ ଦଳଗୁଡିକର ଭୋଟ ସେ ପାଇଥାଏ। ମିଳିତ ସାମ୍ମୁଖ୍ୟର ଏହି ଗଣିତ କର୍ଣ୍ଣାଟକରେ କାମ ଦେଇଛି। କର୍ଣ୍ଣାଟକକୁ ଦକ୍ଷିଣଭାରତର ପ୍ରବେଶଦ୍ୱାର ବୋଲି ଭାବୁଥିବା ଭାଜପା ଏମିତି ହାରିବ ବୋଲି ଭାବି ନ ଥିବ। ଭାଜପାର ଦୁର୍ଗ କୁହାଯାଉଥିବା ବେଲାରୀରୁ ଦୁଇଲକ୍ଷ ଭୋଟ ବ୍ୟବଧାନରେ ହାରିବାର କାରଣ ଭାଜପା ଖୋଜୁଛି। ସିମୋଗା ବୋଲି ଯେଉଁ ଗୋଟିଏ ନିର୍ବାଚନ ମଣ୍ଡଳୀରୁ ଭାଜପା ଜିତିଛି ସେଠି ତାହାର ଭୋଟସଂଖ୍ୟା କମିଛି; ଜିତିବାର ବ୍ୟବଧାନ କମିଛି।

୨୦୧୪ ନିର୍ବାଚନ ପରଠାରୁ କଂଗ୍ରେସ ଗୋଟିକ ପରେ ଗୋଟିଏ ରାଜ୍ୟରେ (କେବଳ ପଞ୍ଜାବକୁ ଛାଡି) ହାରିବାରେ ଲାଗିଥିବା ବେଳେ ସମ୍ପ୍ରତି ରାଜସ୍ଥାନର ଅଲ୍‌ୱାର ଓ ଆଜମିରରେ ଜିତି ଏବଂ ପରେ କର୍ଣ୍ଣାଟକରେ ଜେଡିଏସ୍ ସହ ମିଶି ଜିତି ଆଶାୟୀ ହୋଇପଡିଛି। ଅବଶ୍ୟ ମଧ୍ୟପ୍ରଦେଶ ଓ ଛତିଶଗଡ ବିଧାନସଭା ନିର୍ବାଚନ କି ଫଳ ଦେଖାଇବ ତା' ଉପରେ ୨୦୧୯ ଲଢେଇର ରୂପରେଖ ନିର୍ଭର କରିବ। କିନ୍ତୁ ଜାତୀୟ ଦଳ କଂଗ୍ରେସ ହିସାବ କରିନେଲାଣି ଯେ ଆଞ୍ଚଳିକ ଦଳମାନଙ୍କ ସହ ବୁଝାମଣା କରିବାକୁ ହେଲେ ତା'ର ଜାତୀୟ ଚରିତ୍ରକୁ କିଛି ମାତ୍ରାରେ ବଳି ପକାଇବାକୁ ବାଧ୍ୟ।

ହିସାବରୁ ଜଣାଯାଏ, ଏବେ ବିରୋଧୀଦଳ ତାଲିକାରେ ଅତିକମ୍‌ରେ ୧୨ଟି ଦଳ ଅଛନ୍ତି। ସେମାନଙ୍କ ଭିତରୁ ଗୋଟିଏ ହେଲେ ଦଳର ନିଜ ଗୋଡରେ ଠିଆ ହୋଇ ଶାସକ ଦଳକୁ ଡରାଇବାର ସାମର୍ଥ୍ୟ ନାହିଁ। ଏପରି କି ଦୁଇ ତିନୋଟି ମିଶିଲେ ବି ୨୦୧୯ର ସାଧାରଣ ନିର୍ବାଚନରେ ଶାସକ ଦଳକୁ ଧମକ ଦେଇ ପାରିବେ ନାହିଁ। ତଥାପି ସେମାନେ ମିଳିତ ଭାବରେ ଭାଜପାର ସାମ୍ନା କରିବେ ବୋଲି କହୁଛନ୍ତି ଏବଂ ଏଥିଲାଗି ବଡ ବଡ କଥା ଓ ମହତ୍ ଉଦ୍ଦେଶ୍ୟ ବଖାଣୁଛନ୍ତି। ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ଏକ ମହାମେଣ୍ଟ ଗଢିବାର ଚେଷ୍ଟାରେ ବିଭିନ୍ନ ଦଳର ମୁଖ୍ୟମାନଙ୍କୁ ସାକ୍ଷାତ୍ କରୁଛନ୍ତି। କେତେକେ କହୁଛନ୍ତି ଧର୍ମନିରପେକ୍ଷ ପତାକା ତଳେ ମିଶି ଲଢିବା, ଆଉ କେତେକ କହୁଛନ୍ତି ଭାରତର ବିବିଧତା ରକ୍ଷା କରିବାକୁ ଲଢିବା, ପୁଣି ଆଉ କେତେକ କହୁଛନ୍ତି ଦେଶ ଓ ସମ୍ବିଧାନକୁ ରକ୍ଷା କରିବା। ଏତେ ବଡ ବଡ ମର୍ଯ୍ୟାଦାଜନକ ଉଦ୍ଦେଶ୍ୟ ୧୨ଟି ବିରୋଧୀ ଦଳଙ୍କର ଆଖଡାକୁ ଏକାଠି କରିବ ବୋଲି ସେମାନେ ଆଶା କରୁଛନ୍ତି। ଏଥିରେ ନୀତିନିୟମ ଯେତେ ନାହିଁ ଗାଦିକୁ ଆସିବାର ଲୋଭ ତାହାଠାରୁ ବେଶି।

ଭାଜପା ପରିଚାଳିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଲୋକ ସଭାର ମୋଟ ୫୪୩ ଆସନରୁ ୩୩୭ ପାଇଛି। ଏନ୍‌ଡିଏ ଦେଶର ୧୭ଟି ରାଜ୍ୟରେ ଶାସନ କରୁଛି। କର୍ଣ୍ଣାଟକକୁ ହାସଲ କରୁ କରୁ ହାତଛଡା କରିଛି। ଭାଜପା ନିଜେ ତ ୨୦୧୯ରେ ୩୫୦ରୁ ଅଧିକ ଆସନ ପାଇବାର ଲକ୍ଷ୍ୟ ରଖିଛି। ଦଳର ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ ସବୁଦିନେ ନିର୍ବାଚନୀ ଅଭିଯାନରେ ଅଛନ୍ତି। ଭାଜପାର ମୌକା ବଢାଇବା ପାଇଁ ସେ ଦେଶସାରା ୯୫ ଦିନ ଭ୍ରମଣ କରିବାର ଲକ୍ଷ୍ୟ ରଖିଛନ୍ତି। ପଦ୍ମ ଫୁଟିବାକୁ ରୋକିବାର ଗୋଟିଏ ଉପାୟ ହେଉଛି ବିରୋଧୀ ଦଳମାନେ ମିଶି ଏକ ସାମ୍ମୁଖ୍ୟ ଗଢିବା। କିନ୍ତୁ ଆମର ଇତିହାସ କହେ, ଏଭଳି ସୁବିଧାବାଦୀ ମିଳିତ ସରକାର ବେଶି ଦିନ ଟିକ୍ଷି ନାହିଁ। ଜାତୀୟ ସ୍ତରରେ ଏପରି ତିନି ତିନିଥର ବିରୋଧୀ ଦଳମାନଙ୍କ ମହାମେଣ୍ଟ ତିଆରି ହୋଇ ସରକାର ଗଢିଛନ୍ତି। କେହି ପୂରା ପାଞ୍ଚବର୍ଷ ଟିକ୍ଷି ନାହାନ୍ତି। ପ୍ରଥମ ଥିଲା ୧୯୭୭ ଇନ୍ଦିରା ଗାନ୍ଧୀ ଓ ତାଙ୍କ ଜରୁରିକାଳୀନ ପରିସ୍ଥିତି ବିରୋଧରେ ମହାମିଳନ। ସାମ୍ୟବାଦୀ ନେତା ଜୟପ୍ରକାଶଙ୍କ ଆନ୍ଦୋଳନ ଦ୍ୱାରା ଉଭୟ ବାମ ଓ ଦକ୍ଷିଣପନ୍ଥୀମାନେ ମିଶି ଜନତା ଦଳ ଗଢିଥିଲେ; ସେ ମିଳିତ ସରକାର ମାତ୍ର ୨ ବର୍ଷ ଟିକ୍ଷି ପାରିଲା। ୧୯୮୯ରେ ରାଜୀବ ଗାନ୍ଧୀଙ୍କ ସମୟର ଭ୍ରଷ୍ଟାଚାର ବିରୋଧରେ ପାଟି କରି ଭିପି ସିଂଙ୍କ ନେତୃତ୍ୱରେ ଜନତା ଦଳ ପତାକା ତଳେ ଆଉ ଗୋଟିଏ ସାମ୍ମୁଖ୍ୟ ତିଆରି ହେଲା। ତୃତୀୟ ପରୀକ୍ଷା ହେଲା ୧୯୯୬ରେ– ସାମ୍ମୁଖ୍ୟର ନାମ ହେଲା ୟୁନାଇଟେଡ୍ ଫ୍ରଣ୍ଟ। ସେ ବି ୨ବର୍ଷରୁ ବେଶି ଟିକ୍ଷିଲା ନାହିଁ।

ଏବେ ଯାହା ଜଣାଯାଉଛି କୌଣସି ବିରୋଧୀ ଦଳର ମୁଣ୍ଡରେ ପଶି ନାହିଁ ଯେ ସେମାନେ ୫ ବର୍ଷ ପାଇଁ ସରକାର ଗଢି ପାରିବେ। ଏବର ଏଜେଣ୍ଡା ହୋଇଛି ପ୍ରଥମେ ଯୋଡାଯୋଡି ହୋଇ ଲଢେଇ କରିବା। ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନର ଜଣେ ଛାତ୍ର ନୀତୀଶ କୁମାର ଯେତେବେଳେ ଲାଲୁ ଯାଦବଙ୍କ ସହ ମିଶି ଭାଜପାର ସାମ୍ବିଧାନିକ ଜରୁରୀ ବ୍ୟବସ୍ଥା ଚାଲୁ କରୁଥିବା ଉଦ୍ୟମ ବିରୋଧରେ କହୁଥିଲେ, ସେ ବେଳ ଆଉ ନାହିଁ। ନୀତୀଶଙ୍କ ଜେଡିୟୁ ଲାଲୁଙ୍କ ଆର୍‌ଜେଡି ସହିତ ଆଉ ମିଶି ରହି ନାହିଁ, ଭାଜପା ସହିତ ହାତ ମିଳାଇଛି। ଲୋକତାନ୍ତ୍ରିକ ଜନତା ଦଳର ଶରଦ ଯାଦବ ଏବେ ବି କହୁଛନ୍ତି ଯେ ଦେଶ ଓ ସମ୍ବିଧାନକୁ ରକ୍ଷା କରିବାପାଇଁ ସେକୁଲାର ଦଳମାନେ ମିଳିତ ହେବା ଦରକାର। ସେ ବେଳେ ବେଳେ କହୁଛନ୍ତି ଯେ ଏକ ମୁଖ୍ୟ ବିରୋଧୀଦଳର ନେତ୍ରୀ ହିସାବରେ ନେତୃତ୍ୱ ନେବାକୁ ସୋନିଆ ଗାନ୍ଧୀଙ୍କ ସହିତ କଥାବାର୍ତ୍ତା କରିଛନ୍ତି। ପୁଣି ମାୟାବତୀ ଓ ମମତା ବାନାର୍ଜୀଙ୍କ ସହିତ କଥା ହୋଇଛନ୍ତି। ତାଙ୍କ ମତରେ ଯଦି ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ ଓ ପଞ୍ଜାବ ମିଶି ପାରନ୍ତି ତେବେ ୨୦୧୯ରେ ଭାଜପାକୁ ରୋକି ହେବ। ସିପିଆଇ ଜାତୀୟ ସେକ୍ରେଟାରୀ ଡି. ରାଜା କହୁଛନ୍ତି, ଭାଜପା ଆରଏସ୍‌ଏସ୍‌ର ରାଜନୈତିକ ଅସ୍ତ୍ର ହେବା କାରଣରୁ ଡେମୋକ୍ରାଟିକ୍ ଓ ସେକୁଲାର ପାର୍ଟିମାନେ ଏକାଠି ହେବାକୁ ବାଧ୍ୟ ହେଉଛନ୍ତି। ରାଷ୍ଟ୍ରୀୟ ଲୋକ ଦଳର ପ୍ରତିଷ୍ଠାତା ଅଜିତ୍ ସିଂ କହୁଛନ୍ତି ସମଭାବାପନ୍ନ ଲୋକମାନଙ୍କ ସହିତ ସାମ୍ମୁଖ୍ୟ ଗଢିବାର ଆଲୋଚନା ଚାଲୁ ରହୁ। ମନେରଖିବା କଥା ରାଷ୍ଟ୍ରୀୟ ଲୋକ ଦଳ କେବଳ ପଶ୍ଚିମ ଉତ୍ତରପ୍ରଦେଶରେ ସୀମିତ ଥିଲା, ତାକୁ ବିଧାନସଭା ନିର୍ବାଚନରେ ଭାଜପା ସଫା କରିଦେଲା। ଦକ୍ଷିଣରେ କେରଳରେ ଇଣ୍ଡିଆନ୍ ୟୁନିୟନ ମୁସ୍‌ଲିମ୍ ଲିଗ୍‌ର ମୁଖ୍ୟ ପି.କେ. କୁହ୍ନାଲିକୁଟି କହୁଛନ୍ତି ଯେ, ସବୁ ବିରୋଧୀ ଦଳ ମିଶି ସାମ୍ମୁଖ୍ୟ ଗଢିଲେ ସିଏ ବି ଭାଗ ନେବେ। କେବଳ ସମାଜବାଦୀ ପାର୍ଟି ସହିତ ସୋନିଆ ଗାନ୍ଧୀ କଥାବାର୍ତ୍ତା କରିଛନ୍ତି ତାହା ନୁହେଁ, ସେ ଆର୍‌ଜେଡି ଓ ଓମାର ଅବଦୁଲ୍ଲାଙ୍କ ନ୍ୟାଶ୍‌ନାଲ କନ୍‌ଫରେନ୍ସ, ଶରଦ ପାୱାରଙ୍କ ନ୍ୟାଶ୍‌ନାଲ କଂଗ୍ରେସ ପାର୍ଟି (ଏନ୍‌ସିପି), ସିପିଏମ୍, ସିପିଆଇ, ଜେଡିୟୁ, ଏଚ୍‌ଡି ଦେବେଗୌଡାଙ୍କ ଜେଡିଏସ୍, ମମତାଙ୍କ ଟିଏମ୍‌ସି, ମାୟାବତୀଙ୍କ ବିଏସ୍‌ପି, ଏମ୍. କରୁଣାନିଧିଙ୍କ ଡିଏମ୍‌କେ ସହିତ କଥାବାର୍ତ୍ତା କରିଛନ୍ତି। ନବୀନ ପଟ୍ଟନାୟକଙ୍କ ବିଜେଡି ଏ ସମ୍ବନ୍ଧରେ ଅସ୍ପଷ୍ଟ ରହିଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଯ୍ୟେୱାଲା କହନ୍ତି, ଜଣେ ଲୋକ ସବୁ ନିଷ୍ପତ୍ତି ନେବ କହିବା ଏକଚ୍ଛତ୍ରବାଦ ଆଣିଦିଏ। ତେଣୁ ଡେମୋକ୍ରାସିରେ ବିଶ୍ୱାସ କରୁଥିବା ଲୋକେ ମିଶି ଏକ ବିକଳ୍ପ ସାମ୍ମୁଖ୍ୟ କରିବା ଦରକାର। ଏଭଳି ସମୀକରଣ ସଫଳ ହେବ ଯେତେବେଳେ ପୁରୁଣା ଶତ୍ରୁମାନେ ତିକ୍ତ ଅତୀତକୁ ଭୁଲିଯିବେ। ଟିଏମ୍‌ସି ଓ ବାମପନ୍ଥୀମାନଙ୍କ ମିଶିବା କିମ୍ବା ମୁଲାୟମ ଓ ମାୟାବତୀ ମିଶିବା ଅଥବା ଏଆଇଏଡିଏମ୍‌କେ ଓ ଡିଏମ୍‌କେ ମିଶିବା, ଏପରି କି ଏକା ମଞ୍ଚରେ ଠିଆ ହେବା, ଏଭଳି ଆଶା କରିବା ବାସ୍ତବତାର ଦିଗ୍‌ବଳୟକୁ ଠେଲିଦେବା ଭଳି ମନେହେଉଛି। ବଡ ପ୍ରଶ୍ନ ହେଉଛି ବିରୋଧୀ ଦଳମାନଙ୍କ ଭିତରେ ଏମର୍‌ଜେନ୍ସି ସମୟର ନେତାଙ୍କ ଭଳି ଉତ୍ତୁଙ୍ଗ ବ୍ୟକ୍ତି ଅଛନ୍ତି କି? ସେତେବେଳେ ଜୟପ୍ରକାଶ ନାରାୟଣଙ୍କ ଛଡା ବିଜୁ ପଟ୍ଟନାୟକ, ମୋରାରଜୀ ଦେଶାଇ, ରାଜ ନାରାୟଣ ଓ ଚରଣ ସିଂଙ୍କ ଭଳି ଅନେକ ନେତା ଥିଲେ। ଏଭଳି ଅସମ୍ଭବତାକୁ ଲକ୍ଷ୍ୟ କଲେ ଓମାର ଅବଦୁଲ୍ଲାଙ୍କ ଉତ୍ତରପ୍ରଦେଶ ଉପନିର୍ବାଚନ ପରର ଟୁଇଟ୍‌ମନେପଡେ '୨୦୧୯ ଭୁଲିଯାଅ , ୨୦୨୪ ପାଇଁ ପ୍ଲାନ୍ କର'।

ଇମେଲ୍: sahadevas@yahoo.com

# ଗଛ ଡାଳରେ ଶିକ୍ଷକ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ସ୍କୁଲ୍‌ରେ ପହଞ୍ଚିବା ମାତ୍ରେ ପାଠପଢ଼ାକୁ ପଛରେ ପକାଇ ଗଛ ଚଢ଼ିବାରେ ମନ ଦିଅନ୍ତି। ସାଧାରଣ ଭାବେ ଶିକ୍ଷାନୁଷ୍ଠାନରେ ଏମିତି କାର୍ଯ୍ୟକଳାପକୁ କେହି ବରଦାସ୍ତ କରିବେ ନାହିଁ। କିନ୍ତୁ ଏହା ଯେ ଅପରିହାର୍ଯ୍ୟ ଏବଂ ଏମିତି ଡାଳରୁ ଡାଳ ନ ଡେଇଁଲେ ଭେଳା ବୁଡିଯିବ, ଏବିଷୟରେ ଏହି ଗଛଚଢ଼ାଳିମାନେ ଅବଗତ। ଆମେ ଏଠାରେ ଯେଉଁ ଗଛ କଥା କହୁଛୁ, ତା'ର ଉଚ୍ଚତା ବେଶ୍ ଅଧିକ। ସମ୍ଭବତଃ ଚାଳିଶ ଫୁଟ। ସେଥିରେ ବହୁ ସଂଖ୍ୟକ ଶାଖା–ପ୍ରଶାଖା ବଙ୍କାଟଙ୍କା ଭାବେ ବଢିଛି। ଗଛ ଚଢିବାର ଅର୍ଥ ନୁହେଁ ଯେ ସେଥିରୁ ଫୁଲଫଳ ଇତ୍ୟାଦି ତୋଳିବା କିମ୍ବା ପାଠକୁ ଡରି ପତ୍ର ଗହଳ ମଧ୍ୟରେ ଆତ୍ମଗୋପନ କରିବା।

ପ୍ରକାଶ୍ୟ ଯେ, ଏହି ଗଛଚଢ଼ାଳିମାନେ ହେଉଛନ୍ତି ବିଦ୍ୟାଦାନ କରୁଥିବା ଶିକ୍ଷକ। ଗଛ ଗଣ୍ଡିକୁ ଧରି ଉପରକୁ ଉଠିବା ବେଳେ ସେମାନେ ନିଶ୍ଚିତ ଭାବେ ଟାବ୍‌ଲେଟ ହାତରେ ଧରିଥିବେ ଏବଂ ଆକାଂକ୍ଷିତ ଡାଳକୁ ଖୋଜୁଥିବେ। ସେତେବେଳ ଯାଏ ସେମାନଙ୍କ ଛାତି ଦକ୍ ଦକ୍ ହେଉଥିବ ଓ ସେମାନେ ଅଣନିଃଶ୍ୱାସୀ ହେଉଥିବେ।

ଶିକ୍ଷାନୁଷ୍ଠାନରେ ଅବସ୍ଥିତ ଏହି ପଳାଶ ଗଛଟି ଅତି ଆଶ୍ଚର୍ଯ୍ୟଜନକ ଭାବେ ଆମ ଦେଶରେ ପ୍ରଚଳିତ ଡିଜିଟାଲ ଇଣ୍ଡିଆର ଅଭାବନୀୟ ଦୃଶ୍ୟର ଏକ ନମୁନା ପ୍ରଦର୍ଶନ କରୁଛି। ଝାଡ଼ଖଣ୍ଡ ଅନ୍ତର୍ଗତ ପାଲାମୁ ଜିଲାର ସୋହରି ଖାସ୍ ଜନପଦଟି ଜିଲା ମହକୁମାଠାରୁ ଚାରି କିଲୋମିଟର ଓ ରାଞ୍ଚିଠାରୁ ୧୮୦ କିଲୋମିଟର ଦୂରରେ ଅଛି। ସେଠାରେ ଥିବା ଗୋଟିଏ ଅପଗ୍ରେଡେଡ୍ ପ୍ଲସ୍ ଟୁ ସ୍କୁଲରେ ଆଠ ଶହ ଛାତ୍ରୀଛାତ୍ରଙ୍କୁ ଛଅ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଗତ ସେପ୍ଟେମ୍ବର ୨୫ ତାରିଖରେ ସେଇ ସ୍କୁଲକୁ ଗୋଟିଏ ଇଲେକ୍ଟ୍ରୋନିକ ଟାବ୍‌ଲେଟ କର୍ତ୍ତୃପକ୍ଷଙ୍କ ତରଫରୁ ଦିଆଗଲା। ଉଦ୍ଦେଶ୍ୟ, ସ୍କୁଲରେ ଶିକ୍ଷକଙ୍କ ଉପସ୍ଥାନ ବାୟୋମେଟ୍ରିକ୍ ପଦ୍ଧତିରେ ନିଆଯିବ। ଏହାଦ୍ୱାରା ବିଳମ୍ବରେ ପହଞ୍ଚିବା ଘଟଣାକୁ ରୋକାଯାଇ ପାରିବ। ଶିକ୍ଷକମାନଙ୍କୁ ସମୟାନୁବର୍ତ୍ତୀ କରିବାକୁ ଏହା ଏକ ଆଧୁନିକ ପ୍ରୟୋଗ। ଏହା ପଛରେ କର୍ତ୍ତୃପକ୍ଷଙ୍କ ମହତ୍ ଉଦ୍ଦେଶ୍ୟ ନିଶ୍ଚୟ ଅଛି। ମଧ୍ୟାହ୍ନଭୋଜନ, ସ୍କୁଲରେ ଛାତ୍ର ଉପସ୍ଥାନ, ଅଧାରେ ପାଠ ଛାଡୁଥିବା ବିଦ୍ୟାର୍ଥୀ ଇତ୍ୟାଦି ବିଷୟ ମଧ୍ୟ ଏହି ଟାବ୍‌ଲେଟ ମାଧ୍ୟମରେ ମନିଟର କରିହେବ। ସର୍ବୋପରି ମାସକୁ ମାସ ଦରମା ନେଇ, ସ୍କୁଲକୁ ନ ଯାଇ ଅନ୍ୟ ବେପାରରେ ମାତୁଥିବା ଠକ ଶିକ୍ଷକଙ୍କୁ ଏହାଦ୍ୱାରା ସାବାଡ଼ କରିହେବ।

ଅବଶ୍ୟ ଏମିତି ଏକ ଉନ୍ନତ ପ୍ରଣାଳୀ ଓ ଆପ୍ ସକାଶେ ପଳାଶ ଗଛର ଆବଶ୍ୟକତା ନାହିଁ। ମାତ୍ର ଏହି ଟାବ୍‌ଲେଟ ୨ଜି ନେଟ୍‌ୱର୍କ ଦ୍ୱାରା ପରିଚାଳିତ। ପ୍ରଥମ ଜେନେରେଶନ (୧ଜି) ମୋବାଇଲ ଫୋନ୍ ଆନାଲୋଗ ହୋଇଥିବା ବେଳେ ୨ଜି ହେଉଛି ଡିଜିଟାଲ। ଏହି ୨ଜି ଟେକ୍ନୋଲୋଜିର କାର୍ଯ୍ୟକାରିତା ପାଇଁ ରେଡିଓ–ସିଗ୍‌ନାଲ ଆବଶ୍ୟକ, ଯାହାକି ରେଡିଓ ଟାୱାର ସହ ଅବଶିଷ୍ଟ ମୋବାଇଲ ସିଷ୍ଟମକୁ ସଂଯୋଗ କରେ। ଦୁର୍ଭାଗ୍ୟବଶତଃ ଝାଡ଼ଖଣ୍ଡର ସେଇ ସ୍କୁଲର ପ୍ରକୋଷ୍ଠ ମଧ୍ୟରେ ଆବଶ୍ୟକ ପରିମାଣର ଶକ୍ତିସମ୍ପନ୍ନ ସିଗ୍‌ନାଲ ଉପଲବ୍ଧ ହେଉନାହିଁ। ଭୂପୃଷ୍ଠଠାରୁ ଆଣ୍ଟେନାର ଉଚ୍ଚତା ଉପରେ ଏହା ନିର୍ଭରଶୀଳ ହେଉଥିବାରୁ ଏମିତି ଅସୁବିଧା ଦେଖାଦେଉଛି।

ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ସୋହରି ଖାସ୍ ସ୍କୁଲର ଶିକ୍ଷକମାନେ ଭୂପୃଷ୍ଠରୁ ଅଧିକ ଉଚ୍ଚତାରେ ଥିବା ଅଭିଳଷିତ ଶାଖାରେ ଅବତୀର୍ଣ୍ଣ ହେବା ପାଇଁ ପଳାଶ ଗଛ ଉପରକୁ ଯିବା ଲାଗି ବାଧ୍ୟ ହେଉଛନ୍ତି। ତଥାପି ବେଳେବେଳେ ଏହି ଗଛର ଉଚ୍ଚତା ରେଡିଓ–ସିଗ୍‌ନାଲକୁ ଧରିବାରେ ଅସମର୍ଥ ହୁଏ ଏବଂ ସେମାନଙ୍କ ଅନୁସନ୍ଧାନ ବ୍ୟର୍ଥ ହୁଏ। ସେତେବେଳେ ଶିକ୍ଷକମାନଙ୍କ ମଧ୍ୟରେ ଭାଳେଣି ପଡେ। ଉପସ୍ଥିତି ଚିହ୍ନଟ କରିବାରେ ଡେରି ହେଲେ ଦରମା କଟିଯିବା ସହ ଚାକିରିରେ ଆଞ୍ଚ ଆସିପାରେ। ତେଣୁ ଅନନ୍ୟୋପାୟ ହୋଇ ସେମାନେ ସତର୍କତାମୂଳକ ପଦକ୍ଷେପ ହିସାବରେ ୨ଜି ଟାବ୍‌ଲେଟର ପ୍ରୟୋଗ ପୂର୍ବରୁ ଯେଉଁ ପାରମ୍ପରିକ ପ୍ରଥା ସ୍କୁଲରେ ପ୍ରଚଳିତ ହେଉଥିଲା, ତାହାର ଆଶ୍ରୟ ନିଅନ୍ତି। ଅର୍ଥାତ୍ ବିକଳ୍ପ ଭାବେ ପୁରାତନ ପଦ୍ଧତି ଅନୁରୂପ ଉପସ୍ଥାନ ଖାତାଟିଏ ସ୍କୁଲରେ ରଖିଛନ୍ତି। ଅନ୍ତତଃ ଏହା ଗୋଟିଏ ଲିଖିତ ରେକର୍ଡ ହିସାବରେ ସେମାନଙ୍କ ରକ୍ଷାକବଚ ସାଜିବ। ଉଦ୍‌ବେଗର ବିଷୟ ଯେ, ସମ୍ପ୍ରତି ୨ଜିରୁ ୫ଜିରେ ଟେକ୍ନୋଲୋଜି ପହଞ୍ଚି ସାରିଲାଣି। କିନ୍ତୁ ଆମ ଦେଶରେ ୨ଜି ସ୍ତରରେ ବି ଆମେ ସର୍ବତ୍ର ସକ୍ଷମ ହୋଇପାରିନୁ। ଏହା ଆମ ଦୁଃସ୍ଥିତିକୁ ସୂଚାଏ।

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଜ୍ଞାନୋଦୟ ଯୋଜନାରେ ଗତବର୍ଷ ଏପ୍ରିଲ ମାସରେ ଏହାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାନୁସାରେ ବିଦ୍ୟାଳୟଗୁଡ଼ିକରେ ୪୧,୦୦୦ ଏଚ୍‌ପି ପ୍ରୋ ୮ ଟାବ୍‌ଲେଟ ୧–ବିଦ୍ୟାବାହିନୀ ଆପ୍ ସହ ସଂସ୍ଥାପିତ ହୋଇଥିଲା। କିନ୍ତୁ କେତେକ ଗ୍ରାମାଞ୍ଚଳରେ ସିଗ୍‌ନାଲ ଅଭାବ ବା ଅନ୍ୟ କାରଣରୁ ଏହା ବ୍ୟବହୃତ ନ ହୋଇ ପଡିରହିଛି। ଆଉ କେତେକ ସ୍କୁଲରେ ସିଗ୍‌ନାଲ ପାଇବା ପାଇଁ ଶିକ୍ଷକଙ୍କ ଗଛଚଢ଼ା ପରି ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳୁଛି। ଡିଜିଟାଲ ଇଣ୍ଡିଆ ଏହି ଅପବାଦରୁ ରକ୍ଷା ପାଇବ କେବେ?

ମୋ–୯୪୩୭୦୨୬୬୫୧

## ଏଇ ଭାରତରେ

୧୯୯୪ ମସିହାରେ ମାନବ ଅଙ୍ଗ ପ୍ରତିରୋପଣ ଅଧିନିୟମ ଜାରିହେବା ସତ୍ତ୍ୱେ ହୃତ୍‌ପିଣ୍ଡ ପ୍ରତିରୋପଣ ଖୁବ୍ କମ୍। ମଣିଷର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ହୃତ୍‌ପିଣ୍ଡ। ଏହା ଅଚଳ ହୋଇପଡିଲେ ମଣିଷର ମୃତ୍ୟୁ ଘଟେ। ତେବେ ଦିଲ୍ଲୀରେ ୩୪ ବର୍ଷର ଜଣେ ବ୍ୟକ୍ତି ଦାନ ହୃତ୍‌ପିଣ୍ଡ ଦ୍ୱାରା ନୂଆ ଜୀବନ ଲାଭ କରିପାରିଛନ୍ତି। ଓଖ୍‌ଲାସ୍ଥିତ ଫର୍ଟିସ୍ ଏସ୍‌କର୍ଟସ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ଚିକିତ୍ସାଧୀନ ଜଣେ ରୋଗୀଙ୍କର ହୃତ୍‌ପିଣ୍ଡ ଅକାମୀ ହୋଇଯିବା ଲକ୍ଷଣ ପ୍ରକାଶ ପାଇଥିଲା। ସରିତା ବିହାରସ୍ଥିତ ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲ୍‌ରେ ବ୍ରେନଡେଡ୍‌ର ଶିକାର ହୋଇଥିବା ୩୦ ବର୍ଷ ବୟସ୍କ ଜଣେ ରୋଗୀଙ୍କଠାରୁ ହୃତ୍‌ପିଣ୍ଡ କାଢ଼ି ନିଆଯାଇ ୩୪ ବର୍ଷୀୟ ଉକ୍ତ ରୋଗୀଙ୍କଠାରେ ପ୍ରତିରୋପଣ କରାଯାଇଛି। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ହୃତ୍‌ପିଣ୍ଡ ଦାନ କରିବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ଫର୍ଟିସ କାର୍ଡିଓ ଭାସ୍କୁଲାର ସର୍ଜରୀ ବିଭାଗର ନିର୍ଦ୍ଦେଶକ ଜେଡ୍. ଏସ୍. ମେହରୱାଲ୍‌ଙ୍କ ନେତୃତ୍ୱରେ ଏକ ଚିକିତ୍ସକ ଟିମ୍ ଉକ୍ତ ବ୍ୟକ୍ତିଙ୍କ ଶରୀରରୁ ଅସ୍ତ୍ରୋପଚାର ଦ୍ୱାରା ହୃତ୍‌ପିଣ୍ଡ କାଢ଼ିଥିଲେ। ପୋଲିସ ୩.୬ କିଲୋମିଟର ରାସ୍ତାକୁ ଗ୍ରୀନ୍ କରିଡରରେ ପରିଣତ କରି ମାତ୍ର ୩.୨୮ ମିନିଟ୍ ମଧ୍ୟରେ ହୃତ୍‌ପିଣ୍ଡକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାକୁ ସମର୍ଥ ହୋଇଥିଲା। ହୃତ୍‌ପିଣ୍ଡ ପ୍ରତିରୋପଣ ସଫଳ ହୋଇଥିବା ବେଳେ ରୋଗୀ ଜଣକ ଧୀରେ ଧୀରେ ସୁସ୍ଥ ହୋଇ ଉଠୁଛନ୍ତି। ବାସ୍ତବରେ ମୁମୂର୍ଷୁ ରୋଗୀଙ୍କର ହୃତ୍‌ପିଣ୍ଡ ଦାନ ଦ୍ୱାରା ଜଣଙ୍କ ଜୀବନ ଯେ ବଞ୍ଚିପାରିବ ଏ କଥା ସମସ୍ତେ ବୁଝିବା ଦରକାର।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ନଭେମ୍ବର ୧୯୯୩

- ଦେବଗଡ଼, ଝାରସୁଗୁଡ଼ା ଓ ବୌଦ୍ଧକୁ ଜିଲାରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବିଧାନସଭାରେ ଘୋଷଣା କରିଛନ୍ତି।
- ଶ୍ରୀଲଙ୍କାର ୭୫୦ ସୈନ୍ୟ ଏଲଟିଟିଇ ନିକଟରେ ଆତ୍ମସମର୍ପଣ କରିଛନ୍ତି ବୋଲି ଏଲଟିଟିଇ ପକ୍ଷରୁ କୁହାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଅଣଟି.ଜି. ଶିକ୍ଷକଙ୍କୁ ଆନ୍ତଃଜିଲା ବଦଳି ସୁବିଧା ଦିଆଯାଉ

ମହାଶୟ,

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବଦଳି ସମ୍ବନ୍ଧୀୟ ନିର୍ଦ୍ଦେଶନାମା ଅନୁଯାୟୀ ନିୟମିତ ଟି.ଜି. (କଳା ଓ ବିଜ୍ଞାନ) ଶିକ୍ଷକଙ୍କୁ ପ୍ରଶାସନିକ ତଥା ନିଜସ୍ୱ କ୍ଷେତ୍ରରେ ବଦଳରି ସୁବିଧା ଦେଇ ନିୟମିତ ଅଣଟି.ଜି. (ସଂସ୍କୃତ, ହିନ୍ଦୀ, ପିଇଟି ଇତ୍ୟାଦି) ଶିକ୍ଷକଙ୍କୁ ଆନ୍ତଃଜିଲା ବଦଳିର ସୁବିଧା ଦିଆଯାଇ ନାହିଁ। ନିଜସ୍ୱ କ୍ଷେତ୍ରରେ ସ୍ୱାମୀ ଓ ସ୍ତ୍ରୀ ସରକାରୀ ଚାକିରି କରୁଥିଲେ ଏକତ୍ର ସେବା ଦେବା ନିମନ୍ତେ ଆନ୍ତଃଜିଲା ବଦଳିର ବ୍ୟବସ୍ଥା ଥିଲେ ମଧ୍ୟ ନିୟମିତ ସଂସ୍କୃତ, ହିନ୍ଦୀ, ପିଇଟି ଆଦି ଅଣଟି.ଜି. ଶିକ୍ଷକମାନଙ୍କୁ ଏହି ନିୟମରୁ ବାଦ୍ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶନାମାରେ ଥିବା ଏହି ତ୍ରୁଟିପୂର୍ଣ୍ଣ ନିୟମକୁ ଅବିଳମ୍ବେ ସଂଶୋଧନ କରି ଘରଠାରୁ ଦୂରରେ ରହି ଅନ୍ୟ ଜିଲାରେ ଚାକିରି କରୁଥିବା ସ୍ୱାମୀ, ସ୍ତ୍ରୀ ଥିବା ଏହି ଶିକ୍ଷକଙ୍କୁ ଆନ୍ତଃଜିଲା ବଦଳିର ସୁବିଧା ଦେଇ ଏକତ୍ର ସେବା ଦେବା ନିମନ୍ତେ ବ୍ୟବସ୍ଥା କରିବାକୁ ସରକାରଙ୍କୁ ଅନୁରୋଧ।

ମନମୋହନ ଦାସ, ବାଙ୍କୀ, କଟକ

### ଦଫା ୪୯୭ର ଦଫାରଫା

ସୁପ୍ରିମକୋର୍ଟ ପାରିବାରିକ ବ୍ୟଭିଚାର ଅର୍ଥାତ୍ ଅନ୍ୟ ପୁରୁଷ କିମ୍ବା ସ୍ତ୍ରୀ ସଙ୍ଗରେ ଅନୈତିକ ସମ୍ପର୍କ ରଖିବା ଅପରାଧ ନୁହେଁ ବୋଲି ରାୟ ଦେଲେ। ଅତଏବ ବ୍ୟଭିଚାର ପାଇଁ ଆଇନଗତ ପର୍‌ମିଶନ ଦିଆଗଲା। ପୀଡିତ ସ୍ତ୍ରୀ କିମ୍ବା ପୁରୁଷ ଅନନ୍ୟୋପାୟ ହୋଇ ଆତ୍ମହତ୍ୟା କରିବ କିମ୍ବା ଅପରକୁ ହତ୍ୟା କରିବ। ଏହା ଦ୍ୱାରା ସମ୍ମାନ–ହତ୍ୟାର ବୃଦ୍ଧି ଘଟିବ ଏବଂ ଏହାର ସୁଦୂରପ୍ରସାରୀ କୁପ୍ରଭାବ ସମାଜ ଉପରେ ପଡିବ। ବ୍ୟଭିଚାର ପାଇଁ ସ୍ତ୍ରୀ ଓ ପୁରୁଷ ଉଭୟଙ୍କୁ ଦାୟୀ କରାଯିବା ଉଚିତ। ଆଇପିସି ଧାରା ୪୯୭କୁ ଉଚ୍ଛେଦ ନ କରି କିଛି ଯୁଗୋପଯୋଗୀ ପରିବର୍ତ୍ତନ କରାଯାଇପାରିଥାନ୍ତା। ବିବାହର ପବିତ୍ରତା, ସାମାଜିକ ପରମ୍ପରା, ଶାନ୍ତିଶୃଙ୍ଖଳା ଏବଂ ମଣିଷ ସମାଜର ଚିନ୍ତାଧାରାର ଉତ୍ଥାନପତନକୁ ଆଇନର ଧାରା ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ।

ନବ ପଟ୍ଟନାୟକ, ଅଇଁଠାପାଲି, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୧୪ରେ ବିଜେଡି ବିଧାୟକ ଦଳ ବୈଠକ

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ): ପଞ୍ଚଦଶ ବିଧାନସଭାର ଚତୁର୍ଦ୍ଦଶ ଅଧିବେଶନ ଆସନ୍ତା ୧୬ରୁ ଆରମ୍ଭ ହେବ। ଏହି ବିଧାନସଭା ଅଧିବେଶନ ଲାଗି ଶାସକ ବିଜେଡିର ବିଧାୟକ ଦଳ ବୈଠକ ଆସନ୍ତା ଗୁରୁବାର ବିଧାନସଭାର ୫୪ନମ୍ବର ପ୍ରକୋଷ୍ଠରେ ବସିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବିଧାୟକଦଳ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ। ମୁଖ୍ୟତଃ ୨୦୧୯ ନିର୍ବାଚନକୁ କମ୍ ସମୟ ଥିବାରୁ ଏହା ଶେଷ ଅଧିବେଶନ ହେବ ବୋଲି କୁହାଯାଉଛି। ଏହି ଅଧିବେଶନରେ ଶାସକ ଦଳ କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିବ। ତେଣୁ ଏନେଇ ବୈଠକରେ ଆଲୋଚନା କରାଯିବା ସହିତ ବିରୋଧୀଙ୍କୁ ମୁକାବିଲା କରିବା ପାଇଁ ରଣନୀତି ପ୍ରସ୍ତୁତ ହେବ। ଏଥିପାଇଁ କେନ୍ଦ୍ର ବିରୋଧୀ ସ୍ୱରକୁ ଶାସକ ଦଳ ଜୋର୍‌ଦାର କରିବ ବୋଲି ଜଣାପଡିଛି।

### ନିରଞ୍ଜନଙ୍କୁ ମୟୂରଭଞ୍ଜ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ସମାଲୋଚନା

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ): ୨୦୧୯ ନିର୍ବାଚନ ପୂର୍ବରୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭାବେ ନିରଞ୍ଜନ ପଟ୍ଟନାୟକଙ୍କୁ ଦାୟିତ୍ୱ ମିଳିଛି। ମାତ୍ର ନିରଞ୍ଜନ ଦାୟିତ୍ୱ ନେବା ପରେ ବିଭିନ୍ନ ନିଷ୍ପତ୍ତି ନେଇ ସମାଲୋଚିତ ହେଉଥିବା ଲକ୍ଷ୍ୟ କରାଯାଉଛି। କିଛିଦିନ ତଳେ ରାଜ୍ୟର ବିଭିନ୍ନ ଜିଲାରେ କଂଗ୍ରେସ ସଭାପତି ଚୟନ କରାଯାଇଥିଲା। ଏହାକୁ ନେଇ ଦଳ ଭିତରେ ବହୁ ଦ୍ୱନ୍ଦ୍ୱ ଉପୁଜିଥିଲା। ଏବେ ମୟୂରଭଞ୍ଜ ଜିଲାର କାର୍ଯ୍ୟକର୍ତ୍ତା ତଥା ନିର୍ବାଚନମଣ୍ଡଳୀସ୍ତରୀୟ ସଭାପତି ଚୟନକୁ ନେଇ ନିରଞ୍ଜନ ସମାଲୋଚନାର ଶିକାର ହୋଇଛନ୍ତି। ଆସନ୍ତା ୧୪ରେ ଦଳ ପକ୍ଷରୁ ମୟୂରଭଞ୍ଜ ଜିଲାରେ ଜନଜାଗରଣ ଯାତ୍ରା କାର୍ଯ୍ୟକ୍ରମ କରିବା ପାଇଁ ଯୋଜନା ସ୍ଥିର କରାଯାଇଛି। ମାତ୍ର ମୟୂରଭଞ୍ଜ ଜିଲା କାର୍ଯ୍ୟକ୍ରମ ପୂର୍ବରୁ ଜିଲାସ୍ତରର ନେତା ଓ କର୍ମୀମାନେ ପିସିସି ସଭାପତିଙ୍କ ନିଷ୍ପତ୍ତିକୁ ବିରୋଧ କରି ସଭା କରିଥିବା ଜଣାପଡିଛି। ନିରଞ୍ଜନ ଦଳର ସଭାପତି ଦାୟିତ୍ୱ ହାତେଇବା ପରେ ଜିଲାର ସାଙ୍ଗଠନିକ ଦାୟିତ୍ୱ ବଣ୍ଟନରେ ଅନିୟମିତତା ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ବିଜେଡିକୁ ପୁଣି ଶାସନ ଗାଦିରେ ବସାଇବାକୁ ନିରଞ୍ଜନ ସଙ୍କଳ୍ପବଦ୍ଧ ଥିବା ଜିଲା କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ ଆଣିଛନ୍ତି। ଯଦି ନିରଞ୍ଜନ ତାଙ୍କ ଆଭିମୁଖ୍ୟ ପରିବର୍ତ୍ତନ ନ କରନ୍ତି ତେବେ ଜିଲାର କାର୍ଯ୍ୟକର୍ତ୍ତାମାନେ କଂଗ୍ରେସ ମୁଖ୍ୟାଳୟଠାରେ ଧାରଣା ଦେବେ ବୋଲି ଚିଠି ଦ୍ୱାରା ଖୋଲା ଆହ୍ୱାନ ଜଣାଇଛନ୍ତି।

■ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ଲାଟିନମ୍ ଜୟନ୍ତୀ ସ୍ମାରକୀ ବକ୍ତୃତା

# ଭାରତର କଳା ସଂସ୍କୃତିରେ ଜାପାନବାସୀ ଅନୁପ୍ରାଣିତ

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

ଭାରତ ଏବଂ ଜାପାନ ମଧ୍ୟରେ ସମ୍ପର୍କ ବହୁ ପୁରୁଣା। ଜାପାନର କଳା ସଂସ୍କୃତି, ପରମ୍ପରା, ସାହିତ୍ୟ, ଐତିହ୍ୟ ଓ ରାଜନୀତି ସହ ଭାରତର ସାମଞ୍ଜସ୍ୟ ରହିଛି। ଭାରତର କଳା ସଂସ୍କୃତିରେ ଜାପାନବାସୀ ଅନୁପ୍ରାଣିତ ହୋଇଛନ୍ତି। ଏହି ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ମଜଭୁତ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଭାରତ ଓ ଜାପାନ ମଧ୍ୟରେ ଅର୍ଥନୀତି, ବ୍ୟବସାୟିକ ଓ ସାଂସ୍କୃତିକ ସମ୍ପର୍କ ଦୃଢ଼ କରିବାକୁ ହେଲେ ଉଭୟ ଦେଶର ଲୋକଙ୍କ ମଧ୍ୟରେ ଭାବବିନିମୟ ଜରୁରୀ ବୋଲି ଜାପାନ ରାଷ୍ଟ୍ରଦୂତ କେନ୍‌ଜି ହିରାମାତ୍ସୁ କହିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ସ୍ମାରକୀ ବକ୍ତୃତାର ନୂତନ ଯୁଗରେ

**ନୂତନ ଯୁଗରେ ଭାରତ-ଜାପାନ ସମ୍ପର୍କ**

ଭାରତ-ଜାପାନ ସମ୍ପର୍କ ଶୀର୍ଷକ ଆନ୍ତର୍ଜାତିକ ଆଲୋଚନାଚକ୍ର ସୋମବାର ବିଶ୍ୱବିଦ୍ୟାଳୟ ପିଜି ପରିଷଦ ହଲ୍‌ରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜାପାନ ରାଷ୍ଟ୍ରଦୂତ ହିରାମାତ୍ସୁ ଯୋଗଦେଇ କହିଛନ୍ତି, ସଡ଼କ ନିର୍ମାଣ, ଗମନାଗମନ ବ୍ୟବସ୍ଥା ଏବଂ ପ୍ରତ୍ୟେକ ସ୍ଥାନକୁ ସଂଯୋଗୀକରଣ ହେଉଛି ଜାପାନ ସରକାରଙ୍କ ଆଭିମୁଖ୍ୟ। ମୁମ୍ବାଇ- ଅହମ୍ମଦାବାଦ ଦ୍ରୁତଗାମୀ ରେଳ ପ୍ରକଳ୍ପ ୨୦୧୮ ଶେଷ ସୁଦ୍ଧା ସରିବ। ଏହା ଘଣ୍ଟା ପ୍ରତି ୩୫୦ କିଲୋମିଟର ବେଗରେ ଗତି କରିବ। ମୁମ୍ବାଇ-ଅହମ୍ମଦାବାଦ ଦ୍ରୁତଗାମୀ ରେଳ ୨ ଘଣ୍ଟାରେ ପ୍ରାୟ ୫୦୫ କିଲୋମିଟର ଯାଇପାରିବ। ଦିଲ୍ଲୀରେ ମେଟ୍ରୋ ଟ୍ରେନ୍ ଚଳାଚଳର ସଫଳତା ପରେ ଦେଶର ଅନ୍ୟ ବଡ଼ ସହରରେ ଏହା ପ୍ରଚଳନ ପାଇଁ ଯୋଜନା କରାଯାଉଛି। ଆକ୍ଟ ଇଷ୍ଟ ଫୋରମ୍ ଜରିଆରେ ଉତ୍ତର-ପୂର୍ବ ଭାରତର ବିକାଶ ହେବ ବୋଲି ହିରାମାତ୍ସୁ କହିଛନ୍ତି।

ଜାପାନ ବିଦେଶ ସ୍ୱେଚ୍ଛାସେବୀ ସହଯୋଗ (ଜେଓସିଭି)ରେ ସ୍ୱାସ୍ଥ୍ୟ, କୃଷି, ଭାଷା, ଶିକ୍ଷା, କ୍ରୀଡ଼ା ଏବଂ ଜୀବନଜୀବିକାରେ ଆର୍ଥିକ ବିକାଶ ଲାଗି ୨୦୦ରୁ ଅଧିକ ଯୁବପିଢ଼ିଙ୍କୁ ଭାରତରେ ନିୟୋଜିତ କରାଯାଇଛି। ଜାପାନ ସରକାରଙ୍କ ପକ୍ଷରୁ ଭାରତର ବିକାଶ ପାଇଁ ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ନିବେଶ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଦ୍ୱାରା ଜାପାନ ଓ ଭାରତ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ ହେବା ସହିତ ଜାପାନର ବହୁମୁଖୀ କମ୍ପାନୀଗୁଡ଼ିକ ସେମାନଙ୍କ ଶାଖା କାର୍ଯ୍ୟାଳୟ ଭାରତରେ ପ୍ରତିଷ୍ଠା କରିବେ। ଉଭୟ ଦେଶର ଉତ୍ପାଦିତ ଦ୍ରବ୍ୟ ମଧ୍ୟରେ ବାଣିଜ୍ୟିକ ବିନିମୟ କରାଯିବାକୁ ଯୋଜନା ରହିଛି ବୋଲି ହିରାମାତ୍ସୁ ପ୍ରକାଶ କରିଛନ୍ତି।

ମାନବ ବିଜ୍ଞାନ ବିଭାଗର ଜାପାନୀ ଭାଷା ପାଇଲଟ୍ ପ୍ରକଳ୍ପ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମାନବ ବିଜ୍ଞାନ ବିଭାଗ ମୁଖ୍ୟ ଡ. ପ୍ରସନ୍ନ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୀରୁ ନିର୍ବାଚନ ଲଢ଼ିପାରନ୍ତି ମୋଦି: ଦିଲୀପ

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)



୨୦୧୯ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀ ଲୋକ ସଭା ଆସନରୁ ଲଢିବେ ବୋଲି ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପୂର୍ବରୁ କେତେକ ଜାତୀୟ ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରକାଶ ପ୍ରକାଶ ପାଇବାପରେ ଏହାକୁ ନେଇ ସବୁଆଡେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ସମୟରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ମଧ୍ୟ ମୋଦି ପୁରୀରୁ ନିର୍ବାଚନ ଲଢିବା ପାଇଁ ରାଜ୍ୟ ନେତୃବୃନ୍ଦ ପ୍ରସ୍ତାବ ଦେଇଥିବା କହିଥିଲେ। ଏହାପରେ ଏ ସମ୍ବନ୍ଧୀୟ ଆଲୋଚନା କିଛି ମାତ୍ରାରେ ଥମି ଯାଇଥିଲା। କିନ୍ତୁ ପଶ୍ଚିମବଙ୍ଗ ଭାଜପା ମୁଖ୍ୟ ଦିଲୀପ ଘୋଷ ଏନେଇ ସୋମବାର ମତ ରଖିବାପରେ ପୁଣିଥରେ ମୋଦି ପୁରୀରୁ ନିର୍ବାଚନ ଲଢିବା ନେଇ ଚାଲିଥିବା ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

ଦିଲୀପ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ପୁରୀରୁ ପ୍ରାର୍ଥୀ ହୋଇପାରନ୍ତି। ଏନେଇ ଦଳରେ ବିଚାରବିମର୍ଶ ଚାଲିଛି। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ପଶ୍ଚିମବଙ୍ଗରୁ ଦଳ ପ୍ରାର୍ଥୀ କରିପାରେ ବୋଲି ଦିଲୀପ କହିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଭାଜପା ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଶାହ ଓଡିଶା ଓ ପଶ୍ଚିମବଙ୍ଗକୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ମୋଦି ଏବଂ ଶାହଙ୍କ ଫୋକସ୍‌ରେ ପୂର୍ବ ଭାରତ ରହିଛି। ଓଡିଶା, ପଶ୍ଚିମବଙ୍ଗ ଏବଂ ଉତ୍ତରପୂର୍ବର ୮ଟି ପ୍ରଦେଶକୁ ଶାହ ଫୋକସ୍ କରିଛନ୍ତି। ପୂର୍ବ ଭାରତରେ ଥିବା ରାଜ୍ୟଗୁଡିକରେ ୮୮ଟି ଲୋକ ସଭା ଆସନ ରହିଛି। ଅନ୍ୟପଟେ ୨୦୧୪ରେ ମୋଦି ବାରାଣସୀରୁ ପ୍ରତିଦ୍ୱନ୍ଦ୍ୱିତା କରିବାର ପ୍ରଭାବ ପୂର୍ବାଞ୍ଚଳ ଉପରେ ପଡିଥିଲା। ବାରାଣସୀରେ ଲଢି ମୋଦି ବିହାର ଉପରେ ମଧ୍ୟ ପ୍ରଭାବ ପକାଇ ପାରିଥିଲେ। ତେଣୁ ମୋଦି ପୁରୀରୁ ନିର୍ବାଚନ ଲଢିଲେ ପଶ୍ଚିମବଙ୍ଗ ଉପରେ ମଧ୍ୟ ପ୍ରଭାବ ପଡିବ ବୋଲି କୁହାଯାଉଛି। ଅନ୍ୟପଟେ ଏନେଇ କେନ୍ଦ୍ର ଗୁଇନ୍ଦା ଅଫିସର୍ ଆସି ପୁରୀରେ ସର୍ଭେ କରିଥିବା ଚର୍ଚ୍ଚା ହେଉଥିଲା। ତେଣୁ ବର୍ତ୍ତମାନ ମୋଦି ପୁରୀରୁ ନିର୍ବାଚନ ଲଢିବା ନେଇ ଚାଲିଥିବା ଚର୍ଚ୍ଚା ଅଧିକ ଦୃଢୀଭୂତ ହୋଇଛି।

■ ପୁରୀ ବନ୍ଦ ପାଳନରେ ହିଂସା ଘଟଣା

# ବିରୋଧୀଙ୍କୁ ଫସାଇବାକୁ ଏଭଳି ଷଡ଼ଯନ୍ତ୍ର: କଂଗ୍ରେସ

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

ଧାଡିଦର୍ଶନକୁ ବିରୋଧ କରି ଗତ ଅକ୍ଟୋବର ୩ରେ ଜଗନ୍ନାଥ ସେନା ପକ୍ଷରୁ ପୁରୀ ବନ୍ଦ ଡାକରା ଦିଆଯାଇଥିଲା। ଏହି ସମୟରେ ପୁରୀରେ ଯେଉଁ ହିଂସାକାଣ୍ଡ ଘଟିଲା, ଉକ୍ତ ଘଟଣାରେ କଂଗ୍ରେସ ସିଧାସଳଖ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ବନ୍ଦ ପାଳନର ଯଥେଷ୍ଟ ପୂର୍ବରୁ ଉକ୍ତ ସଙ୍ଗଠନ ବିଧିବଦ୍ଧ ଭାବେ ଜିଲା ପ୍ରଶାସନକୁ ଏନେଇ ଜଣାଇବା ସହିତ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହି ବନ୍ଦ ଡାକରାକୁ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ତାଙ୍କର ସମର୍ଥନ ଘୋଷଣା କରିଥିଲେ। ମାତ୍ର କେଉଁ ଉଦ୍ଦେଶ୍ୟ ରଖି ଜିଲା ପ୍ରଶାସନ ବନ୍ଦ ପାଳନ ସମୟରେ ଠିକ୍‌ଭାବେ ସୁରକ୍ଷା ବ୍ୟବସ୍ଥା କରି ନ ଥିଲେ ତାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି।

ସୋମବାର କଂଗ୍ରେସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି ଯେ, ସମ୍ଭାବ୍ୟ ଅପ୍ରୀତିକର ପରିସ୍ଥିତିକୁ ଏଡାଇ ଦେବାଲାଗି ଏପରିକି ସାଧାରଣ ଦିନଗୁଡ଼ିକରେ ସିଂହଦ୍ୱାର ସମ୍ମୁଖରେ ଯେଉଁ



ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

ସୁରକ୍ଷା ବ୍ୟବସ୍ଥା ରଖିବା କଥା ତାହା ଠିକ୍ ଭାବରେ ବ୍ୟବସ୍ଥିତ କରାଯାଇ ନ ଥିଲା। ଫଳରେ ଜିଲା ପ୍ରଶାସନର ନିଷ୍କ୍ରିୟତାକୁ ହୃଦୟଙ୍ଗମ କରି ଅପରାଧୀମାନେ ଭଙ୍ଗାରୁଜା ଓ ପୋଡାଜଳା ଆରମ୍ଭ କରିଥିଲେ। ଗୋଟିଏ ଘଣ୍ଟାରେ ଭଙ୍ଗାରୁଜା ଓ ପୋଡାଜଳା ଜୋର୍‌ଦାର ହୋଇଥିବା ଖବର ପାଇବା ପରେ ମଧ୍ୟ ପୋଲିସ ଓ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲେ। ଫଳରେ ଏହି ହିଂସା ଉଗ୍ରରୂପ ନେଇଥିଲା। ପ୍ରାୟ ୫ଘଣ୍ଟା ପର୍ଯ୍ୟନ୍ତ କୌଣସି ପୋଲିସ ଅଧିକାରୀ ଓ ସୁରକ୍ଷାକର୍ମୀ ହିଂସାକାରୀଙ୍କୁ ରୋକିବା ପାଇଁ ଚେଷ୍ଟା ନ କରିବା ଏହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ପର୍ଯ୍ୟାପ୍ତ ପରିମାଣର ସୁରକ୍ଷାବଳ ଥାଇ କେଉଁ କାରଣରୁ ଜିଲା ପ୍ରଶାସନ ପୂର୍ବପ୍ରସ୍ତୁତି କରି ନ ଥିଲା ତାହା ବର୍ତ୍ତମାନ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ପରେ ପ୍ରଶାସନ ଏବେ ବିରୋଧୀଙ୍କ ପଛରେ ପଡିଯାଇଛି। ତେଣୁ ଏଥିରୁ ସ୍ପଷ୍ଟ ପ୍ରମାଣ ହେଉଛି ପୁରୀ ବନ୍ଦ ସମୟର ହିଂସାକାଣ୍ଡ ବିରୋଧୀମାନଙ୍କୁ ଫସାଇବା ପାଇଁ ସରକାରଙ୍କ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିଲା ବୋଲି କହି ନିଶିକାନ୍ତ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ପୁରୀରେ ପର୍ଯ୍ୟାପ୍ତ ପରିମାଣରେ ସୁରକ୍ଷାବଳ ଥାଇ ମଧ୍ୟ କାହିଁକି ପ୍ରଶାସନ ସମ୍ଭାବ୍ୟ ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ପୂର୍ବ ପ୍ରସ୍ତୁତି କରି ନଥିଲା ଏବଂ ଯେଉଁ ଅଧିକାରୀଙ୍କ ପାଇଁ ପୁରୀ ଭଳି ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପର୍ଯ୍ୟଟନସ୍ଥଳୀରେ ହିଂସାକାଣ୍ଡ ଘଟିଲା ଯାହା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗ ପ୍ରତି କୁଠାରାଘାତ କରିଛି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ମିଶ୍ର ଦାବି କରିଛନ୍ତି।

■ ଆର୍‌ବିଆଇ-ସରକାର ବିବାଦ

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଉର୍ଜିତ

ନୂଆଦିଲ୍ଲୀ,୧୨।୧୧

ଗତ କିଛି ଦିନ ହେଲା ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ବିବାଦ ଲାଗି ରହିଛି। ଏହାକୁ ସମାଧାନ କରିବା ଲକ୍ଷ୍ୟରେ ଗଭର୍ଣ୍ଣର ଉର୍ଜିତ ପଟେଲ ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି ବୋଲି କୁହାଯାଉଛି।

ମିଳିଥିବା ସୂଚନାରୁ ଜଣାପଡିଛି ଯେ, ଆର୍‌ବିଆଇ ଗଭର୍ଣ୍ଣର ଗତ ଶୁକ୍ରବାର ଦିଲ୍ଲୀରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ(ପିଏମ୍‌ଓ)ର ବରିଷ୍ଠ ଅଧିକାରୀଙ୍କୁ ଭେଟିଥିଲେ। ସେ ପ୍ରଧାନମନ୍ତ୍ରୀ ନିବାସକୁ ଯାଇ ମୋଦିଙ୍କୁ ସାକ୍ଷାତ କରିଥିଲେ। ବ୍ୟାଙ୍କିଙ୍ଗ ସେକ୍ଟର ପାଇଁ ରିଜର୍ଭ ବ୍ୟାଙ୍କ ନିୟମ କୋହଳ କରୁ ଏବଂ ନିଜ ନିକଟରେ ରଖିଥିବା ବଳକା ଅର୍ଥ ସରକାରଙ୍କୁ ଦେବା ନେଇ ବିବାଦ ସୃଷ୍ଟି ହୋଇଛି। ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗକୁ ଅଧିକ ପାଣ୍ଠି ଯୋଗାଣ ଲାଗି ଆର୍‌ବିଆଇ ରାଜି ହୋଇଥିବା କୁହାଯାଉଛି। ତେବେ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାଙ୍କୁ ସହାୟତା ଲାଗି ସରକାର ଓ ଆର୍‌ବିଆଇ ମଧ୍ୟରେ ସହମତି ହୋଇଛି କି ନା ତାହା ଏବେ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ସୂଚନାଥାଉ କି, ଡେପୁଟି ଗଭର୍ଣ୍ଣର ବିରଲ ଆଚାର୍ଯ୍ୟ ମତଭେଦକୁ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଖୋଲାଖୋଲି ମନ୍ତବ୍ୟ ଦେବା ପରେ ବିବାଦ ପଦାକୁ ଆସିଥିଲା। ଆସନ୍ତା ୧୯ରେ ବୋର୍ଡ ବୈଠକ ବସିବାକୁ ଯାଉଛି। ଏଥିରେ ମତଭେଦ ଝଡ଼ର ରୂପ ନେବ ବୋଲି କୁହାଯାଉଛି। କାରଣ ଆର୍‌ବିଆଇର କେତେକ ନିଷ୍ପତ୍ତିକୁ ସରକାରଙ୍କ ଦ୍ୱାରା ମନୋନୀତ ଏବଂ କିଛି ସ୍ୱାଧୀନ ନିର୍ଦ୍ଦେଶକ ବିରୋଧ କରିଛନ୍ତି। ସରକାରଙ୍କ ଦାବି ମାନି ନେବା ପାଇଁ ସେମାନେ ଚାପ ପକାଇବେ ବୋଲି ଜଣାପଡିଛି।

# ଶେଷହେଲା ଭାଜପାର ଯୁବ ଅଧିକାର ସଂଘର୍ଷ ପଦଯାତ୍ରା

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ): ଶାସକ ବିଜେଡି ବିରୋଧରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆରମ୍ଭ ହୋଇଥିବା ୨ ଦିନିଆ 'ଯୁବ ଅଧିକାର ସଂଘର୍ଷ ପଦଯାତ୍ରା' ସୋମବାର ଶେଷ ହୋଇଛି। ଗୋଟିଏପଟେ ରାଜ୍ୟ ସରକାର ଯୁବତୀଯୁବକମାନଙ୍କୁ ନିଯୁକ୍ତି ଦେଇପାରୁ ନାହାନ୍ତି ଅନ୍ୟପଟେ କୋଟିକୋଟି ଟଙ୍କା ବ୍ୟୟ କରି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଦ୍ୱାରା ନିର୍ବାଚନୀ ଚାନ୍ଦା ସଂଗ୍ରହରେ ମାତିଛନ୍ତି। ନିର୍ବାଚନ ପୂର୍ବରୁ ନିଯୁକ୍ତି ଏବଂ ଶିଳ୍ପ ବିକାଶ ନାଁରେ ଏଭଳି ଏକ ଭବ୍ୟ ଆୟୋଜନ କରିବା କେବଳ ପ୍ରଚାରସର୍ବସ୍ୱ ବୋଲି ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ କହିଛନ୍ତି। ଏହି ପଦଯାତ୍ରା ରବିବାର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ମଧୁବାବୁଙ୍କ ଜନ୍ମସ୍ଥାନ କଟକ ସତ୍ୟଭାମାପୁରରୁ ଆରମ୍ଭ ହୋଇ କଟକ ଜଗତପୁର ଛକ ଦେଇ ପ୍ରତାପନଗରୀରେ ପହଞ୍ଚିଥିଲା। ସୋମବାର ସକାଳୁ ଏହି ପଦଯାତ୍ରା ବାହାରି ରସୁଲଗଡ଼ରେ ସନ୍ଧ୍ୟାରେ ପହଞ୍ଚିଛି। ନିଯୁକ୍ତି ନାଁରେ ରାଜ୍ୟ ସରକାର ଯୁବତୀଯୁବକମାନଙ୍କୁ ପ୍ରତାରିତ କରିବା ପ୍ରତିବାଦରେ ଭାଜପା ଯୁବମୋର୍ଚ୍ଚା ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଶିଳ୍ପର ବିକାଶ ରାଜ୍ୟ ସରକାର ଚାହୁଁନାହାନ୍ତି। ସେଥିପାଇଁ ପୂର୍ବରୁ ପୋସ୍କୋ, ମିତ୍ତଲ ଭଳି ବଡ଼ କମ୍ପାନୀ ଆସି ଫେରିଯାଇଛନ୍ତି। କେନ୍ଦ୍ର ସରକାର ଏମ୍‌ଏସ୍‌ଏମ୍‌ଇ ପାଇଁ ଋଣଠୁଁ ଆରମ୍ଭ କରି ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଉଥିବା ସମୟରେ ରାଜ୍ୟ ସରକାର କେବଳ ନିଜର ଆତ୍ମପ୍ରଚାର କରିଚାଲିଛନ୍ତି ବୋଲି ଟଙ୍କଧର କହିଛନ୍ତି।

# ବିରୋଧୀ ମେଳିରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ମିଳିଥିବା ଚର୍ଚ୍ଚା

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

କେନ୍ଦ୍ରରେ ଭାଜପାକୁ ଆସନରୁ ଗାଦିଚ୍ୟୁତ କରିବା ଉଦ୍ଦେଶ୍ୟରେ ତୃତୀୟ ସାମ୍ମୁଖ୍ୟ ଗଠନ ପାଇଁ ବିରୋଧୀ ଜୋରଦାର୍ ପ୍ରୟାସ ଜାରି ରଖିଛନ୍ତି। ଏଥିରେ ବିଜେଡିକୁ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଥିବା କୁହାଯାଉଛି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଏ ବିଷୟରେ ଫୋନ୍‌ରେ କଥା ହୋଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଚନ୍ଦ୍ରାବାବୁ ଫୋନ୍ କରି ଆସନ୍ତା ୨୨ରେ ହେବାକୁ ଥିବା ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି ବୋଲି ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧୀ ମେଣ୍ଟରେ ସାମିଲ ହେବା ପାଇଁ ଚନ୍ଦ୍ରାବାବୁ ମୁଖ୍ୟମନ୍ତ୍ରୀଙ୍କ ସହ ବହୁ ଦଳର ନେତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଭାଜପା ବିଜୟଧାରାରେ ରୋକ୍ ଲଗାଇବା ପାଇଁ ସମସ୍ତଙ୍କୁ ଏକାଠି କରିବାକୁ ଚନ୍ଦ୍ରାବାବୁ ନେତୃତ୍ୱ ନେଉଛନ୍ତି। ମୁଖ୍ୟମନ୍ତ୍ରୀ ସବୁବେଳେ କେନ୍ଦ୍ର ଅବହେଳା ଏବଂ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ପାଇଁ ଦାବି କରି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଛନ୍ତି। ତେଣୁ କେନ୍ଦ୍ରର ଶାସକ ଦଳ ବିରୋଧରେ ଏକାଠି ହେଉଥିବା ବିରୋଧୀ ଶିବିରରେ ବିଜେଡିକୁ ସାମିଲ ହେବାପାଇଁ ନିମନ୍ତ୍ରଣ କରାଯାଇଥିବା କୁହାଯାଉଛି। ମାତ୍ର ଏନ୍‌ଡିଏଠାରୁ ଅଲଗା ହୋଇଥିବା ଟିଡିପି ଏହା ମଧ୍ୟରେ କଂଗ୍ରେସ ନିକଟତର ହୋଇଥିବାରୁ ବିରୋଧୀ ମେଳିରେ ବିଜେଡିର ଯୋଗଦାନ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯେହେତୁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ସବୁବେଳେ ଉଭୟ ଭାଜପା ଏବଂ କଂଗ୍ରେସଠାରୁ ସମଦୂରତ୍ୱ କଥା ଦୋହରାଉଛନ୍ତି ସେଥିଲାଗି ଏହି ବିରୋଧୀ ମେଳିରେ ବିଜେଡି ସାମିଲ ହେବାର ସମ୍ଭାବନା ଯଥେଷ୍ଟ କମ୍ ରହିଛି।

ସୂଚନାଯୋଗ୍ୟ ଯେ, ଆନ୍ଧ୍ର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ପୂରଣ କରିବାରେ କେନ୍ଦ୍ର ସରକାର ବିଫଳ ହେବାରୁ ଏନ୍‌ଡିଏଠାରୁ ଅଲଗା ହୋଇଥିଲେ। ଏପରିକି ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗରେ ମୋଦି ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏବେ ପୁନର୍ବାର ମୋଦି ବିରୋଧୀ ଶକ୍ତିକୁ ଏକାଠି କରିବା ପାଇଁ ଚନ୍ଦ୍ରାବାବୁ ପ୍ରୟାସ ଆରମ୍ଭ କରିଛନ୍ତି। ଏଥିପାଇଁ ଦୁଇଥର ଦିଲ୍ଲୀ ଗସ୍ତ କରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସହ ଏକାଧିକ ନେତାଙ୍କୁ ସାକ୍ଷାତ କରିଛନ୍ତି। ଏନ୍‌ସିପି ନେତା ଶରଦ ପାୱାର ଓ ନ୍ୟାଶନାଲ୍ କନ୍‌ଫରେନ୍ସ ନେତା ଫାରୁକ ଅବଦୁଲା, ବିଏସ୍‌ପି ମୁଖ୍ୟ ମାୟାବତୀ, ସମାଜବାଦୀ ପାର୍ଟି ନେତା ମୁଲାୟମ ସିଂ ଯାଦବ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜରିୱାଲଙ୍କ ସହ ଅନ୍ୟ ନେତାମାନଙ୍କୁ ଭେଟି ଆଲୋଚନା କରିଛନ୍ତି।

**NOTICE**

M/s. Maa Durga Transport, At/PO: Bandhabahal, Dist.: Jharsuguda, bearing Registration No.1038/2014 it is hereby notified that partnership deed executed on 12.12.2014, where in 10 numbers of members are there in the said firm and now six partners namely 1. Motilal Senapati, S/o. Devraj Senapati of Basupali, 2. Dibyakishor Panigrahi, S/o. Bidyadhar Panigrahi of Basupali, 3. Sahed Bhoi, S/o. Baikuntha Bhoi of Khairkuni, 4. Daitari Padhan, S/o. Bhim Padhan of Tangisamal, 5. Narendra Kumar Panigrahi, S/o. Dillip Kumar Panigrahi of Kalinganagar, 6. Lalit Panigrahi, S/o. Bidyadhar Panigrahi of Basupali, all are of Dist. Jharsuguda joined as new partners in the above firm with the consent of all remaining members to continue in the said firm.

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ
**ସଂଶୋଧନ ପତ୍ର**

ତା.୦୯.୧୧.୨୦୧୮ ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ 'ନିୟମ ଓ ସର୍ତ୍ତାବଳୀ'ର କ୍ର. ନଂ. ୩ ରେ ଦର୍ଶିତ 'ଆକାଉଣ୍ଟ ନଂ. ଏବଂ ଆକାଉଣ୍ଟ ର ନାମ' "Account No.: 33401288726 & Name of the A/c: AGM, SARB, NO LIEN ACCOUNT" ପରିବର୍ତ୍ତେ **"Account No.: 30784275855 & Name of the A/c: AGM, SARB, Recovery Account"** ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତୀତ ରହିବ।

ତା.୧୨.୧୧.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ

**GOVERNMENT OF INDIA
DEPARTMENT OF ATOMIC ENERGY
HEAVY WATER PLANT, TALCHER**

सत्यमेव जयते

**CORRIGENDUM TO TENDER NOTICE NO.: HWPT/Tal/Admn./Welfare/2018/01**

Sealed item rate tenders are invited by the Officer-on-Special-Duty, Heavy water Plant, Talcher, PO.: Vikrampur, Dist.: Angul, Odisha - 759 106, on behalf of the President of India from eligible Contractors for the work and details given below:
**NIT No.: HWPT/Tal/Admn./Welfare/2018/01. Name of the work :** Annual Medical Examination of the employees of Heavy Water plant, Talcher. **Estimated Cost :** Rs.4,93,000/-. **Earnest Money Deposit :** Rs.9,860/-. **Period of Completion :** 15 (Fifteen) Days. **Last date and time for receipt / opening of request for issue of Tender Documents :** 16.11.2018 (1430 hours). **Date of sale of Tender :** 17.11.2018. **Last date and time of submission of Tender :** 24.11.2018 (1430 hours). The detailed NIT can be obtained from the website **www.hwb.gov.in**.

**ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.**
Utkalika ଡି-୨/୩, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର- ୧୦

**ବିଜ୍ଞାପନ**

ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା **ଏନ୍.ଟି.ପି.ସି., କଣିହା ଠାରେ ୨୩/୧୧/୨୦୧୮ ଠାରୁ ୦୨/୧୨/୨୦୧୮ ପର୍ଯ୍ୟନ୍ତ** ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗର ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ **ତା.୧୯/୧୧/୨୦୧୮** ସୁଧା ଆବେଦନ କରିବା ପାଇଁ ଅନୁରୋଧ।

ପରିଚାଳନା ନିର୍ଦ୍ଦେଶକ

**ODISHA JOINT ENTRANCE EXAMINATION 2018**

**No:- OJEE-18/506** **Date-12/11/2018**

**Detailed Schedule for Second Round Spot Counselling for BAMS/BHMS**

In view of the extended cut-off date of admission to BAMS/BHMS courses prescribed by appropriate Authority as per the letter No. **4CE-AT-01/15 No. 8073/DAYUSH Dt. 08.11.2018**, the **Second Round Spot counselling - cum-admission** for the Institutes in Odisha as mentioned below shall be conducted as per the following schedule.
All the **registered/ unregistered** (in previous rounds of counselling)' All India NEET' rank holders interested to take part in spot round counselling have to report as per the timetable given below.

| VENUE | DATE | REPORTING TIME | ALL INDIA NEET RANK |
|---|---|---|---|
| OJEE CELL, Gandamunda, Bhubaneswar | 15-11-2018 | 10:00AM TO 11.00 AM | 25000 TO 500000 |
| | 15-11-2018 | 11:00AM TO 12 NOON | 500001 TO 900000 |
| | 15-11-2018 | 2:30PM TO 3:30PM | 900001 AND ABOVE |

For further details, please login to **www.ojee.nic.in** or **www.odishajee.com**

**Seat Matrix for Second Round Spot Counselling (BAMS/BHMS 2018)**

| SL. No. | Homoeopathic Colleges | Course | Category GE | Total Vacancy |
|---|---|---|---|---|
| 1. | BPHMC&H Berhampur (Govt.) | BHMS | 01 | 01 |
| 2. | OMCH&R, Sambalpur (Govt.) | BHMS | 03 | 03 |

**Final updated SEAT MATRIX will be displayed on the website www.ojee.nic.in / www.odishajee.com on 14.11.2018, 5.00 PM**

***Admission will be declared closed as and when seats are exhausted.***

SD/-
CHAIRMAN, OJEE 2018



ନିର୍ଦ୍ଦେଶକ ରାଜ କୁମାର ଗୁପ୍ତାଙ୍କ ସହ କାମ କରିବା ମୋ ପାଇଁ ସମ୍ମାନଜନକ ବିଷୟ ।
– ଅର୍ଜୁନ କପୁର, ବଲିଉଡ୍ ଅଭିନେତା



[ଇତିହାସର ଆଇନାରେ]

## ନଭେମ୍ବର ୧୩ର ପ୍ରମୁଖ ଘଟଣା

୧୯୭୦ ନଭେମ୍ବର ୧୩ରେ ପୂର୍ବ ପାକିସ୍ତାନ (ବର୍ତ୍ତମାନର ବାଂଲାଦେଶ)ରେ ସାମୁଦ୍ରିକ ଝଡ଼ 'ଭୋଲା'ର ତାଣ୍ଡବ ଦେଖିବାକୁ ମିଳିଥିଲା। ଏଥିରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବାବେଳେ ଲକ୍ଷ ଲକ୍ଷ ସଂଖ୍ୟାରେ ବାସହରା ହୋଇଥିଲେ। 'ଭୋଲା' ଯୋଗୁ ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ରାସ୍ତାଘାଟ ଧୋଇଯିବା ସହ ଘରଦ୍ୱାର ନଷ୍ଟ ହୋଇଯାଇଥିଲା। ନଭେମ୍ବର ୮ରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ସାମୁଦ୍ରିକ ଝଡ଼ ଧୀରେ ଧୀରେ ଶକ୍ତିଶାଳୀ ହେବା ସହ ବାଂଲାଦେଶ ଆଡ଼କୁ ମୁହାଁଇଥିଲା। ନଭେମ୍ବର ୧୨ ସନ୍ଧ୍ୟାରେ ଏହା ବାଂଲାଦେଶ ଭୂଖଣ୍ଡ ଛୁଇଁଥିଲା। କିନ୍ତୁ ୧୩ ତାରିଖରେ ଏହା ଅଧିକ ଉଗ୍ରରୂପ ଧାରଣ କରିଥିଲା। ଉପକୂଳବର୍ତ୍ତୀ ଅଞ୍ଚଳକୁ ସମ୍ପୂର୍ଣ୍ଣ ଧ୍ୱଂସସ୍ତୂପରେ ପରିଣତ କରି ଦେଇଥିଲା। ବିଶେଷକରି ଉପଜିଲା, ତାଜୁମୁଦ୍ଦିନ୍ ଅଞ୍ଚଳ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। କେବଳ ଏହି ଅଞ୍ଚଳରେ ୧,୬୭,୦୦୦ ଲୋକ ପ୍ରାଣ ହରାଇଥିଲେ।

୧୮୮୭ ନଭେମ୍ବର ୧୩ରେ ବ୍ରିଟେନ୍‌ର ଲଣ୍ଡନ ସାମ୍ନା କରିଥିଲା ଏକ ରକ୍ତରଞ୍ଜିତ ରବିବାର (ବ୍ଲଡି ସନ୍‌ଡେ)। ଆୟର୍ଲାଣ୍ଡରେ ଲାଗି ରହିଥିବା ବର୍ବରତା ଏବଂ ବେକାରି ସମସ୍ୟାକୁ ବିରୋଧ କରି ଲଣ୍ଡନ ସହରରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ବିକ୍ଷୋଭକାରୀ ଏମ୍‌ପି ୱିଲିୟମ୍ ଓ'ବ୍ରାଏନ୍‌ଙ୍କୁ ମୁକ୍ତକରିବା ଲାଗି ମଧ ଦାବି କରିଥିଲେ। କିନ୍ତୁ ବ୍ରିଟିଶ୍ ସେନା ଏବଂ ଲଣ୍ଡନ ମେଟ୍ରୋପଲିଟାନ୍ ପୋଲିସ ଉକ୍ତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଦମନ କରିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ଉପରେ ବଳପ୍ରୟୋଗ କରିଥିଲେ। ଲୁହାଛଡ଼, ଛୁରି, ପୋକର୍ ଏବଂ ଗ୍ୟାସ୍ ପାଇପ୍ ଜରିଆରେ ସେମାନଙ୍କୁ ଆକ୍ରମଣ କରିଥିଲେ। ସେନା ଏବଂ ପୋଲିସ ୪୦୦ରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରିଥିବାବେଳେ ୭୫ ଜଣ ଏଥିରେ ଗୁରୁତର ଭାବେ ଆହତ ହୋଇଥିଲେ। ସଂଘର୍ଷ ବେଳେ ପ୍ରାଣହାନି ଘଟି ନ ଥିଲେ ସୁଦ୍ଧା ରବିବାର ଦିନ ଅନୁଷ୍ଠିତ ହୋଇଥିବା ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ଯେଉଁଭଳି ରକ୍ତପାତ ହୋଇଥିଲା ସେଥିପାଇଁ ଏହାକୁ ରକ୍ତରଞ୍ଜିତ ରବିବାର ବୋଲି କୁହାଯାଏ।

# ପ୍ରଦୂଷଣ ନେଇଛି ୨୫ ଲକ୍ଷ ଜୀବନ

**ନୂଆଦିଲ୍ଲୀ/ୱାଶିଂଟନ:** ଦେଶରେ ବାୟୁ ପ୍ରଦୂଷଣ ଧୀରେ ଧୀରେ ଉଗ୍ର ରୂପ ନେଉଛି। ୨୦୧୫ଠାରୁ ଇତିମଧ୍ୟରେ ଦେଶର ବିଭିନ୍ନ ଅଞ୍ଚଳରେ ବାୟୁ ପ୍ରଦୂଷଣ ଯୋଗୁ ୨୫ ଲକ୍ଷ ଲୋକଙ୍କର ଜୀବନ ଯାଇଛି। ଦିଲ୍ଲୀ ଏନ୍‌ସିଆର୍‌ରେ ବାୟୁ ପ୍ରଦୂଷଣ ମାତ୍ରା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଇତିମଧ୍ୟରେ ପୃଥିବୀରେ ବାୟୁ ପ୍ରଦୂଷଣ ଯୋଗୁ ୯୦ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଛି। ଭାରତ ପଛକୁ ଏହି ତାଲିକାରେ ରହିଛି ଚାଇନା। ଚାଇନାରେ ଏହି ସମୟ ମଧ୍ୟରେ ୧୮ ଲକ୍ଷ ଲୋକଙ୍କର ଜୀବନ ଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ପ୍ରକାଶିତ ପତ୍ରିକା ମୌସମ ମଞ୍ଜୁଷାରେ ଦର୍ଶାଯାଇଛି ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୩୯ଠାରୁ ୧୯୪୫ ମଧ୍ୟରେ ଭାରତରେ ୧୬ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ୩ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା ଏବଂ କାରଗିଲ୍ ଯୁଦ୍ଧରେ ୫୨୭ ଯବାନ ଶହୀଦ୍ ହୋଇଥିଲେ। ମାତ୍ର ବାୟୁ ପ୍ରଦୂଷଣ ମୃତ୍ୟୁ ସଂଖ୍ୟା ଏ ସବୁଠାରୁ ଯଥେଷ୍ଟ ଅଧିକ ରହିଛି। ବାୟୁ ପ୍ରଦୂଷଣ ଯୋଗୁ ବିଭିନ୍ନ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭୋଗ କରିବାକୁ ଜଣେ,**
**ଖଟି ମରୁଥା'ନ୍ତି ପଣେ ।**

କଷ୍ଟ କରିବା ଲୋକର ଫଳପ୍ରାପ୍ତିର ଦାବି ନ ଥାଏ। ଅଥଚ ସୁବିଧାବାଦୀ ଲୋକ ହିଁ ଏହି ଫଳ ଅନାୟାସରେ ଭୋଗ କରି ଚାଲିଥାଏ। ଅନେକଙ୍କର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭାତ ଲୁଗା ଦେଲି ସଉତୁଣୀକି,**
**ଟାକି ବସିଲି ମୁଁ ପେଯ ପାଣିକି ।**

ନିଜର ଅଧିକାର ପରକୁ ଦେବା କୌଣସି ପରିସ୍ଥିତିରେ ଉଚିତ ହୋଇ ନ ଥାଏ। କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ଅନ୍ୟର ଗୋଡ଼ାଣିଆ ହୋଇଯିବା ସହ ନିଜତ୍ୱ ହରାଇ ବସିବା ଆଶଙ୍କା ରହିଥାଏ। ପରୋକ୍ଷରେ ନିଜର ବ୍ୟକ୍ତିଗତ ସମ୍ପଦ ଅନ୍ୟ ହାତରେ ନ୍ୟସ୍ତ କରି ନିଜେ କଷ୍ଟ ଭୋଗିବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ


**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୧ | ୧୭.୦ |
| ଚାନ୍ଦବାଲି | ୨୯.୭ | ୧୯.୧ |
| କଟକ | ୨୮.୨ | ୧୭.୮ |
| ପାରାଦ୍ୱୀପ | ୨୯.୬ | ୨୦.୫ |
| ଭୁବନେଶ୍ୱର | ୩୦.୨ | ୧୮.୪ |
| ଗୋପାଳପୁର | ୩୨.୪ | ୨୦.୧ |
| ପୁରୀ | ୩୦.୬ | ୨୦.୨ |
| ଅନୁଗୋଳ | ୨୯.୧ | ୧୫.୦ |
| ବାରିପଦା | ୨୮.୦ | ୧୭.୨ |
| ଝାରସୁଗୁଡ଼ା | ୩୧.୫ | ୧୫.୬ |
| କେନ୍ଦୁଝର | ୨୭.୬ | ୧୪.୫ |
| ସମ୍ବଲପୁର | ୩୧.୮ | ୧୫.୫ |
| ସୁନ୍ଦରଗଡ଼ | --- | ୧୪.୫ |
| ହୀରାକୁଦ | ୩୧.୨ | ୧୬.୬ |
| ତାଳଚେର | --- | ୧୭.୫ |
| ଭବାନୀପାଟଣା | ୩୦.୦ | ୧୪.୬ |
| ବଲାଙ୍ଗୀର | ୩୧.୫ | ୧୬.୩ |
| କୋରାପୁଟ | ୨୭.୬ | ୧୧.୦ |
| ଫୁଲବାଣୀ | ୨୮.୬ | ୧୦.୦ |
| ଟିଟିଲାଗଡ଼ | --- | ୧୪.୫ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୧.୮ | ୧୭.୮ |
| ଦାରିଙ୍ଗିବାଡ଼ି | ୨୮.୦ | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# 'ଦି ସ୍କାଏ ଇଜ୍ ପିଙ୍କ୍' ଶୁଟିଂରେ ବ୍ୟସ୍ତ




**ନୂଆଦିଲ୍ଲୀ:** ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ରାଜଧାନୀ ଦିଲ୍ଲୀରେ ଆଗାମୀ ଫିଲ୍ମ 'ଦି ସ୍କାଏ ଇଜ୍ ପିଙ୍କ୍'ର ଶୁଟିଂ ଆରମ୍ଭ କରିଛନ୍ତି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଥିବା ବେଳେ ଉଭୟ ପ୍ରିୟଙ୍କା ଏବଂ ଅଭିନେତା ଫାରହାନ୍ ଅଖତର ମୁହଁରେ ମାସ୍କ ପିନ୍ଧି ଅଭିନୟ କରିଥିଲେ। ଫାରହାନ୍ ସୋମବାର ଏ ସମ୍ପର୍କିତ ଏକ ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ଅପଲୋଡ୍ କରିଛନ୍ତି। ଏଥିରେ ଉଭୟ କଳାକାର ପ୍ରଦୂଷଣ ନିରୋଧୀ ମୁଖା ପିନ୍ଧିଥିବା ଦେଖିବାକୁ ମିଳୁଛି। ଫାରହାନ୍ ଟୁଇଟ୍ କରିଛନ୍ତି, ଦିଲ୍ଲୀର ପ୍ରଦୂଷିତ ପରିବେଶରେ ମାସ୍କ ପରିଧାନ ନିହାତି ଆବଶ୍ୟକ। ପ୍ରିୟଙ୍କା, ଆପଣଙ୍କ ମୁଖାପିନ୍ଧା ପୋଜ୍ ଠିକ୍। ତେବେ ଏହା ଉପରେ ଜବାବ ରଖି ପ୍ରିୟଙ୍କା ଲେଖିଛନ୍ତି, 'ଆରେ...ଏ ତୁମର କ'ଣ ହେଲା ? ପ୍ରିୟଙ୍କା ଖରାରେ ଠିଆ ହୋଇ ନିଜର ଏକ ଫଟୋଗ୍ରାଫ୍ ଶେୟାର କରିଛନ୍ତି। ସେ ମଧ୍ୟ ଅଭିନେତ୍ରୀ ଜାଇରା ୱାସିମ୍‌ଙ୍କ ସହିତ ନିଜର ଏକ ଫଟୋଗ୍ରାଫ୍ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ଭିତ୍ତିକରି ଏପରି ଏକ ଫିଲ୍ମ ନିର୍ମାଣ ହେବାକୁ ଯାଉଛି। ସୋନାଲି ବୋଷ୍‌ଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା 'ଦି ସ୍କାଏ ଇଜ୍ ପିଙ୍କ୍' ବାସ୍ତବ ଜୀବନ କାହାଣୀ ଉପରେ ଆଧାରିତ। ମୁମ୍ବାଇ, ଲଣ୍ଡନ ଏବଂ ଆଣ୍ଡାମାନ୍‌ରେ ମଧ୍ୟ ଏହାର ଶୁଟିଂ କାର୍ଯ୍ୟ ଚାଲିବ। ଏହାର ନିର୍ମାଣ ଦାୟିତ୍ୱରେ ଅଛନ୍ତି ରୋନି ସ୍କ୍ରିୱାଲା ଏବଂ ସିଦ୍ଧାର୍ଥ ରଏ କପୁର।

# ଶୁକ୍ରକୁ ସ୍ପେସ୍‌କ୍ରାଫ୍ଟ ପଠାଇବ ଇସ୍ରୋ

**ବେଙ୍ଗାଲୁରୁ:** ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ୨୦୨୩ରେ ଶୁକ୍ରକୁ ଏକ ପର୍ଯ୍ୟବେକ୍ଷଣକାରୀ ମହାକାଶଯାନ ଲଞ୍ଚ୍ କରିବ। ପ୍ରସ୍ତାବିତ ଶୁକ୍ର ମିଶନ୍ ପାଇଁ ଇସ୍ରୋ ଅନ୍ତର୍ଜାତୀୟ ମହାକାଶ ବୈଜ୍ଞାନିକ ସମୁଦାୟଙ୍କ ପ୍ରସ୍ତାବ ଲୋଡିଥିବା ସ୍ପେସ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ବିଦେଶୀ ମହାକାଶ ଗବେଷଣା ସଂସ୍ଥା, ରିସର୍ଚ୍ଚ ଲାବୋରେଟୋରି ଏବଂ ଏକାଡେମିକ୍ ୟୁନିଭର୍ସିଟିଗୁଡିକ ଏଥିପାଇଁ କ'ଣ ପ୍ରସ୍ତାବ ଦେଉଛନ୍ତି ତାହା ଉପରେ ଉକ୍ତ ମିଶନ୍ ନିର୍ଭର କରୁଥିବା ଇସ୍ରୋ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ଶୁକ୍ର ଗ୍ରହକୁ ପୃଥିବୀର ଯମଜ ଭଗିନୀ ଭାବରେ ବର୍ଣ୍ଣନା କରାଯାଏ। କାରଣ ପୃଥିବୀ ଓ ଶୁକ୍ରର ଆକୃତି, ବସ୍ତୁତ୍ୱ, ସାନ୍ଦ୍ରତା ଏବଂ ମାଧ୍ୟାକର୍ଷଣ ଶକ୍ତି ପ୍ରାୟତଃ ସମାନ। ପ୍ରସ୍ତାବିତ ସ୍ପେସ୍‌କ୍ରାଫ୍ଟର ଓଜନ ହେବ ୧୦୦କିଲୋଗ୍ରାମ ଏହା ପାଖାପାଖି ୫୦୦ୱାଟ କ୍ଷମତା ବିଶିଷ୍ଟ ହେବ। ଉକ୍ତ ସ୍ପେସ୍‌କ୍ରାଫ୍ଟ ଶୁକ୍ରର ନିକଟବର୍ତ୍ତୀ ହେବାବେଳକୁ ୫୦୦କିଲୋମିଟର ଏବଂ ଦୂରବର୍ତ୍ତୀ ହେବାବେଳକୁ ୬୦,୦୦୦ କିଲୋମିଟର ଦୂରରେ ଅବସ୍ଥାନ କରିବ।

# ସମୁଦ୍ରସେତୁରେ ୫ଜି ସେବା



**ବେଜିଂ:** ବିଶ୍ୱର ଦୀର୍ଘତମ ହଂକଂ-ଝୁହାଇ-ମାକାଓ ସମୁଦ୍ରସେତୁରେ ଭବିଷ୍ୟତରେ ୫ଜି ସେବା ମିଳିବ ବୋଲି ଉକ୍ତ ଢାଞ୍ଚାର ନେଟୱର୍କ ଅପରେଟର ପ୍ରକାଶ କରିଛନ୍ତି। ୫୫କି.ମି. ଦୀର୍ଘ ଏହି ସମୁଦ୍ରସେତୁ ଗତ ମାସରେ ଖୋଲିଥିଲା। ଏହା ଗୁଆଙ୍ଗଡଙ୍ଗ ପ୍ରଦେଶର ମୁଖ୍ୟସ୍ଥଳ ଝୁହାଇ ସହିତ ଦୁଇଟି ସ୍ୱତନ୍ତ୍ର ପ୍ରଶାସନିକ ଅଞ୍ଚଳ ହଂକଂ ଏବଂ ମାକାଓକୁ ସଂଯୋଗ କରୁଛି। ଏହି ସେତୁରେ ବର୍ତ୍ତମାନ ୪ଜି ସେବା ଭଲଭାବେ କାର୍ଯ୍ୟ କରୁଛି। ବର୍ତ୍ତମାନ ନେଟୱର୍କ ବିଶେଷଜ୍ଞ ଏବଂ କର୍ମକର୍ତ୍ତାମାନେ ଭବିଷ୍ୟତର ୫ଜି ସେବା ପାଇଁ ପ୍ରସ୍ତୁତ ହେଉଛନ୍ତି।

ଚାଇନାର ଯୋଗାଯୋଗ ଉଦ୍ୟୋଗ ଦ୍ୱାରା ଯୋଗାଇ ଦିଆଯାଉଥିବା ଉନ୍ନତମାନର ଜ୍ଞାନକୌଶଳ ଏଠାରେ ପ୍ରୟୋଗ କରାଯିବ। ଉକ୍ତ ସେତୁରେ ଓ୍ୟାରଲେସ୍ ଟେକ୍ନୋଲୋଜି, ଅଧିକ ଆଲୋକ ବ୍ୟବସ୍ଥା ସହିତ ଉନ୍ନତ ମାନର ଉତ୍ପାଦ ବ୍ୟବହାର କରାଯିବ ବୋଲି ଚାଇନାର ଜିନହୁଆରେ ରିପୋର୍ଟ ପ୍ରକାଶ ପାଇଛି।

# ନିମୋନିଆରେ ମରିପାରନ୍ତି ୧୭ ଲକ୍ଷ ଶିଶୁ

**ନୂଆଦିଲ୍ଲୀ:** ଭାରତରେ ୨୦୩୦ ସୁଦ୍ଧା ନିମୋନିଆରେ ୧୭ଲକ୍ଷ ଶିଶୁ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିପାରନ୍ତି। ବିଶ୍ୱସ୍ତରରେ କରାଯାଇଥିବା ଏକ ଅଧ୍ୟୟନରୁ ଏହି ସୂଚନା ମିଳିଛି। ନଭେମ୍ବର ୧୨ ବିଶ୍ୱ ନିମୋନିଆ ଦିବସରେ ପ୍ରକାଶିତ ହୋଇଥିବା ଏ ସମ୍ପର୍କିତ ରିପୋର୍ଟରେ କୁହାଯାଇଛି, ୨୦୩୦ ସୁଦ୍ଧା ଏହି ସଂକ୍ରାମକ ରୋଗରେ ବିଶ୍ୱରେ ୫ବର୍ଷରୁ କମ୍ ବୟସର ପାଖାପାଖି ୧କୋଟି ୧୦ଲକ୍ଷ ଶିଶୁ ମୃତ୍ୟୁବରଣ କରିବା ଆଶଙ୍କା ଅଛି। ବ୍ରିଟେନ୍‌ସ୍ଥିତ ଏକ ଅଣଲାଭକାରୀ ସଂସ୍ଥା 'ସେଭ୍ ଦି ଚିଲ୍‌ଡ୍ରେନ୍'ର ରିପୋର୍ଟ ଅନୁସାରେ ଅନ୍ୟ ଦେଶ ତୁଳନାରେ ନାଇଜେରିଆ, ଭାରତ, ପାକିସ୍ତାନ ଏବଂ ଦି ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋରେ ନିମୋନିଆ ଆକ୍ରାନ୍ତ ଶିଶୁଙ୍କ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ। ଏହି ରିପୋର୍ଟରେ ପୁଣି କୁହାଯାଇଛି ଟିକାଦାନ, ଉପଯୁକ୍ତ ଚିକିତ୍ସା ଏବଂ ପୁଷ୍ଟିକର ଖାଦ୍ୟ ଦ୍ୱାରା ପ୍ରାୟ ୪୦ଲକ୍ଷ ଶିଶୁଙ୍କୁ ନିମୋନିଆ ଆକ୍ରାନ୍ତରୁ ମୁକ୍ତ ରଖାଯାଇପାରିବ। ଏହା ଏକ ସଂକ୍ରାମକ ରୋଗ ହୋଇଥିବାରୁ ଏଥିରେ ଆକ୍ରାନ୍ତ ହୋଇ ଅନେକ ଶିଶୁ ପ୍ରାଣ ହରାଇ ଥାଆନ୍ତି। ମ୍ୟାଲେରିଆ, ଡାଇରିଆ ଏବଂ ମିଳିମିଳାରେ ଆକ୍ରାନ୍ତ ହୋଇ ଯେତେ ସଂଖ୍ୟକ ଶିଶୁ ମୃତ୍ୟୁବରଣ କରନ୍ତି ତାହାଠୁ ନିମୋନିଆ ଆକ୍ରାନ୍ତ ଶିଶୁମୃତ୍ୟୁ ସଂଖ୍ୟା ଅଧିକ। ୨୦୧୬ରେ ୨ବର୍ଷରୁ କମ୍ ବୟସର ୮,୮୦,୦୦୦ ଶିଶୁ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ।

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ | ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452


ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା
ଯେଉଁଠି ଆଜ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

M. GROUP FINANCE CO.
DIWALI OFFER
(Govt. Approved)

• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯଦି ଶାନ୍ତି ଚାହଁ ତେବେ କାହାର ଦୋଷ ନ ଦେଖି ପ୍ରଥମେ ନିଜ ଦୋଷ ଦେଖ, ଜଗତକୁ ନିଜର ବୋଲି ଜାଣି ସମସ୍ତଙ୍କୁ ଭଲ ପାଅ।

- ସାରଦା ଦେବୀ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପ୍ରାକୃତିକ ଚିକିତ୍ସା ଶିବିର, ପ୍ରାକୃତିକ ଚିକିତ୍ସା କେନ୍ଦ୍ର, ଦୁର୍ଗାମଣ୍ଡପ, ୟୁନିଟ୍-୭, ପ୍ଲଟ୍ ନଂ. ୮୩ ସମ୍ମୁଖ, ସୂର୍ଯ୍ୟନଗର, ସକାଳ ୮ଟାରୁ ଆରମ୍ଭ।
- ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ମହାବିଦ୍ୟାଳୟ ଏବଂ ଗଣଯୋଗାଯୋଗ ପ୍ରତିଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଓଡ଼ିଶା ଓ ଇଂଲିଶ୍‌ରେ ବକ୍ତୃତା ପ୍ରତିଯୋଗିତା, ଲୋକସମ୍ପର୍କ ଭବନ, ସୂଚନା ଓ ଲୋକସମ୍ପର୍କ ବିଭାଗ, ପୂର୍ବାହ୍ନ ୧୧ଟା।
- ନେହେରୁ ଯୁବ ପ୍ରତିଷ୍ଠାନ ପକ୍ଷରୁ ବହୁଭାଷୀ କବି ସମ୍ମିଳନୀ, ପ୍ରତିଷ୍ଠାନ ପରିସର, ୟୁନିଟ୍-୬, ପୂର୍ବାହ୍ନ ୧୧ଟା। ମହିଳାଙ୍କ ମଧ୍ୟରେ ପିଠାପଣା ପ୍ରତିଯୋଗିତା, ରାତି ୭ଟା।
- ୨୧ତମ କଳିଙ୍ଗ ପୁସ୍ତକ ମେଳା-୨୦୧୮ ଓ ଶିଶୁ ମହୋତ୍ସବ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟାରୁ ରାତି ୯ଟା। ଓଡ଼ିଶୀ ନୃତ୍ୟ ଓ ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବ, ସନ୍ଧ୍ୟା ୬ଟା ୩୦।
- ଓମ୍ ମ୍ୟୁଜିକ୍ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ପରିଚୟ ଫାଉଣ୍ଡେଶନ ପକ୍ଷରୁ 'କିଆ ଫ୍ୟାଶନ ଶୋ'-୨୦୧୮'ର ତୃତୀୟ ସଂସ୍କରଣ, ମେଫେୟାର୍ ଲାଗୁନ୍, ଅପରାହ୍ନ ୫ଟା ୩୦।
- ସଂସ୍କୃତି ଫାଉଣ୍ଡେଶନ ପକ୍ଷରୁ ଦ୍ୱିତୀୟ ଓଡ଼ିଶା ସଂସ୍କୃତି ଉତ୍ସବ-୨୦୧୮, ଉତ୍କଳ ଅଡିଟୋରିୟମ୍, ସନ୍ଧ୍ୟା ୬ଟା।
- ଏକ୍ସପ୍ରେସନ୍ସ ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ-୨୦୧୮ର ଉଦ୍‌ଘାଟନୀ ସନ୍ଧ୍ୟା, ଭଞ୍ଜ କଳାମଣ୍ଡପ, ରାତି ୭ଟା ୧୫।

**କଟକ**

- ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ଯାତ୍ରା ଉଦ୍‌ଯାପନ ଅବସରରେ ଶୋଭାଯାତ୍ରା, ଶହୀଦ ପାର୍କ, ନୂଆପାଟଣା, ସକାଳ ୯ଟା।
- ଜିଲାସ୍ତରୀୟ କୃଷି ସମ୍ବନ୍ଧୀୟ ଯୁଦ୍ଧ କୌଶଳ କମିଟି ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦।

**ଖୋର୍ଦ୍ଧା**

- ପୁସ୍ତକ ମେଳାର ଷଷ୍ଠ ଦିବସରେ କବିତା ଲିଖନ ପ୍ରତିଯୋଗିତା, ଗୀତା ଭବନ ସମ୍ମୁଖ ଚାନ୍ଦମାରି ପଡ଼ିଆ, ଅପରାହ୍ନ ୫ଟା। କବିତା ପାଠୋତ୍ସବ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ, ନିକୁଞ୍ଜବିହାରୀ ମନ୍ଦିର ପରିସର, ରାତି ୭ଟା।

## ନାଗେଶ୍ୱର ମନ୍ଦିରରୁ ଚୋରି

**ଖୁଣ୍ଟୁଣୀ,୧୨।୧୧(ଡି.ଏନ୍.ଏ.):** କଟକ ଜିଲା ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ଛୋଟିଆମ୍ବ ଗ୍ରାମର ନାଗେଶ୍ୱର ମନ୍ଦିରରୁ ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିରର ତାଲା ଭାଙ୍ଗି ପିତ୍ତଳ ଓ ତମ୍ବା ସାମଗ୍ରୀ ସମେତ ହୁଣ୍ଡି ଭାଙ୍ଗି ନେଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମନ୍ଦିର ପୂଜକ ପ୍ରିୟବ୍ରତ ପତ୍ରିଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ସହ ଗ୍ରାମ ନିକଟସ୍ଥ ଏକ ପୋଖରୀ ନିକଟରୁ ଭଙ୍ଗା ହୁଣ୍ଡି ବାକ୍ସକୁ ଜବତ କରିଛି। ଚୋର କିମ୍ବା ଚୋରି ସାମଗ୍ରୀର ସନ୍ଧାନ ମିଳି ନ ଥିବା ଏଏସ୍‌ଆଇ ଗଦାଧର ଭୂୟାଁ କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୧୦୯/୧୮)ରୁଜୁ ହୋଇଛି।

■ ଲୋଭ ପାଇଁ ସେବାୟତ ଭାଙ୍ଗିଲେ ପରମ୍ପରା

# ମହାପ୍ରଭୁଙ୍କ ଦର୍ପଣକୁ ସ୍ପର୍ଶ କଲେ ଅମ୍ବାନୀ

ପୁରୀ ଅଫିସ,୧୨।୧୧

ଦାନ, ଦକ୍ଷିଣା ଲୋଭରେ ସୀମା ସରହଦକୁ ଟପିଛନ୍ତି ଶ୍ରୀମନ୍ଦିର ସେବାୟତ। ଭିତରକାଠ ନିକଟକୁ ଯାଇଛି ବାହାର ଭୋଗ। ଆଉ ମହାପ୍ରଭୁଙ୍କ ସ୍ନାନ ଦର୍ପଣକୁ ସ୍ପର୍ଶ କରିଛନ୍ତି ଅମ୍ବାନୀ। ଲୋଭର ଆତୁଆଳରେ ଭାଙ୍ଗି ତୁଟିଯାଇଛି ଶ୍ରୀମନ୍ଦିରର ପରମ୍ପରା।

ଅପରାହ୍ନରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ପୁରୀ ଆସିଥିଲେ ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ। ଭିତରକାଠ ନିକଟକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ଦେଶର ଏହି ବିଶିଷ୍ଟ ଶିଳ୍ପପତି। ଦର୍ଶନ ପାଇଁ ଯିବା ବେଳେ ସାଥୀରେ ନେଇଯାଇଥିଲେ ପେଡା। ତାହାକୁ ରତ୍ନସିଂହାସନ ପାଖକୁ ନିଆଯାଇଥିବା ଚର୍ଚ୍ଚା ହେଉଛି। ବାହାରେ ପ୍ରସ୍ତୁତ ହୋଇଥିବା କୌଣସି ଭୋଗ ଶ୍ରୀମନ୍ଦିର ଭିତରକୁ ଯିବାର ପରମ୍ପରା ନ ଥିବାବେଳେ ଅମ୍ବାନୀଙ୍କ

**ରତ୍ନସିଂହାସନ ନିକଟକୁ ଗଲା ବାହାର ପେଡ଼ା**

କ୍ଷେତ୍ରରେ ଆଖିବୁଜିଦେଇଥିଲେ ସେବାୟତ। ଶ୍ରୀମନ୍ଦିରର ସବୁ ସୀମ ସରହଦକୁ ଡେଇଁ ମହାପ୍ରଭୁଙ୍କ ନିକଟରେ ପହଞ୍ଚିଥିଲା ବାହାରେ ପ୍ରସ୍ତୁତ ହୋଇଥିବା ଭୋଗ। ଶ୍ରୀମନ୍ଦିରରେ ମହାପ୍ରଭୁ ପ୍ରତ୍ୟେହ ବିମ୍ବ (ଦର୍ପଣ)ସ୍ନାନ କରୁଥିବା ବେଳେ ସ୍ନାନ ପୂର୍ଣ୍ଣିମାରେ ପ୍ରତ୍ୟେକ୍ଷ ସ୍ନାନ କରିଥାନ୍ତି। ପ୍ରତ୍ୟେହ ଅବକାଶ ନୀତି ବେଳେ ଦର୍ପଣ ବ୍ୟବହାର କରାଯାଇଥାଏ। ମହାପ୍ରଭୁଙ୍କ ସ୍ନାନ ପାଇଁ ବ୍ୟବହୃତ ହେଉଥିବା ଦର୍ପଣକୁ ଅମ୍ବାନୀ ଛୁଇଁବାକୁ ସେବାୟତମାନେ ନେଇ ଆସିଥିଲେ। ମହାପ୍ରଭୁଙ୍କ ଦର୍ପଣଙ୍କୁ ଅମ୍ବାନୀ ସ୍ପର୍ଶ କରି ପ୍ରଣାମ କରିଥିଲେ। ଭିତରକାଠ ନିକଟରେ ଲାଗିଥିବା ସିସିଟିଭିରେ ଏହି ଦୃଶ୍ୟ କଏଦ ହୋଇଥିବା କୁହାଯାଉଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନର ପ୍ରତିକ୍ରିୟା ମିଳିପାରି ନାହିଁ।

# ହକି..ହକି..ରେ କମ୍ପିଲା କଟକ

■ ଶୁଭକାମନା ପାଇ ବିଦାୟ ନେଲା ଓଲି



ଓଲି ପୋଷାକ ପିନ୍ଧିବା ସହ ହକି ଷ୍ଟିକ୍ ଧରି ଛାତ୍ରୀଛାତ୍ରମାନେ ମାସ୍କଟ ଓଲିକୁ ସ୍ୱାଗତ କରୁଛନ୍ତି।

କଟକ ଅଫିସ, ୧୨।୧୧

ଭୁବନେଶ୍ୱରରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ନିମନ୍ତେ ଶୋଭାଯାତ୍ରାରେ ବାହାରିଥିବା ମାସ୍କଟ ଓଲି ସୋମବାର ସ୍ୱାଗତ, ସମ୍ବର୍ଦ୍ଧନା ଓ ଶୁଭକାମନା ପାଇ କଟକରୁ ବିଦାୟ ନେଇଛି। ରବିବାର ଏହା ଜଗତ୍‌ସିଂହପୁରରୁ ଆସି କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରହିଥିଲା। ସୋମବାର ପୂର୍ବାହ୍ନରେ ଏହାକୁ ଶୋଭାଯାତ୍ରାରେ ସତ୍ୟବ୍ରତ ଷ୍ଟାଡିୟମକୁ ନିଆଯିବା ବେଳେ ବିପୁଳମାତ୍ରାରେ ହକିପ୍ରେମୀ ଉପସ୍ଥିତ ଥିଲେ। ହକି..ହକି.. ନାରାବାଜିରେ ଶୋଭାଯାତ୍ରା ଉଚ୍ଛୁଳୁଥିଲା। ଶୋଭାଯାତ୍ରାକୁ ସିଡିଏ ଡିଏଭି ସ୍କୁଲକୁ ନିଆଯାଇଥିବା ବେଳେ ସେଠାରେ ନୃତ୍ୟ, ଗୀତ ପରିବେଷଣ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ମାସ୍କଟ ଓଲିକୁ ବିଦ୍ୟାଳୟର ଖେଳପଡ଼ିଆ ମଞ୍ଚକୁ ପାଛୋଟି ନିଆଯାଇଥିଲା। ପାରମ୍ପରିକ ଢ଼ଙ୍ଗରେ ବେଦମନ୍ତ୍ର ଉଚ୍ଚାରଣ, ଶଙ୍ଖନାଦ ଓ ହୁଳହୁଳି ପଡ଼ିଥିଲା। ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍, ସ୍କାଉଟ, ଗାଇଡମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜାବଗିଚା ଡିଏଭି ସ୍କୁଲ ଓ ଏଲଆର ଡିଏଭି ସ୍କୁଲର ଛାତ୍ରୀଛାତ୍ରମାନେ ମଧ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ନମିତା ମହାନ୍ତି, ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ, ବିଦ୍ୟାଳୟ ଚେୟାରମ୍ୟାନ ମେଜର ଜେନେରାଲ ବସନ୍ତ କୁମାର ମହାପାତ୍ର, ସୀମା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆସେଲସ୍ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ମୁଶ୍ରୀ ମିଶ୍ର, ତୁଳସୀପୁର ପୋଲିସ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ଦାସ ମାସ୍କଟ ଓଲିକୁ ସ୍ୱାଗତ ଜଣାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଟ୍ରଫି ସହ ସେଲ୍‌ଫି

ମାସ୍କଟ ଓଲିର ଶୋଭାଯାତ୍ରାରେ ଯାଇଥିବା ଆସନ୍ତା ହକି ବିଶ୍ୱକପ୍‌ର ଏକ ନକଲି ଟ୍ରଫି ସବୁଠାରୁ ମୁଖ୍ୟ ଆକର୍ଷଣ ରହିଥିଲା। ଟ୍ରଫିକୁ ପାଖରେ ପାଇ ଏହା ସହ ସେଲ୍‌ଫି ନେବା ପାଇଁ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ଏପରି କି ଟ୍ରଫି ଥିବା ଗାଡ଼ିଟି ଦୀର୍ଘ ସମୟଧରି ଭିଡ଼ ମଧ୍ୟରେ ଅଟକି ରହିଥିଲା।

### ବୀରେନ୍ଦ୍ର, ଅମିତ୍‌ଙ୍କ ଜୟଗାନ

ବିଶ୍ୱକପ୍‌ରେ ଭାରତୀୟ ଦଳରେ ଦୁଇଜଣ ଓଡ଼ିଆ ଖେଳାଳି ପ୍ରତିନିଧିତ୍ୱ କରିବେ। ଏମାନେ ହେଲେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ। ଘରୋଇ ମାଟିରେ ବିଶ୍ୱକପ୍ ଖେଳାଯାଉଥିବା ବେଳେ ଏହି ଦୁଇ ଓଡ଼ିଆ ଖେଳାଳିଙ୍କ ଜୟଗାନ ମାସ୍କଟ ଓଲି ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା। ଏହି ଦୁଇ ଖେଳାଳିଙ୍କ ଫଟୋ ମଧ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲା।

### ପିନ୍ଧିଲେ ଓଲି ପୋଷାକ, ଧରିଲେ ହକି ଷ୍ଟିକ୍

ମାସ୍କଟ ଓଲିକୁ ସ୍ୱାଗତ ଜଣାଇବା ପାଇଁ ସମ୍ପୂର୍ଣ୍ଣ ସହର ଉତ୍ସବମୁଖର ହେବା ଭଳି ଅନୁଭବ ହେଉଥିବା ବେଳେ ସିଡିଏ ଡିଏଭି ସ୍କୁଲ ପରିସରରେ ଏକ ଭିନ୍ନ ଧରଣର ପରିବେଶ ସୃଷ୍ଟି ହୋଇଥିଲା। ଗୋଟିଏ ମାସ୍କଟ ଓଲି ବଦଳରେ ଏଠାରେ ଅନେକ ଓଲି ବୁଲୁଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟର କେତେଜଣ ଛାତ୍ରୀଛାତ୍ର ଓଲି ପୋଷାକ ପିନ୍ଧି ହାତରେ ହକି ଷ୍ଟିକ ଧରିଥିଲେ, ଯାହା ଏହି ସ୍ୱାଗତ ଉତ୍ସବର ରୋମାଞ୍ଚକୁ ଦ୍ୱିଗୁଣିତ କରିଥିଲା।

# କ୍ୟାମେରା ଲଗାଇବାକୁ ସେବାୟତଙ୍କ ବିରୋଧ

ପୁରୀ ଅଫିସ,୧୨।୧୧

**ସାକ୍ଷୀଗୋପାଳ ମନ୍ଦିର**

■ ଠାକୁରଙ୍କ ସେବାପୂଜା ୪୦ ମିନିଟ୍ ବନ୍ଦ


■ ଆଜି ଦ୍ୱିତୀୟ ସମନ୍ୱୟ ବୈଠକ

■ ପାଦ ସ୍ପର୍ଶ ନିଷ୍ପତ୍ତିର ପୁନର୍ବିଚାର ଦାବି କଲା ସେବାୟତ ସଂଘ

ଅଁଳା ନବମୀରେ ସାକ୍ଷୀଗୋପାଳ ମନ୍ଦିରରେ ରାଧାପାଦ ସ୍ପର୍ଶକୁ ବନ୍ଦ କରାଯିବା ପରେ ସେବାୟତଙ୍କ ଭିତରେ ଅସନ୍ତୋଷ ତେଜିବାରେ ଲାଗିଛି। ସୋମବାର ଗୋପୀନାଥ ଦେବ ମନ୍ଦିର ପରିସର ନବଗ୍ରହ ମନ୍ଦିର ପଛପାର୍ଶ୍ୱ ତଥା ବେହେରଣ ଦ୍ୱାର ନିକଟରେ ଗର୍ଭଗୃହ ଆଡକୁ ମୁହଁକରି ସିସିଟିଭି କ୍ୟାମେରା ଲଗାଯିବାକୁ ସେବାୟତମାନେ ବିରୋଧ କରିଛନ୍ତି। ସିସିଟିଭି ଖୋଲା ନ ଗଲେ ନୀତି କରିବେ ନାହିଁ ବୋଲି ଜିଦ୍ ଧରି ପ୍ରାୟ ୪୦ ମିନିଟ୍ ଠାକୁରଙ୍କ ସେବାପୂଜା ମଧ୍ୟ ବନ୍ଦ କରିଦେଇଥିଲେ। ସିସିଟିଭି ଖୋଲାଯିବା ପରେ ନୀତି ସ୍ୱାଭାବିକ ହୋଇଥିଲା। ନୀତି ବନ୍ଦ ସମୟରେ ଶ୍ରଦ୍ଧାଳୁମାନେ ଦର୍ଶନ ନ କରି ଫେରିଥିଲେ। ଅନ୍ୟପକ୍ଷରେ ରାଧାପାଦ ସ୍ପର୍ଶ ବନ୍ଦ ନେଇ ଯେଉଁ ନିଷ୍ପତ୍ତି ହୋଇଛି ତାହାର ପୁନର୍ବିଚାର କରିବାକୁ ସେବାୟତ ସଂଘ ପକ୍ଷରୁ ଦେବୋତ୍ତର ବିଭାଗକୁ ଅନୁରୋଧ କରାଯାଇଛି। ମଙ୍ଗଳବାର ଅଁଳା ନବମୀର ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ଏହିସବୁ ପ୍ରସଙ୍ଗକୁ ନେଇ ବୈଠକ ସରଗରମ ହେବ ବୋଲି କୁହାଯାଉଛି। ଆସନ୍ତା ୧୭ ତାରିଖରେ ଅଁଳା ନବମୀ। ବର୍ଷକର ଏହି ଗୋଟିଏ ଦିନ ଓଡ଼ିଆଣୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ରାଧାରାଣୀ। ପ୍ରତିବର୍ଷ ଭକ୍ତମାନେ ରାଧାଙ୍କ ପାଦ ସ୍ପର୍ଶ କରି ଦର୍ଶନ କରିଥାନ୍ତି। ରାଧାପାଦ ସ୍ପର୍ଶ ଶାସ୍ତ୍ରୀୟ ବିଧି ସମ୍ମତ ହୋଇ ନ ଥିବାରୁ ଗତ ୩ ତାରିଖ ପ୍ରଥମ ସମନ୍ୱୟ ବୈଠକରେ ରାଧା ପାଦ ସ୍ପର୍ଶକୁ ବାରଣ କରାଯାଇଛି। ଏହାସହିତ ଭିଆଇପି ପାସ୍ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏହି ନିଷ୍ପତ୍ତି ପରେ ସେବାୟତମାନେ ଦାନ, ଦକ୍ଷିଣା ଆଦି ହରାଇବା ସ୍ପଷ୍ଟହୋଇଛି। ତେଣୁ ଏହାକୁ ସେବାୟତମାନେ ତୀବ୍ର ବିରୋଧ କରୁଛନ୍ତି। ଗତବର୍ଷ ଦର୍ଶନରେ ବିଶୃଙ୍ଖଳା ଉପୁଜିଥିଲା। ଚଳିତବର୍ଷ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଦେବୋତ୍ତର କମିଶନର ୬ଟି ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଅପରାହ୍ନ ୪ଟାରେ ସିସିଟିଭି ଲଗାଯାଉଥିଲାବେଳେ ତୀବ୍ର ବିରୋଧ କରାଯାଇଥିଲା।

ଅନ୍ୟପକ୍ଷରେ ଦେବୋତ୍ତର କମିଶନରଙ୍କ ନିକଟରେ ସତ୍ୟବାଦୀ ଦେବୋତ୍ତର ସମ୍ପତ୍ତି ସୁରକ୍ଷା ମଞ୍ଚର କାର୍ଯ୍ୟକାରୀ ସଭାପତି ଲିଙ୍ଗରାଜ ସାହୁ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ୧୧ ତାରିଖ ରାତିରେ ସତ୍ୟବାଦୀ ଗୋପୀନାଥ ଦେବଙ୍କ ସେବାୟତମାନଙ୍କର ଏକ ବୈଠକ ବସିଥିଲା। ବୈଠକରେ ପୂର୍ବ ନିଷ୍ପତ୍ତିର ଯଦି ପୁନର୍ବିଚାର ନ ହୁଏ ତେବେ ସେବାୟତମାନେ ନୀତି ବନ୍ଦ କରିବା ସହ ଭକ୍ତମାନଙ୍କୁ ଗର୍ଭଗୃହରେ ରାଧାପାଦ ସ୍ପର୍ଶ କରାଯାଇବାକୁ ସ୍ଥିର କରିଛନ୍ତି। ତେଣୁ ଏହାର ପୁନର୍ବିଚାର କରିବାକୁ ତାଙ୍କ ସହ ସାକ୍ଷୀଗୋପଳ ସେବାୟତ ସଂଘର ସମ୍ପାଦକ ଦିବାକର ମହାପାତ୍ର ଦେବୋତ୍ତର କମିଶନରଙ୍କୁ ଅନୁରୋଧ କରିଛନ୍ତି। ଏକପାଖିଆ ଭାବେ ନିଷ୍ପତ୍ତି ନ ନେଇ ଆସନ୍ତା ୧୩ ତାରିଖ ପୂର୍ବରୁ ସେବାୟତଙ୍କ ସହ ଆଲୋଚନା କରି ନିଷ୍ପତ୍ତି ଗ୍ରହଣ କରିବାକୁ ମହାପାତ୍ର ନିବେଦନ କରିଛନ୍ତି।



ଦୀପକ



କୁମାର



ରାଜୀବ



ଅଭିନବ




ସଞ୍ଜୟ



ଜଗ୍ଜେଜୟ



ପ୍ରିୟା



ପବିତ୍ର

# ଓଡ଼ିଶାରେ 'ମ୍ୟାଙ୍ଗୋ' କରିବ ୫ ହୋଟେଲ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ହୋଟେଲ ଶିଳ୍ପ କ୍ଷେତ୍ରରେ ପଛରେ ପଡ଼ିଯାଇଥିବା ଓଡ଼ିଶା ପାଇଁ ସୃଷ୍ଟି ହୋଇଛି ନୂଆ ସୁଯୋଗ। ଦେଶର ପ୍ରମୁଖ ହୋଟେଲ ନେଟୱର୍କ ଚେନ୍ 'ମ୍ୟାଙ୍ଗୋ' ପକ୍ଷରୁ ଓଡ଼ିଶାରେ ୫ ହୋଟେଲ ପ୍ରତିଷ୍ଠା ହେବ, ଯାହାକି ବିଭିନ୍ନ ବର୍ଗର ରହିବ। ଏ ନେଇ 'ମ୍ୟାଙ୍ଗୋ' ଗ୍ରୁପ୍ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଆସିଥିବା କହିଛନ୍ତି ଓଡ଼ିଶା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ। କେବଳ ସେତିକି ନୁହେଁ, ରାଜ୍ୟର ପ୍ରମୁଖ ହୋଟେଲ ବ୍ରାଣ୍ଡ 'ମେଫେୟାର' ପକ୍ଷରୁ ମଧ୍ୟ ଏକ ଅତ୍ୟାଧୁନିକ ରିସର୍ଟ ପ୍ରତିଷ୍ଠା ହେବ। ପ୍ରଥମଥର ପାଇଁ ସାତପଡ଼ାରେ ମେଫେୟାର ଏକ ରିସର୍ଟ ପ୍ରତିଷ୍ଠା କରିବାକୁ ଯୋଜନା କରିଛି। ପ୍ରାୟ ୪୦୦ ଏକର ପରିବ୍ୟାପ୍ତ ଅଞ୍ଚଳରେ ହେବାକୁ ଥିବା ଏହି ରିସର୍ଟ ପାଇଁ ମେଫେୟାର ଜମି ଅଧିଗ୍ରହଣ କରିସାରିଛି। ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ପର୍ଯ୍ୟଟନର ବିକାଶରେ ଏହା ବିଶେଷ ସହାୟକ ହେବ ବୋଲି ପଟ୍ଟନାୟକ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ କହିଛନ୍ତି। ଏହାବ୍ୟତୀତ ରାଜ୍ୟରେ ଏକ 'ଲକ୍ସୁରି ହୋମ୍ ଷ୍ଟେ' ପ୍ରତିଷ୍ଠା ପାଇଁ ମଧ୍ୟ ପ୍ରସ୍ତାବ ଆସିଥିବା ସୂଚନା ମିଳିଛି। ପର୍ଯ୍ୟଟନର ବିକାଶ ପାଇଁ ପୁରୀ ଏବଂ ଭୁବନେଶ୍ୱରରେ ଆସନ୍ତା ୬ମାସ ମଧ୍ୟରେ ନିର୍ମାଣାଧୀନ ଦୁଇଟି ଇଣ୍ଟରପ୍ରିଟେଶନ୍ ସେଣ୍ଟରକୁ କାର୍ଯ୍ୟକ୍ଷମ କରାଯିବ ବୋଲି ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ସୋମବାର 'ପର୍ଯ୍ୟଟନ' ଉପରେ ଆୟୋଜିତ ସେକ୍ଟରାଲ ସେମିନାର୍‌ରେ ରାଜ୍ୟର ପର୍ଯ୍ୟଟନ ସମ୍ବଳ, ରହିଥିବା ସମସ୍ୟା ଏବଂ ପୁଞ୍ଜିନିବେଶ ଉପରେ ମାନସମନ୍ଥନ କରାଯାଇଥିଲା। ପ୍ରାୟ ଦୁଇଟି ଅଧିବେଶନରେ ରାଜ୍ୟ ତଥା ଦେଶ ବାହାରୁ ଆସିଥିବା ହୋଟେଲିୟର୍, ଶିଳ୍ପପତି ଏବଂ ପର୍ଯ୍ୟଟନ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ରାଜ୍ୟ ସରକାରଙ୍କ ୪ଟି ଫୋକସ୍ କ୍ଷେତ୍ର ମଧ୍ୟରୁ ଟୁରିଜମ୍ ଏକ ପ୍ରମୁଖ କ୍ଷେତ୍ର ହୋଇଥିବା ବେଳେ ଅନ୍ୟକ୍ଷେତ୍ର ଭଳି ଏ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ନିବେଶକମାନେ ସେଭଳି ଆଗ୍ରହ ଦେଖାଇ ନ ଥିଲେ। ଦୁର୍ବଳ ଭିତ୍ତିଭୂମି ଏବଂ ଯୋଗାଯୋଗ କ୍ଷେତ୍ରରେ ଥିବା ସମସ୍ୟା ପାଇଁ ହୋଟେଲିୟର୍‌ମାନେ ଓଡ଼ିଶାରୁ ମୁହଁ ଫେରାଇଥିଲେ। ପର୍ଯ୍ୟଟକଙ୍କ ରହଣି ସମସ୍ୟା ରାଜ୍ୟ ପର୍ଯ୍ୟଟନ ପାଇଁ ଏକ ବିରାଟ ପ୍ରତିବନ୍ଧକ ହୋଇଥିବା ବେଳେ ଭରପୂର ପର୍ଯ୍ୟଟନ ସମ୍ବଳ ସତ୍ତ୍ୱେ ଏଠାରେ ଆବଶ୍ୟକ ସଂଖ୍ୟକ ହୋଟେଲ ନାହିଁ। ୨୦୦୯ରୁ ୨୦୧୬ ମସିହା, ଗତ ୮ବର୍ଷ ମଧ୍ୟରେ ରାଜ୍ୟରେ ମାତ୍ର ୨୩୩ଟି କ୍ଲାସିଫାଏଡ୍ ତଥା ଷ୍ଟାର୍ କାଟେଗୋରି ହୋଟେଲ ରୁମ୍ ପ୍ରତିଷ୍ଠା ହୋଇଛି। ଭାରତର ଶ୍ରେଷ୍ଠ ୧୦ ପର୍ଯ୍ୟଟନ ବହୁଳ ରାଜ୍ୟ ମଧ୍ୟରେ ଓଡ଼ିଶାରେ ସବୁଠୁ କମ୍ ସଂଖ୍ୟାକ ତାରକା ହୋଟେଲ ଏବଂ କ୍ଲାସିଫାଏଡ୍ ରୁମ୍ ରହିଛି। ରାଜ୍ୟରେ ମାତ୍ର ୧୦ଟି ଷ୍ଟାର୍ ହୋଟେଲ ଥିବା ବେଳେ ସେଥିରେ ୬୭୦ଟି କ୍ଲାସିଫାଏଡ୍ ରୁମ୍ ରହିଛି, ଯେଉଁଥିପାଇଁ ଓଡ଼ିଶାର ୧୫ଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ହୋଟେଲ ପ୍ରତିଷ୍ଠା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୮୦୦ ଏକରର ଲ୍ୟାଣ୍ଡବ୍ୟାଙ୍କ୍ ଯୋଗାଇ ଦିଆଯାଇଛି। ଏହାସତ୍ତ୍ୱେ ନିବେଶକ ଆଗ୍ରହ ନ ଦେଖାଇବା ଏବେ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି।




**ସାତପଡ଼ାରେ ମେଫେୟାରର ରିସର୍ଟ**

**ଲକ୍ସୁରି ହୋମ୍ ଷ୍ଟେ' ପାଇଁ ପ୍ରସ୍ତାବ**

## ଓଡ଼ିଶାକୁ ଅବହେଳା କଥା ଉଠାଇଲେ ମନ୍ତ୍ରୀ

'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ଯୋଗଦେଇ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓଡ଼ିଶାକୁ କେନ୍ଦ୍ରର ଅବହେଳା କଥା ଉଠାଇଥିଲେ। ପର୍ଯ୍ୟଟନର ବିକାଶ ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ସର୍କିଟର ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କୁ ବାରମ୍ବାର ପ୍ରସ୍ତାବ ଦିଆଯାଉଥିଲେ ବି ତାହାକୁ ଅନୁମତି ମିଳୁ ନ ଥିବା ସେ କହିଛନ୍ତି। ବୌଦ୍ଧ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର ହୋଇଥିଲେ ମଧ୍ୟ ବୁଦ୍ଧିଷ୍ଟ ସର୍କିଟ୍‌କୁ କେନ୍ଦ୍ର ଅନୁମୋଦନ ଦେଉନି। ଧଉଳିସହ ଉଦୟଗିରି, ରତ୍ନଗିରି, ଲଳିତଗିରି, ଲାଙ୍ଗୁଡ଼ିକୁ ନେଇ ଏକ ସ୍ୱତନ୍ତ୍ର ଡିପିଆର୍ କେନ୍ଦ୍ରକୁ ପଠାଯାଇଥିଲେ ବି ଏ ପର୍ଯ୍ୟନ୍ତ ତାହାର ଉତ୍ତର ମିଳିନି। ଏବେ ସୁଦ୍ଧା ପ୍ରସ୍ତାବ ସେହିଭଳି ପଡ଼ିରହିଥିବାରୁ ରାଜ୍ୟରେ ବୌଦ୍ଧ କୀର୍ତ୍ତିରାଜିର ବିକାଶ ଅଧାପନ୍ତରିଆ ହୋଇରହିଛି। ସେହିଭଳି ଖଣ୍ଡଗିରି-ଉଦୟଗିରିରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' ପ୍ରକଳ୍ପ ଚୂଡ଼ାନ୍ତ ରୂପ ନେଇପାରୁନି। କେନ୍ଦ୍ର ସରକାରଙ୍କ ଆଇଟିଡିସିକୁ ଏ ନେଇ ବାରମ୍ବାର କୁହାଯାଉଥିଲେ ବି ସୁଫଳ ମିଳୁ ନ ଥିବା ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଟୁରିଜମ୍ ଡିଜି ସତ୍ୟଜିତ ରାଜନ୍ ଓଲଟା ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶା ସରକାର କେନ୍ଦ୍ରକୁ ସେଭଳି କୌଣସି ପ୍ରସ୍ତାବ ଦେଉ ନ ଥିବା କହିଛନ୍ତି।

# ଭୁବନେଶ୍ୱରରେ ହେବ ୱାର୍ଲଡ ସ୍କିଲ୍ ସେଣ୍ଟର

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

**୪ ବର୍ଷରେ ପ୍ରଶିକ୍ଷଣ ନେବେ ୫୦ ହଜାର ଛାତ୍ରୀଛାତ୍ର**

ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ୱାର୍ଲଡ ସ୍କିଲ୍ ସେଣ୍ଟର। ଦକ୍ଷତା ବିକାଶ କ୍ଷେତ୍ରରେ ଗତ କିଛିବର୍ଷ ମଧ୍ୟରେ ଓଡ଼ିଶା ଆଖିଦୃଶିଆ ସଫଳତା ହାସଲ କରିଥିବା ବେଳେ ଏହାକୁ ଆଉପାଦେ ଆଗକୁ ନେବାକୁ ରାଜ୍ୟରେ ବିଶ୍ୱସ୍ତରୀୟ ସ୍କିଲ୍ ସେଣ୍ଟର ପ୍ରତିଷ୍ଠା ହେବ। ସିଙ୍ଗାପୁରର ପ୍ରସିଦ୍ଧ ଆଇଟିଇ ଏଜୁକେଶନ ସର୍ଭିସେସ୍(ଆଇଟିଇଇଏସ୍) ଢାଞ୍ଚାରେ ଏହା ପ୍ରତିଷ୍ଠା ହେବ। ଏଥିପାଇଁ ସୋମବାର 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ଆଇଟିଇଇଏସ୍ ଏବଂ ଓଡ଼ିଶା ସ୍କିଲ୍ ଡେଭେଲପ୍‌ମେଣ୍ଟ ଅଥରିଟି ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଏମ୍‌ଓୟୁ ସ୍ୱାକ୍ଷର ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଆଇଟିଇଇଏସ୍ ପକ୍ଷରୁ ଚାଙ୍ଗ୍ ମି ହାଙ୍ଗ୍ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ସଞ୍ଜୟ କୁମାର ସିଂ ଏହି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି।

ବିଭିନ୍ନ କ୍ଷେତ୍ରରେ ଆଡ୍‌ଭାନ୍ସ ସ୍କିଲ୍ ଟ୍ରେନିଂ ଦେବାକୁ ଥିବା ଏହି ସେଣ୍ଟର ୧୪୦୦ କୋଟି ଟଙ୍କାର ଏକ ପ୍ରୋଜେକ୍ଟ, ଯାହାକି ଦକ୍ଷତା ବିକାଶ କ୍ଷେତ୍ରରେ ୱାନ୍ ଷ୍ଟପ୍ ପ୍ଲାଟଫର୍ମ ହେବ। ଆସନ୍ତା ୪ ବର୍ଷ ମଧ୍ୟରେ ଏହା ୫୦ ହଜାର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖିଥିବା ବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୩ ହଜାର ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେବେ। ବିୟୁଟି, ଫ୍ୟାଶନ, ଲଜିଷ୍ଟିକ୍, ଟେକ୍ନିକାଲ ଏଜୁକେଶନ ଭଳି ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯିବ। ଦକ୍ଷତା ବିକାଶ ମାଧ୍ୟମରେ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିବ ବୋଲି ହାଙ୍ଗ୍ ଏହି ଅବସରରେ କହିଥିଲେ।

## ଓଡ଼ିଆମାନେ ବୃକ୍ଷପ୍ରେମୀ: ମୁଖ୍ୟମନ୍ତ୍ରୀ




ଓଡ଼ିଆମାନେ ବୃକ୍ଷପ୍ରେମୀ। ଓଡ଼ିଶାର ଲୋକେ ଗଛକୁ ଭଲପାଆନ୍ତି। ଏଥିପାଇଁ ଓଡ଼ିଶା ଭାରତବର୍ଷର ଏକମାତ୍ର ରାଜ୍ୟ, ଯେଉଁଠାରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ଜାତୀୟ ହାରଠାରୁ ମଧ୍ୟ ଅଧିକ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଆପୋଲୋ ହସ୍ପିଟାଲର ଯୁଗ୍ମ ପରିଚାଳନା ନିର୍ଦ୍ଦେଶିକା ସଙ୍ଗୀତା ରେଡ୍ଡୀଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟର ଏନ୍‌ଭାଇରନ୍‌ମେଣ୍ଟ ଓ ହେଲ୍‌ଥ ପଲିସି ସର୍ବୋତ୍କୃଷ୍ଟ ବୋଲି କହିଥିଲେ। ଓଡ଼ିଶାର ସ୍ୱାସ୍ଥ୍ୟନୀତି ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ରାଜ୍ୟ ସମଗ୍ର ବିଶ୍ୱ ପାଇଁ ଉନ୍ମୁକ୍ତ ବୋଲି କହିଥିଲେ। ଏହି ଅବସରରେ ସଙ୍ଗୀତା ଭୁବନେଶ୍ୱରର ସ୍ୱଚ୍ଛ ଏବଂ ସବୁଜ ପରିବେଶର ପ୍ରଶଂସା କରିବା ସହ ଭୁବନେଶ୍ୱର ଆସି ସେ ଭଲରେ ନିଃଶ୍ୱାସ ନେଇପାରୁଥିବା କହିଥିଲେ।

## ବିଶ୍ୱସ୍ତରୀୟ କନ୍‌ଭେନ୍‌ଶନ ସେଣ୍ଟର ପାଇଁ ପ୍ରସ୍ତାବ

ମିଟିଙ୍ଗ୍‌ସ, ଇନ୍‌ସେନ୍‌ଟିଭ୍‌ସ, କନ୍‌ଫରେନ୍ସେସ୍ ଆଣ୍ଡ ଇଭେଣ୍ଟ୍ସ(ମାଇସ୍) ଟୁରିଜମ୍‌ର ଡିମାଣ୍ଡ ଏବେ ସମଗ୍ର ବିଶ୍ୱରେ ରହିଛି। ପର୍ଯ୍ୟଟନ କ୍ଷେତ୍ରରେ ଏହା ଏକ ନୂଆ ସମ୍ଭାବନା ହୋଇଥିବା ବେଳେ ଓଡ଼ିଶାରେ ମଧ୍ୟ ଏଥିପାଇଁ ବ୍ୟାପକ ସୁଯୋଗ ରହିଛି। ବଡ଼ ବଡ଼ କନ୍‌ଫରେନ୍ସ ସହ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀର ଆୟୋଜନ ମାଧ୍ୟମରେ ରାଜ୍ୟକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ। ମାତ୍ର ରାଜ୍ୟରେ ଏଥିଲାଗି ଏକ ବିଶ୍ୱସ୍ତରୀୟ କନ୍‌ଭେନ୍‌ଶନ ସେଣ୍ଟରର ଆବଶ୍ୟକତା ରହିଛି। 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ଏ ଦିଗରେ ଆଗ୍ରହ ଦେଖାଇଛନ୍ତି ବେଦାନ୍ତ ଗ୍ରୁପ୍ ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଅନିଲ ଅଗ୍ରୱାଲ। ଓଡ଼ିଶାରେ ବେଦାନ୍ତ ଗ୍ରୁପ୍ ପକ୍ଷରୁ ଏକ ୱାର୍ଲଡ କ୍ଲାସ୍ କନ୍‌ଭେନ୍‌ଶନ ସେଣ୍ଟର ପ୍ରତିଷ୍ଠା କରିବା ପାଇଁ ସେ ସବୁଜ ସଙ୍କେତ ଦେଇଛନ୍ତି। ୱାର୍ଲଡ କ୍ଲାସ୍ ୟୁନିଭର୍ସିଟି ପରେ ୱାର୍ଲଡ କ୍ଲାସ୍ କନ୍‌ଭେନଶନ ସେଣ୍ଟର କରିବା ପାଇଁ ସେ ଯୋଜନା କରିଥିବା ସୋମବାର କନ୍‌କ୍ଲେଭ୍‌ର ବିଜ୍‌ନେସ୍ ଲିଡରଶିପ୍ ସମିଟ୍‌ରେ ଯୋଗଦେଇ ଅନିଲ କହିଛନ୍ତି।

## ଓଡ଼ିଶାରେ ଅଛନ୍ତି ଦକ୍ଷ ଯୁବପିଢ଼ି

ଦକ୍ଷ ମାନବସମ୍ବଳ କ୍ଷେତ୍ରରେ ଓଡ଼ିଶା ଏକ ଆଗଧାଡ଼ିର ରାଜ୍ୟ। ଓଡ଼ିଶାରେ ଅଛନ୍ତି ଦକ୍ଷ ଓ ପ୍ରତିଭାବାନ ଯୁବପିଢ଼ି। ଉଦ୍ୟୋଗ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନ। ଟେକ୍ନିକାଲ ହ୍ୟୁମାନ୍ ରିସୋର୍ସ ବା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଓଡ଼ିଶାରେ ଭରପୂର ମାନବସମ୍ବଳ ରହିଥିବା ଶିଳ୍ପଜଗତର ବିଶିଷ୍ଟ କ୍ୟାପ୍‌ଟେନ୍‌ମାନେ କହିଛନ୍ତି। 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ଯୋଗଦେଇଥିବା ଟାଟା ସନ୍‌ସ ଗ୍ରୁପ୍ ଚେୟାରମ୍ୟାନ୍ ନଟରାଜନ୍ ଚନ୍ଦ୍ରଶେଖରନ୍, ବେଦାନ୍ତ ଗ୍ରୁପ୍‌ର ଅନିଲ ଅଗ୍ରୱାଲ, ଜିନ୍ଦଲ ଷ୍ଟିଲ୍ ଚେୟାରମ୍ୟାନ୍ ନବୀନ ଜିନ୍ଦଲ, ଆଇଟିଇଇଏସ୍ ସିଙ୍ଗାପୁରର ଚାଙ୍ଗ୍ ମି ହାଙ୍ଗ୍ ପ୍ରମୁଖ ମାନବସମ୍ବଳ କ୍ଷେତ୍ରରେ ଓଡ଼ିଶା ବହୁ ଆଗରେ ବୋଲି କହିଥିଲେ। ଓଡ଼ିଶାର ଲୋକମାନେ ଜ୍ଞାନୀ ଏବଂ ସେମାନେ ନିଯୁକ୍ତି ନ ଖୋଜି ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବାର ଦକ୍ଷତା ରଖିଛନ୍ତି ବୋଲି ଅନିଲ ଅଗ୍ରୱାଲ କହିଥିଲେ।

## ଶିଳ୍ପପତିଙ୍କ ମୁହଁରେ ଶ୍ରୀଜଗନ୍ନାଥ

**ଓଡ଼ିଶାର କଳା, ସଂସ୍କୃତିକୁ ଭୂରି ଭୂରି ପ୍ରଶଂସା**

'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ବିଜ୍‌ନେସ୍ ଲିଡରଶିପ୍ ସମିଟ୍‌ରେ ଯୋଗଦେଇଥିବା ସମସ୍ତ ଅତିଥି ଓ ବକ୍ତାଙ୍କ ମୁହଁରେ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଜଗନ୍ନାଥଙ୍କ ଅପାର କୃପାକୁ ସମସ୍ତେ ମଞ୍ଚରେ ବଖାଣିବା ସହ ତାଙ୍କର ଆଶୀର୍ବାଦ କାମନା କରିଥିଲେ। ମୁକେଶ ଅମ୍ବାନୀ ନିଜ ଅଭିଭାଷଣ ଶ୍ରୀଜଗନ୍ନାଥଙ୍କଠାରୁ ଆରମ୍ଭ କରିଥିବା ବେଳେ ନବୀନ ଜିନ୍ଦଲ, ସଜ୍ଜନ ଜିନ୍ଦଲ, ଅନିଲ ଅଗ୍ରୱାଲ, ଏନ୍. ଚନ୍ଦ୍ରଶେଖରନ୍ ପ୍ରମୁଖ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ପର୍କରେ କହିଥିଲେ। ସେ ବିଶ୍ୱର ଏକମାତ୍ର ଠାକୁର, ଯିଏ ସମ୍ମୁଖକୁ ହାତ କରି ଭକ୍ତଙ୍କ ପାଇଁ ବସିଛନ୍ତି ବୋଲି ଏହି ଶିଳ୍ପପତିମାନେ କହିଥିଲେ।
ଏହାବ୍ୟତୀତ ଓଡ଼ିଶାର ଉତ୍କୃଷ୍ଟ କଳା, ସଂସ୍କୃତି ଓ ଐତିହ୍ୟର ପ୍ରଶଂସା କରିବାକୁ ମଧ୍ୟ ଭୁଲି ନ ଥିଲେ। ଶାନ୍ତ ସ୍ୱଭାବର ଓଡ଼ିଶାବାସୀ, ସାଦାସିଧା ଜୀବନଶୈଳୀ, ପ୍ରାକୃତିକ ସବୁଜିମା, ସ୍ୱଚ୍ଛ ପରିବେଶର ଭୂରି ଭୂରି ପ୍ରଶଂସା କରିଥିଲେ। ସେହିଭଳି ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିରର ନିଖୁଣ କାରୁକାର୍ଯ୍ୟ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଏମ୍‌ଡି ସଜ୍ଜନ ଜିନ୍ଦଲ କହିଥିଲେ।

# ଓଡ଼ିଶୀ ସହ ବ୍ୟାଣ୍ଡ ଫ୍ୟୁଜନ

**ଦ୍ୱିତୀୟ ସନ୍ଧ୍ୟାରେ ପ୍ରତିଭା ଦେଖାଇଲେ ଜାପାନ କଳାକାର**

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ଓଡ଼ିଶୀ ସହ ବ୍ୟାଣ୍ଡର ଫ୍ୟୁଜନ୍। କଣ୍ଟେମ୍ପୋରାରି ବ୍ୟାଣ୍ଡ ମ୍ୟୁଜିକ୍‌ର ତାଳେ ତାଳେ ଓଡ଼ିଶୀର ଛନ୍ଦମୟ ନୃତ୍ୟ, ସୃଷ୍ଟି କରିଥିଲା ଏକ ନିଆରା ଦୃଶ୍ୟ। ଉଦ୍‌ଘାଟନୀ ସନ୍ଧ୍ୟାର ଆକର୍ଷଣୀୟ 'ଅନ୍‌ଷ୍ଟପେବଲ୍ ଆଇ ଆମ୍ ଓଡ଼ିଶା' ପରେ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ଦ୍ୱିତୀୟ ସନ୍ଧ୍ୟାରେ ମନ ଜିଣିଥିଲେ ଜାପାନ କଳାକାର। ତାହା ପୁଣି ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ଝଲକ ସହ। ଦ୍ୱିତୀୟ ସନ୍ଧ୍ୟାରେ ଆକର୍ଷଣ ରହିଥିଲେ ଜାପାନର ଓଡ଼ିଶୀ ନୃତ୍ୟଶିଳ୍ପୀ ମସାକୋ ଓନୋ। ମସାକୋ ସନ୍ଧ୍ୟାର ଶୋ' ଷ୍ଟପର୍ ଭାବେ ଆରମ୍ଭରୁ ଶେଷ ଯାଏ ନିଜ ପରିବେଷଣରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ।

ପ୍ରାରମ୍ଭିକ ପ୍ରସ୍ତୁତିରେ ମସାକୋ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମେ 'ଗଙ୍ଗାତରଙ୍ଗ' ଏବଂ ପରେ 'ଶିବତାଣ୍ଡବ', 'ହଂସଧ୍ୱନି ପଲ୍ଲବୀ' ଓ 'ମୋକ୍ଷ' ପରିବେଷଣ କରିଥିଲେ। ଜଣେ ଜାପାନୀ କଳାକାର ହୋଇ ମଧ୍ୟ ତାଙ୍କ ଓଡ଼ିଶୀ ନୃତ୍ୟରେ ଥିବା ମାଦକତା, ଭାବଭଙ୍ଗୀ ଓ ଛନ୍ଦରସ ଉପସ୍ଥିତ ଦର୍ଶକଙ୍କୁ ଚକିତ କରିଥିଲା। ଏହାପରେ ପଣ୍ଡିତ ରବି ଆଚାର୍ଯ୍ୟଙ୍କ ବ୍ୟାଣ୍ଡ କଣ୍ଟେମ୍ପୋରାରି ମ୍ୟୁଜିକ୍ ପରିବେଷଣ କରିଥିଲା। ଆଧୁନିକ ସହ ପାରମ୍ପରିକ ବାଦ୍ୟଯନ୍ତ୍ରର ମିଶ୍ରିତ ଧୁନ୍ ବେଶ୍ ଉପଭୋଗ୍ୟ ହୋଇଥିଲା। ଏହାବ୍ୟତୀତ ସନ୍ଧ୍ୟାର ଆଉ ଏକ ଆକର୍ଷଣ ଥିଲା କଷ୍ଟ୍ୟୁମ୍ ଇମ୍ପ୍ରୋଭାଇଜେଶନ ଉପରେ ଆଧାରିତ ନିଆରା କାର୍ଯ୍ୟକ୍ରମ। ଜାପାନିଜ୍ କଷ୍ଟ୍ୟୁମ୍ ଡିଜାଇନର୍ ଇଚିକୋ ଫୁନାଇ ଓଡ଼ିଆ କଳା ଓ ସଂସ୍କୃତିକୁ ନେଇ ପ୍ରସ୍ତୁତ କଣ୍ଟେମ୍ପୋରାରି ଫ୍ୟାଶନ ଉପରେ ଏକ ଆକର୍ଷଣୀୟ ଶୋ' କରିଥିଲେ। ସେହିଭଳି ଶେଷରେ ବ୍ୟାଣ୍ଡ ସହ ମସାକୋଙ୍କ ଓଡ଼ିଶୀ ଫ୍ୟୁଜନ୍ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ସନ୍ଧ୍ୟାକୁ ହାଲ୍‌କା ଓ ମନୋରଞ୍ଜନପୂର୍ଣ୍ଣ କରିଥିଲା। ସୋମବାର କନ୍‌କ୍ଲେଭ୍‌ର ପ୍ରଥମାର୍ଦ୍ଧରେ ବିଶିଷ୍ଟ ବଂଶୀବାଦକ ପଣ୍ଡିତ ହରିପ୍ରସାଦ ଚୌରାସିଆ ଅନ୍ୟତମ ଆକର୍ଷଣ ସାଜିଥିଲେ।






## ଓଲି ସହ ଫଟୋ

ଭୁବନେଶ୍ୱରରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍‌ର ପ୍ରଚାର ନିମନ୍ତେ 'ମେକ୍ ଇନ୍ ଓଡ଼ିଶା କନକ୍ଲେଭ' ଆୟୋଜନସ୍ଥଳ ଜନତା ମଇଦାନରେ ସୋମବାର ବୁଲୁଥିବା ମାସ୍କଟ ଓଲି ସହ ଦୁଇ ଜଣ ଛାତ୍ରୀ ଫଟୋ ଉଠାଉଛନ୍ତି।



-ରିପୋର୍ଟ: ସସ୍ମିତା ପାଇକରାୟ, ଫଟୋ: ବିକାଶ ନାୟକ




ମେକ୍ ଇନ୍ ଓଡ଼ିଶା କନକ୍ଲେଭର ଷ୍ଟଲଗୁଡ଼ିକ ଆଗରେ ଭିଡ଼।




ଷ୍ଟଲରେ ଗଛର କଳାକୃତି।




ଏକ ଷ୍ଟଲରେ ଫଟୋ ଉଠାଉଥିବା ଛାତ୍ରମାନେ।






# ଗୋଟିଏ ପ୍ଲାଟଫର୍ମରେ ଶିଳ୍ପ କ୍ୟାପଟେନ୍

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ):** ସୋମବାର ମେକ୍ ଇନ୍ ଓଡିଶା କନକ୍ଲେଭର ଦ୍ୱିତୀୟ ଦିବସ ଥିବା ବେଳେ ଏହାର ପ୍ଲାନେରୀ ଅଧିବେଶନରେ ଦେଶର ପ୍ରମୁଖ କର୍ପୋରେଟ ହାଉସଗୁଡିକର ମୁଖ୍ୟଙ୍କ ସମାଗମ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ଅବସରରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଶିଳ୍ପୋଦ୍ୟୋଗୀଙ୍କୁ ସ୍ୱାଗତ କରିଥିଲେ। ଅପରପକ୍ଷରେ ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା ରାଜ୍ୟରେ ରହିଥିବା ଶିଳ୍ପ ସୁବିଧା ଉପରେ ଅଭିଭାଷଣ ରଖିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଡାଏସରେ ବଡ ବଡ ଶିଳ୍ପ ସଂସ୍ଥାଗୁଡିକର ମୁଖ୍ୟଙ୍କ ଉପସ୍ଥିତି ଦ୍ୱିତୀୟ ଦିନରେ ପ୍ରମୁଖ ଆକର୍ଷଣ ରହିଥିଲା। ଏହାକୁ ଗୋଟିଏ ପ୍ଲାଟଫର୍ମରେ ଶିଳ୍ପ କ୍ୟାପଟେନଙ୍କ ସମାଗମ କହିଲେ ଅତ୍ୟୁକ୍ତି ହେବ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସହ ରିଲାଏନ୍ସ ଗ୍ରୁପ ଅଧ୍ୟକ୍ଷ ମୁକେଶ ଅମ୍ବାନୀ, ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ଆଦିତ୍ୟ ବିର୍ଲା ଗ୍ରୁପ ଅଧ୍ୟକ୍ଷ କୁମାର ମଙ୍ଗଲମ ବିର୍ଲା, ବେଦାନ୍ତ ଗ୍ରୁପ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ, ଟାଟା ସନ୍ସ ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେକରନ, ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର, ସେଲ୍ ଅଧ୍ୟକ୍ଷ ଅନିଲ କୁମାର ଚୌଧୁରୀଙ୍କ ସହ ଓୟୋ ରୁମ୍ସର ପ୍ରତିଷ୍ଠାତା ରିତେଶ ଅଗ୍ରୱାଲ ପ୍ରମୁଖ ଡାଏସରେ ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ପାଣ୍ଟାଲୁନ ରିଟେଲ ଫ୍ୟାଶନ ଲିମିଟେଡ, କଳିଙ୍ଗ ନଗର ଟାଟା ଇସ୍ପାତ ପ୍ରକଳ୍ପ ସମ୍ପ୍ରସାରଣ ଭୂମି ପୂଜନ ଏବଂ ବେଦାନ୍ତ ଗ୍ରୁପ ଲାଞ୍ଜିଗଡ ପ୍ରକଳ୍ପ ସମ୍ପ୍ରସାରଣକୁ ଶୁଭାରମ୍ଭ କରିଥିଲେ। ପ୍ଲାନେରୀ ସେସନରେ ଶିଳ୍ପ ଲିଡରମାନେ ଓଡିଶା ବଜାର ନେଇ ସେମାନଙ୍କ ଯୋଜନା ତଥା ଓଡିଶାର ଶିଳ୍ପ ବାତାବରଣ ସମ୍ପର୍କରେ ମତ ରଖିଥିଲେ। ଅପରପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟରେ ଫୁଡ ପ୍ରୋସେସିଂ, ଭିତ୍ତିଭୂମି, ଜାପାନ ସେମିନାର ସ୍ମାର୍ଟ ସିଟି ଭଳି ବିଭିନ୍ନ ପ୍ରସଙ୍ଗରେ ସେମିନାର ଅନୁଷ୍ଠିତ ହୋଇଥିଲା।




ଜାପାନ ସେମିନାର୍‌ରେ ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ ଉଦ୍‌ବୋଧନ ଦେଉଛନ୍ତି।

## ଓଡ଼ିଶା ଆସିବେ ଅଧିକ ଜାପାନ କମ୍ପାନୀ

ଓଡିଶାରେ ଜାପାନ କମ୍ପାନୀଙ୍କ ଲାଗି ଅଧିକ ନିବେଶ ସୁଯୋଗ ସୃଷ୍ଟି ପାଇଁ ସରକାର ଯୋଜନା ରଖିଛନ୍ତି। ଭୁବନେଶ୍ୱର ନିକଟବର୍ତ୍ତୀ ସ୍ଥାନରେ ସରକାର ୬୬୫ ଏକର ଏକ ସ୍ଥାନ ଚୟନ କରିଛନ୍ତି। ଏଠାରେ ଜାପାନର ସଂସ୍ଥାଗୁଡିକ ବାଣିଜ୍ୟ ଭିତ୍ତିଭୂମି ଉନ୍ନତୀକରଣ କରିବାକୁ ସହାୟକ ହେବ ବୋଲି ଜାପାନ ଭାରତ ବାଣିଜ୍ୟ ସୁଯୋଗ ସଂକ୍ରାନ୍ତ ଏକ କର୍ମଶାଳାରେ ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ ଏହି ସୂଚନା ଦେଇଛନ୍ତି।

## ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

ଭୁବନେଶ୍ୱର, ୧୨।୧୧ :ରାଜ୍ୟର ଅର୍ଥନୈତିକ ବିକାଶଧାରାକୁ ତ୍ୱରାନ୍ୱିତ କରିବା ଲାଗି ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି। ଭିତ୍ତିଭୂମି ବିକାଶର ଆବଶ୍ୟକତା ଉପରେ ମେକ୍ ଇନ୍ ଓଡିଶାର ଦ୍ୱିତୀୟ ଦିନରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବନ୍ଦର, ରାଜପଥ, ଜଳପଥ ପରିବହନ,ରେଲୱେ ବିକାଶ ଉପରେ ଏଠାରେ ଆଲୋଚନା ହୋଇଥିଲା। ଏହାର ବର୍ତ୍ତମାନର ସ୍ଥିତି , ଉନ୍ନତୀକରଣ ଲାଗି ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ଆଲୋଚନା ହୋଇ ଥିଲା। ଗ୍ରାମାଞ୍ଚଳରେ ସଡକ ପଥର ଉନ୍ନତୀକରଣ, ଧାମରା, ଗୋପାଳପୁର ବନ୍ଦରର ଭିତ୍ତିଭୂମି ବିକାଶ ସଂକ୍ରାନ୍ତ ପଦକ୍ଷେପ, ଧାମରାଠାରେ ଏୟାର ଷ୍ଟ୍ରିପ୍ ଉନ୍ନତୀକରଣ ନେଇ ସୂଚନା ରହିଛି। ଧାମରାଠାରେ ହେବାକୁ ଥିବା ଏୟାରପୋର୍ଟ ଧାମରା ପୋର୍ଟ କମ୍ପାନୀ ପକ୍ଷରୁ ନିର୍ମାଣ ହେବ। ଏଥି ଲାଗି ୫୦୦ ଏକର ଜମିର ଆବଶ୍ୟକତା ରହିଛି। ବର୍ତ୍ତମାନ ସୁଦ୍ଧା ଏଥିଲାଗି ୪୦୦ ଏକର ଜମି ଉପଲବ୍ଧ ରହିଛି। କାର୍ଯ୍ୟକ୍ରମରେ ଏ ନେଇ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା କ୍ୟାପ୍ଟିଭ ଭାବେ ବ୍ୟବହାର ହେବ। ସେହିଭଳି ନୌପର୍ଯ୍ୟଟନ ଲାଗି ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କ୍ଷେତ୍ରରେ କଣ ସମ୍ଭାବନା ରହିଛି ସେ ସମ୍ପର୍କରେ ରିପୋର୍ଟ ଦେବା ଲାଗି କନସଲଷ୍ଟାଣ୍ଟ ନିଯୁକ୍ତ କରାଯାଇଛି। ସେହିଭଳି ରାଜ୍ୟରେ ୱାଟର ଏରୋଡ୍ରମ ଲାଗି ବିକଳ୍ପ ସ୍ଥାନ ବଛାଯିବ ବୋଲି ଜଣାଯାଇଛି।

## ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶ କରିବେ ୨ କମ୍ପାନୀ

ଓଡିଶାରେ ଉନ୍ନତ ଏଗ୍ରି କ୍ଲାଇମେଟିକ ଜୋନ ରହିଥିବା ବେଳେ, ବିସ୍ତୃତ ବେଳାଭୂମି, ଲ୍ୟାଣ୍ଡ ବ୍ୟାଙ୍କ ସୁବିଧା ରହିଛି। ଏଠାରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ଲାଗି ଉନ୍ନତ ସୁଯୋଗ ରହିଛି। ଏହାର ଲାଭ ନେବା ଲାଗି ମେକ୍ ଇନ ଓଡିଶା କନକ୍ଲେଭ ଅବସରରେ ଉଦ୍ୟୋଗୀଙ୍କୁ ସରକାର ଅବଗତ କରାଇଛନ୍ତି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କର୍ମଶାଳାରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଏମ୍‌ଏସ୍‌ଏମ୍‌ଇ ସ୍ୱତନ୍ତ୍ର ସଚିବ ଏଲ୍.ଏନ୍ ଗୁପ୍ତା, ପୂର୍ବତନ ଫୁଡ ପ୍ରୋସେସିଂ ସଚିବ ଜେ.ପି ମିନା, ଫୁଡ ପ୍ରୋସେସିଂ ଯୁଗ୍ମ ସଚିବ ପରାଗ ଗୁପ୍ତା, ଲିଲିତ ସିଂ ମଙ୍ଗାଲିଆ ଜିଏମ୍ ବ୍ରିଟାନିଆ ପ୍ରମୁଖ ଉପସ୍ଥିତ ରହି ଖାଦ୍ୟ ପ୍ରକ୍ରିୟା କରଣ କ୍ଷେତ୍ରରେ ରହିଥିବା ସୁଯୋଗ ଏବଂ ସମ୍ଭାବନା ଉପରେ ଆଲୋଚନା ରଖିଥିଲେ। ରାଜ୍ୟରେ ଆଇସିଟି ଆଗାମୀ ୫୫୦ କୋଟି ଏବଂ ବ୍ରିଟାନିଆ ୬୦ କୋଟି ଟଙ୍କା ନିବେଶ ନେଇ ପ୍ରସ୍ତାବ ଦେଇଥିବା ଜଣା ପଡିଛି। ଏହି ଅବସରରେ ଫୁଡ ପ୍ରୋସେସିଂ କ୍ଷେତ୍ରର ଏକ ଡାଇରେକ୍ଟୋରୀ ଉନ୍ମୋଚିତ ହୋଇଥିଲା।

## ଗ୍ରାମାଞ୍ଚଳରେ ଡିଜିଟାଲ ସେବା ଦୃଢ଼ୀକରଣ ଲକ୍ଷ୍ୟ



ଓଡିଶା ସହ ଆମ ପରିବାରର ସମ୍ପର୍କ ବହୁ ପୁରୁଣା। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏବଂ ମୋ ପିତା(ଧୀରୁ ଭାଇ ଅମ୍ବାନୀ)ଙ୍କର ଭଲ ବନ୍ଧୁତା ରହିଥିଲା। ବର୍ତ୍ତମାନ ଓଡିଶା ଜାତୀୟ ହାରଠାରୁ ଅଧିକ ହାରରେ ଅଭିବୃଦ୍ଧି କରୁଛି। ଆଇଟି ନିବେଶରେ ଓଡିଶା ଏକ ପ୍ରମୁଖ ସ୍ଥଳ ହୋଇ ପାରିଛି। ମେକ୍ ଇନ୍ ଓଡିଶା ଏବଂ ମେକ୍ ନ୍ୟୁ ଓଡିଶା ଭିଜନରେ ରିଲାଏନ୍ସ ଭାଗିଦାରି ରଖିଛି। ଏକ ପ୍ରମୁଖ ନିବେଶକ ଭାବେ ଏଠାରେ ଆମେ କାର୍ଯ୍ୟ କରୁଛୁ। ଏଠାରେ ୬,୦୦୦ କୋଟି ଟଙ୍କାର ନିବେଶ କରିଛି। ଅଗାମୀ ଦିନରେ ନିବେଶ ଧାରା ଜାରି ରହିବ। ଆମେ ଡିଜିଟାଲ ଭିତ୍ତିଭୂମି ଉନ୍ନତୀକରଣ ଦିଗରେ କାର୍ଯ୍ୟ କରୁଛୁ। ସେହିଭଳି ଡିଜିଟାଲ ବ୍ୟବସାୟ, ଡିଜିଟାଲ ପ୍ରଯୁକ୍ତି ବିଦ୍ୟା ଅର୍ଥନୀତି, କୃତ୍ରିମ ବୁଦ୍ଧିମତାକୁ ଧ୍ୟାନରେ ରଖି ନୂତନ ପିଢିର ଜ୍ଞାନକୌଶଳ ଉପରେ ଧ୍ୟାନ କେନ୍ଦ୍ରିତ କରିଛୁ। ଓଡିଶାର ଗ୍ରାମାଞ୍ଚଳରେ ଡିଜିଟାଲ ସେବା ଉପଲବ୍ଧ କରାଇବାକୁ କାର୍ଯ୍ୟକ୍ରମ ଜାରି ରହିଛି। ଏହା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦ୍ୱାରା ସୁଦୃଢ ହୋଇ ପାରିବ। ଏହା ଦ୍ୱାରା ଲୋକଙ୍କୁ ସଶକ୍ତ କରାଯାଇ ପାରିବ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କୁ ପରସ୍ପର ତଥା ବିଶ୍ୱ ସହ ଯୋଡା ଯାଇ ପାରିବ। ଜିଓ ଏବେ ରାଜ୍ୟର ୪୩ ହଜାର ଗାଁକୁ ଯୋଡି ପାରିଛି। ସେହିଭଳି ଲୋକଙ୍କୁ ସୁଲଭ ସ୍ମାର୍ଟଫୋନ ମଧ୍ୟ ଯୋଗାଇ ଦେଉଛି। ଏହା ସେମାନଙ୍କ ଲାଗି ପ୍ରଥମ ରେଡିଓ, ଟିଭି, ମ୍ୟୁଜିକ୍ ପ୍ଲେୟାର, କ୍ୟାମେରା ହୋଇ ପାରିଛି। ସେହିଭଳି ମିଶନ ଶକ୍ତି, ଜିଓ ଗିଗା ଫାଇବର, ଅନଲାଇନରୁ ଅଫ୍‌ଲାଇନ ନ୍ୟୁ ପ୍ଲାଟଫର୍ମ , ନୂଆ ଓଡିଶା ଗଠନ, କ୍ରୀଡା କ୍ଷେତ୍ରରେ ସହଭାଗିତା ସହ ରିଲାଏନ୍ସ ଫାଉଣ୍ଡେଶନ ଦ୍ୱାରା ଓଡିଶାର ବିକାଶ ଦିଗରେ ସହଯୋଗ ରଖିଛୁ।

**– ମୁକେଶ ଅମ୍ବାନୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ**

## ରାଜ୍ୟର ବିକାଶରେ ସହଭାଗୀ



ମେକ୍ ଇନ୍ ଓଡିଶା ୨୦୧୮ କାର୍ଯ୍ୟକ୍ରମରେ ଏକ ଅଂଶ ହୋଇ ଅତ୍ୟନ୍ତ ଖୁସି । ଗତ ଏକର ଦେଶ ଦଶନ୍ଧି ଧରି ଓଡିଶା ଅନେକ କିଛି ହାସଲ କରିବାକୁ ସକ୍ଷମ ହୋଇଛି। ଗତ ୬୦ ବର୍ଷ ଧରି ଓଡିଶା ସହ ବାଣିଜ୍ୟିକ ସମ୍ପର୍କ ରହିଛି। ଏଠାରେ କମ୍ପାନୀ ପକ୍ଷରୁ ନିବେଶ ଧାରା ଜାରି ରହିଛି। ଜନସାଧାରଣ ଏବଂ ସରକାରଙ୍କ ପକ୍ଷରୁ ଭଲ ସହଯୋଗ ମିଳିଛି। ଓଡିଶାରେ ପ୍ରାକୃତିକ ସମ୍ବଳ, କୁଶଳୀ ଶ୍ରମ ଶକ୍ତି, ବିସ୍ତୃତ ବେଳାଭୂମି ରହିଛି ରାଜ୍ୟ ଲାଗି ସହାୟକ ହେବ। ଓଡିଶାର କଳା ଏବଂ ସଂସ୍କୃତି ମହନୀୟ। ଏଠାର ବ୍ୟବସାୟୀମାନେ ବାଲି ଭଳି ସ୍ଥାନକୁ ପୁରାକାଳରେ ମଧ୍ୟ ଯାତ୍ରା କରିବାକୁ ସକ୍ଷମ ହୋଇଥିଲେ। ଓଡିଶାରେ ଉନ୍ନତ ଶିଳ୍ପ ବାତାରବରଣ ଯୋଗୁ ଏଠାରେ ହିଣ୍ଡାଲକୋ, ଅଲଟ୍ରାଟେକ୍, ଏସେଲ ମାଇନିଂ, ଶକ୍ତି ଭଳି କ୍ଷେତ୍ରରେ ଉପସ୍ଥିତି ଜାହିର କରିଛୁ। ସେହିଭଳି ଭୋଡାଫୋନ ଆଇଡିଆ ଲିମିଟେଡ, ଫାଇନାସିଆଲ ସିର୍ଭିସେସ ଭଳି କ୍ଷେତ୍ରରେ ଏଠାରେ ଉପସ୍ଥିତି ରହିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୦ ହଜାର କୋଟି ଟଙ୍କାର ନିବେଶ କରିସାରିଛୁ। ମୁଖ୍ୟ ମନ୍ତ୍ରୀନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଯୋଗୁ ଶିଳ୍ପାୟନ କ୍ଷେତ୍ରରେ ଓଡିଶା ଅଗ୍ରଗତି କରୁଛି। ଆଗାମୀ ୨ ବର୍ଷରେ ରାଜ୍ୟରେ ୨ ବିଲିୟନ ଡଲାର ନିବେଶ ନେଇ ଆଶା ରଖିଛୁ। ସେହିଭଳି ରାଜ୍ୟର ସାମାଜିକ ଏବଂ ଆର୍ଥିକ ପ୍ରଗତି କ୍ଷେତ୍ରରେ ଆମେ କାର୍ଯ୍ୟ କରୁଛୁ।

**–କୁମାର ମଙ୍ଗଳମ ବିର୍ଲା, ଆଦିତ୍ୟ ବିର୍ଲା ଗ୍ରୁପ ଅଧ୍ୟକ୍ଷ**

## ରାଜ୍ୟରେ ନିବେଶ ଧାରା ଜାରି ରହିଛି

ରାଜ୍ୟରେ ପ୍ରାକୃତିକ ସମ୍ପଳ ଏବଂ ବିସ୍ତୃତ ବେଳାଭୂମି ଓଡିଶାକୁ ଉନ୍ନତି କ୍ଷେତ୍ରରେ ସହାୟତା କରିଛି। ରାଜ୍ୟର ଶିଳ୍ପାୟନ କ୍ଷେତ୍ରରେ ଆମେ ଏକ ପ୍ରମୁଖ ଅଂଶୀଦାର ହୋଇପାରିଛୁ। ଟାଟା ଗ୍ରୁପ ଏହାର ବିଭିନ୍ନ ସହାୟକ କମ୍ପାନୀ ଦ୍ୱାରା ଉପସ୍ଥିତି ଜାହିର କରିଛି। ଓଡିଶାରେ ଥିବା ଆମର କଳିଙ୍ଗ ନଗର ଫାସିଲିଟିର କ୍ଷମତା ସମ୍ପ୍ରସାରଣ କରିଛୁ। ରାଜ୍ୟରେ ଫାଇନାନ୍ସ, ବୀମା, ଟାଟା ପ୍ରୋଜେକ୍ଟ, ଟିସିଏସ୍ ଭଳି ଅନ୍ୟାନ୍ୟ ସଂସ୍ଥାଗୁଡିକ ସହ କାର୍ଯ୍ୟ କରୁଛୁ। ମୟୁରଭଞ୍ଜ ମହାରାଜାଙ୍କ ସମୟରେ ଟାଟା ଷ୍ଟିଲ ପ୍ରଥମକରି ରାଜ୍ୟରେ ଲୁହାପଥର ଖଣି ଲିଜ୍ ଲାଭ କରିଥିଲା। ଏହା ପରେ ଗ୍ରୁପ ରାଜ୍ୟରେ ଏହାର ଉପସ୍ଥିତିକୁ ଜାହିର କରିପାରିଛି। ଓଡିଶାରେ ବିଭିନ୍ନ ବାଣିଜ୍ୟରେ ଆମର ନିବେଶ ୧ ଲକ୍ଷ କୋଟି ଟପିବ। ସେହିଭଳି ଶିକ୍ଷା, ସ୍ୱାସ୍ଥ୍ୟ,କ୍ରୀଡା ସିଏସ୍‌ଆର୍ କ୍ଷେତ୍ରରେ ଯୋଗଦାନ ରଖୁଛୁ।



**– ଏନ୍.ଚନ୍ଦ୍ରଶେଖରନ, ଟାଟା ସନ୍ସ ଅଧ୍ୟକ୍ଷ**

## ଓଡ଼ିଶା ନିର୍ମାଣରେ ସହଭାଗିତା ଦୀର୍ଘ ଦିନର


ଓଡିଶା ବିକାଶ କ୍ଷେତ୍ରରେ ଆମର ସହଭାଗିତା ଗତ ୩୦ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମୋ ପିତା (ଓ.ପି ଜିନ୍ଦଲ)ଙ୍କୁ ଏଠାରେ ୧ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି କହିଥିଲେ। ସେହି ସମୟରେ ଉକ୍ତ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ବଡ କଥା ଥିଲା। ୧୫ ବର୍ଷ ତଳେ ଅନୁଗୋଳରେ ବାର୍ଷିକ ୬ ନିୟୁତ ଟନ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ନେଇ ନିଷ୍ପତ୍ତି ନେଇଥିଲୁ । ସ୍ୱଦେଶୀ କଞ୍ଚାମାଲକୁ ବ୍ୟବହାର କରି ଉତ୍ପାଦନ କରିବାକୁ ଯୋଜନା ହେଲା। ଆମଦାନୀ ଦ୍ୱାରା ପ୍ଲାଣ୍ଟ ପରିଚାଳନାକୁ ବାଦ ଦେଇଥିଲୁ। ନନ୍ କୁକିଂ କୋଇଲା ବ୍ୟବହାର ଦ୍ୱାରା ୧୦ ବର୍ଷ ତଳେ ଉକ୍ତ ପ୍ଲାଣ୍ଟ ପରିଚାଳନା ହୋଇଥିଲା। ବର୍ତ୍ତମାନ ଏଠାରେ କୋଲ୍ ଗ୍ୟାସିଫିକେଶନ ଟେକ୍ନୋଲୋଜି ବ୍ୟବହାର ହେଉଛି। ୨୦୧୪ରେ ସୁପ୍ରିମକୋର୍ଟ କୋଲ୍ ବ୍ଲକ ଆବଣ୍ଟନକୁ ବାତିଲ କରିବା ପରେ କେତେକ ସମସ୍ୟା ଦେଖା ଦେଇଥିଲା। ମାତ୍ର ଆମେ ଆଶା ହାରି ନ ଥିଲୁ। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଲାଭ କରିଛୁ। ଗତ ବର୍ଷ ମୁଖ୍ୟ ମନ୍ତ୍ରୀ ଅନୁଗୋଳରେ ୬ ନିୟୁତ ଟନ କ୍ଷମତା ବିଶିଷ୍ଟ ପ୍ଲାଣ୍ଟକୁ ଲୋକାର୍ପିତ କରିଥିଲେ। ବର୍ତ୍ତମାନ ଉକ୍ତ ପ୍ଲାଣ୍ଟ ପରିସରରେ ବୃହତ୍ତ ବ୍ଲାଷ୍ଟ ଫର୍ନେସ ରହିଥିବା ବେଳେ ଷ୍ଟିଲ୍ ପ୍ଲାଣ୍ଟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ସେହିଭଳି ଗ୍ରୁପର ବଡବିଲରେ ୯ ନିୟୁତ ଟନ କ୍ଷମତା ବିଶିଷ୍ଟ ଏକ ପେଲେଟ୍ ପ୍ଲାଣ୍ଟ ରହିଛି। ଓଡିଶାରେ ୪୫ ହଜାର କୋଟି ଟଙ୍କାର ନିବେଶ କରିଛୁ। ଆମ ପାଇଁ ଏହି ଯାତ୍ରା ସହଜ ନ ଥିଲା। ଗତ ୧୫ ବର୍ଷ ଅନେକ ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡିଛି। ସେହିଭଳି ଏଠାରୁ ଆମେ ଉନ୍ନତ ସହଯୋଗ ମଧ୍ୟ ଲାଭ କରିଛୁ। ୨୦୪୦ ସୁଦ୍ଧା ଆମର ୬ ନିୟୁତ ଟନ ଷ୍ଟିଲ ପ୍ଲାଣ୍ଟକୁ ୨୦ ନିୟୁତ ଟନ ଷ୍ଟିଲ ପ୍ଲାଣ୍ଟରେ ରୂପାନ୍ତରିତ କରିବାକୁ ଯୋଜନା ରହିଛି। ନିବେଶରେ ବୃଦ୍ଧି ସହ ଅଧିକ ନିଯୁକ୍ତି ଉପରେ ଧ୍ୟାନ ଦେଉଛୁ।



**–ନବୀନ ଜିନ୍ଦଲ, ଜେଏସ୍‌ପିଏଲ ଅଧ୍ୟକ୍ଷ**

## ଓଡ଼ିଶାରେ ଶିଳ୍ପ ସମ୍ଭାବନାକୁ ଦେଖିଛୁ

ରାଜ୍ୟରେ ଶିଳ୍ପାୟନ କ୍ଷେତ୍ରରେ ଆମେ ସହଯୋଗୀ ରହିଛୁ। ଏଠାରେ ଏକ ବୃହତ୍ତ ଗ୍ରୀନ୍ ଷ୍ଟିଲ ପ୍ରକଳ୍ପ ସ୍ଥାପନା ନେଇ ଲକ୍ଷ୍ୟ ରହିଛି। ଓଡିଶାରେ ଶିଳ୍ପ ବାତାବରଣ ଉନ୍ନତ ହେବାର ସମ୍ଭାବନା ରହିଥିବା ବିଶ୍ୱାସ ରଖିଛୁ। ୨୦୩୦-୩୫ ମଧ୍ୟରେ ଯଦି ଭାରତ ୧୦ ଟ୍ରିଲିୟନ ଡଲାର ଅର୍ଥନୀତି ହୁଏ, ତେବେ ଓଡିଶା ଏ କ୍ଷେତ୍ରରେ ସ୍ୱତନ୍ତ୍ର ଯୋଗଦାନ ରଖିବ। ମହାରାଷ୍ଟ୍ର ,ତାମିଲନାଡୁ ପରେ ଓଡିଶା ଏ କ୍ଷେତ୍ରରେ ତୃତୀୟ ପ୍ରମୁଖ ରାଜ୍ୟ ହେବାର ସମ୍ଭାବନା ରଖିଥିବା ବିଶ୍ୱାସ ରହିଛି। ଏହି ସମୟ ବେଳକୁ ଓଡିଶା ୧ ଟ୍ରିଲିୟନ ଡଲାର ଛୁଇଁପାରେ। ଏହାକୁ ନେଇ ଆମେ ପ୍ରସ୍ତୁତ ରହିଛୁ। ଦେଶର ଅର୍ଥନୈତିକ ବିକାଶ ଦିଗରେ ଓଡିଶା ଏହାର ବିଶେଷ ଯୋଗଦାନ ରଖିପାରିବ। ଓଡିଶା ୧ ଟ୍ରିଲିୟନ ଡଲାର ଅର୍ଥନୀତି ହେଲେ ଏହା ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତ କରିବାରେ ସହାୟକ ହେବ। ସେହିଭଳି କ୍ରୀଡା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସହ ମିଳିତ ହୋଇ କାର୍ଯ୍ୟ କରୁଛୁ।



**– ସଜ୍ଜନ ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ**

## କଳାହାଣ୍ଡିର ରୂପରେଖ ବଦଳିଛି



ଓଡିଶାରେ ଆମେ ବର୍ତ୍ତମାନ ସୁଦ୍ଧା ୫୦ ହଜାର କୋଟି ଟଙ୍କାର ନିବେଶ କରି ସାରିଛୁ। କଳାହାଣ୍ଡିରେ ଶିଳ୍ପାୟନ ପଦକ୍ଷେପ ମୁତାବକ ବେଦାନ୍ତ ୟୁନିଟର ସ୍ଥାପନା ହୋଇଥିଲା। ଏକ ପଛୁଆ ଅଞ୍ଚଳ ବୋଲି ଲୋକେ ଭାବୁଥିଲେ। ମାତ୍ର ଏବେ ସମୟରେ ପରିବର୍ତ୍ତନ ଆସିଛି। କଳାହାଣ୍ଡିର ରୂପରେଖରେ ଏବେ ପରିବର୍ତ୍ତନ ଆସିଛି। କଳାହାଣ୍ଡିରେ ଶିଳ୍ପ ସ୍ଥାପନ କରିଆମେ ଅତ୍ୟନ୍ତ ଖୁସି। ଲାଞ୍ଜିଗଡରେ ରହିଥିବା ୟୁନିଟର ସମ୍ପ୍ରସାରଣ କରାଯିବ ସହ ଏହାର କ୍ଷମତାକୁ ବାର୍ଷିକ ୬ ନିୟୁତ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରିବାକୁ ଯୋଜନା ରହିଛି। ଏଥି ଲାଗି ପ୍ରାୟ ୧୫,୦୦୦ କୋଟି ଟଙ୍କାର ନିବେଶ ହେବ। ସେହିଭଳି ରାଜ୍ୟରେ ଏକ ବିଶ୍ୱସ୍ତରୀୟ ବିଶ୍ୱ ବିଦ୍ୟାଳୟ ସ୍ଥାପନ ନେଇ ଯୋଜନା ରହିଛି। ଏଠାରେ ୧ ଲକ୍ଷ ଛାତ୍ରଛାତ୍ରୀ ପାଠ ପଢିବାରେ ସୁଯୋଗ ଲାଭ କରି ପାରିବେ।

**– ଅନିଲ ଅଗ୍ରୱାଲ, ବେଦାନ୍ତ ରିସୋର୍ସେସ ଅଧ୍ୟକ୍ଷ**

## ଡାଇନାମିକ ରାଜ୍ୟ ହୋଇ ପାରିଛି ଓଡ଼ିଶା



ମେକ୍ ଇନ୍ ଓଡିଶାର ଦ୍ୱିତୀୟ ସଂସ୍କରଣ ଆୟୋଜନ କରୁଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ। ପୂର୍ବ ସଂସ୍କରଣ ଅପେକ୍ଷା ଚଳିତ ଥର ଅଧିକ ନିବେଶ ଆକୃଷ୍ଟ କରିବାରେ ଏହା ବିଶେଷ ସହାୟକ ହେବ। ଓଡିଶା ବର୍ତ୍ତମାନ ଏକ ଡାଇନାମିକ ରାଜ୍ୟ ଭାବେ ପରିଗଣିତ ହୋଇଛି। ଏହା ନିବେଶକଙ୍କର ପସନ୍ଦଯୋଗ୍ୟ ରାଜ୍ୟ ହୋଇ ପାରିଛି। ରାଜ୍ୟରେ ନିବେଶକ ଅନୁକୂଳ ନୀତି, ସରକାରୀ ସ୍ତରରେ ସ୍ଥିରତା, ଭିତ୍ତିଭୂମିରେ ଉନ୍ନତି ଭଳି ବିଭିନ୍ନ ବିଷୟକୁ ଦେଖିଲେ ନିବେଶ ଲାଗି ଏହା ଏକ ପ୍ରମୁଖ ସ୍ଥଳ ହୋଇ ପାରିଛି। ଆଇଟିସି ବିଶେଷ କରି ରାଜ୍ୟରେ କୃଷକଙ୍କ ସହ ମିଳିତ ହୋଇ କାର୍ଯ୍ୟ କରୁଛି। କୃଷିର ବିକାଶ ଦିଗରେ ବିଭିନ୍ନ ପଦକ୍ଷେପ ଜାରି ରହିଛି। କୃଷକଙ୍କ ଆୟ ବୃଦ୍ଧି ଲାଗି ସରକାର ଗ୍ରହଣ କରୁଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଏଭଳି ବିଭିନ୍ନ ପଦକ୍ଷେପ ଯୋଗୁ ଓଡିଶା କୃଷି କର୍ମଣ ପୁରସ୍କାର ଲାଭ କରିବାକୁ ସକ୍ଷମ ହୋଇଛି। ସରକାରଙ୍କ ପକ୍ଷରୁ ବିଶେଷ ସହଯୋଗ ମିଳିଛି। ଆଇଟିସି ରାଜ୍ୟରେ କୃଷି, ମାନୁଫାକଚରିଂକୁ ପ୍ରାଥମିକତା ଦେଉଛୁ। ସେହିଭଳି ଭାଲ୍ୟୁଚେନ ଉନ୍ନତୀକରଣକୁ ଧ୍ୟାନରେ ରଖିଛୁ। ହୋଟେଲ ଶିଳ୍ପ ଦ୍ୱାରା ରାଜ୍ୟରେ ନିବେଶ ଯୋଜନା ରହିଛି। 'ସମସ୍ତେ ଏକତ୍ର ବଢନ୍ତୁ ' ଥିମ୍ ଉପରେ ଆଇଟିସି ବିଶ୍ୱାସ ରଖିଛି। ରାଜ୍ୟରେ ସଷ୍ଟେନେବଲ ଏଗ୍ରିକଲଚର ଉପରେ କାର୍ଯ୍ୟ କରୁଛି। ସେହିଭଳି ମୃତ୍ତିକା ଏବଂ ମଏଶ୍ଚର ସଂରକ୍ଷଣ ଉପରେ କାର୍ଯ୍ୟକ୍ରମ ଜାରି ରହିଛି।

**– ସଞ୍ଜୀବ ପୁରୀ, ଆଇଟିସି ସିଇଓ**

## ଶିଳ୍ପକୁ ସହଯୋଗ କ୍ଷେତ୍ରରେ ଆମେ ପ୍ରମୁଖ ବ୍ୟାଙ୍କ

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଗତ ୧୦ ଦଶନ୍ଧି ଧରି ଓଡିଶାରେ ଏହାର ସେବା ଯୋଗାଇ ଦେଉଛି। ୧୯୨୧ ମେ ୧୬ରେ ଆମର ପ୍ରଥମ ଶାଖା ବ୍ରହ୍ମପୁରଠାରେ ଖୋଲିଥିଲା। ବର୍ତ୍ତମାନ ୮୮୩ ଶାଖା ଦ୍ୱାରା ରାଜ୍ୟର କୋଣ ଅନୁକୋଣରେ ସେବା ଯୋଗାଇ ଦେଉଛି। ରାଜ୍ୟର ଗ୍ରାମାଞ୍ଚଳରେ ଆମର ୫୨୨ ଶାଖା ରହିଥିବା ବେଳେ ଅର୍ଦ୍ଧ ସହରାଞ୍ଚଳରେ ୧୮୪ ଶାଖା ରହିଛି।



ସେହିଭଳି ସହରାଞ୍ଚଳରେ ୧୭୭ ଶାଖା ରହିଛି। ରାଜ୍ୟରେ ୮୦% ଶାଖା ଗ୍ରାମାଞ୍ଚଳରେ ରହିଛି। ଏସ୍‌ବିଆଇ ରାଜ୍ୟର ବିକାଶରେ ଯୋଗଦାନ ରଖି ପାରିଛି। ରାଜ୍ୟର ଶିଳ୍ପଗୁଡିକୁ ସହାୟତା କରିବା ଦିଗରେ ଏହା ଏକ ପ୍ରମୁଖ ବ୍ୟାଙ୍କ ହୋଇ ପାରିଛି। ସେହିଭଳି ସାରା ଦେଶ କଥା ବିଚାର କରିଲେ ୭,୭୦୦ ଟଚ୍ ପଏଣ୍ଟ ଦ୍ୱାରା ସେବା ଯୋଗାଉଛୁ। ଡିଜିଟାଲ ବ୍ୟାଙ୍କିଂ ଏବଂ ୟୁଜର ଫ୍ରେଣ୍ଡଲି ସେବା ଯୋଗାଣ ଦିଗରେ କାର୍ଯ୍ୟ କରୁଛୁ।

**– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ**

## ଶିଳ୍ପାୟନ ସହ ସାମାଜିକ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇଛୁ




ଗତ ୬୦ ବର୍ଷ ପୂର୍ବେ ଓଡିଶାରେ ପ୍ରଥମେ ବ୍ଲାଷ୍ଟ ସ୍ଥାପନ କରିଥିଲୁ। ବିଗତ ଦିନଗୁଡିକରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଲାଭ କରିଛୁ। ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ(ସେଲ) ଦେଶର ବିକାଶରେ ସର୍ବଦା ସହଭାଗୀ ରହି ଆସିଛି। ସେହିଭଳି ସାମାଜିକ ପ୍ରତିବଦ୍ଧତା ଦିଗରେ ଆମେ କାର୍ଯ୍ୟ କରୁଛୁ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟକ୍ରମ ଜାରି ରହିଛି।

**–ଅନିଲ କୁମାର ଚୌଧୁରୀ, ସେଲ୍ ଅଧ୍ୟକ୍ଷ**




କନକ୍ଲେଭର ଏକ ସେମିନାର୍‌ରେ ଉପସ୍ଥିତ ଥିବା ମାନ୍ୟଗଣ୍ୟ ବ୍ୟକ୍ତିମାନେ।

-ରିପୋର୍ଟ: ସତ୍ୟାନନ୍ଦ ନାୟକ



ଯଦି ମର୍ମଟି ବୁଝି ନ ପାରିଲ, ଅତି ଚମତ୍କାର ଭାଷଣ ତୁମ ପାଇଁ କେବଳ ଧ୍ୱନି ମାତ୍ର।
-ଆନାଟୋଲ୍ ଫ୍ରାନ୍ସ



## ସଂକ୍ଷେପରେ

### ସତ୍ୟସାଇ ହାର୍ଟ ହସ୍ପିଟାଲ ସହ ସରକାରଙ୍କ ଏମ୍‌ଓୟୁ ୧୮ରେ

**କଟକ ଅଫିସ, ୧୨।୧୧:** ରାଜକୋଟର ସତ୍ୟସାଇ ହାର୍ଟ ହସ୍ପିଟାଲ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆସନ୍ତା ୧୮ତାରିଖରେ ଏମଓୟୁ ସ୍ୱାକ୍ଷର ହେବ। ଏହା ଦ୍ୱାରା ପ୍ରତିବର୍ଷ ୧୦୦୦ ପେଡିଆଟ୍ରିକ ହାର୍ଟ ସର୍ଜରି ଚିକିତ୍ସା ମାଗଣାରେ କରାଯାଇପାରିବେ। ଏହି ସୂଚନା ଦେଇଛନ୍ତି ଶ୍ରୀ ସତ୍ୟସାଇ ଅନୁଷ୍ଠାନ ଓଡିଶା ଶାଖା ସଭାପତି ନାରାୟଣ ପ୍ରସାଦ ସର। ଆସନ୍ତା ୧୮ ତାରିଖରେ ଭୁବନେଶ୍ୱର ଖାରବେଳନଗରସ୍ଥିତ ସାଇ ଜନନୀଠାରେ ଏକ ବିଶାଳ ହାର୍ଟ ଚେକ୍‌ଅପ୍ କ୍ୟାମ୍ପ ଅନୁଷ୍ଠିତ ହେବାକୁ ଯାଉଛି। ଦିନ ୯ ଘଟିକାଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି କ୍ୟାମ୍ପ ଚାଲୁ ରହିବ। ଏହି ଶିବିରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।

### ଫଳ ଦୋକାନୀଙ୍କୁ ଆକ୍ରମଣ, ୨ ଗିରଫ

**କଟକ ଅଫିସ,୧୨।୧୧:** ବାଦାମବାଡି ଥାନା ଅନ୍ତର୍ଗତ ପାଲାମଣ୍ଡପ ଅଞ୍ଚଳରେ ଥିବା ଏକ ଫଳ ଦୋକାନୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସୋମବାର ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଦାମବାଡି ଥାନା ଅନ୍ତର୍ଗତ ଶଙ୍କରପୁର ଉପର ସାହି ଅଞ୍ଚଳର ରକି ବାରିକ ଓ ବାପୁନି ଦାସ। ସୂଚନା ଅନୁଯାୟୀ, ଶନିବାର ରାତିରେ ଫଳ ଦୋକାନୀ କାଳନ୍ଦୀ ଚରଣ ସାହୁ ବ୍ୟବସାୟ କରୁଥିବାବେଳେ ଅଭିଯୁକ୍ତ ଦ୍ୱୟ ପହଞ୍ଚି ଏଠାରେ କାହିଁକି ଦୋକାନ କରିଛୁ ବୋଲି କହିବା ସହ ଗାଳିଗୁଲଜ କରିଥିଲେ। କାଳନ୍ଦୀ ଏହାକୁ ବିରୋଧ କରିବାରୁ ସେମାନେ ତାଙ୍କୁ ମାଡ ମାରି ପଳାଇଯାଇଥିଲେ। ଏ ନେଇ କାଳନ୍ଦୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୧୩/୧୮) ରୁଜୁ କରିଥିଲା।

### ଜାତୀୟ ଯୋଗ ପ୍ରତିଯୋଗିତା ଓଡ଼ିଶାର ଗର୍ବ ସ୍ମାରକ

**କଟକ ଅଫିସ, ୧୨।୧୧:** ଗତ ଅକ୍ଟୋବର ୭ାରିଖରେ ବମ୍ବେରେ ଜାତୀୟ ସ୍ତରୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କଟକ ଗୁରୁନାନକ ପବ୍ଲିକ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର ସ୍ମାରକ ଦେ ପ୍ରଥମ ରନର୍ସ ଅପ ଟାଇଟଲ ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ପ୍ରତିଯୋଗିତାରେ ଦେଶର ବିଭିନ୍ନ ସ୍ଥାନରୁ ୨ହଜାର ପ୍ରତିଯୋଗୀ ଭାଗ ନେଇଥିଲେ। ବଲିଉଡ୍ ଅଭିନେତ୍ରୀ ପୂଜା ଭଟ୍ଟ ଓ ଦୀପକ ତିଜୋରି ଅତିଥି ଭାବେ ଯୋଗଦେଇ କୃତୀ ସ୍ମାରକଙ୍କୁ ପୁରସ୍କୃତ କରିଥିଲେ। ଗତ ଏପ୍ରିଲ ମାସରେ ସ୍ମାରକ ରାଞ୍ଚିଠାରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃସ୍କୁଲ ଯୋଗ ପ୍ରତିଯୋଗିତାରେ ଭାଗନେଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଏଥିସହିତ ସ୍ମାରକ ଡିସେମ୍ବରରେ ଚାଇନାର ବେଜିଂଠାରେ ହେବାକୁ ଥିବା ବିଶ୍ୱ ଯୋଗ ଚାମ୍ପିୟନଶିପରେ ଏକମାତ୍ର ଓଡ଼ିଆ ଛାତ୍ର ଭାବେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

### ବାଲିଯାତ୍ରା ପଡିଆରେ ନୋ ପଲିଥିନ କ୍ୟାମ୍ପେନ

**କଟକ ଅଫିସ, ୧୨।୧୧:** ଆସନ୍ତା ବାଲିଯାତ୍ରାରେ ପଡିଆରେ ସାଧାରଣ ଲୋକଙ୍କୁ ପଲିଥିନ ବଦଳରେ ପେପର ବ୍ୟାଗର ବ୍ୟବହାର ବିଷୟରେ ସଚେତନ କରାଇବ ସାମାଜିକ ଅନୁଷ୍ଠାନ ଏଇତ ଜୀବନ। କଟକ ମହାନଗର ନିଗମର ଜନସୂଚନା ଆଇନ ସେବା ଏବଂ ଏଇତ ଜୀବନ ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପଲିଥିନ ବ୍ୟବହାରକାରୀଙ୍କ ପାଇଁ କ'ଣ ଦଣ୍ଡବିଧାନ ରହିଛି ସେସବୁ ଉଲ୍ଲେଖ ଥିବା ଏକ ସ୍ୱତନ୍ତ୍ର ପୋଷ୍ଟର ଉନ୍ମୋଚିତ ହୋଇଛି। ଆଗକୁ ବାଲିଯାତ୍ରାର ଉଭୟ ତଳ ଓ ଉପର ପଡିଆରେ ଏଭଳି ୫୦୦ ପୋଷ୍ଟର ପ୍ରଦର୍ଶିତ କରାଯିବ ଯାହାକି ଲୋକଙ୍କ ମଧ୍ୟରେ ପଲିଥିନ ବର୍ଜନ ନେଇ ସଚେତନତା ଆଣିବ। ପଲିଥିନ୍ ବ୍ୟବହାର କରିବା ଏକ ଦଣ୍ଡନୀୟ ଅପରାଧ ବୋଲି ମଧ ଧାରଣା ସୃଷ୍ଟି କରିବ ବୋଲି ଉଭୟ ସିଏମସି ଅଧିକାରୀ ଏବଂ ଅନୁଷ୍ଠାନର କର୍ମକର୍ତ୍ତାମାନେ ଆଶାବ୍ୟକ୍ତ କରିଛନ୍ତି।

### ମନ୍ଦିର ନିକଟରୁ ଶିଶୁପୁତ୍ର ଉଦ୍ଧାର

**କଟକ ଅଫିସ, ୧୨।୧୧:** କଟକ କଲେଜଛକ ତାରିଣୀ ମନ୍ଦିର ନିକଟରେ ସୋମବାର ରାତି ପ୍ରାୟ ୧୦.୪୦ ମିନିଟ୍‌ରେ ଛଅ ମାସର ଶିଶୁପୁତ୍ରକୁ ତାଙ୍କ ମା' ଫୋପାଡି ଚାଲିଯାଉଥିବାର ଘଟଣା ସାମ୍ନାକୁ ଆସିଛି। ଏହି ଘଟଣା ଆଖପାଖ ଲୋକ ଦେଖିବା ପରେ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ମାଲଗୋଦାମ ପୋଲିସ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିବାବେଳେ ମହିଳାଙ୍କୁ କଟକ ଏସ୍‌ସିବି ମାନସିକ ବିଭାଗକୁ ପଠାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ତେବେ କ'ଣ ପାଇଁ ମା' ଜଣକ ଶିଶୁପୁତ୍ରକୁ ଏଭଳି ଫିଙ୍ଗି ଦେଇ ଚାଲିଯିବାକୁ ଉଦ୍ୟମ କରୁଥିଲେ ବୋଲି ପୋଲିସ କହିପାରିନଥିବା ବେଳେ ଆଖପାଖର ଲୋକେ କହିଛନ୍ତି ମହିଳା ଜଣକ ମାନସିକ ରୋଗୀ ଭଳି ଜଣାପଡୁଥିଲେ।

# ରାସ୍ତାକଡ଼ କାନ୍ଥରେ ମାଲମାଲ ବିଜ୍ଞାପନ

**ଲକ୍ଷାଧିକ ଟଙ୍କାର କ୍ଷତି ସହୁଛି ସିଏମ୍‌ସି**

**କଟକ ଅଫିସ,୧୨।୧୧**

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳର ବିଭିନ୍ନ ରାସ୍ତାକଡ଼ କାନ୍ଥରେ ଘରୋଇ କମ୍ପାନୀର ବିଜ୍ଞାପନ ପେଣ୍ଟିଂ। ତେବେ ଏହି ବିଜ୍ଞାପନ ଜରିଆରେ ସିଏମ୍‌ସି କିନ୍ତୁ କିଛି ଆୟ କରୁନାହିଁ। ବିନା ଅନୁମତିରେ ବିଜ୍ଞାପନ ଚିତ୍ରିତ କରିବା ନେଇ ସିଏମ୍‌ସି ପକ୍ଷରୁ ନିଷେଧ କରାଯାଇଛି। ହେଲେ ଏହି ନିୟମକୁ ଉଲ୍ଲଂଘନ କରାଯାଉଛି। ସହରର ସତୀଚଉରା, ବକ୍ସିବଜାର, କଲେଜଛକ, ପୁରୀଘାଟ ଆଦି ଅଞ୍ଚଳ ଦେଇଯାଇଥିବା ରାସ୍ତାର ଦୁଇପାର୍ଶ୍ୱ କାନ୍ଥରେ ନାମୀଦାମୀ କମ୍ପାନୀଠାରୁ ଟେଣ୍ଡର ନେଇ ଘରୋଇ ଆଉଟଡୋର ଆଡଭର୍ଟାଇଜିଂ କମ୍ପାନୀଙ୍କ ଦ୍ୱାରା ପେଣ୍ଟିଂ କାମ ଚାଲିଛି। ସତୀଚଉରା ଅଞ୍ଚଳରେ ବିଜ୍ଞାପନ ପେଣ୍ଟିଂ କାର୍ଯ୍ୟ କରୁଥିବା ଏକ ସଂସ୍ଥାର ଜଣେ କର୍ମଚାରୀ କହିଛନ୍ତି, ବର୍ଗଫୁଟ ପିଛା ୨୦ ଟଙ୍କା ଦରରେ ଆମେ ବିଭିନ୍ନ କମ୍ପାନୀଠାରୁ କାମ ଆଣିଛୁ। ବହୁ ଦିନ ଧରି ଏଭଳି କାମ ସହରରେ ଚାଲିଥିଲେ ସୁଦ୍ଧା କେବେ କୌଣସି ସିଏମ୍‌ସି ଅଧିକାରୀ ଆମକୁ ପ୍ରଶ୍ନ କରିନାହାନ୍ତି। ଏକ ହିସାବକୁ ନେଲେ ଜଣାପଡେ, ୨ କିଲୋମିଟର ରାସ୍ତାର ଉଭୟ ପାର୍ଶ୍ୱରେ ଥିବା କାନ୍ଥରେ କୌଣସି କମ୍ପାନୀର ବିଜ୍ଞାପନ ଚିତ୍ରିତ କରିବାକୁ ମାସିକ ଲକ୍ଷାଧିକ ଟଙ୍କା ନେଉଛନ୍ତି ଆଉଟଡୋର ଆଡଭଟାଇଜିଂ କମ୍ପାନୀ। ସେମାନେ କୋଟି କୋଟି ଟଙ୍କା ଆୟ କରୁଥିବା ବେଳେ ସିଏମ୍‌ସି କିନ୍ତୁ ମୋଟା ଅଙ୍କର ରାଜସ୍ୱ ହରାଉଛି ବୋଲି କହିଛନ୍ତି କର୍ପୋରେଟର ଗିରିବାଳା ବେହେରା। ଏ ସମ୍ପର୍କରେ କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି ଯେ, ମୁଁ ଦାୟିତ୍ୱ ନେବା ପରଠାରୁ ସିଏମ୍‌ସିର ଆୟ କିଭଳି ବଢିବ ସେନେଇ ଅନେକ ସମୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛି। ତେବେ ଆଗକୁ ଏହି ବାଟେ ସିଏମ୍‌ସି ହରାଉଥିବା ରାଜସ୍ୱକୁ ଫେରିପାଇବା ପାଇଁ ସ୍ପେଶାଲ ଡ୍ରାଇଭ କରାଯିବ। ଯେଉଁ ଆଉଟଡୋର ଆଡଭର୍ଟାଇଜିଂ କମ୍ପାନୀମାନେ ବିନା ଅନୁମତିରେ ସିଏମ୍‌ସି ଅଞ୍ଚଳର କାନ୍ଥରେ ବିଜ୍ଞାପନ ଚିତ୍ରଣ କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସିଏମସି ଲାଇସେନ୍ସ ଏବଂ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିକାଶ ବେହେରା କହିଛନ୍ତି, ବିଜ୍ଞାପନ ହୋର୍ଡିଂରୁ ଆଦାୟ ରାଜସ୍ୱ ସିଏମ୍‌ସିର ଆୟର ଏକ ବଡ ଉତ୍ସ। ହେଲେ ସିଏମ୍‌ସି ଲାଇସେନ୍ସ ବିଭାଗରେ ୧୪ ଜଣ କର୍ମଚାରୀଙ୍କୁ ନେଇ ସବୁ କାମ କରିବା ସମ୍ଭବ ହୋଇପାରୁନି। ତେଣୁ ବେଆଇନ ହୋର୍ଡିଂ କିମ୍ବା ବିଜ୍ଞାପନ ଚିତ୍ରଣ ରୋକିବାକୁ ଲାଇସେନ୍ସ ବିଭାଗରେ କର୍ମଚାରୀ ସଂଖ୍ୟା ବଢାଇ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ଅଧିକ ସକ୍ରିୟ କରାଯିବା ଆବଶ୍ୟକ।



କଟକ ନଗର ଯୁବ ଓ ଛାତ୍ର କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ।

## ଗଣଶିକ୍ଷା ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିକ୍ଷୋଭ

**କଟକ ଅଫିସ, ୧୨।୧୧**

ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ବହିଷ୍କାର ଦାବି କରି ନଗର ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଆର୍ଯ୍ୟବୀର ଲେଙ୍କାଙ୍କ ନେତୃତ୍ୱରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଛି। ସଙ୍ଗଠନର ଅଭିଯୋଗ ଅନୁଯାୟୀ, ମନ୍ତ୍ରୀଙ୍କ ପୁଅ ଦେବାଶିଷ ପାତ୍ର ପୋଲିସକୁ ଆକ୍ରମଣ କରି ଜେଲ୍‌ରେ ଅଛନ୍ତି। ଆଉ ଜଣେ ପୁଅ ଗୁଲୁ ପାତ୍ରଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆସିଛି। ଏଭଳି ଘଟଣା ପାଇଁ ମନ୍ତ୍ରୀ ନିଜ ପଦବୀ ଛାଡ଼ିବାକୁ ସଂଗଠନ ଦାବି କରିଛି। ଏହି ଅବସରରେ ମନ୍ତ୍ରୀ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୂର୍ଯ୍ୟକାନ୍ତ ରାଉତ, ଯୁବ ନେତା ମହମ୍ମଦ ଅଲିମ, ସେକ୍ ଜିଆଉଦ୍ଦିନ, ଲାଲୁ ପଟ୍ଟନାୟକ, ବିକି ଚକ୍ରବର୍ତ୍ତି, କେ. ରମେଶ, ସେକ୍ ଗୁଲାମମୋଇଦ୍ଦିନ, ଜିତେନ୍ଦ୍ର ନାୟକ, ସଞ୍ଜୟ ଦାସ ଓ ସାହିଲ ପରବେଜ ପ୍ରମୁଖ ଯୋଗଦେଇଥିଲେ।

## ରେଭେନ୍‌ଶା କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଧ୍ୟାପିକା, ଅଧ୍ୟାପକମାନେ ଧାରଣା ଦେଇଛନ୍ତି।

**କଟକ ଅଫିସ,୧୨।୧୧**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଶିକ୍ଷକ ସଂଘ(ରୁଟା) ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଅପରାହ୍ଣରେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଧ୍ୟାପିକା, ଅଧ୍ୟାପକମାନେ ଏକ ଘଣ୍ଟା ଧରି ଧାରଣାରେ ବସିଥିଲେ। ୭ମ ବେତନ କମିଶନ ଲାଗୁ କରିବା ସହ କାର୍ଯ୍ୟକାଳ ସମୟ ସୀମା ୬୫ବର୍ଷକୁ ବୃଦ୍ଧି କରିବା ମୁଖ୍ୟ ଦାବି ରହିଥିଲା। ଏହି ଏକ ଘଣ୍ଟିଆ ଧାରଣା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରୁଟା ପକ୍ଷରୁ କୁହାଯାଇଛି। ୨୦୦୯ ମସିହାରେ ନିଯୁକ୍ତି ପାଇଥିବା ଅଧ୍ୟାପିକା, ଅଧ୍ୟାପକମାନେ ଏଯାବତ୍ ୫ମ ବେତନ କମିଶନରେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନେ ପରବର୍ତ୍ତୀ ୬ଷ୍ଠ ଓ ୭ମ ବେତନ କମିଶନ ଅନୁଯାୟୀ ସୁବିଧା, ସୁଯୋଗ ପାଇପାରୁନାହାନ୍ତି। ସେମାନଙ୍କ ଦରମା ମଧ୍ୟ ବୃଦ୍ଧି ହୋଇନାହିଁ। ୨୦୧୪ରେ ଏ ସଂକ୍ରାନ୍ତରେ ୨୨ଜଣ ଅଧ୍ୟାପିକାଅଧ୍ୟାପକଙ୍କ ସର୍ଭିସ ବୁକ୍ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା। ସେଠାରୁ ଏହାକୁ ପରବର୍ତ୍ତୀ ବିଚାର ନିମନ୍ତେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ପାରିନାହିଁ। ଉଭୟ ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ରୁଟା ପକ୍ଷରୁ ଦାବି ହୋଇଛି। ସର୍ଭିସ ବୁକ୍‌ଗୁଡିକୁ ଫେରାଇ ଦେବା ନିମନ୍ତେ ଦାବି କରାଯାଇଛି। ୟୁଜିସି ଗାଇଡଲାଇନ ଅନୁଯାୟୀ ଅବସର ନେବାର ବୟସ ହେଉଛି ୬୫ବର୍ଷ। ଏହି ନିୟମକୁ ଅନ୍ୟ ରାଜ୍ୟ ସରକାର ମୋହର ମାରିଥିଲେ ସୁଦ୍ଧା ଓଡ଼ିଶା ସରକାର ଚୁପ୍ ରହିଛନ୍ତି ବୋଲି କୁହାଯାଇଛି। ଧାରଣା ଦେଇଥିବା ଅଧ୍ୟାପିକାଅଧ୍ୟାପକମାନେ କୁଳସଚିବ ଅଶୋକ କୁମାର ଦାଶଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ।

## ସମତା କ୍ରାନ୍ତି ଦଳରୁ ସମର୍ଥନ ପ୍ରତ୍ୟାହାର କଲା ଓଡିଶା ସୁରକ୍ଷା ସେନା

**କଟକ ଅଫିସ, ୧୨।୧୧**

ସମତା କ୍ରାନ୍ତି ଦଳଠାରୁ ସମର୍ଥନ ପ୍ରତ୍ୟାହାର କରିଛି ଓଡିଶା ସୁରକ୍ଷା ସେନା। ସୋମବାର ଏ ନେଇ ପ୍ରେସ୍ ବିଜ୍ଞପ୍ତି ଜାରି କରିଛି ଓଡିଶା ସୁରକ୍ଷା ସେନା। କଟକ ଚାନ୍ଦିନୀଚୌକସ୍ଥିତ କାର୍ଯ୍ୟାଳୟରେ ସୋମବାର ସେନାର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ବସିଥିଲା। ରାଜ୍ୟ ରାଜନୀତିର ସାମ୍ପ୍ରତିକ ସ୍ଥିତି ଏବଂ ସମତା କ୍ରାନ୍ତି ଦଳ ସହ ସୁରକ୍ଷା ସେନାର ମେଣ୍ଟ ସର୍ତ୍ତ ପାଳନ ହୋଇଛି କି ନାହିଁ ତାହା ବୈଠକରେ ଆଲୋଚନା ହୋଇଥିଲା। ସେନାର ରାଜ୍ୟ ସଭାପତି ଅଭିଷେକ ଜୋଷୀ ଏବଂ ଅନ୍ୟ କର୍ମକର୍ତ୍ତାଙ୍କ ସର୍ବସମ୍ମତି କ୍ରମେ ସମତା କ୍ରାନ୍ତି ଦଳଠାରୁ ସମର୍ଥନ ପ୍ରତ୍ୟାହାର କରିନେବାକୁ ନିଷ୍ପତ୍ତି ନିଆଯାଇଥିଲା। ଗତ ମେ ମାସରେ ରାଜ୍ୟ ରାଜନୀତିରେ ପରିବର୍ତ୍ତନ ଆଣିବା ସହ ରାଜ୍ୟବାସୀଙ୍କ ହିତ ଉଦ୍ଦେଶ୍ୟରେ କାମ କରିବା ନେଇ ସମତା କ୍ରାନ୍ତି ଦଳକୁ ସେନା ସମର୍ଥନ ଦେବାକୁ ନିଷ୍ପତ୍ତି ନେଇଥିଲା। ଏ ନେଇ ସମତା କ୍ରାନ୍ତି ଦଳର ବ୍ରଜକିଶୋର ତ୍ରିପାଠୀଙ୍କୁ ପଚରାଯିବାରୁ ସେ ଏହି ବିଷୟରେ କିଛି ଜାଣି ନ ଥିବା କହିଛନ୍ତି।

## ଜମ୍ମୁଠାରୁ ପଦଯାତ୍ରାରେ ଆସି କଟକରେ ଆଶିଷ

**କଟକ ଅଫିସ,୧୨।୧୧**

**ଭିକ୍ଷୁକ ମୁକ୍ତ ଭାରତ ସ୍ୱପ୍ନ**


ପଦଯାତ୍ରାରେ ବାହାରିଥିବା ଆଶିଷ ଶର୍ମା।

ଭିକ୍ଷୁକ ମୁକ୍ତ ଭାରତର ସ୍ୱପ୍ନ ନେଇ ଜମ୍ମୁଠାରୁ ପଦଯାତ୍ରାରେ ବାହାରିଥିବା ୨୯ବର୍ଷୀୟ ଯୁବକ ଆଶିଷ ଶର୍ମା ସୋମବାର କଟକରେ ପହଞ୍ଚିଛନ୍ତି। ୨୦୧୭ ଅଗଷ୍ଟ ୨୨ରୁ ଆଶିଷ ଏହି ଯାତ୍ରା ଆରମ୍ଭ କରିଥିଲେ। ଇତି ମଧ୍ୟରେ ସେ ହିମାଚଳପ୍ରଦେଶ, ପଞ୍ଜାବ, ଚଣ୍ଡୀଗଡ଼, ହରିୟାଣା, ରାଜସ୍ଥାନ, ଗୁଜରାଟ, ଡାମନ, ମହାରାଷ୍ଟ୍ର, ଗୋଆ ସମେତ ୨୮ଟି ରାଜ୍ୟ ଅତିକ୍ରମ କରି ସାରିଲେଣି। ପ୍ରାୟ ୧୨ ହଜାରରୁ ଊର୍ଦ୍ଧ୍ୱ କିଲୋମିଟର ସେ ପଦ ଯାତ୍ରା କରି ସାରିଲେଣି। ତେବେ ଭାରତରେ ଦିନକୁ ଦିନ ଭିକ୍ଷାବୃତ୍ତି ବଢ଼ିବାରେ ଲାଗିଛି। ଏହାକୁ ରୋକା ନ ଗଲେ ବିଶ୍ୱ ମାନଚିତ୍ରରେ ଭାରତର ସ୍ଥାନ ନଗଣ୍ୟ ଭାବେ ପରିଗଣିତ ହେବ ବୋଲି ଆଶିଷ କହିଛନ୍ତି। ସୂଚନାଥାଉ କି, ଆଶିଷଙ୍କ ଘର ଦିଲ୍ଲୀରେ ହୋଇଥିବାବେଳେ ସେ ପେଶାରେ ଜଣେ ମେକାନିକାଲ ଇଞ୍ଜିନିୟର ଭାବେ ଏକ ମଲ୍ଟିନ୍ୟାଶନାଲ କମ୍ପାନୀରେ କାର୍ଯ୍ୟ କରୁଥିଲେ। ବାରମ୍ବାର ତାଙ୍କ ନଜରରେ ଶିଶୁମାନେ ଭିକ୍ଷାବୃତ୍ତି କରୁଥିବା ଦେଖିବା ପରେ ଏହିଭଳି ଏକ ଅଭିନବ ସଚେତନତା ବାର୍ତ୍ତା ବାଣ୍ଟିବାକୁ କରିବାକୁ ସେ ଇଚ୍ଛା କରିଥିଲେ। ଚାକିରୀ ଛାଡ଼ି ସେ ପଦଯାତ୍ରାରେ ବାହାରିବାକୁ ମନସ୍ଥ କରିଥିଲେ। ପ୍ରତ୍ୟେକ ଦିନ ସେ ପ୍ରାୟ ୪୦କି.ମି ପଦଯାତ୍ରା କରୁଛନ୍ତି।

## ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଘରୁ ଶିଶୁଶ୍ରମିକ ଉଦ୍ଧାର

**କଟକ ଅଫିସ,୧୨।୧୧**

ଅନ୍ୟମାନଙ୍କୁ ଆଇନର ପାଠ ପଢାଉଥିବା ବ୍ୟକ୍ତିବିଶେଷ ଆଇନ ବାବଦରେ ସମ୍ପୂର୍ଣ୍ଣ ଅଜ୍ଞ। ଶିଶୁ ଶ୍ରମିକଙ୍କୁ ଘରୋଇ କାର୍ଯ୍ୟରେ ନିୟୋଜିତ ରଖିବା ଦଣ୍ଡନୀୟ ଅପରାଧ ବୋଲି ସରକାର ପ୍ରଚାର ପ୍ରସାର କରୁଛନ୍ତି। ହେଲେ ସରକାରୀ ଦପ୍ତରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ କିପରି ଆଇନ ଉଲ୍ଲଂଘନ କରନ୍ତି ତାହାର ଏକ ନମୁନା କଟକରେ ଦେଖିବାକୁ ମିଳିଛି। ମର୍କତନଗର ଥାନା ଅଧୀନରେ ରହୁଥିବା ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଘରୁ ସୋମବାର ଜଣେ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି। ୧୦ ବର୍ଷ ବୟସର ଏକ ନାବାଳିକା ପୋଲିସ ବାବୁଙ୍କ ଘରେ ଛୁଆ କାଖେଇବାଠାରୁ ଆରମ୍ଭ କରି ବାସନ ମାଜିବା, ଘର ସଫା କରିବା ଆଦି କାମରେ ନିୟୋଜିତ ଥିଲେ। ମାସିକ ୫୦୦ ଟଙ୍କା ଦରମାରେ ନାବାଳିକା ଜଣକ ପୋଲିସ ବାବୁଙ୍କ ଘରେ ଦୀର୍ଘ ୬ ମାସ ହେବ କାମ କରୁଥିବା ଖବର ଚାଇଲ୍‌ଡ ଲାଇନ ପାଇଥିଲା। ଚାଇଲ୍‌ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଲା ମର୍କତନଗର ଥାନା ପୋଲିସ ସହାୟତାରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ଘରେ ପହଞ୍ଚିଥିଲେ। ମାତ୍ର ଶିଶୁ ଶ୍ରମିକ ନିୟୋଜିତ କଥା ଶୁଣି ପୋଲିସ ବାବୁ ଜଣକ ରାଗିଯାଇ ମୁଁ ଡିଜି ଅଫିସରେ ଚାକିରି କରିଥିଲି। ଆଇନ କାନୁନ୍ ମୁଁ ଭଲ ଭାବେ ଜାଣିଛି। ତୁମେ ଏ ପିଲାକୁ ମୋ ଘରୁ ନେଇପାରିବ ନାହିଁ ବୋଲି ଯୁକ୍ତି କରିଥିଲେ। କିନ୍ତୁ ଶୁକ୍ଲା ପୋଲିସ ବାବୁଙ୍କୁ ଆଇନ କାନୁନ୍ ସମ୍ପର୍କରେ ଅବଗତ କରାଇ ନାବାଳିକାଙ୍କୁ ଉଦ୍ଧାର କରି ବସୁନ୍ଧରାକୁ ନେଇଛନ୍ତି। ମଙ୍ଗଳବାର ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯିବ। ନାବାଳିକାଙ୍କ ଘର ସିଡିଏ ପେଟାନାଳ ଅଞ୍ଚଳରେ। ଗରିବ ଶ୍ରେଣୀର ଏହି ନାବାଳିକା ପେଟ ପୋଷିବା ପାଇଁ ପୋଲିସବାବୁଙ୍କ ଘରେ କାମ କରୁଥିଲେ। ଘଟଣା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଶ୍ରମ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସଂଯୋଜକ ଶୁକ୍ଲା କହିଛନ୍ତି।

## କପିଳାସ ପାହାଡ଼ରେ ହେବ ୱାଲ୍ଡେନଉଡ୍ସ ଇକୋଭିଲେଜ

**କଟକ ଅଫିସ, ୧୨।୧୧**

ଢେଙ୍କାନାଳର କପିଳାସ ପାହାଡରେ ୱାଲ୍ଡେନଉଡ୍ସ ଇକୋ ଭିଲେଜ ପ୍ରତିଷ୍ଠା କରାଯିବ। ୱାଲ୍ଡେନ୍‌ଉଡ୍ସ ଫାଉଣ୍ଡେସନ ଦିଲ୍ଲୀର ଏକ ପଞ୍ଜୀକୃତ ଅନୁଷ୍ଠାନ। ଯାହା ଗ୍ରାମାଞ୍ଚଳରେ ସ୍ମାର୍ଟ ଇକୋଭିଲେଜେସ୍ (ଆଦର୍ଶ ପର୍ଯ୍ୟଟନ) ନିର୍ମାଣ ଦ୍ୱାରା ଗ୍ରାମାଞ୍ଚଳର ଉତ୍ଥାନ ପାଇଁ ସମର୍ପିତ। ଏହା ପରିବେଶ ପ୍ରଦୂଷିତ ନ କରି ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି କରିବ। ଏହା ଉଚ୍ଚ ମାତ୍ରାରେ ଅମ୍ଳଜାନର ଉପଲବ୍ଧତା ଥିବା ରାଜ୍ୟର ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ନିଜର କାର୍ଯ୍ୟକ୍ରମ ଆରମ୍ଭ କରିବ। କଟକ, ଯାଜପୁର ଏବଂ ଢେଙ୍କାନାଳ ଜିଲାର କେନ୍ଦ୍ରସ୍ଥଳ କପିଳାସ (ପାହାଡ) ଉତ୍ତର ପୂର୍ବାଞ୍ଚଳର ଅଭୟାରଣ୍ୟରେ ୱାଲ୍ଡେନଉଡ୍ସ ଇକୋଭିଲେଜ ନାମରେ ଏହାର କାର୍ଯ୍ୟ ଆରମ୍ଭ କରିବ। ଓଡ଼ିଶାରେ ଏହାର କାର୍ଯ୍ୟାରମ୍ଭ ପାଇଁ ଟ୍ରଷ୍ଟ ପକ୍ଷରୁ ରବିବାର କଟକର ଏକ ହୋଟେଲରେ ଆୟୋଜିତ ବୈଠକରେ ଏହି ସୂଚନା ଦିଆଯାଇଛି। ଜୈବିକ କୃଷିକୁ ପ୍ରୋତ୍ସାହନ ଏବଂ କିଛି ମନୋରଞ୍ଜନ ସୁବିଧା ସୃଷ୍ଟି କରି ସହରୀ ଲୋକଙ୍କୁ ଗ୍ରାମାଞ୍ଚଳକୁ ଫେରାଇ ନେବା ପାଇଁ ୱାଲ୍ଡେନଉଡ୍ସ ଫାଉଣ୍ଡେସନ ଲକ୍ଷ୍ୟ ରଖିଛି। ଫାଉଣ୍ଡେସନ ପର୍ଯ୍ୟାବରଣର ସୁରକ୍ଷା ପାଇଁ 'ୱାଲ୍ଡେନ୍‌ଉଡ୍ସ ସ୍ମୃତି ବନ' ନାମରେ ସ୍ମାରକୀ ବନୀକରଣକୁ ପ୍ରୋତ୍ସାହନ ପାଇଁ ଯୋଜନା କରିଛି। ଯେଉଁଠାରେ ଯେକୌଣସି ବ୍ୟକ୍ତି ନିଜ ପ୍ରିୟ ଆତ୍ମୀୟଙ୍କ ସ୍ମୃତିରେ ଗଛଟିଏ ଲଗାଇ ପାରିବ ବୋଲି ସୂଚନା ଦିଆଯାଇଛି।

## ଗଣକବି ବୈଷ୍ଣବ ପାଣି ସ୍ମୃତିସଭା

**କଟକ ଅଫିସ, ୧୨।୧୧**

କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣି ସ୍ମୃତି ସଭା ରଘୁନାଥଜୀଉ ମନ୍ଦିରଠାରେ ସୋମବାର ପାଳିତ ହୋଇଯାଇଛି। ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସାହିତ୍ୟ ସୁଧାକର କୈଳାସ ଚନ୍ଦ୍ର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଉତ୍କଳ ସାଂସ୍କୃତିକ ଇତିହାସରେ ଗଣକବି ବୈଷ୍ଣବ ପାଣି ଏକ ଉଜ୍ଜ୍ୱଳ ନାମ। ସେ ଥିଲେ ଗୀତିନାଟ୍ୟ ଜଗତର ମୁକୁଟ ବିହୀନ ସମ୍ରାଟ। ଓଡ଼ିଆ ଭାଷା ସାହିତ୍ୟର ନବ ଯୁଗର ପ୍ରବର୍ତ୍ତକ। ସେଭଳି କାଳଜୟୀ ସ୍ରଷ୍ଟା ସବୁଦିନ ପାଇଁ ଅମର, ତାଙ୍କର କୀର୍ତ୍ତି ଓ କୃତି ଯୁଗ ଯୁଗକୁ ଅମଳିନ ହୋଇ ରହିବ। ବଂଶୀମୋହନ ଶତପଥୀ, ଶ୍ୟାମସୁନ୍ଦର ସାହୁ, ଚୌଧୁରୀ ଶରତ ଚନ୍ଦ୍ର ଦାସ, ସୁରେନ୍ଦ୍ରନାଥ ଛୋଟରାୟ, ବୈଷ୍ଣବ ପରିଡ଼ା, ଭୁବନାନନ୍ଦ ମହାନ୍ତି, ଅର୍ଜୁନ ମହାକୁଳ, ଗଗନ ମେହେର, ଅରୁଣା ସାମନ୍ତରାୟ, ବିଦ୍ୟୁତ୍ ଲାଲା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମାଧବ ମିଶ୍ର ଧନ୍ୟବାଦ ଦେଇଥିଲେ।


ସ୍ମୃତିସଭାରେ ଯୋଗଦେଇଥିବା ବ୍ୟକ୍ତିବିଶେଷ।

■ ଧବଳେଶ୍ୱରଙ୍କୁ ଦର୍ଶନ କଲେ ୫୦ ହଜାର ଶ୍ରଦ୍ଧାଳୁ

# ଠେଲାପେଲା ପରେ ବ୍ୟାରିକେଡ ବ୍ୟବସ୍ଥା

**୩ ପ୍ଲାଟୁନ ଫୋର୍ସ ମୁତୟନ**

**ଖୁଣ୍ଟୁଣୀ,୧୨।୧୧(ଡି.ଏନ୍.ଏ.)**

କାର୍ତ୍ତିକର ତୃତୀୟ ସୋମବାରରେ ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବ୍ୟାରିକେଡ ଦେଇ ଦର୍ଶନ କରିଛନ୍ତି ବୋଲି ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ଚୌଦ୍ୱାର ଏସ୍‌ଡିପିଓ ସତ୍ୟନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ପୀଠ ଓ ପୀଠ ବାହାରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ରବିବାର ଧବଳେଶ୍ୱରଙ୍କୁ ଦର୍ଶନ କରିବାକୁ ଆସିଥିବା ଶ୍ରଦ୍ଧାଳୁଙ୍କ ଭିଡ଼ ଯୋଗୁ ଠେଲାପେଲା ହୋଇ ୪ଜଣ ଶ୍ରଦ୍ଧାଳୁ ଆହତ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ବ୍ୟାରିକେଡ ବ୍ୟବସ୍ଥା ସହ ୧୫ଜଣ ପୋଲିସ ଅଧିକାରୀ, ୧୦ଜଣ ମହିଳା ଅଧିକାରୀ, ଖୁଣ୍ଟୁଣୀ, ନିଶ୍ଚିନ୍ତକୋଇଲି, ନେମାଳ, ଓଲଟପୁର ଓ ଗୁରୁଡିଝାଟିଆ ଥାନାର ଇନ୍‌ସପେକ୍ଟରଙ୍କୁ ନିୟୋଜିତ କରାଯାଇଥିବା ଏସ୍‌ଡିପିଓ ଦାସ କହିଛନ୍ତି। ଧବଳେଶ୍ୱର ପୀଠକୁ ଦ୍ୱିତୀୟ କଂକ୍ରିଟ ସେତୁ ନିର୍ମାଣ ଶେଷ ପର୍ଯ୍ୟନ୍ତ କଟକ ବିଡ଼ାନାସୀ ପଟୁ ଡଙ୍ଗା ଚଳାଚଳ ବ୍ୟବସ୍ଥା କରାଗଲେ ଝୁଲା ପୋଲ ଉପରେ ଚାପ ପଡ଼ନ୍ତା ନାହିଁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ସୋମବାର ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ଧବଳେଶ୍ୱରଙ୍କୁ ଦର୍ଶନ କରଥିବା ଉପଜିଲାପାଳ ଅମିୟ କୁମାର ସାହୁ କହିଛନ୍ତି। ଏହା ସହ ଭିଡ଼କୁ ଦୃଷ୍ଟିରେ ରଖି ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ସେ କହିଥିଲେ।


ଧବଳେଶ୍ୱରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଉଛନ୍ତି।



ଯଦି ଆବଶ୍ୟକ ପଡୁଛି ସାହସ କରି ଏକାଥରକେ ଡେଇଁଯାଅ, କାରଣ ଗୋଟିଏ ଗାତକୁ କେହି ଦୁଇ ଖେପାରେ ଡିଏଁ ନାହିଁ।
- ଡାଭିଡ୍ ହ୍ୟୁମ୍



## ସଂକ୍ଷେପରେ

### ମହିଳାଙ୍କୁ ସହକାରୀ ଯନ୍ତ୍ରୀଙ୍କ ଅସଦାଚରଣ ମାମଲା ପୀଡ଼ିତାଙ୍କ ବୟାନ ରେକର୍ଡ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ): ଜନସ୍ୱାସ୍ଥ୍ୟ ବିଭାଗର ଜଣେ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଥିବା ପୀଡ଼ିତାଙ୍କର ସୋମବାର ବୟାନ ରେକର୍ଡ ହୋଇଛି। ମହିଳା ଥାନା ପୋଲିସ ପୀଡ଼ିତା ମହିଳା କର୍ମଚାରୀଙ୍କୁ ଡାକ୍ତରୀ ପରୀକ୍ଷା କରିବା ପରେ ବୟାନ ରେକର୍ଡ କରିଛି। ପୀଡ଼ିତାଙ୍କ ବୟାନ ଅନୁଯାୟୀ ପୋଲିସ ତଦନ୍ତ ଆଗେଇଛି ବୋଲି ତଦନ୍ତକାରୀ ଅଫିସର କହିଛନ୍ତି। ସେପଟେ ଅଭିଯୋଗର ଅନେକ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଞ୍ଚା ଦେଉଛି ବୋଲି ପୀଡ଼ିତା ଗଣମାଧ୍ୟମକୁ କହିଛନ୍ତି। ସୂଚନା ମୁତାବକ, ସହକାରୀ ଯନ୍ତ୍ରୀ ତାଙ୍କୁ ଏକ ବର୍ଷ ଧରି ହଇରାଣ କରୁଥିବା ନେଇ ନଭେମ୍ବର ୧ରେ ମହିଳା ଥାନାରେ ମହିଳା କର୍ମଚାରୀ ଅଭିଯୋଗ କରିଥିଲେ। ମହିଳାଙ୍କ ଡାକ୍ତରୀ ମାଇନା କରିବା ପରେ ପୋଲିସ ୧୦୧/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

### ନାବାଳିକାଙ୍କୁ ଅପହରଣ ଘଟଣା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ): ନାବାଳିକାଙ୍କୁ ଅପହରଣ ପରେ କଳାହାର ଘଟଣାରେ ଖଣ୍ଡଗିରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଭରତପୁର ବସ୍ତିର ଶେଖ୍ ଟିଟୋ(୨୨)। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ଗତ ୯ ତାରିଖରେ ନାବାଳିକା ସ୍କୁଲରୁ ଘରକୁ ଫେରୁଥିବା ସମୟରେ ଟିଟୋ ତାଙ୍କୁ ଅପହରଣ କରି ନେଇଥିଲେ। ପୋଲିସ ତାଙ୍କ ଫୋନ୍ ନମ୍ବରକୁ ଟ୍ରାକିଂ କରିବା ପରେ ସେ ଭରତପୁରରେ ରହୁଥିବା ଜାଣିବାକୁ ପାଇଥିଲା। ସୋମବାର ଉକ୍ତ ବସ୍ତିରେ ଚଢ଼ାଉ କରି ଟିଟୋଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି।

### ୧୪ରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'। ୟୁନିଟ୍-୯ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ୧୬ ତାରିଖ ଯାଏ ଏହି ମହୋତ୍ସବ ଚାଲିବ। ଏହି ଅବସରରେ ବେଟି ବଚାଓ-ବେଟି ପଢ଼ାଓ, ସ୍ୱଚ୍ଛ ବିଦ୍ୟାଳୟ, ଗୁଣାତ୍ମକ ଶିକ୍ଷା ପାଇଁ ଉଦ୍ଭବ, ପରିବେଶ ସୁରକ୍ଷା ଉପରେ ହସ୍ତଲିଖନ ଓ ହସ୍ତାକ୍ଷର, ବକ୍ତୃତା, ରଚନା, ଚିତ୍ରକଳା, ତର୍କ ପ୍ରତିଯୋଗିତା କରାଯିବ। ମଣ୍ଡଳ ଓ ଜିଲାସ୍ତରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ରାଜ୍ୟସ୍ତରକୁ ମନୋନୀତ କରାଯାଇଛି। ମହୋତ୍ସବରେ ବର୍ଜ୍ୟବସ୍ତୁର ବ୍ୟବହାର, ବିଜ୍ଞାନ କୌଶଳ କର୍ମଶାଳା, ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ ପରିଦର୍ଶନ ଓ ଡ୍ରାମ୍ ବ୍ଲକ୍ସରେ ପ୍ରଦର୍ଶନୀର ଆୟୋଜନ କରାଯାଉଛି। ଶିକ୍ଷାର୍ଥୀଙ୍କ ଦ୍ୱାରା ଛାୟା ବିଧାନସଭା, ସୃଜନାତ୍ମକ ଲେଖା, କଳା ଓ ସ୍ଥାପତ୍ୟ, ମୋ ଗଣିତ ଶୈଳୀ, ମାଟି କଥା କହେ, କାଗଜ ଓ କଣ୍ଢେଇ ଖେଳ, ମୋ ଚିତ୍ର ଦୁନିଆ, କେଲ୍ଲୁନ୍ ଆର୍ଟ ଉପରେ କର୍ମଶାଳା ହେବ। ଉଦ୍‌ଯାପନୀ ଦିବସରେ ଶିକ୍ଷାର୍ଥୀମାନେ 'ଶିକ୍ଷା ସଚେତନତା ସାଇକେଲ ରାଲି'ରେ ଫରେଷ୍ଟ ପାର୍କରୁ ବାହାରିବେ। ଗଠିତ କମିଟିରେ ଓପେପା ଓ ମାଧ୍ୟମିକ ଶିକ୍ଷା ମିଶନ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆ ମୁଖ୍ୟ ସଞ୍ଚାଳକ ରହିଛନ୍ତି।

■ ବିକାଶଶୀଳ ରାଷ୍ଟ୍ରକୁ ଅନୁକରଣ କରନି

# 'ନିଜ ବୁଦ୍ଧିରେ ବାସ ଉପଯୋଗୀ ସହର ଗଢ଼'

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)




ମଞ୍ଚରେ ଡାରିଓ ହିଡାଲଗୋଙ୍କ ସହ ଅନ୍ୟମାନେ।

- ମୋ ବସ୍ ସେବା ଦେଖି ଖୁସି ହେଲେ ଡାରିଓ
- କାର ଚାଳକଙ୍କଠାରୁ ଅଧିକ କର ଆଣ

ବିକାଶଶୀଳ ଆମେରିକା, କାନାଡା, ରୁଷିଆ ଏବଂ ଜାପାନ ଭଳି ରାଷ୍ଟ୍ରର କାର୍ଯ୍ୟପନ୍ଥାକୁ ଅନୁସରଣ କରନାହିଁ। ନିଜ ସହରବାସୀଙ୍କ ପାଇଁ ଉପଯୁକ୍ତ ବାତାବରଣ କିପରି ସୃଷ୍ଟି କରାଯାଇ ପାରିବ ସେନେଇ ନିଜସ୍ୱ ବୁଦ୍ଧିରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଇଣ୍ଟିଗ୍ରେଟେଡ୍ ଟ୍ରାନ୍ସପୋର୍ଟର ନିର୍ଦ୍ଦେଶକ ଡାରିଓ ହିଡାଲଗୋ କହିଛନ୍ତି।

ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍-୨୦୧୮ରେ ଯୋଗଦେଇ ଡାରିଓ କହିଛନ୍ତି, ଆମେରିକା, କାନାଡା, ରଷିଆ ଏବଂ ଜାପାନ ଭଳି ରାଷ୍ଟ୍ରରେ ଲୋକ ଚାଲିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇନି। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଲୋକମାନେ ଯାତାୟାତ ପାଇଁ କାର ବ୍ୟବହାର କରୁଛନ୍ତି। ଏହାଦ୍ୱାରା ପରିବେଶ ଅଧିକ ପ୍ରଦୂଷିତ ହେବା ସହିତ ସହରୀ ଜନଜୀବନ ପ୍ରଭାବିତ ହେଉଛି। ଭୁବନେଶ୍ୱର ସହରକୁ ଦେଖି ଖୁସି ଲାଗୁଛି ବୋଲି ଡାରିଓ କହିଥିଲେ। ଏଠାରେ ପାଦ ଚଲାଳି ଏବଂ ସାଇକେଲ ଚଲାଳି ଲୋକଙ୍କ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତା' ସହିତ ମୋ ବସ୍ ବ୍ୟବସ୍ଥା ଆହୁରି ଖସି କରିଛି। ସେ କୁହନ୍ତି, ମୋ ବସ୍‌ସେବା ଦ୍ୱାରା ଅଧିକାଂଶ ଲୋକ କାର ଏବଂ ବାଇକ୍ ବ୍ୟବହାର କରିବା ପରିବର୍ତ୍ତେ ମୋ ବସ୍‌ରେ ଯାତାୟାତ କରିବେ। ଫଳରେ ଯେଉଁ ଅନୁପାତରେ କାର ଏବଂ ବାଇକ୍ ରାସ୍ତାରେ ଗଡ଼ିବାର ସମ୍ଭାବନା ଥିଲା ତାହା କମିଯିବ। ଏହାଦ୍ୱାରା ସହରରେ ପ୍ରଦୂଷଣ କମିବା ସହିତ ବାସ ଉପଯୋଗୀ ସହରୀ ବ୍ୟବସ୍ଥା ହୋଇ ପାରିବ। କାର ଏବଂ ଗାଡ଼ିକୁ ଲୋକ ଆଉ ପ୍ରାଧାନ୍ୟ ଦେବେନାହିଁ।

ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଘର ପାଖରେ କାମ ପଡ଼ିଲେ ମଧ୍ୟ ଲୋକ ଚାଲିଚାଲି କିମ୍ବା ସାଇକେଲରେ ଯିବା ପରିବର୍ତ୍ତେ କାର ବ୍ୟବହାର କରିଥାନ୍ତି। ସେହି ରାଷ୍ଟ୍ରଗୁଡ଼ିକରେ ଲୋକଙ୍କ ପାଇଁ ଚାଲିବା କିମ୍ବା ସାଇକେଲ ଚଳାଇବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନାହିଁ। ଦକ୍ଷିଣ ଆମେରିକାରେ ଲୋକ କାର ଉପରେ ନିର୍ଭରଶୀଳ ହୋଇ ଯିବା ଆସିବା କରିଥାନ୍ତି। ଏପରି ସମୟ ଆସିଲା ସହର ପ୍ରଦୂଷଣରେ ଭରପୁର ହୋଇଗଲା। ଅନ୍ୟ ଲୋକ ହଇରାଣ ହେଲେ। ସେଠିକାର ମେୟର ଘୋଷଣା କଲେ ଯେ, ସହରରେ ଗୋଟିଏ ଦିନ କୌଣସି ଗାଡ଼ିମଟର ଚଳାଚଳ କରିବ ନାହିଁ। ଏହାକୁ ଯିଏ ଅବମାନନା କରିବ ସେ ଜରିମାନା ଦେବ ବୋଲି ନିୟମ କରାଗଲା।

ଡାରିଓ ଆହୁରି ମଧ୍ୟ କହିଛନ୍ତି, କାର ମାଲିକ ଏବଂ ଚାଳକଙ୍କ ପାଖରୁ ଅଧିକ କର ଉଠାଇବାର ବ୍ୟବସ୍ଥା କରାଗଲେ ସେମାନେ କାର ଚଳାଚଳ ଉପରେ ନିର୍ଭରଶୀଳ ହେବେ ନାହିଁ। ଫଳରେ ରାସ୍ତା ଖାଲି ରହିବା ସହିତ ପ୍ରଦୂଷଣ ମାତ୍ରା କମିଯିବ। ଏନେଇ ବିଏମ୍‌ସି କମିଶନର କ୍ରିଷନ କୁମାର କୁହନ୍ତି, ମୋ ବସ୍ ଖୋର୍ଦ୍ଧା, ଜଟଣୀ, ପିପିଲି, ପୁରୀ ଏବଂ କଟକ ସହିତ ଭୁବନେଶ୍ୱର ସହରରେ ଗଡୁଛି। ପ୍ରଦୂଷଣ ରୋକିବା ପାଇଁ ଖୁବ୍ ଶୀଘ୍ର ବାଇସାଇକେଲ ଗଡ଼ିବ।

## ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର



ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର।

ବାଲିଅନ୍ତା, ୧୨।୧୧(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଖୋର୍ଦ୍ଧା ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣି ତୁରନ୍ତ ଏହାର ପ୍ରତିକାର ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ସର୍ବମୋଟ ୨୪୧ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିରୁ ୧୧୬ଟି ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ଅଭିଯୋଗ ଥିଲା। ଶିବିରରେ ଖୋର୍ଦ୍ଧା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭୁବନେଶ୍ୱର ଉପଜିଲାପାଳ ଶୁଭେନ୍ଦୁ କୁମାର ସାହୁ, ବାଲିଅନ୍ତା ତହସିଲଦାର ଅକ୍ଷୟ କୁମାର ରାଉତ, ବିଡିଓ ରଶ୍ମିରେଖା ପ୍ରଧାନ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଶିବିରକୁ ଆସିଥିବା ଅଭିଯୋଗକାରୀଙ୍କ ଭିତରୁ କଳ୍ପନା ବେହେରା କୁହନ୍ତି, ୪ଥର ଜିଲାପାଳଙ୍କ ଶୁଣାଣିକୁ ଆସିଛି କିନ୍ତୁ କିଛି ପ୍ରତିକାର ହୋଇପାରି ନାହିଁ। ଶିବିରକୁ ଆସୁଥିବା ଅଭିଯୋଗକାରୀଙ୍କ ସମସ୍ୟାକୁ ଶତପ୍ରତିଶତ ହେଉ ନ ଥିବାରୁ ସେମାନେ ପ୍ରତିଥର ଆସୁଥିବା ସରପଞ୍ଚ ଲକ୍ଷଣ ଆଚାର୍ଯ୍ୟ କହିଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୫ଜଣଙ୍କୁ ୪୫୦୦୦ଟଙ୍କା ଓ ରେଡ୍‌କ୍ରସ୍‌ରୁ ୭ଜଣଙ୍କୁ ୧୯ହଜାର ଟଙ୍କାର ଚେକ ଜିଲାପାଳ ବଣ୍ଟନ କରିଥିଲେ।



ଭୁବନେଶ୍ୱର ନେହେରୁ ଯୁବ ପ୍ରତିଷ୍ଠାନଠାରେ ଜାତୀୟ ସଂସ୍କୃତି ମହୋତ୍ସବ-୨୦୧୮ ପରିପ୍ରେକ୍ଷୀରେ ସୋମବାର ଆୟୋଜିତ ଅରବିନ୍ଦ ଘୋଷ ସ୍ମୃତି ଭଜନ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ ଅତିଥିଙ୍କ ଗହଣରେ।

■ ୮ କୋଟି ଟଙ୍କା ଠକେଇ ଘଟଣା

# ସିବିଆଇର ଯାଞ୍ଚ ଆରମ୍ଭ

ପୁରୁଣା ଭୁବନେଶ୍ୱର, ୧୨।୧୧ (ଡି.ଏନ୍.ଏ.)

ଶେଷରେ ଦୀର୍ଘବର୍ଷ ପରେ ପୋଲିସ ପକ୍ଷରୁ ୮ କୋଟି ଟଙ୍କାର ଠକେଇ ମାମଲାର ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଥିବା ବେଳେ, ଏଥରେ ଘଟଣାକୁ ନେଇ ସିବିଆଇର ଯାଞ୍ଚ ଆରମ୍ଭ ହୋଇଛି। ଠକେଇର ସତ୍ୟାସତ୍ୟ, ଘଟଣା, ମାମଲା, କୋର୍ଟଙ୍କ ନିର୍ଦ୍ଦେଶ ଆଦି କାଗଜର ଯାଞ୍ଚ ନେଇ ବିଭାଗ ପକ୍ଷରୁ ଅଭିଯୋଗକାରୀଙ୍କୁ ସମସ୍ତ ତଥ୍ୟପତ୍ର ପେଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନେଇ ଅଭିଯୋଗକାରୀ ଏୟାର ଫିଲ୍ଡ ଥାନା ଅଧୀନ ଭୀମପୁର ମୌଜାରେ ରହୁଥିବା ଅଶୋକ ଦାସ ନିଜର ନ୍ୟାୟ ପାଇବାର ଆଶା ପ୍ରକାଶ କରିଥିବା ସେ କହିଛନ୍ତି। ସୂଚନାଥାଉ କି, ଅଶୋକ ନିଜର ଜଣେ ପାର୍ଟନରଙ୍କୁ ପ୍ରାୟ ୪ କୋଟି ୭୪ ଲକ୍ଷ ଟଙ୍କାର ଏକ ଡ୍ରାଫ୍ଟ ମାସେ ପାଇଁ ଧାର ସୂତ୍ରରେ ଦେଇଥିଲେ। ଅନୁରୂପ ଭାବେ କାଗଜପତ୍ରରେ ୬ଟି ଘର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦେଇଥିଲେ। ପରବର୍ତ୍ତୀ ସମୟରେ ମୋଟ ୮ କୋଟି ଟଙ୍କାର ଠକାମିର ଶିକାର ସେ ହୋଇଥିଲେ। ଏହି ଘଟଣାକୁ ନେଇ ଅଶୋକ ଥାନାରେ ଅଭିଯୋଗ କରିଥିଲେ। ବାରମ୍ବାର ଅଭିଯୋଗ କରିବା ପରେ କୌଣସି ସୁଫଳ ନ ମିଳିବାରୁ ଅଶୋକ କୋର୍ଟଙ୍କ ଆଶ୍ରୟ ନେଇଥିଲେ। କୋର୍ଟଙ୍କ ଆଦେଶ ସତ୍ତ୍ୱେ ପୋଲିସ ଘଟଣାର କୌଣସି ପଦକ୍ଷେପ ନେଇ ନ ଥିଲା, କିମ୍ବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ କରି ନ ଥିଲା। ପରେ ଅଶୋକ ବିଭିନ୍ନ ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ନ୍ୟାୟ ପାଇବାକୁ ସମାନ ଅଭିଯୋଗ କରିଥିଲେ। ଏପରି କି ଗୃହ ସଚିବ, ପ୍ରଧାନମନ୍ତ୍ରୀ, ପୋଲିସ ଡିଜିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଶେଷରେ ସିବିଆଇ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ଜୋନ୍-୨ ଏସିପି ଫଗୁଆ ସିଂଙ୍କୁ ପଚାରିବାରୁ ସେ କହିଲେ, ଘଟଣାର ତଦନ୍ତ ଚାଲିଛି। ଅଭିଯୋଗକାରୀଙ୍କଠାରୁ ସମସ୍ତ ଦସ୍ତାବିଜ, ସାକ୍ଷୀ ପ୍ରମାଣର ମଧ୍ୟ ତନଖି କରାଯାଉଛି। ଖୁବଶୀଘ୍ର ତଦନ୍ତ ସମ୍ପନ୍ନରେ ଯାଞ୍ଚ ରିପୋର୍ଟ ପ୍ରକାଶ ପାଇବ।

# ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ୨୧ଜଣଙ୍କୁ ପେନସନ ଦିଆଯିବ

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

ଚଳିତବର୍ଷ ଜାତୀୟ ସାମ୍ବାଦିକ କଲ୍ୟାଣ କର୍ପୋରପକ୍ଷରୁ ଆସନ୍ତା ୧୬ତାରିଖ ଜାତୀୟ ପ୍ରେସ୍ ଦିବସରେ ରାଜ୍ୟର ୨୧ଜଣ ବରିଷ୍ଠ ଖବରଦାତାଙ୍କୁ ପେନସନ ପ୍ରଦାନ କରାଯିବ। ଏଥିସହିତ ଅଧିଷ୍ଠାକୁପ୍ରୋପ୍ତ ସାମ୍ବାଦିକ ଓ ତାଙ୍କ ପରିବାରବର୍ଗଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଦେବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ଶୁକ୍ରବାର ଅପରାହ୍ଣ ୩ଟା ୩୦ରୁ ରାତ୍ର ୧୦ଟା ୩୦ମିନିଟ୍‌ରେ ସ୍ଥାନୀୟ ସୂଚନାଭବନଠାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ଦୂରଦର୍ଶନ କେନ୍ଦ୍ର, ଆକାଶବାଣୀ, ପ୍ରେସ୍ ଇନ୍‌ଫର୍ମେସନ୍ ବ୍ୟୁରୋ (ପିଆଇବି), କ୍ଷେତ୍ର ପ୍ରଚାର ନିର୍ଦ୍ଦେଶାଳୟ (ଡିଏଫ୍‌ପି) ଏବଂ ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି (ଅମିଟ୍)ଅନୁଷ୍ଠାନର ମିଳିତ ପ୍ରେସ୍ ଦିବସ ଅନୁଷ୍ଠିତ ହେବ। ଏହି ଅବସରରେ ଦୈନିକ ଖବରକାଗଜ 'ପ୍ରଜାତନ୍ତ୍ର'ର ସମ୍ପାଦକ ତଥା ଏମପି ଭର୍ତ୍ତୃହରି ମହତାବଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ' ପ୍ରଦାନ କରାଯିବ। ସହିତ ଅନ୍ୟ ରାଜ୍ୟର ୭ଟି ଖବରକାଗଜ ସମ୍ପାଦକଙ୍କୁ ଜାତୀୟସ୍ତରରେ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ'ରେ ସମ୍ମାନିତ କରାଯିବ। ଏହି ଉତ୍ସବରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ନାଇନ୍ସି ଅଗ୍ରୱାଲଙ୍କୁ 'ରବି ନାରାୟଣ ମହାନ୍ତି ସ୍ମାରକୀ ସମ୍ମାନ', ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀ ପ୍ରୀତିପ୍ରଭା ମହାପାତ୍ରଙ୍କୁ 'ଗୋପାଳ ମିଶ୍ର ସ୍ମାରକୀ ସମ୍ମାନ' ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରୀ ଲୋହିତା ରାଉଲୋଙ୍କୁ 'ବରେନ୍ଦ୍ର କୃଷ୍ଣ ଧଳ ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯିବ। ଏହା ବ୍ୟତୀତ ରାଜ୍ୟର ୬୫ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ଖବରଦାତାଙ୍କୁ ପେନସନ ପ୍ରଦାନ କରାଯିବ।

## ରାସ୍ତା ମରାମତି କଲେ ଗାଁ ଲୋକେ

ପୁରୁଣା ଭୁବନେଶ୍ୱର, ୧୨।୧୧ (ଡି.ଏନ୍.ଏ.)

ନୂଆଗାଁ ରାସ୍ତା କାର୍ଯ୍ୟ ବିଏମ୍‌ସି କରିବାରେ ବିଳମ୍ବ ହେବାରୁ ଗାଁ ଲୋକେ ମରାମତି କରିଛନ୍ତି। ଧଉଳି ଥାନା ଅଧୀନ ନୂଆଗାଁ ପେଟ୍ରୋଲ ଟାଙ୍କି-ମ୍ୟୁନିସିପାଲିଟି ରାସ୍ତାର ବିଭିନ୍ନ ସ୍ଥାନରେ ମରାମତି ପୂର୍ବକ ସଫେଇ କରିଛନ୍ତି ଯୁବକମାନେ। ଏହି ରାସ୍ତାଟି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ମାତ୍ର ଜବରଦଖଲକାରୀଙ୍କ ଯୋଗୁ ରାସ୍ତାରେ ପାଣି ଜମିବା, ସଙ୍କୁଚିତ ହେବା ମୁଣ୍ଡେରିଆର କାରଣ ପାଲଟିଛି। ବାଧ୍ୟ ହୋଇ ଗମନାଗମନ ଏବଂ ପରିଚ୍ଛନ୍ନତା ଆଣିବାକୁ ଯାଇ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଏହି କାର୍ଯ୍ୟ ହାତକୁ ନେଇଛନ୍ତି। ଆଞ୍ଚଳିକ ବିକାଶ ପରିଷଦର ଆବାହକ ରମେଶ ଗୋଚ୍ଛାୟତ, କିଶୋର ଚନ୍ଦ୍ର ପ୍ରଧାନ, ଭଗବାନ ପ୍ରଧାନ, ଦୀନବନ୍ଧୁ ସ୍ୱାଇଁ, ସଞ୍ଜୟ ଦାସ, ପ୍ରଶାନ୍ତ ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

■ ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍ ଘଟଣା

# ଦୁଇ ଲୁଟେରାଙ୍କୁ ଧରିଲା ପୋଲିସ

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

**ଲୁଟ୍ ସାମଗ୍ରୀ ଜବତ କରିବାରେ ବିଫଳ**


ନୟାପଲ୍ଲୀ ଥାନା ଆଇଆରସି ଭିଲେଜରେ ଥିବା ମୋବାଇଲ ଜୋନ୍ ନାମକ ଏକ ଦୋକାନରୁ ୩ ଦିନ ତଳେ ୧୦ ଲକ୍ଷ ଟଙ୍କାର ମୋବାଇଲ ଲୁଟ୍ ହୋଇଥିଲା। ରବିବାର ରାତିରେ ଲୁଟେରା ଗ୍ୟାଙ୍ଗର ଦୁଇଜଣଙ୍କୁ ନୟାପଲ୍ଲୀ ପୋଲିସ କାବୁ କରିଛି। ହେଲେ ସେମାନଙ୍କଠାରୁ ଲୁଟ୍ ହୋଇଥିବା ମୋବାଇଲ ଫୋନ୍ ଜବତ କରିବାରେ ପୋଲିସ ବିଫଳ ହୋଇଛି। ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୋବାଇଲ ଲୁଟ୍ କରିବା ପରେ ସେମାନେ ଛୋଟ ଛୋଟ ଦୋକାନୀଙ୍କୁ ବିକ୍ରି କରି ଦେଇଥିବା ଜଣାପଡ଼ିଛି। ପୋଲିସ ମଧ୍ୟ ସେହି ଦୋକାନୀମାନଙ୍କୁ ଖୋଜୁଛି। ସେମାନଙ୍କ ବିଷୟରେ ଜଣାପଡ଼ିବା ପରେ ଉକ୍ତ ଦୋକାନରେ ଚଢ଼ାଉ କରାଯାଇ ମୋବାଇଲ ଜବତ କରାଯିବ ବୋଲି ପୋଲିସ କହିଛି। ଅଟକ ଥିବା ଦୁଇ ଲୁଟେରାଙ୍କ ମଧ୍ୟରୁ ଜଣକ ଘର ଭରତପୁର ବସ୍ତିରେ ହୋଇଥିବା ବେଳେ ଅନ୍ୟ ଜଣକ ଘର ସାଲିଆସାହି ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଶୁକ୍ରବାର ବିଳମ୍ବିତ ରାତିରେ ୩ଜଣ ଲୁଟେରା ବାଇକ୍‌ରେ ଆସିଥିଲେ। ସେମାନେ ଦୋକାନ ଶଟର ଭାଙ୍ଗି ୩୫ଟି ଦାମୀ ମୋବାଇଲ, ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ଦୋକାନ ମାଲିକ ବିଶ୍ୱରଞ୍ଜନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିଲା।

## ଲୁଟେରା ଗିରଫ, ଚୋରି ସାମଗ୍ରୀ ଜବତ

ଭୁବନେଶ୍ୱର,୧୨।୧୧ (ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଘରେ ପଶି ଲୁଟପାଟ କରିଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଚୋରି ସାମଗ୍ରୀ ଜବତ କରିଛି। ସେ ହେଲେ ସୁନ୍ଦରଗଡ଼ର ଦୀପୁ କୁମାର ତ୍ରିବେଦୀ। ସେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରହୁଥିଲେ। ଶୈଳଶ୍ରୀ ବିହାର ଅଞ୍ଚଳର ରଞ୍ଜିତ ଧଳଙ୍କ ଘରୁ ଶନିବାର ରାତିରେ ଲ୍ୟାପଟପ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୪୦୩/୧୮ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଖବର ପାଇ ପୋଲିସ ଦୀପୁଙ୍କ ଘରେ ରବିବାର ରାତିରେ ଚଢ଼ାଉ କରି ଗିରଫ କରିଥିଲା। ଏଥିସହ ତାଙ୍କ ନିକଟରୁ ୨ଟି କମ୍ପ୍ୟୁଟର ସିପିୟୁ ଓ ଏଲ୍‌ସିଡି ମନିଟର, ଦୁଇଟି ଟ୍ରଲି ବ୍ୟାଗ, ଗୋଟିଏ ଲ୍ୟାପଟପ, ଗୋଟିଏ ଇନ୍‌ଭର୍ଟେଡ ହାତଘଣ୍ଟା, ୨ହଜାର ଟଙ୍କା ଜବତ କରିଥିଲା। ଦୀପୁଙ୍କୁ କୋର୍ଟଚାଲାଣ କରାଯାଇଛି।




ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ବିଭାବନାର ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ବିଭାବନାର ବାର୍ଷିକ ଉତ୍ସବ, ସାରସ୍ୱତ ସମାରୋହ

ଭୁବନେଶ୍ୱର, ୧୨।୧୧ (ବ୍ୟୁରୋ)

ସାହିତ୍ୟ ପତ୍ରିକା ବିଭାବନାର ବାର୍ଷିକ ଉତ୍ସବ ଓ ୩୨ତମ ସାରସ୍ୱତ ସମାରୋହ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପଣ୍ଡିତ ମନୋରଞ୍ଜନ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ସରୋଜ ସାମଲ, ସାହିତ୍ୟିକା ଇନ୍ଦିରା ଦାଶ, ଡ. ସୁଚେତା ରାଉତ, ସାହିତ୍ୟ ଏକାଡେମୀ ସଦସ୍ୟ ସଂଯୁକ୍ତା ମହାପାତ୍ର ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟକୁ ବିଭାବନାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟିକମାନେ ସମାଜକୁ ପରିବର୍ତ୍ତନ ପାଇଁ ଲେଖନୀ ଚାଳନା କରିବା ଉଚିତ ବୋଲି କହିଥିଲେ। ଏହି ଅବସରରେ ଡ. ଆଶା ମିଶ୍ର, ସୁଷମା ଲେଙ୍କା, ବିଦେଶୀ ଭଞ୍ଜ, ସଂଯୁକ୍ତା ମିଶ୍ର, ଉମେଶ ଚନ୍ଦ୍ର ଦାଶ, ଗୋଲାପ ନନ୍ଦ, ଶାନ୍ତିଲତା ରଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ. ମାନସ କୁମାର ନନ୍ଦ ସ୍ୱାଗତ ଭାଷଣ ଓ ବୀଣାପାଣି ସାହୁ ଧନ୍ୟବାଦ ଦେଇଥିଲେ। ଭୁବନମୋହନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ନିରୁପମା କର ଓ ମନୋଜ ନାୟକ ସଂଯୋଜନା କରିଥିଲେ। ଚମକକାନ୍ତିନୀ ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

■ ବିଭିନ୍ନ ସମସ୍ୟା ଘେରରେ ସହର

# ବିଶେଷଜ୍ଞଙ୍କ ଉଦ୍‌ବେଗ, ପଦକ୍ଷେପ ନେବାକୁ ପରାମର୍ଶ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ରାଜ୍ୟର ଦୁଇ ପ୍ରମୁଖ ସହର ରାଜଧାନୀ ଭୁବନେଶ୍ୱର ଏବଂ ରାଉରକେଲାକୁ ସ୍ମାର୍ଟ ସିଟି ଘୋଷଣା କରାଯାଇଛି। ତେବେ ଏହି ସହରଦ୍ୱୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ସ୍ୱେରେଜ, ଡ୍ରେନେଜ, ସଫେଇ, ପରିବହନ, ଯୋଗାଯୋଗ, ଭିତ୍ତିଭୂମି, ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ପାନୀୟ ଜଳ ଯୋଗାଣ, ବାସଗୃହ, ପ୍ରଦୂଷଣ, ବିଦ୍ୟୁତ, ଟ୍ରାଫିକ ଆଦି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ସହରକୁ ସ୍ମାର୍ଟ କରିବାକୁ ହେଲେ ଏ ସବୁର ଉନ୍ନତୀକରଣ ନିହାତି ଆବଶ୍ୟକ। ସ୍ଥାନୀୟ ଜନତା ମଇଦାନରେ ଆରମ୍ଭ ହୋଇଥିବା ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ରେ ଦେଶ ବିଦେଶରୁ ଆସିଥିବା ସ୍ମାର୍ଟ ସିଟି ବିଶେଷଜ୍ଞମାନେ ସହର ଦ୍ୱୟକୁ ସ୍ମାର୍ଟ କରିବା ନେଇ ବିଭିନ୍ନ ମତ ଦେଇଛନ୍ତି। କ'ଣ କଲେ ସହରବାସୀଙ୍କୁ ସ୍ମାର୍ଟ ସୁବିଧା ସୁଯୋଗ ମିଳି ପାରିବ ସେ ନେଇ ନିଜର ମତ ଦେଇଥିଲେ। ଇଣ୍ଟିଗ୍ରେଟେଡ ଟ୍ରାନ୍ସପୋର୍ଟ, ଡବ୍ଲ୍ୟୁଆରଆଇ ରସ ସେଣ୍ଟର ଫର ସଷ୍ଟେନେବଲ ସିଟିଜ ଡାଇରେକ୍ଟର ଡାରିଗୋ ହିଡାଲଗୋ ସହରରେ ଯାତ୍ରୀ ପରିବହନ ସେବା ଓ ଯାନବାହନ ବୃଦ୍ଧିକୁ ରୋକିବା ସହ ପରିବେଶକୁ ସୁସ୍ଥ ରଖିବାକୁ ୧୦ଟି ପରାମର୍ଶ ଦେଇଥିଲେ। ସେ ବ୍ୟକ୍ତିଗତ ଗାଡ଼ିକୁ ରୋକିବା ଉପରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ପାର୍କିଂ ଫି' ଆଦାୟ କରିବା ସହ ଗହଳି କରୁଥିବା ଯାନବାହନରୁ ମଧ୍ୟ ଫି' ଆଦାୟ କରିବାକୁ ମତ ଦେଇଥିଲେ। ଏଥିସହିତ ସାଇକେଲ ଟ୍ରାକ, ସର୍ବସାଧାରଣ ଯାତ୍ରୀ ପରିବହନ ପାଇଁ ଅଧିକ ସଂଖ୍ୟାରେ ବସ୍ ଚଳାଇବାକୁ ମତ ଦେଇଥିଲେ। ଜନସାଧାରଣଙ୍କୁ ବସ୍‌ରେ ଯିବା ଆସିବା କରିବାକୁ ସଚେତନତା ସୃଷ୍ଟି କରିବା ନିହାତି ଜରୁରୀ। ଗାଡ଼ିରୁ ଧୂଆଁ ହ୍ରାସ ପାଇଁ ସ୍ୱତନ୍ତ୍ର ନୀତି କରିବାକୁ ସେ କହିଥିଲେ। ମାଲେସିଆର ସ୍ୱେରେଜ ବିଶେଷଜ୍ଞ ଦୋରାଇ ନାରାୟଣନ ସହରାଞ୍ଚଳର ସ୍ୱେରେଜ ବ୍ୟବସ୍ଥାକୁ ନ ସୁଧାରିଲେ

**ସ୍ମାର୍ଟ ହେଉନି ସିଟି**

ସହର କେବେ ସ୍ମାର୍ଟ ହୋଇ ପାରିବ ନାହିଁ ବୋଲି କହିଥିଲେ। ରୋଷେଇ, ରାଧୁଆ ଘର ଓ ପାଇଖାନାରୁ ବାହାରୁଥିବା ବର୍ଜ୍ୟ ଜଳ ପରିଚାଳନା କରିବା ନେଇ ଗୁରୁତ୍ୱ ଦେଇଥିଲେ। ଖୋଲାରେ ମଳତ୍ୟାଗ ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ କରି ଲୋକମାନଙ୍କୁ ଏଥିସହିତ ଯୋଡ଼ିବା ନେଇ ପରାମର୍ଶ ଦେଇଥିଲେ। ସେହିପରି ଟୟୋଟା- କିର୍ଲୋସ୍କର ଲିମିଟେଡର ଉପଉପାଧ୍ୟ ନବୀନ ସୋନି ଚଳାଞ୍ଚଳରେ ଯାନବାହନ ପ୍ରଦୂଷଣକୁ ରୋକିବା ପାଇଁ ଇଲେକ୍ଟ୍ରୋନିକ ଯାନବାହନ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଗ୍ଲୋବାଲ ସ୍ମାର୍ଟ ସିଟି ଚେୟାରମ୍ୟାନ ପି. ଶେଖର ସହରର ଇକୋନୋମିକ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇଥିଲେ। ଏଫଆଇସିସି ରିୟଲ ଇଷ୍ଟେଟର ଚେୟାରମ୍ୟାନ ସଞ୍ଜୟ ଦତ୍ତ ସହରାଞ୍ଚଳରେ କମ ମୂଲ୍ୟରେ ଗୃହ ଯୋଗାଇବା ନେଇ ଚିନ୍ତା ପ୍ରକଟ କରିଥିଲେ। ସେ କହିଥିଲେ, କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ, ଜିଏସଟି ଏବଂ ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି(ରେରା) ଯୋଗୁ ରିୟଲ ଇଷ୍ଟେଟ ବ୍ୟବସାୟୀମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ନିର୍ମାଣ ସାମଗ୍ରୀ ବୃଦ୍ଧି ପାଉଥିବା ବେଳେ ଶସ୍ତାରେ ବାସଗୃହ ଯୋଗାଇବା କଷ୍ଟକର ହୋଇପଡ଼ିଛି। ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କୁ ବାସଗୃହ ଯୋଗାଇ ଦେବା ନିହାତି ଆବଶ୍ୟକ। ସରକାରଙ୍କ ସହଯୋଗ ବିନା ଏ ସବୁ ସମ୍ଭବ ହେବା ସହଜ ନୁହେଁ ବୋଲି ସେ ଦତ୍ତ କହିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥାନନ ସ୍ମାର୍ଟ ସିଟି ପାଇଁ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସ୍ମାର୍ଟ ସିଟି ଏମ୍‌ଡି କ୍ରିଷନ କୁମାର।



ଯଦି ଆମେ ସତ୍ ଜୀବନ ଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମିକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡିବ। ତା'ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବ୍ଲକ ଘେରାଉ କଲେ ଫାଇଲିନ୍ ପୀଡ଼ିତ

ବ୍ରହ୍ମଗିରି, ୧୨।୧୧(ଡି.ଏନ୍.ଏ.): ଫାଇଲିନ କ୍ରିୟାନୁଷ୍ଠାନ କମିଟି ତରଫରୁ ପୀଡିତମାନେ ସୋମବାର ବ୍ରହ୍ମଗିରି ବ୍ଲକ ଘେରାଉ କରିଥିଲେ। ଫାଇଲିନ୍ ବାତ୍ୟାକୁ ପାଞ୍ଚବର୍ଷ ପୂରିଥିବାବେଳେ ପୁରୀ ଜିଲା ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ଫାଇଲିନ୍ ବିପନ୍ନମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଘରଖଣ୍ଡେ ପାଇପାରି ନାହାନ୍ତି। ବହୁ ଆନ୍ଦୋଳନ ଓ ଧାରଣା ପରେ ସରକାରଙ୍କ ପକ୍ଷରୁ ଫାଇଲିନ୍ ପୀଡିତମାନଙ୍କର ଦୁର୍ଦ୍ଦଶା ଦେଖି ଦୁଇ ବ୍ଲକରେ ୩୦୩୬ଜଣ ଫାଇଲିନ୍ ବିପନ୍ନଙ୍କୁ ଘର ତୋଲିବା ପାଇଁ ନିର୍ଦ୍ଦେଶ ମିଳିଲା। ମାତ୍ର ୬ମାସ ବିତିଯାଇଥିବାବେଳେ କୌଣସି ହିତାଧିକାରୀଙ୍କୁ ଘର ତୋଲିବା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇନାହିଁ। ତେଣୁ ପୁରୀ ଜିଲା ଫାଇଲିନ୍ ପୀଡିତ କ୍ରିୟାନୁଷ୍ଠାନ କମିଟିର ଆବାହକ ଭୀମସେନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଦେଶ ପ୍ରଦାନ ଦାବିରେ ପୀଡ଼ିତମାନେ ବ୍ଲକ ନିକଟସ୍ଥ ଶ୍ରୀଉତ୍ତରେଶ୍ୱର ମନ୍ଦିର ନିକଟରେ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ରାଲିରେ ବ୍ଲକ ନିକଟରେ ପହଞ୍ଚି ତୁରନ୍ତ କାର୍ଯ୍ୟାଦେଶ ଦେବାକୁ ଦାବି କରିଥିଲେ। ଏହି ଘେରାଉ ସମୟରେ ବିଡିଓ ଦେବରାଜ ସେଠୀ ଅନୁପସ୍ଥିତ ଥିବାରୁ ଘଟଣାସ୍ଥଳରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା। ପରେ ବ୍ଲକ ସହକାରୀ ଯନ୍ତ୍ରୀ ରାଜେଶ୍ୱର ମହାରଣା ଘଟଣାସ୍ଥଳରେ ପହଞ୍ଚି ପ୍ରଶାସନିକ ଅଧିକାରୀଙ୍କ ସହିତ କଥାବାର୍ତ୍ତା କରି ଏ ସମ୍ପର୍କରେ ୧୪ତାରିଖରେ ଜଣାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପୀଡିତମାନେ ଘେରାଉରୁ ହଟିଥିଲେ। ତେବେ ୧୪ତାରିଖରେ ପ୍ରଶାସନ ଯଦି କୌଣସି ସନ୍ତୋଷଜନକ ଉତ୍ତର ନ ଦିଏ ତେବେ ଆନ୍ଦୋଳନ ଜୋରଦାର ହେବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ଆବାହକ ବିହାରୀ ପଲାଇ, ବଟକୃଷ୍ଣ ବିଶ୍ୱାଳ, ଦିବାକର ଦଳାଇ, ଷ୍ଟାଲିନ୍ ପାଇକରାୟ, କ୍ଷେତ୍ରବାସୀ ପ୍ରଧାନ, ଜନ୍ମେଶ୍ୱର ପଲାଇ, ମଳୟ ପଲାଇ, ଗୋଲଖ ସାମନ୍ତରାୟ, ଉଜ୍ଜ୍ୱଳ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।

### ମାଡ଼ ମାରି ଲୁଟ୍ ଘଟଣା: ୧୦ଗିରଫ

ନିମାପଡ଼ା,୧୨।୧୧(ଡି.ଏନ୍.ଏ.): ମାଡ଼ ମାରି ୫୦ହଜାର ଟଙ୍କା ସହ ସୁନା ଅଳଙ୍କାର ଛଡ଼ାଇ ନେଇଥିବା ଅଭିଯୋଗରେ ନିମାପଡ଼ା ଥାନା ପୋଲିସ ୧୦ଜଣ ଯୁବକଙ୍କୁ ରବିବାର ରାତିରେ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଶେଉଳସାହି ଗ୍ରାମର ମିଥୁନ ଭୋଇ, ସୁନାକର ଭୋଇ, ତ୍ରୈଲୋକୀ ବେହେରା, ସ୍ୱାଧୀନ ବେହେରା, ପ୍ରଦୀପ୍ତ ଭୋଇ, ସନ୍ତୋଷ ଭୋଇ ଓ ଡିହବାରୀ ଗ୍ରାମର ମିଲୁ ଭୋଇ, ତିଲୋଚନ ଭୋଇ, ବାସୁଦେବ ଭୋଇ ଏବଂ ଅନନ୍ତ ବେହେରା। ସେମାନଙ୍କ ବିରୋଧରେ ୩୩୩/୧୮ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗତ ଶୁକ୍ରବାର ଅପରାହ୍ଣରେ ବାଲିପାଟଣା ଥାନା କୁରୁଜିଂପୁର ଗ୍ରାମର ନିଳକମଳ ସାହୁ, ତାଙ୍କ ଖୁଡ଼ି ମିନତି ବେହେରା ଓ ନିଳକମଳଙ୍କ ବନ୍ଧୁ ପ୍ରଶାନ୍ତ ସାହୁ ମିଶି ୨ଟି ବାଇକରେ ନିମାପଡ଼ାରୁ ବସନ୍ତମାଳ ଗ୍ରାମକୁ ଯାଉଥିଲେ। ୧୦ଜଣ ଯୁବକ ୩ଟି ବାଇକ୍‌ରେ ନିମାପଡ଼ାରୁ ସେମାନଙ୍କୁ ପିଛା କରୁଥିବାବେଳେ ଚଅଁରପଦା ପଞ୍ଚାୟତ ଅଫିସ ନିକଟରେ ତିନିଜଣଙ୍କୁ ଅଟକାଇ ମାଡ଼ ମାରିବା ସହ ନଗଦ ୫୦ହଜାର, ସୁନାଚେନ ଓ ମଙ୍ଗଳସୂତ୍ର ଲୁଟି ନେଇଯାଇଥିଲେ। ଆହତ ତିନିଜଣ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ନିଳକମଳ ଏ ସମ୍ପର୍କରେ ଶୁକ୍ରବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଥିଲେ।

### ପୋଖରୀରୁ ମିଳିଲା ଶିଶୁ ଭ୍ରୂଣ

ବ୍ରହ୍ମଗିରି, ୧୨।୧୧(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ବଡବେଣାକୁଦୀ ଗ୍ରାମ ନିକଟସ୍ଥ ପୋଖରୀରେ ସୋମବାର ଏକ ଶିଶୁ ଭ୍ରୂଣ ପଡିଥିବା ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଏହାକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। କିଛି ସମୟ ପରେ ସେଠାରୁ ଏହି ଭ୍ରୂଣଟିକୁ ହଟାଇ ଦିଆଯାଇଥିଲା। ଏ ସମ୍ପର୍କରେ ପୋଲିସ ପାଖରେ କୌଣସି ଖବର ନ ଥିବା ସମୟରେ ଏହା କିଏ କିଭଳି ପକାଇଲା ତାହା ଚର୍ଚ୍ଚା ହେଉଛି।

# ଅନ୍ନଦାନ ଆଟିକାକୁ ନେଇ ତେଜିଲା ବିବାଦ

## ସେବାୟତ-ଶ୍ରୀମନ୍ଦିର ପ୍ରଶାସନ ମୁହାଁମୁହିଁ

ପୁରୀ ଅଫିସ,୧୨।୧୧

ଅନ୍ନଦାନ ଆଟିକାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ଏଥିସହ ସମ୍ପୃକ୍ତ ସେବାୟତ ଏକପ୍ରକାର ମୁହାଁମୁହିଁ ଅବସ୍ଥାକୁ ଚାଲି ଆସିଛନ୍ତି। ଅନ୍ନଦାନ ଆଟିକାର ଲଗାମ ଶ୍ରୀମନ୍ଦିର ପ୍ରଶାସନ ନିଜ ହାତରେ ରଖିବାକୁ ଚାହୁଁଥିବା ବେଳେ ସେବକମାନେ ଛାଡିବାକୁ ନାରାଜ। ଦୀର୍ଘବର୍ଷ ହେବ ସେମାନେ ଅନ୍ନଦାନ ଆଟିକାକୁ ନିଜ ନିୟନ୍ତ୍ରଣରେ ରଖି ଚଳାଇ ଆସୁଛନ୍ତି। ତେଣୁ ଏହାକୁ ଅନ୍ୟ କାହା ହାତକୁ ଟେକିଦେବେ ନାହିଁ। ପ୍ରଶାସନ ଯଦି ଏହାକୁ ବନ୍ଦ କରିବାକୁ କୁହେ, ଆମେ ଛାଡିବୁ ନାହିଁ ବୋଲି ଅନ୍ନଦାନ ଆଟିକା ସହ ସମ୍ପୃକ୍ତ ସେବାୟତ ପ୍ରଶାସନକୁ ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି। ଫଳରେ ଅନ୍ନଦାନ ଆଟିକାକୁ ନେଇ ବିବାଦ ଘନେଇବାରେ ଲାଗିଛି। ସୋମବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନ୍ନଦାନ ଆଟିକାର ରୂପରେଖ କ'ଣ ରହିବ, ସେ ନେଇ ଗଠିତ ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରି ନ ଥିବା ଜଣାପଡିଛି।


ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନାଁରେ କୌଣସି ଦାନ, ଦକ୍ଷିଣା ଆଦାୟ ହୋଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିସହ ଅନ୍ନଦାନ ଆଟିକା ବନ୍ଦ ପାଇଁ ମଧ୍ୟ ସୁପ୍ରିମ୍‌କୋର୍ଟ କହିଛନ୍ତି। ବହୁ ବର୍ଷ ଧରି ରହି ଆସିଥିବା ଏହି ଅନ୍ନଦାନ ଆଟିକାର ସ୍ଥିତି ନେଇ କ'ଣ ନିଷ୍ପତ୍ତି ନିଆଯିବ, ସେନେଇ ଏକ ସବ୍‌କମିଟି



ଗଠନ କରାଯାଇଥିଲା। ସୋମବାର କମିଟି ବୈଠକରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଯେ, ଏଥିରେ ଯେଉଁ ୪ ନିଯୋଗ (ପୂଜାପଣ୍ଡା, ପ୍ରତିହାରୀ, ସୁଆର ମହାସୁଆର ଓ ଭିତର ସେବାୟତ) ସମ୍ପୃକ୍ତ ଅଛନ୍ତି, ସେମାନେ ନିୟମ ଅନୁସାରେ ତାଙ୍କ ସଭାପତି, ସମ୍ପାଦକ ନିର୍ବାଚିତ କରିବେ। ସେମାନଙ୍କ ଆକାଉଣ୍ଟ ଅଡିଟ୍ କରାଯିବ। ସେମାନେ କେତେ ଟଙ୍କା ଗ୍ରହଣ କରୁଛନ୍ତି ଏବଂ ଶ୍ରୀମନ୍ଦିରକୁ ସେଥିରୁ କେତେ ଟଙ୍କା ଦାନ ଦେଉଛନ୍ତି ତାହା ଅନୁଧ୍ୟାନ କରାଯିବ। ଏଥିଲାଗି ଏକ ନିୟମାବଳୀ ରହିବ। ରାଜଭୋଗ ଭଳି ଏହାର ଏକ କାର୍ଯ୍ୟାଳୟ ଖୋଲିବ। ଏଥିରେ ଶ୍ରୀମନ୍ଦିର ପ୍ରଶାସନର ଜଣେ କର୍ମଚାରୀ ନିୟୋଜିତ ରହିବେ। ହେଲେ ସମ୍ପୃକ୍ତ ସେବକ ନିଯୋଗଗୁଡ଼ିକ ଏହି ପ୍ରସ୍ତାବକୁ ବିରୋଧ କରିଥିଲେ। ଅନ୍ନଦାନ ଆଟିକା ଆବହମାନ କାଳରୁ ଚାଲିଆସିଛି। ୨୦୧୩ ମସିହାରେ ରାଜ୍ୟ ସରକାର ଶ୍ରୀମନ୍ଦିରର ଅମୃତ ମଣୋହି ଦାନ ଯୋଜନାକୁ ବନ୍ଦ କରି ଅନ୍ନଦାନ ଆଟିକା କେବଳ ସେବାୟତଙ୍କର ବୋଲି କହିସାରିଛନ୍ତି। ତେଣୁ ଏହା ଉପରେ ଆଉ କାହାର ଅଧିକାର ନାହିଁ ବୋଲି ଯୁକ୍ତି ବାଢିଥିଲେ। ଅନ୍ୟପକ୍ଷରେ ଏ ନେଇ କୌଣସି ନିଷ୍କର୍ଷ ବାହାରିପାରିନାହିଁ। କାର୍ତ୍ତିକ ମାସ ପରେ ସମ୍ପୃକ୍ତ ନିଯୋଗଗୁଡ଼ିକ ସେମାନଙ୍କ ସାଧାରଣ ପରିଷଦ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରିବେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଆଉ ଏକ ବୈଠକ ବସି ଏ ସଂକ୍ରାନ୍ତରେ ଯାହା କିଛି ନିଷ୍ପତ୍ତି ହେବ ବୋଲି ସ୍ଥିର ହୋଇଛି।

ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରତିହାରୀ ନିଯୋଗର ସଭାପତି ମହାବୀର ପ୍ରତିହାରୀ, ସମ୍ପାଦକ ମାଧବ ଚନ୍ଦ୍ର ମହାପାତ୍ର, ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ସାମନ୍ତରା, ସଦସ୍ୟ ଅନନ୍ତ ତିଆଡି, ପୂଜାପଣ୍ଡା ନିଯୋଗ ସମ୍ପାଦକ ମାଧବ ଚନ୍ଦ୍ର ପୂଜାପଣ୍ଡା, ସବ୍‌କମିଟି ସଦସ୍ୟ ତଳୁଛ ନୀଳକଣ୍ଠ ମହାପାତ୍ର, ରଜତ ପଢିଆରୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ଅନ୍ନଦାନ ଆଟିକା ଏକ ଚିରାଚରିତ ପ୍ରଥା। ଏହି ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ୧୯୭୦ ଦଶକରେ ପରମାନନ୍ଦ ତ୍ରିପାଠୀ ପ୍ରଶାସକ ରହିଥିବା ବେଳେ ମିଳିତ ଅନ୍ନଦାନ ଭୋଗ କମିଟି ଗଠନ କରିଥିଲେ। ଅନ୍ନଦାନ ଆଟିକାକୁ ସୁଆର ମହାସୁଆର ନିଯୋଗ ଏବଂ ପ୍ରତିହାରୀ ନିଯୋଗ ଚଳାଉଥିଲେ। ଶ୍ରୀମନ୍ଦିର ପ୍ରଶାସନ ୫ ପ୍ରତିଶତ ଭାଗ ନେଉଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପ୍ରଶାସନ ଏଥିରୁ ଓହରି ଯାଇଥିଲା। ନିଯୋଗମାନେ ଏବେ ନିଜସ୍ୱ ଉଦ୍ୟମରେ ଏହା ଚଳାଇ ଆସୁଛନ୍ତି। ଏଥିରୁ ଶ୍ରୀମନ୍ଦିର ପ୍ରଶାସନ ଟଙ୍କାଟିଏ ପାଉନାହିଁ। ଅନ୍ୟପକ୍ଷରେ ୧୯୮୧ ମସିହାରେ ଶ୍ରୀମନ୍ଦିର ପ୍ରଶାସନ ଅମୃତ ମଣୋହି ଦାନ ଯୋଜନା ବା କୋଠଭୋଗ ଦାନ ଯୋଜନା ଆରମ୍ଭ କରିଥିଲା। ଏହା ବେଶ୍ ଲୋକପ୍ରିୟତା ହାସଲ କରି ୨୦୧୩ ପର୍ଯ୍ୟନ୍ତ ଚାଲି ଆସୁଥିଲା। କିନ୍ତୁ ଏହାକୁ ଶ୍ରୀମନ୍ଦିରର କିଛି ସେବାୟତ ନିଯୋଗ ବିରୋଧ କରିବାରୁ ୨୦୧୩ ନଭେମ୍ବର ୨୬ରେ ରାଜ୍ୟ ସରକାର ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଲେ। ହେଲେ ଅଦ୍ୟାବଧି ଉପରୋକ୍ତ ୪ ନିଯୋଗ ଦ୍ୱାରା ଏହି ବ୍ୟବସ୍ଥା ଚାଲିଆସୁଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିଚାଳନାଗତ ମାମଲାର ଶୁଣାଣି କରି ସୁପ୍ରିମ୍‌କୋର୍ଟ ଗତ ଜୁଲାଇ ୫ରେ ଅନ୍ନଦାନ ଆଟିକା ବ୍ୟବସ୍ଥା ଉଚ୍ଛେଦ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଶ୍ରୀମନ୍ଦିର ପ୍ରଶାସନ ସବ୍‌କମିଟି ଗଠନ କରିଛି। ସବ୍‌କମିଟି ବୈଠକ ଦୁଇଥର ବସିଥିଲେ ହେଁ କିଛି ସୁଫଳ ମିଳିପାରୁନାହିଁ।



ସୋମବାର ପୁରୀ ଶ୍ରୀମନ୍ଦିର ନୀଳଚକ୍ର ପତିତପାବନ ବାନା ଉପରେ ଏକ ଚିଲ ବସିଛି।

# ଦୀର୍ଘଦିନ ଧରି କୁରୁଜଙ୍ଗ ସୋସାଇଟିରେ ଝୁଲୁଛି ତାଲା

କୋଣାର୍କ, ୧୨।୧୧(ଡି.ଏନ୍.ଏ.)

କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁରୁଜଙ୍ଗ ପଞ୍ଚାୟତର ଜାଗେଶ୍ୱରୀ ସୋସାଇଟିରେ ଦୀର୍ଘଦିନ ଧରି ତାଲା ଝୁଲୁଛି। ଫଳରେ ସୋସାଇଟିରୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗରୁ ଚାଷୀ ବଞ୍ଚିତ ହେବା ସହ ମଣ୍ଡିରେ ଧାନ ବିକ୍ରୟ କରି ନ ପାରି ଉଚିତ ମୂଲ୍ୟ ପାଇ ପାରୁ ନାହିଁ। ସୋସାଇଟିର ସଭ୍ୟ ତୋଫାନ ବସ୍ତିଆ କୁହନ୍ତି, ସୋସାଇଟିର ସଭାପତି କୌଣସି କାରଣରୁ ଫେରାର ଅଛନ୍ତି। ସରକାରଙ୍କ ଦ୍ୱାରା ନିଯୁକ୍ତ ସେକ୍ରେଟାରୀ କାର୍ଯ୍ୟାଳୟକୁ ଆସୁ ନଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ରାଜ୍ୟ ସରକାର ଚାଷୀଙ୍କ ସୁବିଧା ପାଇଁ ଡିଣ୍ଡିମ ପିଟୁଥିବାବେଳେ ଏଠି ପ୍ରହସନରେ ପରିଣତ ହୋଇଛି ବୋଲି ଚାଷୀ କୈଳାସ ଶତପଥୀ, ପ୍ରଦୀପ୍ତ ସାହୁ, କୃଷ୍ଣ ଶତପଥୀ, ସୁଦର୍ଶନ ପରିଡ଼ା, ସୁରେନ୍ଦ୍ର ଜେନା ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ସୋସାଇଟି ମଣ୍ଡିରେ କିଭଳି ଧାନ ବିକ୍ରି କରିବେ ସେ ନେଇ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ଏ ସମ୍ପର୍କରେ ସମବାୟ ସମିତିର ସଂପ୍ରସାରଣ ଅଧିକାରୀ ସୁକାନ୍ତ ଚରଣ ଖୁଣ୍ଟିଆଙ୍କୁ ପଚାରିବାରେ ସେ କୁହନ୍ତି, ସୋସାଇଟିର ସେକ୍ରେଟାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ପୁରୀଜିଲା କୋଅପରେଟିଭ୍ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ପି.କେ ଦାସଙ୍କୁ ପଚାରିବାରେ ସେ କୁହନ୍ତି, ଘଟଣା ବିଷୟରେ ଅବଗତ ନ ଥିବା ଏବଂ ମଙ୍ଗଳବାର ଘଟଣାର ତଦନ୍ତ କରି ବିହିତ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଆକ୍ରମଣରେ ଗୁରୁତର ଯୁବକଙ୍କ ମୃତ୍ୟୁ

- ଥାନା ଆଗରେ ମୃତଦେହ ରଖି ରାସ୍ତା ଅବରୋଧ
- ଅଭିଯୁକ୍ତଙ୍କ ଗିରଫ ଦାବି

ପୁରୀ ଅଫିସ,୧୨।୧୧

ଚନ୍ଦନପୁର ଥାନା ଅଧୀନ ବାଲିପଡାର ଅନାମ ଚନ୍ଦ୍ର ଜେନାଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଛି। ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଏହାର ପ୍ରତିବାଦରେ ପରିବାର ଲୋକେ ସୋମବାର ରାତି ୭ଟାରେ ଥାନା ସମ୍ମୁଖ ରାସ୍ତାରେ ମୃତଦେହ ରଖି ଧାରଣା ଦେଇଥିଲେ। ଫଳରେ ଉଭୟପଟୁ ଯାନବାହନ ଚଳାଚଳ ବନ୍ଦ ହୋଯାଇଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ପରିବାର ଲୋକେ ଦାବି କରିଥିଲେ। ପ୍ରତିଶ୍ରୁତି ପରେ ଧାରଣା ହଟିଥିଲା। ଏନେଇ ମୃତକଙ୍କ ବାପା ରାମଚନ୍ଦ୍ର ଜେନା ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

ଗତ ୯ତାରିଖ ରାତିରେ ଅନାମ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଦୁଲାଦେଇ ଛକରେ ଅନ୍ୟ ଏକ ଗୋଷ୍ଠୀ ସହିତ ତାଙ୍କର ମୁହାଁମୁହିଁ ହୋଇଥିଲା। ଅପର ଗୋଷ୍ଠୀର କେତେଜଣ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ଚନ୍ଦନପୁର ମେଡିକାଲ ପରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା। ପୋଲିସର ନିଷ୍କ୍ରିୟତାକୁ ଦାୟୀ କରି ପରିବାର ଲୋକେ ଧାରଣା ଦେଇଥିଲେ। ମଦ ବ୍ୟବସାୟ ଏବଂ ବଟି ଆଦାୟକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଏସ୍‌ପିଙ୍କ ଅଫିସ ଘେରାଉ କରିବେ ବୋଲି ପରିବାର ଲୋକେ କହିଛନ୍ତି।

# ■ ଭତ୍ତା ବଣ୍ଟନରେ ଅନିୟମିତତା
# ବିଡିଓଙ୍କୁ ଘେରିଲେ, କାଗଜପତ୍ର ଚିରିଲେ

ଗୋପ, ୧୨।୧୧(ଡି.ଏନ୍.ଏ.)

ଅଣ୍ଟରା ଇଚ୍ଛାପୁର ପଞ୍ଚାୟତରେ ଭତ୍ତା ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ପଞ୍ଚାୟତବାସୀ ବିଡିଓଙ୍କୁ ଘେରିଥିଲେ। ସୋମବାର ପୂର୍ବାହ୍ଣରେ ସରପଞ୍ଚ ବନରଞ୍ଜନ ପଟ୍ଟନାୟକ ଓ ପୂର୍ବତନ ସରପଞ୍ଚ ଅଶ୍ୱିନୀ ପଟ୍ଟନାୟକଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ବିଡିଓ ଦୀପ୍ତିମୟୀ ଦାଶଙ୍କୁ ପ୍ରକୋଷ୍ଠରେ ଘେରିବା ସହ ସାମାଜିକ ଶିକ୍ଷା ସଂଗଠକଙ୍କ କାର୍ଯ୍ୟାଳୟରେ ପଶି କାଗଜପତ୍ର ଚିରିଥିଲେ। ଏପରି କି ଏହି ଦାୟିତ୍ୱରେ ଥିବା ମାର୍କଣ୍ଡ ପ୍ରଧାନଙ୍କୁ ଉତ୍ୟକ୍ତ ଲୋକେ ଠେଲାପେଲା କରିଥିଲେ।

ପ୍ରକାଶ ଯେ, ଅଣ୍ଟରା ଇଚ୍ଛାପୁର ପଞ୍ଚାୟତରେ ୫୪୬ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଆଉ ୧୧୬ଜଣ ହିତାଧିକାରୀ ଭତ୍ତା ପାଇଁ ଆବେଦନ କରିଛନ୍ତି। ବହୁ ଅଯୋଗ୍ୟ ହିତାଧିକାରୀଙ୍କୁ



ଅଣ୍ଟରା ଇଚ୍ଛାପୁର ପଞ୍ଚାୟତବାସୀ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

ଭତ୍ତା ଦିଆଯାଇଥିବା ନେଇ ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଲୋକମାନେ ଉତ୍କ୍ଷିପ୍ତ ହୋଇ ଏପରି କରିଥିଲେ। ବିଡିଓ ସାତ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ତ୍ରୁଟି ସଂଶୋଧନ କରିବାକୁ ପ୍ରତିଶ୍ରୁତି ଦେବାରୁ ଘେରାଉ ହଟିଥିଲା। ଏ ସମ୍ପର୍କରେ ବିଡିଓ ଦୀପ୍ତିମୟୀ ଦାଶଙ୍କୁ ପଚାରିବାରେ, ଭତ୍ତା ଅନିୟମିତତାକୁ ନେଇ ସାତ ଦିନ ମଧ୍ୟରେ ତଦନ୍ତ କରି ଯୋଗ୍ୟ ବ୍ୟକ୍ତିଙ୍କୁ ଭତ୍ତା ଯୋଜନାରେ ସାମିଲ କରିବେ ବୋଲି କହିଥିଲେ।

# ୧୪ ହବିଷିଆଳି ଅସୁସ୍ଥ ହସ୍ପିଟାଲରେ ୨ ଭର୍ତ୍ତି

ପୁରୀ ଅଫିସ, ୧୨।୧୧

ରାଜ୍ୟ ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ୪ ଆଶ୍ରୟସ୍ଥଳରୁ ସୋମବାର ୧୪ ଜଣ ହବିଷିଆଳି ଅସୁସ୍ଥ ହୋଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଜଣ ଆବଶ୍ୟକ ଡାକ୍ତରୀ ପରାମର୍ଶ ସହ ଔଷଧପତ୍ର ଆଣି ଆଶ୍ରୟସ୍ଥଳକୁ ଫେରିଥିବା ବେଳେ ୨ ଜଣ ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ରହୁଥିବା ନୟାଗଡ଼ ଜିଲା ତୋଟାସାହିର କମଳା ସେଠୀ (୬୮) ଏବଂ ଜଗତ୍‌ସିଂହପୁର ଜିଲାର ଇନ୍ଦୁମତି ଆଚାର୍ଯ୍ୟ (୭୭) ଜିଲା ମୁଖ୍ୟ ଚିକିତ୍ସାଳୟରେ ରହି ଚିକିତ୍ସିତ ହେଉଛନ୍ତି। ଦୁହେଁ ଜ୍ୱରରେ ପୀଡ଼ିତ ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ସୋମବାର ବିଭିନ୍ନ ଆଶ୍ରୟସ୍ଥଳରୁ ମୋଟ ୧୪ ଜଣ ଥଣ୍ଡା, ଜ୍ୱର, କାଶ, ଦୁର୍ବଳ ଯୋଗୁ ହସ୍ପିଟାଲକୁ ଯାଇଥିଲେ। ୧୨ ଜଣ ଔଷଧ ଆଣି ଆଶ୍ରୟସ୍ଥଳକୁ ଫେରିଛନ୍ତି।

# ଦାଦାବଟି ପାଇଁ ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ଠେଲାପେଲା

ବ୍ରହ୍ମଗିରି, ୧୨।୧୧(ଡି.ଏନ୍.ଏ.)

ବଟି ପାଇଁ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ସୋମବାର ଠେଲାପେଲା କରିବା ସହିତ ଦୁର୍ବୃତ୍ତମାନେ କାର୍ଯ୍ୟାଳୟରେ ଚେୟାର ଟେବୁଲ ଭଙ୍ଗାରୁଜା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ସୂଚନା ଅନୁସାରେ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସର ମଧ୍ୟରେ କିଛି ଝାଉଁଗଛ ଶୁଖି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲା। ବନବିଭାଗ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସେହି ଗଛକୁ ନିଲାମ କରାଯାଇଥିବା ବେଳେ କିଛି ଦୁର୍ବୃତ୍ତ ଗଛ ବାବଦକୁ ବଟି ମାଗିଥିଲେ। ଉଦ୍ୟାନ ବିଭାଗ ଅଧିକାରୀ ବଟି ନ ଦେବାରୁ ଦୁର୍ବୃତ୍ତମାନେ ତାଙ୍କୁ ଠେଲାପେଲା କରିବା ସହିତ କାର୍ଯ୍ୟାଳୟରେ ଟେବୁଲ, ଚେୟାର ଭଙ୍ଗାରୁଜା କରିଥିଲେ। ଖବର ଲେଖାହେବା ସୁଦ୍ଧା ଏ ନେଇ ବ୍ରହ୍ମଗିରି ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।



ମହିଳାମାନେ ବିଡିଓଙ୍କୁ ଘେରାଉ କରୁଛନ୍ତି।

# ବିଡିଓଙ୍କୁ ଘେରିଲେ ଶତାଧିକ ମହିଳା

■ ପୋଲିସ ହସ୍ତକ୍ଷେପ ପରେ ଉଦ୍ଧାର ହେଲେ

ପିପିଲି,୧୨।୧୧(ଡି.ଏନ୍.ଏ.)

ପିପିଲି ବ୍ଲକ ପୂଜାଶାସନ ପଞ୍ଚାୟତର ଓଡ଼ିଶା ଜୀବିକା ମିଶନ ଶକ୍ତି ଗଠନରେ ଅନିୟମିତତା ନେଇ ସୋମବାର ଶତାଧିକ ମହିଳା ପିପିଲି ବିଡିଓଙ୍କୁ ଘେରାଉ କରିଥିଲେ। ପରେ ପିପିଲି ପୋଲିସ ପହଞ୍ଚି ବିଡିଓଙ୍କୁ ଉଦ୍ଧାର କରିଥିଲେ। ପ୍ରକାଶ ଯେ, ପୂଜା ପଞ୍ଚାୟତର ଜୀବିକା ମିଶନ ଶକ୍ତି ଗଠନରେ ସରପଞ୍ଚ ଜବରଦସ୍ତ ହସ୍ତକ୍ଷେପ କରି ମହିଳାମାନଙ୍କୁ ଗାଳିଗୁଲଜ କରିବା ସହ ମହିଳା ଗୋଷ୍ଠୀ ସଭ୍ୟାଙ୍କୁ ଚୟନ ପ୍ରକ୍ରିୟାରୁ ବାରଣ କରିଥିଲେ ବୋଲି ମହିଳା ମହାସଂଘର ନିରୁପମା ମହାପାତ୍ର ଅଭିଯୋଗ କରିଛନ୍ତି। ଏଥିସହ ୭ଟି ୱାର୍ଡର ମହିଳା ଗୋଷ୍ଠୀଙ୍କୁ ଅଂଶଗ୍ରହଣ କରିବାକୁ ଦେଇ ନଥିଲେ। ଏ ନେଇ ମହିଳାମାନେ ଓଏଲଏମ ସଂଘ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ କରି ନ ଥିଲେ। ତେଣୁ ପୁନର୍ବାର ଚୟନ ପ୍ରକ୍ରିୟା କରିବା ପାଇଁ ମହିଳାମାନେ ବିଡିଓ ଶ୍ୟାମସୁନ୍ଦର ଟୁଡୁଙ୍କୁ ଅଫିସ କାର୍ଯ୍ୟାଳୟରେ ଘେରାଉ କରିଥିଲେ। ଅଭିଯୋଗକୁ ନେଇ ସତ୍ୟାସତ୍ୟ ତଦନ୍ତ କରାଯିବ ବୋଲି ବିଡିଓ କହିଛନ୍ତି। ପରେ ପୋଲିସ ମହିଳାମାନଙ୍କୁ ବୁଝାବୁଝି କରିବାରୁ ବିଡିଓ ଉଦ୍ଧାର ହୋଇଥିଲେ।

# ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ରାଗିଗଲେ ଦାମ

■ ବିଧାୟକଙ୍କ ବିରୋଧରେ ପଦେ କହିଲେ

ଗୋପ, ୧୨।୧୧(ଡି.ଏନ୍.ଏ.)

ବିଜୁବାବୁ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କ ଶାସନ କାଳରେ ୪୨ବର୍ଷ ଧରି ରାଜନୀତି କରିଆସିଛି। ହେଲେ ନବୀନ ସରକାରଙ୍କ ଶାସନ କାଳରେ ଟଙ୍କା ନ ଖାଇବାରୁ ମନ୍ତ୍ରୀପଦ ହରାଇଲି ବୋଲି ସୋମବାର ଗୋପ ମେଳଣ ପଡ଼ିଆର ଏକ ସାଧାରଣ ସଭାରେ ବିଜେଡିରୁ ବହିଷ୍କୃତ ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତ କହିଛନ୍ତି। ମାତ୍ର ପୂର୍ବରୁ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ସମାଲୋଚନା କରୁଥିବା ଦାମବାବୁ ଏହି ସଭାରେ କେଇପଦ କଥା କହି ନୀରବ ରହିବା ସମସ୍ତଙ୍କୁ ଚକିତ କରିଥିଲା। ଅନ୍ୟପକ୍ଷରେ ସଭାପରେ ଗଣମାଧ୍ୟମ ପ୍ରତିନିଧିମାନେ କାର୍ଯ୍ୟକ୍ରମ ଓ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ମାତ୍ର ଦାମବାବୁ ଉତ୍ତର ଦେବା ବଦଳରେ ଓଲଟି ତୁମେ ଖବରଦାତା, ସବୁ ଜାଣିଥିବ, ମୁଁ କିଛି ଜାଣିନି କହି ପ୍ରଶ୍ନକୁ ଏଡ଼ାଇ ଯାଇଥିଲେ। ମୁଖ୍ୟମନ୍ତ୍ରୀ ହେବା ପାଇଁ ଆଶା ଅଛି କି ବୋଲି ପ୍ରଶ୍ନରେ ସେ ରାଗି ସେଠାରୁ ପଳାଇ ଯାଇଥିଲେ।

ଓଡ଼ିଶା ସୂଚନା ଅଧିକାର ଆଇନ ଅଭିଯାନ କାର୍ଯ୍ୟକ୍ରମରେ ଆଇନ୍‌ଜୀବୀ ସୁଧୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ କଂଗ୍ରେସର ମୁଖପାତ୍ର ସତ୍ୟପ୍ରକାଶ ନାୟକ, ପୂର୍ବତନ ଗୋପ ବ୍ଲକ ଅଧ୍ୟକ୍ଷ ନୀଳମଣି ପ୍ରଧାନ, ଓଡ଼ିଶା ସୂଚନା ଅଧିକାର ଅଭିଯାନ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ସଂଯୁକ୍ତା ପାଣିଗ୍ରାହୀ, ସଂଖ୍ୟାଲଘୁ ସେଲ୍ ରାଜ୍ୟ ସ୍ୱେଚ୍ଛାସେବୀ ଅବଦୁଲ ବାରି ଯୋଗ ଦେଇ ନବୀନ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଓ କୁଶାସନ ବିରୋଧରେ ମତ ରଖିଥିଲେ। ଦାମବାବୁ କହିଥିଲେ ଯେ, ମୁଁ ଦୀର୍ଘବର୍ଷ ଧରି ବିଜୁବାବୁଙ୍କ ନୀତି ଆଦର୍ଶକୁ ନେଇ ରାଜନୀତି କରୁଥିବାବେଳେ ସାଧାରଣ ଲୋକଙ୍କ ସାଙ୍ଗରେ ରହିପାରୁଥିଲି। ହେଲେ ବିଜୁବାବୁଙ୍କ ପୁଅ ରାଜନୀତିର 'ର' ଅକ୍ଷର ଜାଣି ନ ଥିବାରୁ ଦୁର୍ନୀତି ସମ୍ପର୍କରେ ଶୁଣି ନୀରବ ରହୁଥିବା ସେ କହିଥିଲେ। ଅନ୍ୟପକ୍ଷରେ ନିମାପଡ଼ା ବିଧାୟକ ଦାଶ ଦୁର୍ନୀତିରେ ଜଡ଼ିତ ଥିବା ଦାମବାବୁ ତାଙ୍କ ବକ୍ତବ୍ୟରେ କହିଥିଲେ।




ଗୋପ ମେଳଣ ପଡ଼ିଆରେ ଅନୁଷ୍ଠିତ ସାଧାରଣସଭାରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ଉଦ୍‌ବୋଧନ ଦେଉଛନ୍ତି।

### ସଭା ପରେ ତରବରିଆ ହୋଇ ପଳାଇଲେ

ଦାମବାବୁ ସଭା ସରିବା ମାତ୍ରେ ତରବରିଆ ଭାବରେ ସେଠାରୁ ପଳାଇ ଯିବା ଉପସ୍ଥିତ ଲୋକମାନଙ୍କୁ ଚକିତ କରିଥିଲା। ଏପରି କି ତାଙ୍କୁ ସୁରକ୍ଷା ଦେବାକୁ ଆସିଥିବା ପୋଲିସ ଦାମବାବୁଙ୍କ ଗାଡ଼ି ପଛେପଛେ ଯିବା ଦେଖିବାକୁ ମିଳିଥିଲା। ଏହାପରେ ଉପସ୍ଥିତ ଲୋକମାନେ ଦାମ ବାବୁଙ୍କ ମନରୁ ଭୟ ଦୂର ହୋଇନି ବୋଲି କଥାବାର୍ତ୍ତା ହୋଇଥିଲେ।

## ରାଜ୍ୟ ମହିଳା କଂଗ୍ରେସ କମିଟି ଘୋଷିତ

# ଗୁରୁବାର ନୂତନ ସଦସ୍ୟଙ୍କୁ ନେଇ ବସିବ ବୈଠକ

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ସୋମବାର ଦଳର ମହିଳା କମିଟି ଘୋଷଣା କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ମାର୍ଗଦର୍ଶନ ଏବଂ ଅଖିଳ ଭାରତ ମହିଳା କଂଗ୍ରେସ ସଭାପତି ସୁଶ୍ରୀ ସୁସ୍ମିତା ଦେବଙ୍କ ଅନୁମୋଦନକ୍ରମେ ଓଡ଼ିଶା ମହିଳା କଂଗ୍ରେସ ପ୍ରଭାରୀ ସନ୍ଧ୍ୟା ସାୱାଲେଖା କମିଟି ଘୋଷଣା କରିଛନ୍ତି। ଏହି କମିଟିରେ ୨ଜଣ କାର୍ଯ୍ୟକାରୀ ସଭାପତି, କୋଷାଧ୍ୟକ୍ଷଙ୍କ ସମେତ ୧୫ଜଣ ଉପସଭାପତି, ୩୧ଜଣ ସାଧାରଣ ସମ୍ପାଦିକା, ୩୫ଜଣ ସମ୍ପାଦିକା, ୧୦ଜଣ କାର୍ଯ୍ୟକାରିଣୀ ସଦସ୍ୟା, ୧୪ଜଣ ସ୍ଥାୟୀ ସ୍ୱତନ୍ତ୍ର ସଦସ୍ୟାଙ୍କ ନାମ ରହିଛି। ଉକ୍ତ କମିଟିରେ ସ୍ଥାନ ପାଇଥିବା ସମସ୍ତ ସଭ୍ୟା ଓ କର୍ମକର୍ତ୍ତାଙ୍କୁ ନେଇ ଆସନ୍ତା ଗୁରୁବାର କଂଗ୍ରେସ ମୁଖ୍ୟାଳୟଠାରେ ଏକ ଜରୁରୀ ବୈଠକ ହେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ସେମାନଙ୍କୁ ସ୍ୱାଗତ କରାଯିବା ସହ ଆଗାମୀ ନିର୍ବାଚନ ପାଇଁ ଆଲୋଚନା କରାଯିବ ବୋଲି ଜଣାପଡିଛି।

ରାଜ୍ୟ କମିଟିରେ ସ୍ଥାନ ପାଇଥିବା ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ କାର୍ଯ୍ୟ ଦ୍ୱାରା ମହିଳା କଂଗ୍ରେସ ନିଶ୍ଚିତ ସୁଦୃଢ଼ ହେବ ବୋଲି ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା କହିଛନ୍ତି। ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଭାବେ ଅଜୟନ୍ତୀ ପ୍ରଧାନ ଓ ବନ୍ଦିତା ପରିଡା ରହିଥିବା ବେଳେ କୋଷାଧ୍ୟକ୍ଷ ଭାବେ ପ୍ରତିମା କର ନିଯୁକ୍ତି ପାଇଛନ୍ତି। ସେହିଭଳି ଉପସଭାପତି ଭାବେ ରତ୍ନମଣି ଉଲାକା, ପ୍ରଣତି ମିଶ୍ର, ମନୋଜା ମଞ୍ଜରୀ ଦେବୀ, ସ୍ୱାଧୀନବାଳା ଦାସ, ପ୍ରଭାତୀ ମିଶ୍ର, ସୁକାନ୍ତି ଦାସ, ରଞ୍ଜିତା ଯୋଶୀ, ଶୁଭଶ୍ରୀ ପଣ୍ଡା, ଜୟଶ୍ରୀ ପଟ୍ଟନାୟକ ପ୍ରମୁଖ ଥିବାବେଳେ ସାଧାରଣ ସମ୍ପାଦିକା ଭାବେ ଅର୍ଚ୍ଚନା ନନ୍ଦୀ, ବନ୍ଦିତା ପଟ୍ଟନାୟକ, ଶ୍ରୀୟା ସମ୍ବେଦନା, ପ୍ରତିମା ମଲ୍ଲିକ, ରେଣୁବାଳା ରାଉତ, କନକଲତା ମଲ୍ଲିକ, ଅନ୍ନପୂର୍ଣ୍ଣା ସାହୁ, ସରିତା ରଥ, ପ୍ରତିମା ଜେନା ପ୍ରମୁଖ ରହିଛନ୍ତି। ସେହିପରି ସମ୍ପାଦିକା ଭାବେ ବିଜୟିନୀ ତିରିଆ, ନିରୁପମା ପାତ୍ର, ସନ୍ଧ୍ୟାରାଣୀ ଦାସସାମନ୍ତ, ସୁନିତା ବାଗ, ଉଲ୍ଲାସ ମଲ୍ଲିକ, ବିନୀତା ନାୟକ ପ୍ରମୁଖ ରହିଛନ୍ତି। ସେହିଭଳି କାର୍ଯ୍ୟକାରୀ ସଦସ୍ୟା ଭାବେ ସଞ୍ଜୁକ୍ତା ମହାନ୍ତି, ବାସନ୍ତୀ ପ୍ରଧାନ, ଉର୍ବଶୀ ମିଶ୍ର ପ୍ରମୁଖ ରହିଥିବା ବେଳେ କମିଟିର ସ୍ଥାୟୀ ସ୍ୱତନ୍ତ୍ର ସଦସ୍ୟା ଭାବେ ଜୟନ୍ତୀ ପଟ୍ଟନାୟକ, ସୁଶୀଳା ତିରିଆ, ଉମାରାଣୀ ପାତ୍ର, ସରସ୍ୱତୀ ହେମ୍ବ୍ରମ୍, ବିଜୟଲକ୍ଷ୍ମୀ ସାହୁ, ସନ୍ଧ୍ୟା ମହାପାତ୍ର, ସସ୍ମିତା ବେହେରା, ପରମା ପୂଜାରୀ, କିରଣ ପଣ୍ଡା ଓ ପ୍ରଭା ପଟେଲ ପ୍ରମୁଖ ରହିଛନ୍ତି।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ନିର୍ଣ୍ଣାୟକ ଲଢ଼େଇ ନିଷ୍ପତ୍ତି ନେଲା ସିଏସି

- ୪୮ଘଣ୍ଟା ପାଳନ ହେବ ମହାବନ୍ଦ
- ୧୯ରୁ ୩୦ତାରିଖ ଯାଏ ସରକାରୀ କାର୍ଯ୍ୟାଳୟ ବନ୍ଦ
- ପୂର୍ବରୁ ଦେଇଥିବା ସୁପାରିସ କାର୍ଯ୍ୟକାରୀ ଉପରେ ଗୁରୁତ୍ୱ



ସିଏସି ବୈଠକରେ ଉପସ୍ଥିତ ଆଇନଜୀବୀ।

**ସମ୍ବଲପୁର, ୧୨।୧୧(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଏବେ ନିର୍ଣ୍ଣାୟକ ଲଢେଇ କରିବାକୁ ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କିମିଟି(ସିଏସି) ସ୍ଥିର କରିଛି। ସିଏସି ଆବାହକ ଅଶୋକ ଦାଶଙ୍କ ଅଧ୍ୟକ୍ଷତାରେ ସୋମବାର ବୁର୍ଲା ଥାନା ଅନ୍ତର୍ଗତ ଆ.କଟାପାଲି ନିକଟ ଏକ ହୋଟେଲରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆନ୍ଦୋଳନକୁ ଜୋର୍‌ଦାର କରି ନଭେମ୍ବର ୨୯ ଓ ୩୦ତାରିଖ ୪୮ଘଣ୍ଟା ପଶ୍ଚିମ ଓଡିଶାରେ ମହାବନ୍ଦ ପାଳନ କରାଯିବ। ଏଥିରେ ଦୋକାନ ବଜାର, ଗାଡି ମୋଟର ଚଳାଚଳ, ସରକାରୀ, ବେସରକାରୀ ଅଫିସ, ଶିକ୍ଷାନୁଷ୍ଠାନ, କୋର୍ଟ, କଚେରି, ବ୍ୟାଙ୍କ ଓ କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରତିଷ୍ଠାନ ବନ୍ଦ କରାଯିବ ବୋଲି ସ୍ଥିର ହୋଇଛି । ଏହା ସହ ନଭେମ୍ବର ୧୯ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟଗୁଡ଼ିକ ଅଚଳ କରି ଦିଆଯିବ । ୨୦୦୭ ମସିହାରେ ମୁଖ୍ୟମନ୍ତ୍ରୀ ହାଇକୋର୍ଟକୁ ସୁପାରିସ କରିଥିବା ନାମକରଣ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଉ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଡିସେମ୍ବର ୧୬ତାରିଖ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସିଏସି ବୈଠକ କରାଯିବ ଓ ଆଗାମୀ ଆନ୍ଦୋଳନର ରୂପରେଖ ସ୍ଥିର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼,ଝାରସୁଗୁଡ଼ା, ସୁବର୍ଣ୍ଣପୁର, ବରଗଡ଼ ଜିଲାର ଅତାବିରା ସମେତ ମୋଟ ୧୧ଟି ବାର ଆସୋସିଏଶନର ସଦସ୍ୟ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ୟତମ ଆବାହକ ପ୍ରମୋଦ ଦାସ ଓ ସମ୍ପାଦକ ନିରଞ୍ଜନ ତ୍ରିପାଠୀଙ୍କ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସେପ୍ଟେମ୍ବର ୫ତାରିଖଠାରୁ ଓକିଲଙ୍କ ଆନ୍ଦୋଳନ ଜାରି ରହିଛି। ସମସ୍ତ କୋର୍ଟ, ରାଜସ୍ୱ କୋର୍ଟଗୁଡିକ ବନ୍ଦ ରହିଛି। ବିଭିନ୍ନ ସାମାଜିକ ଓ ବ୍ୟବସାୟିକ ଅନୁଷ୍ଠାନ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏପରି କି ମନ୍ତ୍ରୀମାନଙ୍କ ଗସ୍ତ ସମୟରେ କଳାପତାକା ଦେଖାଇ ବିରୋଧ ପ୍ରଦର୍ଶନ କରାଯାଉଛି।

# ବାଉଁଶ ଫାଳିଆରେ ପିଟି ସାଙ୍ଗଙ୍କୁ ହତ୍ୟା

## ୨୪ ଘଣ୍ଟା ପରେ ମୃତଦେହ ଉଦ୍ଧାରକଲା ପୋଲିସ

**କୁଆଁରମୁଣ୍ଡା, ୧୨।୧୧(ଡି.ଏନ୍.ଏ.)**

୨ ସାଙ୍ଗଙ୍କ ମଧ୍ୟରେ କଥା କଟାକଟିରୁ ମରଣାନ୍ତକ ଆକ୍ରମଣରେ ଜଣଙ୍କ ଜୀବନ ଯାଇଛି। ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଏହି ଅମାନବୀୟ ଘଟଣା ଘଟିଛି। ରବିବାର ଏହି ହତ୍ୟାକାଣ୍ଡ ଘଟିଥିଲେ ହେଁ ସୋମବାର ଥାନା ଓ ଫାଣ୍ଡି ପୋଲିସ ଖବର ପାଇ ଘଟଣାସ୍ଥଳରୁ ରକ୍ତାକ୍ତ ମୃତଦେହ ଜବତ କରିଛି। ହତ୍ୟାର ଶିକାର ହୋଇଥିବା ଯୁବକ ଜଣକ ହେଲେ ସମରା ବାଖ୍‌ଲା (୪୦)। ଅଭିଯୁକ୍ତ ନାନସୁଦ ବାଗେ (୪୧)ଙ୍କୁ ପୋଲିସ ଗିରଫ କରିଛି।

ପୋଲିସ ସୂଚନା ଅନୁଯାୟୀ, ସମରା ଓ ନାନସୁଦ କାଲୋ ସିହିରିଆ ସ୍କୁଲ ବସ୍ତିରେ ରୁହନ୍ତି। ରବିବାର କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନାନସୁଦ ନିକଟରେ ପଡ଼ିଥିବା ଏକ ବାଉଁଶ ଫାଳିଆରେ ସମରାଙ୍କ ମୁଣ୍ଡକୁ ବାରମ୍ବାର ପିଟିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଏହି ଜଘନ୍ୟ ଅପରାଧ ସମ୍ପର୍କରେ ୨୪ ଘଣ୍ଟା ପର୍ଯ୍ୟନ୍ତ ପୋଲିସ ଅନ୍ଧାରରେ ରହିବା ଘଟଣା ଲୋକଙ୍କୁ ଚକିତ କରିଛି। ଅଭିଯୋଗ ହୋଇଛି ଯେ ଘଟଣାକୁ ଆପୋସ ବୁଝାମଣାରେ ଚପାଇ ଦେବାକୁ ଚକ୍ରାନ୍ତ ହୋଇଥିଲା। ତେବେ ତାହା ସମ୍ଭବ ନ ହେବାରୁ ସୋମବାର ପୋଲିସ ନିକଟକୁ ଖବର ଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ନାନସୁଦଙ୍କୁ ଗିରଫ କରି ଥାନାକୁ ନେଇଥିଲା। ପଚରାଉଚୁରା ବେଳେ ନାନସୁଦ ନିଜ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି।


**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, JHARSUGUDA**
**E-mail: eemijharsuguda@gmail.com**
**Office Order No. 1636/ Dated, 08.11.2018**

**No.739-A:-** Due to unavoidable circumstances the tender for the works "Improvement to Jharia Nalla M.I.P in Jharsuguda Block of Jharsuguda District under Improvement to Tanks and M.I.P.s scheme for 2018-19" vide Bid Reference No. EE, MID, JSD/06/2018-19 and "Improvement to Badka Kata MIP in Laikera block of Jharsuguda district for 2018-19 (under Improvement to Tanks and M.I.P.s scheme)." vide Bid Reference No. EE, MID, JSD/07/2018-19 are hereby cancelled.

**Sd./- Executive Engineer,**
**M.I. Division, Jharsuguda**
**32291/11/0008/1819**

**WORKS DEPARTMENT**
**OFFICE OF THE SUPERINTENDING ENGINEER**
**EASTERN CIRCLE (R&B), BALASORE**
e-mail: - seec_bls@rediffmail.com
**Government of Odisha "e" Procurement Notice**
**Bid Identification No.SEEC-10/ 2018-19**
No. 8653 Dt. 09.11.2018

1. Nature of work:- **Road & Bridge Works**
2. Number of works: - **7 (Seven) No. of works**
3. Amount put to Tender:- **Rs.157.38 Lakhs to Rs. 388.37Lakhs**
4. Class of Contractor:- **"B" & "A" & "Special" Class**
5. Date & Time of availability of bid document in the portal:- **Dt.13.11.2018 at 10.00 AM**
6. Last Date / Time of receipt of bid in the portal:- **Dt.26.11.2018 up to 05.00 PM**
7. Date of opening of bid:- **Dt.27.11.2018 at 4.00 PM**
8. Name & address of the Office inviting bid:- **Superintending Engineer, Eastern Circle (R&B), Balasore.**
9. The bidders have to participate in **ONLINE** bidding only. Further details can be seen from the e-procurement portal **"http//tendersodisha.gov.in".** All future corrigendum will be available on ONLINE mode only.

No.823-B

**Sd./- M.R. Patnaik**
**Superintending Engineer,**
**Eastern Circle (R& B), Balasore**
34026/11/0015/1819

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
**ଆକାଶଶୋଭା ବିଲ୍ଡିଂ,**
**ପଣ୍ଡିତ ଜବାହର୍‌ଲାଲ ନେହେରୁ ମାର୍ଗ**
**ଭୁବନେଶ୍ୱର– ୭୫୧୦୦୧**
ପତ୍ର ସଂଖ୍ୟା : ୨୯୧୯୭ ଭୁ.ଉ.କ, ଭୁବନେଶ୍ୱର, ତା ୩୧.୧୦.୧୮ରିଖ
SRD-184/88

**ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, କଳିଙ୍ଗନଗର ଜମି ପ୍ରକଳ୍ପର ପ୍ଲଟ୍ ନଂ–K9B–115କୁ ଶ୍ରୀମତୀ ଲତିକା ଆଚାର୍ଯ୍ୟ, ପିତା ସ୍ୱର୍ଗତ–ଭାଗୀରଥି ଦାସ୍, ସା–ମାରାପଡ଼ା, ପୋ.ଅ/ଜିଲ୍ଲା– ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଲତିକା ଆଚାର୍ଯ୍ୟ ଉକ୍ତ ପ୍ଲଟ୍‌କୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ବିଶ୍ୱଜିତ୍ ସାମନ୍ତ, ପିତା–ଗୋବିନ୍ଦ ଚନ୍ଦ୍ର ସାମନ୍ତ, ସା– ଅଂଳାଡିହା, ପୋଅ– କାଲୁପଡା ଘାଟ, ଥାନା– ଟାଙ୍ଗୀ, ଜିଲ୍ଲା– ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି /ଆପତ୍ତି ଥାଏ, ତାହାହେଲେ ଏହି ସୂଚନା ପ୍ରକାଶନର (ପନ୍ଦର) ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା./– ଆବଣ୍ଟନ ଅଧିକାରୀ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର**

**ZILLA SWASTHYA SAMITI, GAJAPATI**
**(Department of Health & FW, Govt. of Odisha)**
Advt. No. 8036/DPMU/NHM/2018 Dt. 10.11.2018

**NOTICE**

**No. 561-E:-** Applications are invited for the following positions from in-house contractual employee of NHM working in the same post under OSH&FW Society in other districts desiring to be posted in Gajapati district. The application shall have the length of uninterrupted contractual service of the employee in the said post under the society & the names of previous stations in such post, his/her present place of posting. For the calculation of incumbency, the last uninterrupted service in the same post under the society shall be taken into account. As per vacancies, the candidates having highest incumbencies shall be repositioned & posted against such vacancies.

| Sl. No. | Name of the Position | No. of Vacancy |
|---|---|---|
| 1 | Office Assistant | 1 |

Interested in-house candidate are requested to apply in the prescribed format with NOC and certificate for last uninterrupted service in the same post under the society from the concerned CDM&PHO-cum-DMD. The application format & other details are available in the website www.gajapti.nic.in. The application should reach by Regd/Speed Post to the undersigned latest by dt.23.11.2018 by 5.00PM. No personal query will be entertained. Vacancies shown above are provisional and subject to change. Incomplete application in any forms is liable for rejection. The authorities reserve the right of accepting / rejecting any application and modify / cancel the advertisement without assigning any reason thereof.

*Sd./- Chief District Medical & Public Health Officer-cum-DMD, Gajapati*
10105/11/0019/1819

**KASTURBA GANDHI BALIKA VIDYALAYA**
**AT/PO-LAHUNIPARA, LAHUNIPARA**
**SUNDARGARH, PIN NO-770040**
**TENDER CALL NOTICE**
**Letter No. 37** **Date 12.11.2018**

Sealed tenders are invited from the registered and reputed firms and manufacturer having GST No. for the supply of Grocery, Cosmetic & Sanitary, Office & student stationary, Dress material to the KASTURBA GANDHI BALIKA VIDYALAYA, LAHUNIPARA for the session 2018-19. Items wise tender form along with related information can be obtain from the Office of the undersigned in between 11 AM to 3 PM. of any working day from 14th November 2018 to 20th November, 2018 on cash payment of Rs. 100 only non refundable. The tender completed in all respect along with requisite EMD money in the shape of Bank Draft/Banker cheque in favour of Headmaster and president KGBV Lahunipara payable at State Bank of India Lahunipara Branch. The tender forms should be submitted through Speed Post/ Registered Post. Tenders submitted without EMD will be summarily rejected. Last date of receipt of tender form are upto 4 PM of dt. 24th November 2018. The tender will be opened on dt. 26.11.2018 11 AM in the Lahunipara Nodal UP School office in the presence of tenderer. The KGBV purchase committee reserves the right to accept or reject the tender in the whole on in part without assigning any reason thereof.

Selection of tender does not conferred any rights on the part of the supplier for compulsory supply. The KGBV Lahunipara reserves all the right to purchase the items as per requirement from time to time and also have the liberty to procure any items from the open market if the same is available with less price than quoted rate due to fluctuation of price.

**Sd./- Headmaster**
**K.G.B.V., Lahunipara, Dist.-Sundargarh**

**ZILLA SWASTHYA SAMITI, BOUDH**
**Office of the Chief District Medical & Public Health Officer, Boudh**
Notification No. 2187 Date: 09.11.2018

**ANNOUNCEMENT**

**No. 560-E:-** The Advt. No. 12391, dtd.12.09.2018 for advertisement of Maa Gruha in partnership mode under SAMpuRNA. The database (final Score sheet) for selection of NGOs for operationalisation of Maa Gruha Projects in Boudh District after redressal of objections has been finalised & published in the district website (www.boudh.nic.in) for information of the concerned NGOs. Those who have secured above 50% marks shall have to produce their original documents before the selection committee for verification. The date of verification shall be initiated to all concern later.

10107/11/0027/1819 *Sd./- CDM&PHO-cum-District Mission Director, Boudh*

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, JAJPUR**
**Government of Odisha e-Procurement Notice**
**Bid Identification No. Online Tender/ 06 / EEMID JAJPUR / 2018-19**
Mail ID-eemijajpur@gmail.com, Phone No.06728-222008

No.743-A: The Executive Engineer, Minor Irrigation Division, Jajpur on behalf of Governor of Odisha invites percentages rate bids through e- procurement to be received in online mode only for the works as detailed in the table below.

1. Name of works : Civil Construction works as mentioned in the website.
2. Total No of works : 1 No.
3. Estimated Cost : Rs.59.63 Lakh (Detail list of work Annexed).
4. EMD : 1% of cost put to tender
5. Class of Contractor : As mentioned against work
6. Period of Completion : As mentioned against work
7. Date & time of Availability of Bid Documents in the Portal : 17.11.2018 to 28.11.2018 up to 5.00PM.
8. Last Date/ Time for receipt of Bids in the Portal : 28.11.2018 up to 5.00 P.M.
9. Date of Opening of Technical Bid : 29.11.2018
10. Date of Opening of Financial Bid : 04.12.2018
11. Date of Lottery : 07.12.2018 at 11.00 A.M. (If required)
12. Last Date of submission of APS : 17.12.2018 up to 5.00 P.M.
13. Name and address of the Officer Inviting Bid : Executive Engineer, Minor Irrigation Division, Jajpur, PIN.755001.
14. Mode of Payment of Bid Cost & Bid Security : Govt. of Odisha has introduced e- payment gateway into the portal for payment of cost of Bid & Bid security/ EMD. The process of using e-payment gate is mentioned in the "procedure for electronic receipt, accounting & reporting of cost of tender paper & Earnest money deposit on submission of bid. Further details can be seen from the "e" procurement Portal "https:// tendersorissa.gov.
15. Mode of submission of Tenders: Tender should be submitted on-Line in "http:// tendersodisha.gov.in.

32280/11/0008/1819

**Office of the Chief Construction Engineer**
**Upper Kolab Project, Bariniput , Dist. Koraput,ODISHA-764006**
**email id: ccekolab@yahoo.com , Phone / FAX:06854-242035**
No.735-A:- **e-Procurement Notice No-CCEUKP-03/2018-19**
**No. 4491** **Dated:- 06-11.2018**

| Tender Inviting Authority | Name of Work | Bid Id No. | Value of the Work in Lakhs (Approx) (Excluding GST) | Bid Security in Rs. (Online) | cost of Bid Document (Rs.) (Online) | Class of Bidder | Period of Completion | Availability of Tender On-line for bidding From | Availability of Tender On-line for bidding To | Date of Opening of Technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer,Upper Kolab Project, Bariniput. | Construction of Parapet wall of the earth Dam of Telengiri Medium Irrigation Project | UKP-THWD-01/03 of 2018-19 | 215.28/- | 2,15,300/- (Online) | 10,000/- (Online) | "B" Class & "A" Class | 4 Calendar months | 14.11.18 11.30 AM | 30.11.18 5.00 PM | 01.12.18 11.30 AM |
| | Renovation of canal and embankment roads for improvement of busy and distress road under Upper Kolab Head Works Division, Kolabnagar | UKP-UKH-WD-02/03 of 2018-19 | 180.46/- | 1,80,500/- (Online) | 10,000/- (Online) | "B" Class & "A" Class | 4 Calendar months | 14.11.18 11.30 AM | 30.11.18 5.00 PM | 01.12.18 11.30 AM |

Further details can be seen from the Govt. website www.tendersorissa.gov.in/ www.dowrodisha.gov.in. Addendum/ Corrigendum/ Cancellation if any required will be published in Govt. website only.

**Sd./- Chief Construction Engineer,**
**Upper Kolab Project, Bariniput,**
**32197/11/0007/1819**

**ACADEMY OF TRIBAL LANGUAGES & CULTURE**
**(ST& SC Development Department, Govt. of Odisha)**
**Adivasi Exhibition Grotind,Unit-1, Bhubaneswar- 751009**
**Tele./Fax-0674-2597821, Email- atlcbbsr_08@yahoo.com**
No. 1206/ATLC, Bhubaneswar, Dated: 12-11-2018

**EXPRESSION OF INTEREST**

No.67-V : On behalf of the ST & SC Development Department, Academy of Tribal Languages and Culture (ATLC) is going to organize the State Level Students' Festival, 'Sargiful-2018' from 19th to 21st December, 2018 at Adivasi Exhibition Ground, Unit-1, Bhubaneswar. Interested Event Management Agencies who are having required eligibility and experience as per the ToR may apply on or before 20th November, 2018 by 1.00 PM to the undersigned in the Drop Box placed in the office of the ATLC, Adivasi Exhibition Ground, Unit-1, Bhubaneswar. The offers should be submitted in three separate Bids i.e. Theme Based Design, Technical Bid with required documents and Financial Bid. The details of different activities to be undertaken including eligibilities etc, (ToR) is available in the official website of ST & SC Development Department/ ATLC "www.stscodisha.gov.in/ www.atlcodisha.org" or can be obtained physically from the office of ATLC Located at Adivasi Exhibition Ground, Unit-1. Bhubaneswar on any working days between 11 AM to 4 PM on or before 19th November, 2018. The covers containing Designs, Technical Bids and Financial Bids will be sealed and supperscribed in bold letters Design, Technical Bid and Financial Bid for Sargiful-2018. The Technical Bids will be opened at 4.00 PM on 20.11.2018 and designs of technically qualified Bidders will be opened. The designs of the qualified agencies for Sargiful-2018 will be examined & evaluated by the Tender Committee and there will be a presentation before the Committee for selection. After selection and shortlisting of the Designs, the Financial Bids only of the shortlisted agencies will be opened in presence of the Tenderers or their Authored representatives. The financial bids will be opened in respect of those Agencies who will fulfill the eligibility criteria and on the basis of the designs shortlisted by the Tender Committee. For any clarification, the Bidders may contact the OSD-cum-Assistant Director, at ATLC during office hour on any working day up to 19th November, 2018. The expression of interest invited Vide No. 1087 / ATLC, Bhubaneswar, dated- 20.10.2018 is hereby cancelled.

The Authority reserves the right to reject any or all offers without assigning any reason thereof.

26011/11/0005/1819 **Sd./- Member Secretary, ATLC.**

केन्द्रीय बागवानी परीक्षण केन्द्र
**Central Horticultural Experiment Station**
(ICAR-Indian Institute of Horticultural Research, Bengaluru-560089)
(भाकृअनुप-भारतीय बागवानी अनुसंधान संस्थान, बेंगलुरू-560089)
Aiginia, Bhubaneswar-751019, Odisha, Phone: 0674-2471712(O)
Tele Fax: 0674-2471867, E-mail: headches@rediffmail.com

**SHORT TENDER NOTICE NO. 05/2018**

On behalf of the Director, ICAR-IIHR, BENGALURU the Head, C.H.E.S., Aiginia, Bhubaneswar-751019 invites sealed tenders from the established and Registered agencies having Registration Certificate as per rule issued by the Competent Authority, ESI and EPF registration, GST Registration Certificate etc. with a proven track record in the field of performing for **Agricultural Field/Farm/Laboratory Works/ Operations for Annual Job/ Work/ Service contract to undertake Agricultural field / Farm/Laboratory works/Operations at** CHES, Aiginia, Bhubaneswar.

The Bid document may be obtained from the above office on working days between 10.00 a.m. and 2.00 p.m. on payment of Rs. 500/- (non-refundable) by Cash/DD drawn in favour of CHES, BBSR payable at Bhubaneswar on or before **Dt.03.12.2018.** The document can also be downloaded from IIHR website (www.iihr.res.in). In case the document is downloaded from the website, the cost of bid document shall have to be deposited by the bidder in the form of DD while submitting their bids in sealed cover. The tenders will be received up to **2.30 p.m. on Dt.03.12.2018.** Tenders will be opened on **Dt.03.12.2018 at 3.00 p.m.**

**Sd/- HEAD**

**GOVERNMENT OF ODISHA** No.824-B
**OFFICE OF THE SUPERINTENDING ENGINEER,**
**NORTHERN (R&B) CIRCLE, SAMBALPUR**
Mail ID: - sepwdsbp@rediffmail.com, Fax & Ph. No. 0663-2412303
**e - Procurement**
**BID IDENTIFICATION No SENC(R&B) /15/ 2017-18**
No. 3190 Dtd. 09.11.2018

1. The Superintending Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in **ONLINE MODE** for the construction of Road works / Building (Composite) works as detailed in the DTCN from the eligible class of contractors.
2. No of Road works **10 (Ten Nos).**
3. Tender Cost: **Rs. 10,000/-**
4. Class of contractor: **"Special" Class, "A" Class and "B" Class**
5. Date & Time of available in website & receipt of Bids **From 24.11.2018 to 17.00 hours of 10.12.2018.**
6. Date of opening of Technical Bid **13.12.2018 at 11.00 hours.**
7. The Bidders have to participate in **ONLINE** bidding only. Further details can be seen from the website **www.tendersodisha.gov.in.**
8. Any corrigendum / Addendum will be displayed in the website **www.tendersodisha.gov.in.**

**Sd./- (S.K.Sahoo)**
**Superintending Engineer**
**Northern (R&B) Circle, Sambalpur**
34035/11/0022/1819

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, ANANDAPUR**
Tel No. (06731)220314, e-Mail ID mianandapur@yahoo.co.in
**"e" Procurement Notice**
**Identification No-13 MID (ANP/2018-19)**

No.750-A: The Executive Engineer, M. I. Division, Anandapur on behalf of Governor of Orissa invites percentage rate bids through e-procurement to be received in online mode only for the works as detailed in the table below.

1. Name of the works — Civil Construction works as mentioned in the website
2. Total No. of works — **01 no.**
3. Estimated Cost — **45.88** Lakh (Detail list of work Annexed)
4. Class of Contractor — As mentioned against work
5. Period of completion — As mentioned against work
6. Date & time of Availability of on-line Bid Document in the Portal — **16.11.2018** at 11.00 AM to **25.11.2018** upto 5.00PM.
7. Last date/Time for online receipt of Cost of Bid document, Bid security, Affidavit etc. in the Portal — **25.11.2018** up to 5.00 PM.
8. Date/Time of Opening of Bid — **26.11.2018 at 11.00 AM** Onwards at Office of the E.E.M.I.Divn. Anandapur
9. Date/Time of lottery if required — 30.11.2018 at 11.00 AM at Office of the E.E.M.I.Divn., Anandapur
10. Name & Address of the Officer Inviting the Bid — Executive Engineer, M.I.Division, Anandapur
11. Further details can be seen from the "e" Procurement Portal https://tendersorissa.gov.in.

**Sd./- Executive Engineer,**
**M. I. Division, Anandapur**
32108/11/0018/1819

# ଗର୍ଭାବସ୍ଥାରେ ମଧୁମେହ

**ଗର୍ଭାବସ୍ଥାରେ ମଧୁମେହ ରୋଗ ବିପଜ୍ଜନକ। ତେଣୁ ଏହି ସମୟରେ ନିୟମିତ ଚିକିତ୍ସା ଏବଂ କେତେକ ଜରୁରୀ ପଦକ୍ଷେପ ଉଭୟ ମା’ ଏବଂ ଶିଶୁକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ନଭେମ୍ବର ୧୪ ତାରିଖ ବିଶ୍ୱ ମଧୁମେହ ଦିବସ ଉପଲକ୍ଷେ ଏହାକୁ ନେଇ ବିଶେଷ ଉପସ୍ଥାପନା...**





ଡା.ସରୋଜିନୀ ଷଡ଼ଙ୍ଗୀ

ସାରା ବିଶ୍ୱରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢିଚାଲିଛି। ଦୁଃଖର ବିଷୟ ଯେ, ଭାରତବର୍ଷ ଏ କ୍ଷେତ୍ରରେ ଶୀର୍ଷସ୍ଥାନ ଅଧିକାର କରିଛି। ପୁରୁଷମାନଙ୍କ ଭଳି ମହିଳାମାନେ ମଧ ମଧୁମେହ ରୋଗରେ ବିଶେଷ ଭାବରେ ଆକ୍ରାନ୍ତ ହେଉଛନ୍ତି, ଯାହାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଜନସାଧାରଣଙ୍କୁ ସଚେତନ କରିବା ଲାଗି ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ବିଶ୍ୱ ମଧୁମେହ ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଉଛି, ‘‘ପରିବାର ଓ ମଧୁମେହ ରୋଗ’’, ମଧୁମେହ ରୋଗର ଆରୋଗ୍ୟ ପାଇଁ ପରିବାରର ଭୂମିକା ଖୁବ୍ ଗୁରୁତ୍ୱ ପୂର୍ଣ୍ଣ। ଏବେ ସାରା ପୃଥିବୀର ପ୍ରାୟ ୧୯.୯କୋଟି ମହିଳା, ମଧୁମେହ ରୋଗ ଭୋଗୁଛନ୍ତି। ୨୦୪୦ ମସିହା ସୁଦ୍ଧା ଏହା ୩୧.୩ କୋଟିରେ ପରିଣତ ହୋଇଯିବ। ପ୍ରତ୍ୟେକ ପାଞ୍ଚଜଣ ମହିଳା ମଧୁମେହ ରୋଗୀଙ୍କ ମଧ୍ୟରୁ ଅନ୍ତତଃ ଦୁଇ ଜଣ ମହିଳା ମଧୁମେହ ରୋଗୀ ପ୍ରଜନନ ବୟସ ସୀମା ମଧ୍ୟରେ ଥାଆନ୍ତି ଏବଂ ସେମାନଙ୍କର ସଂଖ୍ୟା ପ୍ରାୟ ୫ କୋଟି। ଯେଉଁମାନଙ୍କ ମଧ୍ୟରୁ ଟାଇପ୍-୧ ମହିଳା ମଧୁମେହ ରୋଗୀଙ୍କର ଗର୍ଭନଷ୍ଟ ଓ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ହେବାର ଆଶଙ୍କା ଅଧିକା ଥାଏ। ଗର୍ଭାବସ୍ଥାରେ ମଧୁମେହ ରୋଗ ମା’ ଓ ଶିଶୁ ଉଭୟଙ୍କୁ ବିଶେଷ କ୍ଷତି ପହଞ୍ଚାଇଥାଏ। ଏହା ସାଧାରଣତଃ ଦୁଇ ପ୍ରକାରର ଥାଏ-

1) ଆଗରୁ ମଧୁମେହ ରୋଗ ଭୋଗୁଥିବା ରୋଗୀଙ୍କର ଗର୍ଭଧାରଣ।

2) ଗର୍ଭଧାରଣ ସମୟରେ ଗର୍ଭାବସ୍ଥା ଯୋଗୁଁ ମଧୁମେହ ରୋଗର ଉତ୍ପତ୍ତି। ଏହାକୁ ‘ଜେଷ୍ଟେସ୍ନାଲ୍ ଡାଏବେଟିସ’ କୁହାଯାଏ। ଗର୍ଭାବସ୍ଥାରେ ରକ୍ତରେ ଶର୍କରାର ପରିମାଣ ବଢିଗଲେ ବା’ ପରିସ୍ରାରେ ସୁଗାର ଗଲେ ବା’ ଗ୍ଲୁକୋଜ ଚାଲେଞ୍ଜ ଟେଷ୍ଟରେ ବେଶି ଗ୍ଲୁକୋଜ ରହିଲେ ସେମାନଙ୍କର ଜି.ଟି.ଟି. କରାଯାଇଥାଏ। ପ୍ରସବ ପରେ ପରେ ଏହା ପୁଣି ସାଧାରଣ ଗ୍ଲୁକୋଜ୍ ଲେଭେଲ୍‌କୁ ଚାଲି ଆସେ। ଗର୍ଭାବସ୍ଥାରେ ଝରୁଥିବା ବିଭିନ୍ନ ହର୍‌ମୋନ୍ ଦ୍ୱାରା ଇନ୍‌ସୁଲିନ୍ ରେଜିଷ୍ଟାନ୍ସ ବଢିଯାଇଥାଏ। ଗର୍ଭାବସ୍ଥା ଏକ ଷ୍ଟ୍ରେସ୍‌ଫୁଲ୍ ପିରିଅଡ୍ ହୋଇ ଥିବାରୁ ଯେଉଁମାନଙ୍କୁ ମଧୁମେହ ରୋଗ ହେବାର ଚାନ୍ସ ଥାଏ (ପ୍ରିଡାଏବେଟିକ୍ ବା ପୋଟେନ୍ସିଆଲ୍ ଡାଏବେଟିକ୍) ସେମାନଙ୍କୁ ଜେଷ୍ଟେସନାଲ୍ ଡାଏବେଟିକ୍ ମଧୁମେହ ରୋଗ ହୋଇଥାଏ।

କେଉଁମାନଙ୍କୁ ଗର୍ଭାବସ୍ଥାରେ ମଧୁମେହ ରୋଗ ହେବାର ରିସ୍କ ଥାଏ:-

୧- ଯଦି ପରିବାରରେ ବାପା, ମା, ଭାଇ, ଭଉଣୀ, କକା, ମାମୁ, ମାଉସୀ, ଅଜା, ଆଇ ବା’ ଜେଜେ ମା’ ଜେଜେବାପାଙ୍କୁ ମଧୁମେହ ରୋଗ ହୋଇଥାଏ।

୨- ଯଦି ଆଗରୁ ୪ କେ.ଜି ରୁ ଊର୍ଦ୍ଧ୍ୱ ଓଜନର ଶିଶୁ ଜନ୍ମ ହୋଇଥାଏ।

୩- ଆଗରୁ ଗର୍ଭରେ ଶିଶୁ ମୃତ୍ୟୁ ହୋଇଥାଏ।

୪- ଆଗରୁ ଗର୍ଭାବସ୍ଥାରେ ପାଣିଥଳୀରେ ବେଶି ପାଣି ବା ଲାଇକର୍ ଜମିଥିଲେ (ପଲି ହାଇଡ୍ରାମ୍ନିଓସ୍)।

୫- କୌଣସି କାରଣ ନ ଥାଇ ଜନ୍ମ ହେବାର ସପ୍ତାହକ ମଧ୍ୟରେ ହଠାତ୍ ଶିଶୁ ମୃତ୍ୟୁ ହୋଇଥାଏ।

୬- ଗର୍ଭାବସ୍ଥାରେ ବାରମ୍ବାର ଧଳା ସ୍ରାବ ହୋଇ କୁଣ୍ଡାଇ ହେଲେ ଓ ମୋନିଲିଆସିସ୍ ଦ୍ୱାରା ଫଙ୍ଗସ୍ ସଂକ୍ରମଣ ହେଲେ।

୭- ପରିସ୍ରାରେ ଗ୍ଲୁକୋଜ୍ ଗଲେ।

୮- ୩୦ ବର୍ଷରୁ ଊର୍ଦ୍ଧ୍ୱ ବୟସରେ ଗର୍ଭଧାରଣ କଲେ।

୯- ଗର୍ଭାବସ୍ଥାରେ ଅତ୍ୟଧିକ ମୋଟା ହୋଇଗଲେ।

୧୦- ବେଶି ଚର୍ବିଜାତୀୟ ଖାଦ୍ୟ ଖାଉଥିବା ମହିଳା।

ଉପରୋକ୍ତ ସବୁ ହାଇରିସ୍କ ମହିଳାମାନଙ୍କର ଗର୍ଭାବସ୍ଥାରେ ସ୍କ୍ରିନିଂ ବା ପ୍ରଥମ ପର୍ଯ୍ୟାୟରେ ଏବଂ ୨୪ ରୁ ୨୮ ସପ୍ତାହ ମଧ୍ୟରେ ଗ୍ଲୁକୋଜ ଚାଲେଞ୍ଜ ଟେଷ୍ଟ କରିବା ଜରୁରୀ।



**ମଧୁମେହ ରୋଗ ଉପରେ ଗର୍ଭଧାରଣର ପ୍ରଭାବ:** ଗର୍ଭାବସ୍ଥାରେ ଝରୁଥିବା କୋଟୋଟି ଅନ୍ତଃସ୍ରାବୀ ରସ ଏବଂ ଗର୍ଭଫୁଲରୁ ଝରୁଥିବା ହର୍‌ମୋନ୍ ଯଥା ହ୍ୟୁମାନ ପ୍ଲାସେଣ୍ଟାଲ୍ ଲାକ୍ଟୋଜେନ୍, ଇଷ୍ଟ୍ରୋଜେନ୍, ପ୍ରୋଜେଷ୍ଟେରୋନ୍, ଫ୍ରି କର୍ଟିଜୋଲ୍, ଇନ୍ସୁଲିନ୍ ବିରୋଧୀ ଭାବେ କାର୍ଯ୍ୟ କରନ୍ତି। ସେଥିପାଇଁ ଗର୍ଭାବସ୍ଥାରେ ମଧୁମେହ ରୋଗ ବଢିଯାଏ।

**ମା’ ଓ ଶିଶୁ ଉପରେ ମଧୁମେହ ରୋଗର ପ୍ରଭାବ:** ଗର୍ଭାବସ୍ଥାରେ ମଧୁମେହ ହେଲେ ଗର୍ଭପାତ, ଅପରିଣତ ପ୍ରସବ, ସଂକ୍ରମଣ, ବିଶେଷକରି ପରିସ୍ରା ସଂକ୍ରମଣ ହେବା ସହ ବଡ ଶିଶୁ, ବଡ ଗର୍ଭଫୁଲ ଓ ଶିଶୁ ବେଶି ପରିସ୍ରା କରୁଥିବାରୁ ଗର୍ଭଥଳୀରେ ବେଶି ପାଣି ଜମିଯାଏ। ଏହାବ୍ୟତୀତ ଉଚ୍ଚ ରକ୍ତଚାପ ବା ପ୍ରିଏକ୍ଲାମ୍ପସିଆ ଶତକଡା ୨୫ ପ୍ରତିଶତ ହୋଇଥାଏ। କେବେ କେବେ ଏହି ରୋଗ ହୋଇ କିଡନୀ ଫେଲିଅର୍ ହୋଇଯାଏ।

**ପ୍ରସବ ସମୟରେ ଅସୁବିଧା:** ଗର୍ଭସ୍ଥ ଶିଶୁ ବଡ ହୋଇଥିବାରୁ ବହୁ ସମୟ ଧରି ପ୍ରସବ ବ୍ୟଥା ହୋଇଥାଏ। ଶିଶୁର କାନ୍ଧ, ମୁଣ୍ଡ ଓ ନିତମ୍ବ ପ୍ରସବରେ ବିଳମ୍ବ ହୋଇଥାଏ, ଫଳରେ ମା’ର ପ୍ରସବଦ୍ୱାର ଫାଟିଯାଏ ଏବଂ ପ୍ରଚୁର ରକ୍ତସ୍ରାବ ହୁଏ। ଗର୍ଭାବସ୍ଥାରେ ୩୭ ସପ୍ତାହ ପରେ ଅନେକ କ୍ଷେତ୍ରରେ ସିଜରିଆନ୍ ସେକ୍‌ସନ୍ କରାଯାଏ। ଏମାନଙ୍କୁ ବେଶି ସଂକ୍ରମଣ ଓ ସୂତିକା ଜ୍ୱର ହୁଏ। ଉପରୋକ୍ତ କାରଣରୁ ମା’ର ସ୍ତନରେ କ୍ଷୀର ତିଆରି ହୋଇପାରେ ନାହିଁ ଏବଂ ମା’ ଶିଶୁକୁ ସ୍ତନ୍ୟପାନ କରାଇପାରେ ନାହିଁ।

**ଶିଶୁ ପାଇଁ ଅସୁବିଧା:** ମଧୁମେହ ରୋଗୀଙ୍କର ବଡ ଓ ଓଜନିଆ ଶିଶୁ ହୁଏ (୩.୫- ୪ କେଜିରୁ ଊର୍ଦ୍ଧ୍ୱ) ତଥା ଜନ୍ମଗତ ବିକଳାଙ୍ଗତା ମଧ ଦେଖାଦେଇଥାଏ। ଯଦି ମା’ର ମଧୁମେହ ରୋଗ ନିୟନ୍ତ୍ରଣ ହୋଇ ନ ଥାଏ ଏବଂ ଗର୍ଭାବସ୍ଥାରେ ପ୍ରଥମ ୩ ମାସରେ ରକ୍ତରେ ଶର୍କରାର ପରିମାଣ ବେଶି ଥାଏ, ତେବେ ଶିଶୁ ବିକଳାଙ୍ଗ ହୁଏ। ଏଥିରେ ମୁଣ୍ଡ ନ ଥିବା ଭୂତ ଶିଶୁ, ଛୋଟମୁଣ୍ଡ, ହୃତପିଣ୍ଡରେ ଛିଦ୍ର ଏବଂ ବୃକକ୍ ତଥା ଖାଦ୍ୟନଳୀରେ ଅସୁବିଧା ଥାଏ। ଗର୍ଭରେ ୧୦-୨୦ ପ୍ରତିଶତ ଶିଶୁ ମୃତ୍ୟୁ ହୋଇଥାଏ, ସାଧାରଣ ପ୍ରସବ ସମୟରେ ଶିଶୁର ସ୍ନାୟୁ, ହାଡ ଓ ମାଂସପେଶୀରେ କ୍ଷତ ହୋଇଥାଏ, ଜନ୍ମପରେ ଶିଶୁରକ୍ତରେ ଶର୍କରା କମିଯାଏ ଏବଂ ନିଃଶ୍ୱାସ ନେବାରେ କଷ୍ଟହୁଏ, ପ୍ରସବପରେ ୭ ଦିନ ମଧ୍ୟରେ କିଛି କାରଣ ନ ଥାଇ ଶିଶୁ ମୃତ୍ୟୁ ହୁଏ। ତେଣୁ ଗର୍ଭଧାରଣ ସମୟରେ ମା’ର ରକ୍ତରେ ଗ୍ଲାଇକୋସିଲେଟେଡ୍ ହିମୋଗ୍ଲୋବିନ୍ ଏବଂ ୧୪ରୁ ୧୮ ସପ୍ତାହ ମଧ୍ୟରେ ଆଲ୍‌ଫାଫିଟୋ ପ୍ରୋଟିନ୍ ଏଷ୍ଟିମେଶନ୍ କରାଯାଏ। ୧୧ ରୁ ୧୪ ସପ୍ତାହ ମଧ୍ୟରେ ଏନ୍.ଟି. ସ୍କାନ କରାଯାଏ। ଏହାଛଡ଼ା ଗର୍ଭଧାରଣର ୨୦ ସପ୍ତାହ ବେଳକୁ ଅଲ୍‌ଟ୍ରାସାଉଣ୍ଡ କରି ଶିଶୁର ବିକଳାଙ୍ଗତା ଦେଖାଯାଏ(କଂଜେନିଟାଲ୍ ଆନୋମାଲି ସ୍କାନ୍ ବା ‘ଟିଫା’ ସ୍କାନ୍)।

**ଗର୍ଭଧାରଣ ପୂର୍ବରୁ ପରାମର୍ଶ:** ଯେଉଁ ମହିଳା ଗର୍ଭଧାରଣ କରିବା ପୂର୍ବରୁ ମଧୁମେହ ରୋଗ ଭୋଗୁଥିବେ ସେ ନିଜର ରକ୍ତର ଶର୍କରାକୁ ନିୟନ୍ତ୍ରଣ କରି ଏବଂ ଫଲିକ୍ ଏସିଡ୍ ଖାଇ ଗର୍ଭଧାରଣ କରିବା ଆବଶ୍ୟକ।

**ପ୍ରସୂତି ପରିଚର୍ଯ୍ୟା:** ଗର୍ଭାବସ୍ଥାରେ ମଧୁମେହ ରୋଗୀ ପ୍ରଥମ ୫ ମାସ ପର୍ଯ୍ୟନ୍ତ ପ୍ରତି ମାସରେ ଏବଂ ତା’ପରେ ପ୍ରତି ୧୫ ଦିନରେ ଚେକ୍‌ଅପ୍ କରିବା ସହ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଇନ୍‌ସୁଲିନ୍ ଇନ୍‌ଜେକ୍‌ସନ୍ ନେବା ଆବଶ୍ୟକ। ନିୟମିତ ରକ୍ତରେ ଗ୍ଲୁକୋଜ୍ ଓ ଗ୍ଲାଇକୋସିଲେଟେଡ୍ ହିମୋଗ୍ଲୋବିନ୍ ଏବଂ ୧୪ରୁ ୧୮ ସପ୍ତାହ ମଧ୍ୟରେ ଆଲ୍‌ଫାଫିଟୋ ପ୍ରୋଟିନ୍ ଏଷ୍ଟିମେଶନ୍ କରିବା ସହ ଭଲ ଶିଶୁର ଜନ୍ମଗତ ହୃଦ୍‌ରୋଗର ବିକଳାଙ୍ଗତା ଜାଣିବା ପାଇଁ ‘ଇକୋ କାର୍ଡିଓଗ୍ରାମ୍’ ଏବଂ ୨୦ ସପ୍ତାହ ବେଳକୁ ଅଲ୍‌ଟ୍ରାସାଉଣ୍ଡ କରି କଂଜେନିଟାଲ୍ ଆନୋମାଲି ସ୍କାନ୍ ବା ‘ଟିଫା’ ସ୍କାନ କରି ଶିଶୁର ବିକଳାଙ୍ଗତା ଦେଖିବା ଦରକାର। ୩୪-୩୬ ସପ୍ତାହ ମଧ୍ୟରେ ଆଡମିଶନ୍ କରି ୩୭ ସପ୍ତାହ ଶେଷ ହେବା ମାତ୍ରେ ପ୍ରସବ କରାଇ ଦେବା ଆବଶ୍ୟକ। କୌଣସି ପରିସ୍ଥିତିରେ ମଧୁମେହ ରୋଗୀକୁ ଏକ୍ସପେକ୍ଟେଡ୍ ଡେଟ୍‌ଅଫ୍ ଡେଲିଭରି ଗଡିଯିବାକୁ ଦେବା ଉଚିତ ନୁହେଁ। ଏଥିରେ ଶିଶୁର ଗର୍ଭରେ ମୃତ୍ୟୁ ହୋଇପାରେ। ତେବେ ମଧୁମେହ ରୋଗୀଙ୍କୁ ଗର୍ଭଧାରଣ ପୂର୍ବରୁ, ଗର୍ଭାବସ୍ଥା ସମୟରେ, ପ୍ରସବ ସମୟରେ ଏବଂ ପ୍ରସବ ପରେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ, ମଧୁମେହ ରୋଗ ବିଶେଷଜ୍ଞ ତଥା ଶିଶୁରୋଗ ବିଶେଷଜ୍ଞଙ୍କର ମିଳିତ ଚିକିତ୍ସାରେ ମା’ ଓ ଶିଶୁ ଉଭୟ ରହିବା ନିରାପଦ।

*- ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ*
*ମୋ -୯୪୩୭୦୫୫୦୦୭*

ଖାଦ୍ୟ ରୁଚି

## ପନିର ୬୫

**ଆବଶ୍ୟକ ସାମଗ୍ରୀ:** ୨୦୦ ଗ୍ରାମ୍ ପନିର୍, ମଇଦା ୨.୫ ବଡ ଚାମଚ, କର୍ନ ଫ୍ଲୋର୍ ୩ ବଡ ଚାମଚ, ଚାଉଳ ଗୁଣ୍ଡ ଏକ ବଡ ଚାମଚ, ଅଦା ରସୁଣ ପେଷ୍ଟ ୩ ବଡ ଚାମଚ, ଚାଟ୍ ମସଲା ଅଧା ବଡ ଚାମଚ, ଲାଲ୍ ଲଙ୍କା ପାଉଡର୍ ଏକ ଚାମଚ, ଧନିଆ ପାଉଡର୍ ଏକ ଚାମଚ, ତେଲ, ଛୋଟ ଛୋଟ କଟା ହୋଇଥିବା ଗୋଟିଏ ପିଆଜ, ଭୃସୁଙ୍ଗ ପତ୍ର ଦୁଇ ପାଖୁଡା, ଦହି ଦେଢ ଚାମଚ, ପାଣି, ଲୁଣ ସ୍ୱାଦାନୁସାରେ।

ପ୍ରସ୍ତୁତି ପ୍ରଣାଳୀ: ପନିର୍‌କୁ ଛୋଟ ଛୋଟ କ୍ୟୁବ୍ କାଟି ଦିଅନ୍ତୁ। ଗୋଟାଏ ପାତ୍ରରେ କର୍ନ ଫ୍ଲୋର୍, ଚାଉଳ ଗୁଣ୍ଡ, ଅଦା ରସୁଣ ପେଷ୍ଟ, ସବୁ ମସଲା ଗୁଣ୍ଡ, ଲୁଣ ଏବଂ ଦରକାର ଅନୁଯାୟୀ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ସେଥିରେ କଟା ପନିର୍ ପକାଇ ଗୋଳାନ୍ତୁ ଯେପରି ପେଷ୍ଟ ପନିର ଖଣ୍ଡଗୁଡିକରେ ଭଲ ଭାବେ ଲାଗିବ। ଚୁଲାରେ ଏକ କଡେଇ ବସାଇ ତେଲ ଗରମ କରନ୍ତୁ। ସେଥିରେ ପନିର୍‌କୁ ଲାଲ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଅନ୍ୟ ଏକ କଡେଇରେ ଅଳ୍ପ ତେଲ ଗରମ କରି ସେଥିରେ କଟା ପିଆଜ, ଭୃସୁଙ୍ଗ ପତ୍ର ପକାଇ ଲାଲ୍ ହେବା ପର୍ଯ୍ୟନ୍ତ



ଭାଜିବା ପରେ ଦହି, ଲଙ୍କା ଗୁଣ୍ଡ, ଲୁଣ ପକାଇ ଅଳ୍ପ ସମୟ ମିଶାଇ ଦିଅନ୍ତୁ। ସେଥିରେ ଛଣା ଯାଇଥିବା ପନିର୍‌କୁ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଗୋଳାଇବା ପରେ ଚୁଲା ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ପନିର୍ ୬୫। ଏହାକୁ ଗରମ ଗରମ ସର୍ଭ କରନ୍ତୁ।

# ସ୍ୱାସ୍ଥ୍ୟୋପକାରୀ ଅଦା



**ଅଦା କେବଳ ଏକ ମସଲା ଭାବେ ତରକାରୀର ସ୍ୱାଦ ବଢାଇ ନ ଥାଏ ବରଂ ଏଥିରେ ଭରି ରହିଥିବା ପ୍ରଚୁର ପରିମାଣର ପୋଷକତତ୍ତ୍ୱ ଯାହା କି ଶରୀରକୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଦୂରେଇ ରଖିବାରେ ମଧ ସାହାଯ୍ୟ କରିଥାଏ...**

❖ପାଟିରେ ଘା’ ବା ଛାଲ ହେବାଦ୍ୱାରା ଖାଇବାରେ ଅନେକଙ୍କୁ ଅସୁବିଧା ହୋଇଥାଏ। ହେଲେ ଯଦି ଆପଣ ଖଣ୍ଡେ ଅଦାକୁ ଚୋବାଇ ଚୋବାଇ ଖାଇବେ ତେବେ ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ଆପଣଙ୍କୁ ଏହି ସମସ୍ୟାରୁ ଶୀଘ୍ର ଉପଶମ ଦେବ।

❖କାଶ ହେଉଥିଲେ ଅଦା ରସରେ ମହୁ ମିଶାଇ ଖାଆନ୍ତୁ ଉପକୃତ ହେବେ। ଏହା ଥଣ୍ଡା ମଧ ଦୂର କରିଥାଏ। ଏଥିପାଇଁ ଆପଣ ଅଦା ଚା’ ପିଇପାରିବେ।

❖ପ୍ରତିଦିନ ଖାଦ୍ୟ ତାଲିକାରେ ଅଦାକୁ ସାମିଲ କରିବା ଦ୍ୱାରା ଭାଇରାଲ ରୋଗର ଆଶଙ୍କା ହ୍ରାସ ପାଇଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ଆଣ୍ଟିବ୍ୟାକ୍ଟେରିଆଲ୍ ତତ୍ତ୍ୱ ହାନିକାରକ ବ୍ୟାକ୍ଟେରିଆଠାରୁ ଶରୀରକୁ ସୁରକ୍ଷା ଦେଇଥାଏ।

❖ଶରୀରରେ କୋଲେଷ୍ଟେରଲ୍ ପରିମାଣକୁ ନିୟନ୍ତ୍ରଣରେ ରଖିବାରେ ଏହା ବେଶ୍ ଉପକାରୀ। ଏହା ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବାରେ ମଧ ସାହାଯ୍ୟ କରିଥାଏ।

❖ଭୋକ ନ ଲାଗିବା ସମସ୍ୟା ଅନେକଙ୍କଠାରେ ଦେଖିବାକୁ ମିଳେ। ଛୋଟ ଅଦା ଖଣ୍ଡ ସହ ଅଳ୍ପ ଲୁଣ ନେଇ ଚୋବାଇବା ଦ୍ୱାରା ପେଟ ସଫା ରହିବା ସହ ପ୍ରତିଦିନ ଏହିପରି କରିବା ଦ୍ୱାରା ମାତ୍ର ୭-୮ ଦିନ ମଧ୍ୟରେ ଭୋକ ମଧ ଲାଗିବା ଆରମ୍ଭ ହୋଇଥାଏ।

❖ସେହିପରି ବଦହଜମି, ଆମ୍ବିଳା ହାକୁଟି, ଗ୍ୟାସ୍ ଆଦି ସମସ୍ୟା ଦୂରେଇବାରେ ଅଦା ବେଶ୍ ଉପକାରୀ। ଅଦା ରସରେ ଜୁଆଣି, ସନ୍ଧବ ଲବଣ, ଲେମ୍ବୁ ରସ ମିଶାଇ ପ୍ରତିଦିନ ଦୁଇ ଚାମଚ ଲେଖାଏଁ ସେବନ କରିବା ଦ୍ୱାରା ପାଚନ କ୍ରିୟା ଠିକ୍ ରହିବା ସହ ଏ ସବୁ ସମସ୍ୟାରୁ ଉପଶମ ମିଳିଥାଏ।

❖ଅଦା ଏକ ପ୍ରାକୃତିକ ପୀଡା ନାଶକ ଭାବେ କାର୍ଯ୍ୟ କରିଥାଏ। ବିଶେଷ କରି ଆଣ୍ଠୁ, ଗଣ୍ଠି ଯନ୍ତ୍ରଣା ହେଉଥିଲେ ଅଦାକୁ ଭଲ ଭାବେ ବାଟି ସେଥିରେ କର୍ପୂର ମିଶାଇ ଲଗାନ୍ତୁ ଅଳ୍ପ ସମୟ ମଧ୍ୟରେ ଆରାମ ମିଳିବ।

❖ବାରମ୍ବାର ବାନ୍ତି ହେଉଥିଲେ ଅଦାରସରେ ଅଳ୍ପ ପିଆଜ ରସ ମିଶାଇ ଦୁଇ ଚାମଚ ପିଇବା ଦ୍ୱାରା ବାନ୍ତି କମିଥାଏ।

ସୌନ୍ଦର୍ଯ୍ୟ

# ମେହେନ୍ଦୀ ଲାଗିବ ଆକର୍ଷଣୀୟ

**କୌଣସି ପୂଜାପର୍ବ ହେଉ ଅବା ବିବାହ ଆଦି ବିଶେଷ ଅବସରରେ ଭଳିକି ଭଳି ପୋଷାକ ଏବଂ ମେକ୍‌ଅପ୍ ସହ ମହିଳାମାନଙ୍କ ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରିଥାଏ ମେହେନ୍ଦୀ। ଯଦି ଆପଣ ବି ନିଜ ହାତକୁ ମେହେନ୍ଦୀରେ ସଜାଇବାକୁ ଚାହୁଁଛନ୍ତି ତେବେ ଜାଣି ରଖନ୍ତୁ ବର୍ତ୍ତମାନ ଅଧିକ ଲୋକପ୍ରିୟ ଥିବା କେତେକ ଲାଟେଷ୍ଟ ତଥା ସହଜ ମେହେନ୍ଦୀ ଡିଜାଇନ୍ ସମ୍ପର୍କରେ...**


**ଫ୍ଲୋରାଲ୍ ଡିଜାଇନ୍:** ଏଭଳି ଡିଜାଇନ୍ ଅପେକ୍ଷାକୃତ ଆକର୍ଷଣୀୟ ଲାଗିଥାଏ। ଏଥିରେ ପୂରା ହାତ ହେଉ କିମ୍ବା ପାପୁଲିର ଅଳ୍ପ ଅଳ୍ପ ସ୍ଥାନରେ ବିଭିନ୍ନ ଫୁଲ ଡିଜାଇନ୍ କରାଯାଇଥାଏ। ଏ ଡିଜାଇନ୍ କରିବାକୁ ଚାହୁଁଥିଲେ ଫୁଲର ପାଖୁଡାଗୁଡିକୁ ଅଧିକ ଡିପ୍ କରି ପତଳା ଲାଇନ୍‌ରେ ଡାଳ ଏବଂ ପତ୍ର କରିପାରିବେ। ବର୍ତ୍ତମାନ ଟ୍ରେଣ୍ଡରେ ଥିବା ଗୋଲାପଫୁଲ୍ ଡିଜାଇନ୍ ଟ୍ରାଏ କରିପାରିବେ।

**ଫିଙ୍ଗର ମେହେନ୍ଦୀ ଡିଜାଇନ୍:** ଯେଉଁମାନଙ୍କୁ ହାତ ଭର୍ତ୍ତି କରି ମେହେନ୍ଦୀ ଲଗାଇବା ଏତେ ପସନ୍ଦ ନୁହେଁ କିମ୍ବା ମେହେନ୍ଦୀରେ କିଛି ୟୁନିକ୍ ଡିଜାଇନ୍ କରିବାକୁ ଇଚ୍ଛା ସେମାନଙ୍କ ପାଇଁ ଫିଙ୍ଗର ମେହେନ୍ଦୀ ଡିଜାଇନ୍ ସବୁଠୁ ଭଲ ଅପ୍ସନ୍। ଏଥିରେ ଆପଣ ହାତର ଉଭୟ ଉପର ଏବଂ ଭିତର ପଟ ଆଙ୍ଗୁଠିରେ ସୁନ୍ଦର ସୁନ୍ଦର ଡିଜାଇନ୍ କରିପାରିବେ। ଏଥିରେ ରିଙ୍ଗ୍ ଡିଜାଇନ୍ ଅପେକ୍ଷାକୃତ ଆକର୍ଷଣୀୟ ଲାଗିଥାଏ।

**ଜ୍ୟୋମେଟ୍ରିକ୍ ଡିଜାଇନ୍:** ଏଭଳି ଡିଜାଇନ୍‌କୁ ବର୍ତ୍ତମାନେ ଅଧିକାଂଶ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। କାରଣ ପାରମ୍ପରିକ ମେହେନ୍ଦୀ ଡିଜାଇନ୍‌ଗୁଡିକ ତୁଳନାରେ ଏଥିରେ କରାଯାଉଥିବା ଟ୍ରାଙ୍ଗଲ୍, ସ୍କୋୟାର୍, ରାଉଣ୍ଡ, ରମ୍ବସ୍ ଭଳି ଡିଜାଇନ୍ ନିଆରା ଲାଗୁଛି।

**ଗ୍ଲିଟର ମେହେନ୍ଦୀ:** ଅନ୍ୟ ସବୁ ମେହେନ୍ଦୀ ଡିଜାଇନ୍ ତୁଳନାରେ ବର୍ତ୍ତମାନ ଗ୍ଲିଟର ମେହେନ୍ଦୀ ଅନେକଙ୍କୁ ଅଧିକ ଆକୃଷ୍ଟ କରୁଥିବା ଦେଖିବାକୁ ମିଳୁଛି। କାରଣ ଏଥିରେ କେବଳ ମେହେନ୍ଦୀର ଗୋଟିଏ ରଙ୍ଗ ନୁହେଁ ବରଂ ଏହା ସହ ବିଭିନ୍ନ ପ୍ରକାର ଗ୍ଲିଟର ରଙ୍ଗ ରହୁଛି। ଫଳରେ ଡିଜାଇନ୍ କଲରଫୁଲ୍ ଏବଂ ଅଧିକ ସୁନ୍ଦର ଲାଗୁଛି। ତା’ଛଡା ଅନେକେ ଏହାକୁ ନିଜ ଗେଟ୍‌ଅପ୍‌ର ରଙ୍ଗ ସହ ମ୍ୟାଚ୍ କରି ମଧ ଲଗାଇ ପାରୁଛନ୍ତି। ଯଦି ଆପଣଙ୍କୁ ବି ନିଜ ମେହେନ୍ଦୀକୁ କିଛି ନୂଆ ଲୁକ ଦେବାକୁ ଇଚ୍ଛା ତେବେ ଗ୍ଲିଟର ମେହେନ୍ଦୀ ଟ୍ରାଏ କରନ୍ତୁ।





$ Dollar 72.89 (39) | Sensex 345.56 34,812.99 | Nifty 103 10,482.20 | Gold ₹80 32,150.00 | Silver ₹150 38,150.00



"ଟେକ୍ ମହିନ୍ଦ୍ରା ୫ଜି ପ୍ରଚଳନକୁ ଉତ୍ସୁକତାର ସହ ଚାହିଁ ରହିଛି। ଯୋଗାଯୋଗ କ୍ଷେତ୍ରରେ ଅତ୍ୟାଧୁନିକ ବ୍ୟବସ୍ଥା ଆପଣାଇ କମ୍ପାନୀ ନିଜର ଲାଭ ଅଧିକ କରିପାରିବ।
– ସି.ପି. ଗୁରନାନୀ, ଏମ୍‌ଡି, ଟେକ୍ ମହିନ୍ଦ୍ରା



"ଜେଟ୍ ଏୟାରୱେଜର କ୍ଷତିକୁ କମାଇବା ଲାଗି ଯଥାସାଧ ପ୍ରୟାସ ଜାରି ରହିଛି। ଆୟ ବଢ଼ାଇବାକୁ ଉଦ୍ୟମ ହେଉଛି।
– ନରେଶ ଗୋଏଲ, ଚେୟାରମ୍ୟାନ, ଜେଟ୍ ଏୟାରୱେଜ

## ସଂକ୍ଷେପରେ

### ମୁଦ୍ରାସ୍ଫୀତି ୩.୩୧%କୁ ହ୍ରାସ ଔଦ୍ୟୋଗିକ ଉତ୍ପାଦନ ୪.୫%କୁ ବୃଦ୍ଧି

ନୂଆଦିଲ୍ଲୀ,୧୨-୧୧: ଫଳ, ପ୍ରୋଟିନଯୁକ୍ତ ଉତ୍ପାଦ ତଥା ଖାଦ୍ୟପଦାର୍ଥ ଦର ହ୍ରାସ ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ଚଳିତ ବର୍ଷର ସର୍ବନିମ୍ନ ସ୍ତର ୩.୩୧%କୁ ହ୍ରାସ ପାଇଛି। ଉପଭୋକ୍ତା ମୂଲ୍ୟ ଆଧାରିତ ସୂଚକାଙ୍କ ସେପ୍ଟେମ୍ବରରେ ୩.୭ ପ୍ରତିଶତ ଥିଲା। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ସୂତ୍ରରୁ ସୋମବାର ଜାରି ତଥ୍ୟ ଅନୁଯାୟୀ ଅକ୍ଟୋବରରେ ଖାଦ୍ୟ ପଦାର୍ଥ ଦର ୦.୮୬% ହ୍ରାସ ପାଇଛି। ସେପ୍ଟେମ୍ବରରେ ଏହାର ମୂଲ୍ୟରେ ୦.୫୧% ବୃଦ୍ଧି ଘଟିଥିଲା। ତଥ୍ୟ ଅନୁଯାୟୀ ଅକ୍ଟୋବରରେ ପନିପରିବା ୮.୦୬% ଶସ୍ତା ହୋଇଛି। ସେହିପରି ଫଳର ମୁଦ୍ରାସ୍ଫୀତି ୦.୩୫%କୁ ହ୍ରାସ ପାଇଛି। ପ୍ରୋଟିନଯୁକ୍ତ ଉତ୍ପାଦ ଯଥା ଚାଉଳ,ଡାଲି, ଅଣ୍ଡା ଆଦିର ଦର ହ୍ରାସ ପାଇଛି। ତେବେ ଇନ୍ଧନ ଓ ବିଜୁଳି ମୁଦ୍ରାସ୍ଫୀତି ବଢ଼ି ୮.୫୫%ରେ ପହଞ୍ଚିଛି। ସେହିପରି ଔଦ୍ୟୋଗିକ ଉତ୍ପାଦନ ଅକ୍ଟୋବରରେ ୪.୫%କୁ ବୃଦ୍ଧି ପାଇଛି। ପୂର୍ବମାସରେ ଏହା ୪.୩% ଥିଲା। ତେବେ ଅଗଷ୍ଟରେ ଏହା ୪.୧% ଥିଲା।

### ୧୪ରୁ ଶ୍ରୀରାମାୟଣ ଏକ୍ସପ୍ରେସ ଗଡ଼ିବ

ନୂଆଦିଲ୍ଲୀ,୧୨-୧୧: ରେଳ ମନ୍ତ୍ରଣାଳୟ ପକ୍ଷରୁ ଏକ ତୀର୍ଥଯାତ୍ରା ଟ୍ରେନ ଶ୍ରୀରାମାୟଣ ଏକ୍ସପ୍ରେସକୁ ଆସନ୍ତା ୧୪ରୁ ପ୍ରଚଳନ କରାଯିବ। ଭାରତ ଓ ଶ୍ରୀଲଙ୍କାରେ ଥିବା ଶ୍ରୀରାମଙ୍କ ଜୀବନୀ ସମ୍ପର୍କିତ ୪ଟି ସ୍ଥାନରେ ଦର୍ଶନ ଲାଗି ଏହି ଟ୍ରେନ ଯିବ। ଏହା ଏକ ୧୬ ଦିନିଆ ଟୁର୍ ପ୍ୟାକେଜ ବୋଲି ଆଇଆରସିଟିସି ପକ୍ଷରୁ କୁହାଯାଇଛି। ଶ୍ରୀରାମାୟଣ ଯାତ୍ରା-ଶ୍ରୀଲଙ୍କା ନାମରେ ଏହି ଟୁର୍ ପ୍ୟାକେଜର ପ୍ରଥମ ସର୍କିଟରେ ତୀର୍ଥଯାତ୍ରୀଙ୍କୁ ଭାରତ ଓ ଶ୍ରୀଲଙ୍କାରେ ଦୁଇଟି ସୁବିଧା ମିଳିବ। ଦିଲ୍ଲୀରୁ ଏହି ଟ୍ରେନ ଯାତ୍ରାରମ୍ଭ କରି ଅଯୋଧାରେ ପହଞ୍ଚିବ। ଏହାପରେ ଏହା ହନୁମାନ ଗଡ଼ି, ରାମକୋଟ ଏବଂ କନକ ଭବନ ମନ୍ଦିରରେ ଦର୍ଶନ ସମ୍ଭବ ହେବ। ସେଠାରୁ ରାମାୟଣ ସର୍କିଟରେ ଥିବା ନନ୍ଦିଗ୍ରାମ, ସୀତାମାଢ଼ି,ଜନକପୁରୀ, ବାରାଣସୀ, ପ୍ରୟାଗ, ଶ୍ରୀଙ୍ଗଭେରପୁର, ଚିତ୍ରାକୋଟ, ନାସିକ, ହାମ୍ପି ହୋଇ ରାମେଶ୍ୱରମରେ ଟ୍ରେନ ପହଞ୍ଚିବ ।

### ବିଚାର ବିଭାଗୀୟ ହାଜତ ଗଲେ ଚୋକ୍‌ସୀଙ୍କ ସହଯୋଗୀ

ମୁମ୍ବାଇ,୧୨-୧୧: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମହାଦୁର୍ନୀତି ମାମଲାର ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀଙ୍କ ଘନିଷ୍ଠ ସହଯୋଗୀ ଦୀପକ କୁଲକର୍ଣ୍ଣିଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୋମବାର ତାଙ୍କର ପୋଲିସ ହାଜତ ମିଆଦ ଶେଷ ହେବା ପରେ ପ୍ରିଭେନ୍ସନ ଅଫ ମନି ଲଣ୍ଡରିଂ ଆକ୍ଟ(ପିଏମ୍‌ଏଲ୍‌ଏ)ଅଦାଲତ ବିଚାରପତି ଏମ୍.ଏସ୍.ଆଜମୀ କୁଲକର୍ଣ୍ଣିଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଗତ ସପ୍ତାହରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କୋଲକାତା ବିମାନ ବନ୍ଦରରୁ କୁଲକର୍ଣ୍ଣିଙ୍କୁ ଗିରଫ କରିଥିଲା। ସେ ଚୋକ୍‌ସୀଙ୍କ ହଂକଂ ସ୍ଥିତ ଏକ ଜାଲ୍ କମ୍ପାନୀର ପରିଚାଳନା ଦାୟିତ୍ୱରେ ଥିଲେ।

### ୱାଲ୍‌ମାର୍ଟ-ଫ୍ଲିପ୍‌କାର୍ଟ ଡିଲ୍ ଡିସେମ୍ବର ୧୪ରେ ମାମଲାର ଶୁଣାଣି

ମୁମ୍ବାଇ,୧୨-୧୧: ଆମେରିକାର ରିଟେଲ ଚେନ୍ ୱାଲ୍‌ମାର୍ଟ ଭାରତର ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟକୁ କିଣିବାକୁ ନେଇ ଆଗତ ମାମଲାର ଶୁଣାଣି ଡିସେମ୍ବର ୧୪କୁ ଘୁଞ୍ଚାଇ ଦିଆଯାଇଛି। ଏହି କିଣାକୁ ଭାରତୀୟ ପ୍ରତିଯୋଗିତା ଆୟୋଗ ଅନୁମୋଦନ କରିବା ପରେ ଏହାକୁ ବିରୋଧକରି ବ୍ୟବସାୟୀ ସଂଗଠନ କନଫେଡେରେଶନ ଅଫ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ପକ୍ଷରୁ ରାଷ୍ଟ୍ରୀୟ କମ୍ପାନୀ ଲ' ଅପିଲୀୟ ନ୍ୟାୟାଧୀକରଣ(ଏନ୍‌ସିଏଲ୍‌ଏଟି)ରେ ମାମଲା ଦାଏର କରିଥିଲେ। ବିଚାରପତି ଏହାର ଶୁଣାଣିକୁ ଡିସେମ୍ବର ୧୪ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି। ଏବେ ଦୁଇଜଣିଆ ଖଣ୍ଡପୀଠରେ ପରବର୍ତ୍ତୀ ଶୁଣାଣି କରାଯିବ। ଏଥିପୂର୍ବରୁ ଅକ୍ଟୋବର ୫ରେ ହୋଇଥିବା ଶୁଣାଣି ବେଳେ ଆଜିର ଦିନକୁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ଏହି ଡିଲ୍ ନେଇ କେନ୍ଦ୍ର ସରକାରଙ୍କୁ ଅନ୍‌ଲାଇନ ନୀତି ସମ୍ପର୍କରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

■ ସ୍କିଲ୍ ଇଣ୍ଡିଆ ଯୋଜନା

# ୭୦% ଯୁବବର୍ଗ ଜାଣିନାହାନ୍ତି

ନୂଆଦିଲ୍ଲୀ,୧୨-୧୧

Skill India कौशल भारत - कुशल भारत

■ ୧୫-୩୦ବର୍ଷର ଯୁବତୀଯୁବକ ସର୍ଭେରେ ଭାଗ ନେଇଥିଲେ
■ ଦକ୍ଷତା ବିକାଶ ଲାଗି ୭୬% ଆଗ୍ରହୀ
■ ୫୦% ମହିଳା ସମୟ ଅଭାବରୁ କାର୍ଯ୍ୟକ୍ରମରେ ପଞ୍ଜୀକରଣ କରୁନାହାନ୍ତି

କେନ୍ଦ୍ର ସରକାର ୨୦୨୨ ସୁଦ୍ଧା ଦେଶର ଯୁବବର୍ଗଙ୍କୁ ସ୍କିଲ୍ ଇଣ୍ଡିଆ ମାଧ୍ୟମରେ କାରିଗର ଭାବେ ଗଢ଼ି ତୋଳିବାକୁ ଚାହୁଁଛନ୍ତି। ତେବେ ଏ ସମ୍ପର୍କରେ ଦେଶର ୭୦% ଯୁବବର୍ଗଙ୍କୁ ଜଣାନାହିଁ। ୱାର୍ଲ୍ଡ ଇକୋନୋମିକ ଫୋରମ ଏବଂ ଅବ୍‌ଜରଭର ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ମିଳିତ ଭାବେ ଏକ ରିପୋର୍ଟ ପ୍ରକାଶ କରାଯାଇ ଏ ସମ୍ପର୍କରେ କୁହାଯାଇଛି।

ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, 'ୟଙ୍ଗ ଇଣ୍ଡିଆ ଆଣ୍ଡ ୱାର୍କ' ଶୀର୍ଷକରେ ଏକ ଅଧ୍ୟୟନ କରାଯାଇଥିଲା। ୧୫ରୁ ୩୦ ବର୍ଷ ମଧ୍ୟରେ ପ୍ରାୟ ୬୦୦୦ ଯୁବତୀଯୁବକଙ୍କ ପାଠପଢ଼ା, ରୋଜଗାର ଏବଂ ସେମାନଙ୍କ ସ୍ୱପ୍ନ ସମ୍ପର୍କରେ ସର୍ଭେ କରାଯାଇଥିଲା। ସରକାରଙ୍କ ଯୋଜନା, ଯୁବବର୍ଗ ଏବଂ ଉଦ୍ୟୋଗ ଜଗତ ମଧ୍ୟରେ ତାଳମେଳ ନ ଥିବା ଅଧ୍ୟୟନରୁ ଜଣାପଡିଥିଲା। ଏଥିରୁ ସ୍ପଷ୍ଟ ହୋଇଥିଲା ଯେ, ସରକାରଙ୍କ ଦ୍ୱାରା ପରିଚାଳିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଯୁବଗୋଷ୍ଠୀ ଜାଣିନାହାନ୍ତି। ଦେଶର ପ୍ରାୟ ଏକ ତୃତୀୟାଂଶ ଯୁବଗୋଷ୍ଠୀ ସେମାନଙ୍କର ଦକ୍ଷତା ବିକାଶ ଲାଗି ଉକ୍ତ ଯୋଜନାରେ ନିଜକୁ ପଞ୍ଜୀକୃତ କରିନାହାନ୍ତି। ତେବେ ରିପୋର୍ଟରୁ ଜଣାପଡିଛି ଯେ, ଦକ୍ଷତା ବିକାଶ ଲାଗି ପ୍ରାୟ ୭୬% ଯୁବବର୍ଗ ଆଗ୍ରହୀ। ସମୟ ପ୍ରତିବଦ୍ଧତା, ଆର୍ଥିକ ସହାୟତା, ସାର୍ଟିଫିକେଟ ପ୍ରଦାନ ଏବଂ ଅନ୍‌ଲାଇନ ତଥା ଶ୍ରେଣୀରେ ପାଠପଢ଼ା ଯୋଗୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ଆକୃଷ୍ଟ କରୁଛି ବୋଲି ଅଧ୍ୟୟନରୁ ଜଣାପଡିଛି। ଏଥିପ୍ରତି ମହିଳାମାନଙ୍କ ମଧ୍ୟରେ ଅଧିକ ଆଗ୍ରହ ଥିବା ପରିଲକ୍ଷିତ ହୋଇଛି। ଏପରିକି ପ୍ରାୟ ୧୯% ଇତିମଧ୍ୟରେ ନିଜକୁ ପଞ୍ଜୀକୃତ କରିସାରିଲେଣି। ସେହି ତୁଳନାରେ ପୁରୁଷଙ୍କ ସଂଖ୍ୟା ମାତ୍ର ୨୬%। ତେବେ ସର୍ଭେରେ ଯୋଗ ଦେଇଥିବା ତିନି ଚତୁର୍ଥାଂଶ ମହିଳା ସରକାରଙ୍କ ଦ୍ୱାରା ପରିଚାଳିତ ଉକ୍ତ ଯୋଜନା ସମ୍ପର୍କରେ ଜାଣି ନ ଥିବା ପ୍ରକାଶ କରିଛନ୍ତି। ସେହିପରି ୫୦% ମହିଳା ସମୟ ଅଭାବରୁ ନିଜକୁ ଦକ୍ଷତା ବିକାଶ ଯୋଜନାରେ ସାମିଲ କରିପାରୁନାହାନ୍ତି ବୋଲି କହିଛନ୍ତି। ସର୍ଭେରେ ଯୋଗ ଦେଇଥିବା ଯୁବଗୋଷ୍ଠୀଙ୍କ ମଧ୍ୟରୁ ୫୧% କହିଛନ୍ତି ଯେ, ଉପଯୁକ୍ତ ଚାକିରି ଖୋଜିବାରେ ସହାୟତା କରିବା ଲାଗି ଦେଶରେ ପେସାଦାର ମାର୍ଗଦର୍ଶକର ଅଭାବ ରହିଛି। ସେହିପରି ୩୪% ପାଠ ପଢି ନ ଥିବା କିମ୍ବା ଚାକିରି କରୁ ନ ଥିବା ଦର୍ଶାଇଛନ୍ତି। ଡିଜିଟାଲ କ୍ଷେତ୍ରରେ ପ୍ରଶିକ୍ଷଣ, ଚାକିରି ଏବଂ ସେମାନଙ୍କୁ ମିଳୁଥିବା ଦାୟିତ୍ୱ, ଦକ୍ଷତାର ଆବଶ୍ୟକତା ଆଦି କ୍ଷେତ୍ରରେ ୮୬% ମନେ କରୁଛନ୍ତି ଯେ, ସମୟ ସହ ତାଳ ଦେଇ ଦେଶରେ ଦକ୍ଷତା ପ୍ରଶିକ୍ଷଣ ଦିଆଯାଉ ନାହିଁ। ସେହିପରି ୩୯% ନିଯୁକ୍ତି ପାଇଁ ପ୍ରସ୍ତୁତ ଥିବା କହିଥିବା ବେଳେ ୧୬% ଯୁବତୀଯୁବକ ଆଦୌ ପ୍ରସ୍ତୁତ ନ ଥିବା କହିଛନ୍ତି। ଦକ୍ଷତା ବିକାଶ ପ୍ରଶିକ୍ଷଣରେ ଉଚ୍ଚ ଶିକ୍ଷାର ଗୁରୁତ୍ୱ ରହିଥିଲେ ହେଁ ଅଧିକାଂଶ ନୂଆ ପ୍ରକାର ଦକ୍ଷତା ଶିଖିବାକୁ ଚାହୁଁଛନ୍ତି। ଏହାଛଡା ସର୍ଭେରେ ଭାଗ ନେଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ୯୬%ଙ୍କ ମତ ଯେ, ଦକ୍ଷତା ଥିବା ସ୍ନାତକଧାରୀ ହିଁ ନିଯୁକ୍ତି ପାଇବାକୁ ଯୋଗ୍ୟ। ଅନ୍ୟପକ୍ଷରେ ୮୪%ଙ୍କ ମତରେ ସ୍ନାତକୋତ୍ତର ଡିଗ୍ରୀଧାରୀଙ୍କୁ ନିଯୁକ୍ତି ମିଳିବ। ଉଲ୍ଲେଖଥାଉ କି, ଭାରତରେ ୬୨% ଯୁବବର୍ଗ ରହିଛନ୍ତି। ପ୍ରତି ବର୍ଷ ପ୍ରାୟ ୨୫ କୋଟି ନୂଆ ଯୁବପିଢ଼ି ସୃଷ୍ଟି ହେଉଛନ୍ତି। ଏହାକୁ ଦେଖି କେନ୍ଦ୍ର ସରକାର ସ୍କିଲ ଇଣ୍ଡିଆ ଯୋଜନା ଆରମ୍ଭ କରିଛନ୍ତି, ଯାହାଦ୍ୱାରା ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ମିଳିବା ସହଜ ହେବ।

### ଡ୍ୟୁକ୍ ପକ୍ଷରୁ ନୂଆ ସ୍ପୋର୍ଟ୍ସ ସୁ କଲେକ୍ସନ

ଭୁବନେଶ୍ୱର,୧୨-୧୧

ଡ୍ୟୁକ୍ ପକ୍ଷରୁ ନୂଆ ସ୍ପୋର୍ଟ୍ସ କଲେକ୍ସନ ୨୦୧୮-୧୯ ବଜାରକୁ ଆସିଛି। ରନିଂ, ସାଇକ୍ଲିଂ ଏବଂ ଜିମ୍‌ର ବିଭିନ୍ନ ଆବଶ୍ୟକତାକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଥିବା



କମ୍ପାନୀ ପକ୍ଷରୁ ସୂଚନା ରହିଛି। ଅଷ୍ଟ୍ରିଆର ଫ୍ୟାଶନ କଲ୍‌ଚର ଆଧାରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର ସବୁ କଲେକ୍ସନ ଅତ୍ୟନ୍ତ ଷ୍ଟାଇଲିସ ହୋଇଥିବା ବେଳେ ସଦ୍ୟତମ ଫ୍ୟାଶନକୁ ନଜରରେ ରଖାଯାଇଛି। ଏହା ପାଦକୁ ଆରାମ, ସ୍ପୋର୍ଟି ଷ୍ଟାଇଲ, ରଫ ସରଫେସ ଏବଂ ଟଫ୍ ମୋମେଣ୍ଟରୁ ରକ୍ଷା କରିବାକୁ ସକ୍ଷମ ହେବ। ବାହାରର ଫିଜିକାଲ୍ ଆକ୍ଟିଭିଟି ଲାଗି ଏହା ସୁବିଧା ଦେବ। ଏହା ସ୍ପୋର୍ଟି ଲୁକ ପ୍ରଦାନ କରିବ। ଏହି କଲେକ୍ସନରେ ଫ୍ୟାଶନ, ଗୁଣବତ୍ତା, ଅନ୍ତର୍ଜାତୀୟ ଡିଜାଇନ ଏବଂ ଷ୍ଟାଇଲକୁ ଧ୍ୟାନରେ ରଖାଯାଇଛି ବୋଲି ଡ୍ୟୁକ୍ ଫ୍ୟାଶନ ଲିମିଟେଡର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ ସୂଚନା ଦେଇଛନ୍ତି।

# ଭାରତରେ ତେଲ ସାଇତିବ ଆବୁଧାବୀ କମ୍ପାନୀ

ନୂଆଦିଲ୍ଲୀ,୧୨-୧୧

■ ଆଇଏସ୍‌ପିଆର୍‌ଏଲ-ଏସଏନ୍‌ଓସି ମଧ୍ୟରେ ବୁଝାମଣା
■ ଦେଶର ପେଟ୍ରୋଲିୟମ ରିଜର୍ଭକୁ ଶକ୍ତିଶାଳୀ କରିବ: ଧର୍ମେନ୍ଦ୍ର



କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସୋମବାର ୟୁଏଇର ଆବୁଧାବୀଠାରେ ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭସ ଲିମିଟେଡ (ଆଇଏସ୍‌ପିଆରଏଲ୍) ଓ ଆବୁଧାବୀ ନ୍ୟାଶନାଲ ଅଏଲ କମ୍ପାନୀ (ଏଡିଏନ୍‌ଓସି) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ର ଅନୁସାରେ କର୍ଣ୍ଣାଟକର ପାଡ୍ଡୁରସ୍ଥିତ ଆଇଏସ୍‌ପିଆର୍‌ଏଲ୍‌ର ଅଣ୍ଡରଗ୍ରାଉଣ୍ଡ ତୈଳ ଷ୍ଟୋରେଜ ଫ୍ୟାସିଲିଟିରେ ଏଡିଏନ୍‌ଓସିର ଅଶୋଧିତ ତୈଳ ଷ୍ଟୋର କରିବ। ଏଥିଲାଗି ଭାରତ ଭଡ଼ା ବାବଦରେଅୟ ଅର୍ଥ ପାଇବ। ଏହି ଅବସରରେ ୟୁଏଇର ମନ୍ତ୍ରୀ ସୁଲତାନ ଅହମଦ ଅଲଜବାର ମଧ୍ୟ ଉପସ୍ଥିତ ଥିଲେ । ଏହି ଅନୁସାରେ ଏଡିଏନଓସି ପାଡ୍ଡୁରଠାରେ ଅଶୋଧିତ / ତୈଳ ଷ୍ଟୋର କରିବାକୁ ଯାଉଛି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଏହି ବୁଝାମଣାପତ୍ର ସ୍ୱାକ୍ଷର ହେବା ଦ୍ୱାରା ଆଇଏସପିଆରଏଲ, ଏଡିଏନଓସି ସହ ମିଶି ପାଡ୍ଡୁରଠାରେ ଏଡିଏନଓସିର ଅଶୋଧିତ ତୈଳ ଷ୍ଟୋରେଜ ପାଇଁ ସମ୍ଭାବନା ବିଷୟରେ ଯାଞ୍ଚ କରିବେ। ଏହାଦ୍ୱାରା ଦେଶରେ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭକୁ ଶକ୍ତିଶାଳୀ କରିବା ଦିଗରେ ସହାୟତା ମିଳିପାରିବ। ଏହି ବୁଝାମଣା ପତ୍ର ଉଭୟ ଦେଶ ମଧ୍ୟରେ ହେଉଥିବା ସହଯୋଗ ବୃଦ୍ଧିକୁ ପ୍ରତିଫଳିତ କରୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏଡିଏନଓସି ପକ୍ଷରୁ କମ୍ପାନୀର ବିପଣନ ଓ ସେଲ୍ସ ନିର୍ଦ୍ଦେଶକ ଅବଦୁଲ୍ଲା ସଲେମ ଅଲ ଧାହେରୀ ଓ ଆଇଏସପିଆରଏଲ ପକ୍ଷରୁ ଏହାର ସିଇଓ ଓ ଏମଡି ଏଚପିଏସ ଆହୁଜା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଜରୁରୀ ପରିସ୍ଥିତି ଲାଗି ଭାରତ ୫.୩୩ ମିଲିୟନ ଟନ ଅଶୋଧିତ ତୈଳ ରଖିବାକୁ ମାଟି ତଳେ ତୈଳ ଭଣ୍ଡାର ନିର୍ମାଣ କରିଛି।

### ୫ ବଦଳରେ ୩ ବର୍ଷକୁ ହ୍ରାସ ପାଇବ ଗ୍ରାଚୁଇଟି

ନୂଆଦିଲ୍ଲୀ,୧୨-୧୧

କେନ୍ଦ୍ର ସରକାର ଲୋକ ସଭା ନିର୍ବାଚନ ପୂର୍ବରୁ କୋଟି କୋଟି ଘରୋଇ କର୍ମଚାରୀଙ୍କୁ ଉପହାର ଦେବାକୁ ଯାଉଛନ୍ତି। ମିଳିଥିବା ସୂଚନାରୁ ଜଣାପଡିଛି ଯେ, ସରକାର ଗ୍ରାଚୁଇଟି ମିଳିବାର ସମୟସୀମାକୁ କମାଇ ୩ ବର୍ଷ କରିବାକୁ ଯାଉଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏବେ ଯେକୌଣସି ଘରୋଇ କମ୍ପାନୀରେ ୫ ବର୍ଷ କ୍ରମାଗତ କାମ କରିବା ପରେ ଜଣେ କର୍ମଚାରୀଙ୍କୁ ଗ୍ରାଚୁଇଟି ସୁବିଧା ମିଳିଥାଏ।

ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ୧୯୭୨ରେ ଗ୍ରାଚୁଇଟି ପ୍ରଦାନ ଅଧିନିୟମ ଅର୍ଥାତ ପେମେଣ୍ଟ ଅଫ୍ ଗ୍ରାଚୁଇଟି ଆଇନ ଆଣିଥିଲେ। ଏହାପୂର୍ବରୁ କମ୍ପାନୀ/ନିଯୁକ୍ତିଦାତା ଅର୍ଥାତ ବାଣିଜ୍ୟ ସଂସ୍ଥା କର୍ମଚାରୀଙ୍କୁ ଅବସର ସମୟରେ ଆଇନ ଓ ନିୟମ ଏବଂ ସ୍ୱତନ୍ତ୍ର ପ୍ରକ୍ରିୟା ଅଧୀନରେ ରହି ଗ୍ରାଚୁଇଟି ପ୍ରଦାନ କରୁ ନ ଥିଲେ। ଉକ୍ତ ଅଧିନିୟମ ଅନ୍ତର୍ଗତରେ କମ୍ପାନୀମାନେ ସେମାନଙ୍କ କର୍ମଚାରୀଙ୍କୁ ଅବସର ସମୟରେ ଗ୍ରାଚୁଇଟି ପ୍ରଦାନ କରିବାକୁ ବାଧ୍ୟତାମୂଳକ କରାଯାଇଛି। ସୂଚନାଥାଉ କି, ଯଦି ଜଣେ କର୍ମଚାରୀ କୌଣସି କମ୍ପାନୀରେ କ୍ରମାଗତ ୪ ବର୍ଷ, ୧୦ ମାସ, ୧୧ ଦିନ ପର୍ଯ୍ୟନ୍ତ କାମ କରିଥାଏ, ତେବେ ତାଙ୍କର ସେବାକୁ ୫ ବର୍ଷର କ୍ରମାଗତ ସେବା ମନେ କରି ଗ୍ରାଚୁଇଟି ପ୍ରଦାନ କରାଯାଇଥାଏ। ସାଧାରଣତଃ ୫ ବର୍ଷ କାମ କଲା ପରେ ହିଁ ଜଣେ କର୍ମଚାରୀ ଗ୍ରାଚୁଇଟି ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି।

### ହିରୋ ମୋଟୋକର୍ପ ଆଣିଲା ନୂଆ ଏକ୍ସ ପଲ୍ସ ୨୦୦-ଟି

ଭୁବନେଶ୍ୱର,୧୨-୧୧



ପ୍ରମୁଖ କମ୍ପାନୀ ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ପ୍ରିମିୟମ ସେଗମେଣ୍ଟରେ ନୂଆ ଏକ୍ସ ପଲ୍ସ ୨୦୦-ଟି ବଜାରକୁ ଆସିଛି। ପ୍ରିମିୟମ ସେଗମେଣ୍ଟରେ କମ୍ପାନୀ ଏହାର ଉପସ୍ଥିତିକୁ ଦୃଢୀକରଣ କରିବାକୁ ଏଭଳି ଏକ ବାଇକ ବଜାରକୁ ଆଣିଛି। ଇଟାଲୀର ମିଲାନଠାରେ ଏହି ମଡେଲଟିକୁ ପ୍ରଦର୍ଶନ କରାଯାଇଛି। ଉକ୍ତ ମଡେଲରେ ଅତ୍ୟାଧୁନିକ ଜ୍ଞାନ କୌଶଳ ରହିଛି। ଏବିଏସ୍ , ଏଲ୍‌ଇଡି ହେଡ୍, ଟେଲ ଲ୍ୟାମ୍ପ, ଡିଜିଟାଲ ସ୍ପିଡୋ ମିଟର, ବ୍ଲୁଟୁଥ୍ କନେକ୍ଟିଭିଟି, ଟର୍ନ-ବାଇ-ଟର୍ନ ନାଭିଗେସନ ଭଳି ସୁବିଧା ଗ୍ରାହକମାନେ ଲାଭ କରିବାକୁ ସକ୍ଷମ ହେବେ। ୨୦୧୯ ପ୍ରାରମ୍ଭରେ ଏହା ବଜାରରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ବିଶ୍ୱ ସ୍ତରୀୟ ପ୍ରଡକ୍ଟ ଦ୍ୱାରା ବଜାରରେ ଉପସ୍ଥିତି ଦୃଢ଼ୀକରଣ ଦିଗରେ କାର୍ଯ୍ୟ କରୁଛୁ ବୋଲି କମ୍ପାନୀର ଏମ୍‌ଡି ପଓ୍ୱନ ମୁଞ୍ଜାଲ ସୂଚନା ଦେଇଛନ୍ତି।

### ସୋନିର ଟ୍ରାଭେଲ ହାଇଜୁମ୍ କ୍ୟାମେରା

ଭୁବନେଶ୍ୱର,୧୨-୧୧



ସୋନି ଇଣ୍ଡିଆ ପକ୍ଷରୁ ସାଇବର ସଟ୍ ଲାଇନ୍‌ଅପରେ ନୂଆ ଟ୍ରାଭେଲ ହାଇଜୁମ କ୍ୟାମେରା ଡିଏସ୍‌ସି ଡବ୍ଲ୍ୟୁଏକ୍ସ୮୦୦ର ବଜାର ପ୍ରବେଶ ହୋଇଛି। ଏହାର ସହଜ ଏବଂ ଛୋଟ ଆକାର ବିଶିଷ୍ଟ କରି ଡିଜାଇନ୍ କରାଯାଇଛି। ଏଥିରେ ବହୁବିଧ ଜୁମ୍ ରେଞ୍ଜ ବ୍ୟବସ୍ଥା କରାଯାଇଛି। ଷ୍ଟନିଂ ୪କେ ମୁଭି ଫୁଟେଜ୍, ଶକ୍ତିଶାଳୀ ଇମେଜ ପ୍ରୋସେସିଂ ଇଞ୍ଜିନ, ଫ୍ରଣ୍ଟ ଏଣ୍ଡ ଏଲ୍‌ଏସ୍‌ଆଇ ଭଳି ବୈଶିଷ୍ଟ୍ୟ ଏଥିରେ ରହିଛି। ଏହା ଦେଶରେ ଥିବା ସମସ୍ତ ସୋନି ସେଣ୍ଟର, ଆଲଫା ଫ୍ଲାଗଶିପ ଷ୍ଟୋର ଏବଂ ମଲ୍ଟି ବ୍ରାଣ୍ଡ ଷ୍ଟୋରଗୁଡିକରେ ଉପଲବ୍ଧ। ଏହି କ୍ୟାମେରାର ବଜାର ଦର ୩୪, ୯୯୦ ଟଙ୍କା ରହିଛି।

# ଅଲ୍ ନିୟୁ ଟାଟା ହାରିଅର ବଜାରରେ

ଭୁବନେଶ୍ୱର,୧୨-୧୧



ଟାଟା ମୋଟର୍ସ ପକ୍ଷରୁ ଏହାର ବହୁ ପ୍ରତିକ୍ଷୀତ ପରବର୍ତ୍ତୀ ପୀଢି ଏସୟୁଭି ଟାଟା ହାରିଅର ପୁଣେଠାରେ ବଜାର ପ୍ରବେଶ ହୋଇଛି। ୨୦୧୯ଠାରୁ ଏହା ବଜାରରେ ଉପଲବ୍ଧ ହେବ। ଏସ୍ ୫ ଏକ୍ସ ଜ୍ଞାନକୌଶଳ ନିର୍ମିତ ଏହି ନୂଆ ମଡେଲ ଜାଗୁଆର ଲ୍ୟାଣ୍ଡ ରୋଭର ଶୈଳୀରେ ନିର୍ମିତ ହୋଇଛି। ୯୦% ଅଟୋମେଶନ ୧୦୦ରୁଅଧିକ କୁକା ଏବଂ ଏବିଟି ରୋବଟ ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଇଛି। ଗ୍ରାହକସୁବିଧାକୁ ଧ୍ୟାନରେ ରଖି ବିଭିନ୍ନ ପ୍ରଡକ୍ଟ ଏବଂ ସେବାକୁ ପ୍ରଦାନ କରିଥାଉ ବୋଲି କମ୍ପାନୀ ପାସେଞ୍ଜର ଭେଇକିଲ ବିଜନେସ ୟୁନିଟ ସଭାପତି ମୟଙ୍କ ପାରେକ ସୂଚନା ଦେଇଛନ୍ତି।

■ ଗ୍ରାମ୍ୟ ବିଦ୍ୟୁତୀକରଣ ଯୋଜନା

# ଭାରତକୁ ଆଇଇଏର ପ୍ରଶଂସା

ନୂଆଦିଲ୍ଲୀ,୧୨-୧୧

ଭାରତ ଭଳି ଏକ ବିଶାଳ ଦେଶର ପ୍ରତ୍ୟେକ ଗ୍ରାମରେ ବିଜୁଳି ପହଞ୍ଚାଇବା ବିଶ୍ୱର ସବୁଠୁ ସଫଳ ଯୋଜନା ବୋଲି ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି(ଆଇଇଏ) କହିଛି। ଏଥିସହ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ସ୍ୱଚ୍ଛ ଇନ୍ଧନ ଯୋଗାଣ ପ୍ରତି ଭାରତ ସରକାର ଗୁରୁତ୍ୱ ଦେଇଥିବାରୁ ଆଇଇଏ ପ୍ରଶଂସା କରିଛି। ବିଶ୍ୱରେ ଶକ୍ତି ସଂରକ୍ଷଣ ପ୍ରତି ନଜର ରଖିଥିବା ଆଇଇଏ କହିଛି ଯେ, ଏଭଳି ପଦକ୍ଷେପ ଦ୍ୱାରା ଉତ୍ପାଦନକୁ ପ୍ରୋତ୍ସାହନ ମିଳିବା ସହ ଆର୍ଥିକ କ୍ଷେତ୍ରରେ ସୁଧାର ଆଣିଥାଏ। ଏହା ନବୋନ୍ମେଷକୁ ପ୍ରୋତ୍ସାହିତ କରିଥାଏ। ଯାହାକି ସୂକ୍ଷ୍ମ ବ୍ୟବସାୟ, ସ୍କୁଲ, ବ୍ୟାଙ୍କ ଓ ଚିକିତ୍ସା ସେବାର ବିକାଶରେ ସହାୟକ ହୋଇଥାଏ। ଏଥିରେ ଆହୁରି କୁହାଯାଇଛି ଯେ, ସରକାରଙ୍କ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଅକ୍ଟୋବର ୧୧ ସୁଦ୍ଧା ଦେଶର ୯୫% ପରିବାରକୁ ବିଜୁଳି ସଂଯୋଗ ମିଳିଯାଇଛି, ଯାହାକି ଗତ



ବର୍ଷ ୮୬ ପ୍ରତିଶତ ଥିଲା। ଏହି ସମୟରେ ବିଶେଷକରି ଉତ୍ତର ପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଓ ଝାଡ଼ଖଣ୍ଡରେ ୩ କୋଟି ଘର ମଧ୍ୟରୁ ୧.୯ କୋଟି ଘରେ ବିଜୁଳି ପହଞ୍ଚା ଯାଇଛି। ୱାର୍ଲ୍ଡ ଏନର୍ଜି ଆଉଟଲୁକ୍ ୨୦୧୮ର ସଦ୍ୟତମ ଆକଳନ ରିପୋର୍ଟ ପ୍ରସ୍ତୁତ କରି ଆଇଇଏ କହିଛି ଯେ, ପ୍ରଥମଥର ବିଜୁଳି ନ ପାଇଥିବା ଲୋକଙ୍କ ସଂଖ୍ୟା ପ୍ରାୟ ୧୦୦ କୋଟି କମିଗଲାଣି। ଭାରତର ସମସ୍ତ ଗ୍ରାମରେ ବିଜୁଳି ପହଞ୍ଚାଇବା ଲାଗି ସରକାର ଉଦ୍ୟମ କରୁଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି।

DADLS-175

ଶହୀଦ ବୀର୍ସା ମୁଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା


ତା. ୧୫.୧୧.୨୦୧୮ — ସ୍ଥାନ : ଗୀତଗୋବିନ୍ଦ ସଦନ

ପ୍ରବନ୍ଧ ପ୍ରତିଯୋଗିତା : — ସମୟ – ମଧ୍ୟାହ୍ନ ୧୨ ଘଟିକା
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

ବକ୍ତୃତା ପ୍ରତିଯୋଗିତା — ସମୟ – ଅପରାହ୍ନ ୨ ଘଟିକା
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତରଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା. ୧୫.୧୧.୨୦୧୮ରିଖ ସନ୍ଧ୍ୟା ୫ ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ
15001/13/0387/1819



ଭାରତ ବିପକ୍ଷ ଟି୨୦ ସିରିଜ ଆମେ ୦-୩ରେ ପରାଜିତ ହୋଇଥିଲେ ମଧ ଘରୋଇ ଦଳକୁ ଆମେ ଟକ୍କର ଦେଇଛୁ ।
–କାର୍ଲୋସ ବ୍ରାଥୱେଟ୍, ୱେଷ୍ଟଇଣ୍ଡିଜ ଅଧିନାୟକ



ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖରାପ ପ୍ରଦର୍ଶନ ଯୋଗୁ ଆମେ ଚାପରେ ରହିଛୁ। ଭାରତ ବିପକ୍ଷ ସିରିଜ ପୂର୍ବରୁ ଆମକୁ ସୁଧୁରିଯିବାକୁ ପଡ଼ିବ ।
–ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ ଦିନିକିଆ ଅଧିନାୟକ

## ସଂକ୍ଷେପରେ

### ମୁସ୍ଫିକରଙ୍କ ରେକର୍ଡ ଇନିଂସ

**ଢାକା, ୧୨।୧୧ (ଏଏଫ୍‌ପି):** ଟେଷ୍ଟ କ୍ରିକେଟ ଇତିହାସରେ ବାଂଲାଦେଶର ମୁସ୍ଫିକର ରହିମ ପ୍ରଥମ ଉଇକେଟକିପର ବ୍ୟାଟ୍ସମ୍ୟାନ ହିସାବରେ ଦୁଇଟି ଦ୍ୱିଶତକ ହାସଲ କରି ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଢାକାଠାରେ ଚାଲିଥିବା ଜିମ୍ବାୱେ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ସେ ଏହି ସଫଳତା ହାସଲ କରିଛନ୍ତି। ମୁସ୍ଫିକର ୨୧୯ ରନ କରି ଅପରାଜିତ ରହିଥିବାବେଳେ ବାଂଲାଦେଶ ସୋମବାର ଦ୍ୱିତୀୟ ଦିବସରେ ୫୨୨/୭ ସ୍କୋରରେ ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଜବାବରେ ଜିମ୍ବାୱେ ଷ୍ଟମ୍ପ ଅପସାରଣ ବେଳକୁ ୧ଉଇକେଟ ବିନିମୟରେ ୨୫ ରନ କରିପାରିଛି। ବ୍ରାଏନ ଚାରି ୧୦ ଏବଂ ଡୋନାଲ୍‌ଡୋ ଟିରିପାନୋ ବିନା କୌଣସି ରନରେ ଅପରାଜିତ ରହିଛନ୍ତି। ତାଇଜୁଲ ଇସ୍‌ଲାମ ବାଂଲାଦେଶ ତରଫରୁ ପ୍ରଥମ ବ୍ରେକ୍‌ ଥ୍ରୁ ଆଣିଥିଲେ। ସେ ଜିମ୍ବାୱେ ଅଧିନାୟକ ହାମିଲଟନ ମାସ୍‌କାଡ୍‌ଜାଙ୍କୁ ମେହିଦି ହାସନଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଛନ୍ତି। ଜିମ୍ବାୱେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି।

### ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ବିହାର ୧୬୫ରେ ଅଲ୍‌ଆଉଟ

**କଟକ ଅଫିସ,୧୨।୧୧:** ବିଡ଼ାନାସୀ ଗ୍ରାଉଣ୍ଡରେ ସୋମବାରଠାରୁ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା-ବିହାର ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବିହାର ୧୬୫ ରନ୍‌ରେ ଅଲ୍‌ଆଉଟ ହେବା ପରେ ଓଡ଼ିଶା ବ୍ୟାଟିଂ ଆରମ୍ଭ କରି ଗୋଟିଏ ଉଇକେଟ ହରାଇ ୮୨ ରନ୍ କରିଛି। ପ୍ରଥମ ଇନିଂସ୍ ଅଗ୍ରଣୀ କରିବାର ସୁଯୋଗ ଓଡ଼ିଶା ହାତରେ ରହିଛି। ଓଡ଼ିଶା ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ୧୨ ରନ୍‌ରେ ପ୍ରଥମ ଉଇକେଟ ହରାଇଥିବା ବିହାର ନିୟମିତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ମାତ୍ର ୧୬୫ ରନ୍‌ରେ ସୀମିତ ରହିଥିଲା। ଓଡ଼ିଶା ପକ୍ଷରୁ ଆଶୁତୋଷ ଛୁରିଆ ୩ଟି, ଶ୍ରେଷ୍ଠ ସିଂ ୨ଟି ଉଇକେଟ ଅକ୍ତିଆର କରିଥିଲେ । ବିହାର ପକ୍ଷରୁ କନିଷ୍କ କୌସ୍ତୁଭ ସଂଘର୍ଷପୂର୍ଣ୍ଣ ୬୪ ରନ୍‌ର ଇନିଂସ୍ ଖେଳିଥିଲେ। ଜବାବରେ ପ୍ରଥମ ଉଇକେଟ ଯୋଡ଼ିରେ ଓଡ଼ିଶା ୮୨ ରନ୍ ସଂଗ୍ରହ କରିଥିଲା। ଓପ୍‌ନର ସଙ୍କେତ ବେହେରା ଦୁର୍ଭାଗ୍ୟଜନକ ଭାବେ ୨୮ ରନ୍ କରିଥିବା ବେଳେ ରନ୍‌ଆଉଟ ହୋଇଥିଲେ। ବିଶ୍ୱଜିତ୍ ପାତ୍ର ୩୨ ରନ୍‌ରେ ଓ ବିଶ୍ୱବିଭବ ମୁଦୁଲି କୌଣସି ରନ୍ ନ କରି ଅପରାଜିତ ଅଛନ୍ତି ।

### ରାଜ୍ୟ ସ୍ନୁକର: କ୍ୱାର୍ଟର ଲାଇନ୍‌ଅପ ଚୂଡ଼ାନ୍ତ

**କଟକ ଅଫିସ, ୧୨।୧୧:** ଦି ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ କଟକ କ୍ଲବଠାରେ ଚାଲିଥିବା ରାଜ୍ୟ ସିନିୟର ସ୍ନୁକର ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ ଚୂଡ଼ାନ୍ତ ହୋଇଛି। ଜାକିର ଅଲି ଖାଁ ଓ ସୁବ୍ରତ ଦାସ, ଅବିନାଶ ମହାପାତ୍ର ଓ ସିଦ୍ଧାର୍ଥ ସେନ୍‌ଙ୍କ ମଧ୍ୟରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟର ମୁକାବିଲା ମଙ୍ଗଳବାର ଖେଳାଯିବ। ବୁଧବାର ୩ୟ କ୍ୱାର୍ଟର ଫାଇନାଲ ଜିତେନ ଷଡ଼ଙ୍ଗୀ ଓ ଆକାଶ ମହାପାତ୍ର, ୪ର୍ଥ କ୍ୱାର୍ଟର ଫାଇନାଲ ଡ. ରାକେଶ ରୋଶନ ପ୍ରଧାନ ଓ ରୁମିତ ଗୁପ୍ତାଙ୍କ ମଧ୍ୟରେ ହେବ। ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ସନ୍ଦିପନୀ ମିଶ୍ର ୩-୦ ଫ୍ରେମରେ ଅଭିଷେକ ମହାନନ୍ଦଙ୍କୁ, ସିଦ୍ଧାର୍ଥ ସେନ ୩-୨ ଫ୍ରେମରେ ଅଶ୍ୱିନୀ ପଟ୍ଟନାୟକଙ୍କୁ, ଅବିନାଶ ମହାପାତ୍ର ୩-୦ ଫ୍ରେମରେ ସନ୍ଦିପନୀ ମିଶ୍ରଙ୍କୁ, ରାକେଶ ରୋଶନ ପ୍ରଧାନ ୩-୨ ଫ୍ରେମରେ ଅନୁଜ ପଣ୍ଡାଙ୍କୁ, ସୁବ୍ରତ ଦାସ ୩-୨ ଫ୍ରେମରେ କୁନାଲ ଅଗ୍ରୱାଲଙ୍କୁ ହରାଇଛନ୍ତି ।

# ଶୁଭ୍ରାଂଶୁ, ସୁଜିତ୍ ଲଢ଼ିଲେ

**ଭୁବନେଶ୍ୱର, ୧୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ସୋମବାରଠାରୁ ଉତ୍ତରପ୍ରଦେଶ (ୟୁପି) ବିପକ୍ଷରେ ଆରମ୍ଭ ହୋଇଥିବା ରଣଜୀ ଟ୍ରଫି ମ୍ୟାଚ୍‌ରେ ଘରୋଇ ଓଡ଼ିଶା ପ୍ରଥମ ଇନିଂସରେ ୨୫୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ୟୁପି ଧିମା ବ୍ୟାଟିଂ କରି ୧୮ ଓଭରରେ ଗୋଟିଏ ଉଇକେଟ୍ ହରାଇ ୪୨ ରନ ସଂଗ୍ରହ କରିଛି। ହାତରେ ଆହୁରି ୯ଟି ଉଇକେଟ୍ ବଳକା ରହିଥିବାବେଳେ ଇନିଂସ ଅଗ୍ରଣୀ ପାଇଁ ୨୧୫ ରନ ଆବଶ୍ୟକ କରୁଛି। ମାଧବ କୌଶିକ ୧୬ ଓ ମହମ୍ମଦ ସୈଫ୍ ୨୪ ରନ କରି ବ୍ୟାଟିଂ ଜାରି ରଖିଛନ୍ତି। ଭେଟେରାନ ବସନ୍ତ ମହାନ୍ତିଙ୍କୁ ଏକମାତ୍ର ସଫଳତା ମିଳିଛି।





ବିପ୍ଲବ ସାମନ୍ତରାୟଙ୍କୁ ଆଉଟ୍ କରିବା ପରେ ସୁରେଶ ରାଇନା ଓ ସାଥୀ ଖେଳାଳି ଖୁସି ମନାଉଛନ୍ତି। ଶୁଭ୍ରାଂଶୁ ସେନାପତି।

## ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ପ୍ରାରମ୍ଭରୁ ୧୦ ରନରେ ଦୁଇ ଓପନର ଅନୁରାଗ ଷଡ଼ଙ୍ଗୀ ଓ ସନ୍ଦୀପ ପଟ୍ଟନାୟକଙ୍କ ଉଇକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପୂର୍ବ ମ୍ୟାଚ୍‌ରେ ଶତକ ହାସଲ କରିଥିବା ଅନୁରାଗ ମାତ୍ର ୬ ରନ କରି ଆଉଟ୍ ହୋଇଥିବାବେଳେ ସନ୍ଦୀପ ଖାତା ଖୋଲି ନ ପାରି ପୁଣିଥରେ ଫେଲ୍ ମାରିଛନ୍ତି। ଭ୍ରମଣକାରୀ ୟୁପିର ଡାହାଣହାତୀ ଯୁବ ଦ୍ରୁତ ବୋଲର ଅଙ୍କିତ ରାଜପୁତ ଏହି ୨ଟି ଉଇକେଟ୍ ଅକ୍ତିଆର କରି ଓଡ଼ିଶାକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ତେବେ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଓ ଯୁବ ତାରକା ଶୁଭ୍ରାଂଶୁ ୩ୟ ଉଇକେଟ୍‌ରେ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ଏହିଯୋଡ଼ି ସତର୍କତାର ସହ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୫୦ ରନ ଅତିକ୍ରମ କରାଇଥିବାବେଳେ ଗୋବିନ୍ଦ ଆଉଟ୍ ହୋଇଥିଲେ। ଅପେକ୍ଷାକୃତ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ଗୋବିନ୍ଦ ୪୨ ବଲରୁ ୯ ଚୌକା ସହ ୩୯ ରନ କରିଥିବାବେଳେ ବାମହାତୀ ଦ୍ରୁତ ବୋଲର ୟଶ୍ ଦୟାଲଙ୍କ ଶିକାର ହୋଇଥିଲେ। ଏହାପରେ ପାଞ୍ଚ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଅଧିନାୟକ ବିପ୍ଲବ ସାମନ୍ତରାୟ କ୍ରିଜ୍ ଉପରେ ଜମି ଆସିଲାବେଳକୁ ପ୍ରତିପକ୍ଷ ଅଧିନାୟକ ଆକାଶଦୀପ୍ ନାଥଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ବିପ୍ଲବ ୩୮ ବଲରୁ ଗୋଟିଏ ଚୌକା ସହାୟତାରେ ୧୨ ରନ କରିଥିଲେ। ଚତୁର୍ଥ ଉଇକେଟ୍ ଯୋଡ଼ିରେ ସେ ଶୁଭ୍ରାଂଶୁଙ୍କ ସହ ୪୮ ରନ ଯୋଗ କରି ଦଳୀୟ ସ୍କୋରକୁ ୧୦୦ ରନ୍ ଅତିକ୍ରମ କରାଇବାରେ ସହାୟକ ହୋଇଥିଲେ। ତେବେ ଶାନ୍ତନୁ ମିଶ୍ର ଓଡ଼ିଶାକୁ ଅଧିକ ନିରାଶ କରିଥିଲେ। ପୂର୍ବ ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ୭୧ ରନ କରିଥିବା ଶାନ୍ତନୁ ୧୦ଟି ବଲ ଖେଳିଥିଲେ ମଧ ଖାତା ଖୋଲିପାରି ନ ଥିଲେ। ସେ ଆକାଶଦୀପଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଗୋଟିଏ ପଟେ ଶୁଭ୍ରାଂଶୁ ଧୈର୍ଯ୍ୟର ସହ ବ୍ୟାଟିଂ ଜାରି ରଖିଥିବାବେଳେ ଅନ୍ୟପଟେ ଆକାଶଦୀପ୍ ୨ଟି ମୂଲ୍ୟବାନ ଉଇକେଟ୍ ନେଇ ଓଡ଼ିଶାକୁ ନିରାଶ କରିଥିଲେ। ବିପ୍ଲବ ଓ ଶାନ୍ତନୁଙ୍କ ଉଇକେଟ୍ ପତନ ସହ ୧୦୭ ରନରେ ଓଡ଼ିଶାର ଅଧା ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରିଯାଇଥିଲେ। ଏପରିକି ଏକ ସମୟରେ ଓଡ଼ିଶା ୨୦୦ ରନ ଅତିକ୍ରମ କରିବା ନେଇ ସନ୍ଦେହ ପ୍ରକାଶ ପାଇଥିଲା। ତେବେ ଶୁଭ୍ରାଂଶୁଙ୍କ ସହ ଉଇକେଟ୍‌କିପର ସୁଜିତ୍ ଲେଙ୍କା ୟୁପି ବୋଲରଙ୍କୁ ଉଚିତ୍ ମୁକାବିଲା କରି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଆରମ୍ଭରୁ ଆତ୍ମବିଶ୍ୱାସ ଭରା ବ୍ୟାଟିଂ କରୁଥିବା ଶୁଭ୍ରାଂଶୁ ୮୭ ରନ (୧୩୬ ବଲ, ୧୪ ଚୌକା) କରିଥିବାବେଳେ ଅଙ୍କିତଙ୍କ ବଲରେ ଏକ ହାଲ୍‌କା ଶର୍ଟ ଖେଳି ସୁରେଶ ରାଇନାଙ୍କ ହାତକୁ କ୍ୟାଚ୍ ଦେଇଥିଲେ। ଆଉଟ୍ ହେବା ପୂର୍ବରୁ ଶୁଭ୍ରାଂଶୁ ୬ଷ୍ଠ ଉଇକେଟ୍‌ରେ ସୁଜିତ୍‌ଙ୍କ ସହ ୬୭ ରନ ସଂଗ୍ରହ କରିଥିଲେ। ଏହି ଅର୍ଦ୍ଧଶତକୀୟ ଇନିଂସ ସହ ଶୁଭ୍ରାଂଶୁ ପ୍ରଥମଶ୍ରେଣୀ କ୍ରିକେଟରେ ଏକ ହଜାର ରନ ପୂରଣ କରିଛନ୍ତି। ଏହାପରେ ସୁଜିତ୍‌ଙ୍କ ସହ ନିମ୍ନକ୍ରମରେ ଦେବବ୍ରତ ପ୍ରଧାନ (୨୪ ରନ), ରାଜେଶ ମହାନ୍ତି (୨୩ ରନ, ୧୫ ବଲ)ଙ୍କ ଉପଯୋଗୀ ବ୍ୟାଟିଂ ଯୋଗୁ ଓଡ଼ିଶା ଅଢ଼େଇଶହ ରନ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ୬୮.୧ ଓଭରରେ ଦଳ ୨୫୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ସୁଜିତ୍ ୪ଟି ଚୌକା ସହାୟତାରେ ୯୮ ବଲରୁ ୪୬ ରନର ଲଢ଼ୁଆ ଇନିଂସ ଖେଳି ଆଉଟ୍ ହୋଇଥିଲେ। ସଫଳ ବୋଲରଭାବେ ୟୁପି ତରଫରୁ ଅଙ୍କିତ ଓ ୟଶ୍ ଦୟାଲ ୩ଟି ଲେଖାଏ ଏବଂ ଆକାଶଦୀପ୍ ଓ ବାମହାତୀ ସ୍ପିନର ସୌରଭ କୁମାର ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ।

**ରଣଜୀ ଟ୍ରଫି ୨ୟ ରାଉଣ୍ଡ**

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ- ୨୫୬/୧୦, ୬୮.୧ ଓଭର (ଶୁଭ୍ରାଂଶୁ ୮୭, ସୁଜିତ୍ ୪୬, ବିପ୍ଲବ ୧୨, ଗୋବିନ୍ଦ ୩୯, ବସନ୍ତ ୪*, ପପୁ ୦, ଅଙ୍କିତ ୩/୬୧, ଦୟାଲ ୩/୬୨)।

ଉତ୍ତରପ୍ରଦେଶ ପ୍ରଥମ ଇନିଂସ- ୪୨/୧, ୧୮ ଓଭର (ମାଧବ ୧୬*, ମହମ୍ମଦ ସୈଫ୍ ୨୪*, ଉପେନ୍ଦ୍ର ଯାଦବ ୧, ବସନ୍ତ ୧/୧୫)।

### ରାଇନାଙ୍କ ଆକର୍ଷଣୀୟ କ୍ୟାଚ୍

ଉତ୍ତରପ୍ରଦେଶ ଦଳର ତାରକା ଖେଳାଳି ସୁରେଶ ରାଇନା ଏହି ମ୍ୟାଚ୍‌ରେ ସମସ୍ତଙ୍କ ନଜରରେ ରହିଥିଲେ। ନିଜର ଫିଲ୍ଡିଂ ଲାଗି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରାଇନା ଏକ ଦର୍ଶନୀୟ କ୍ୟାଚ୍ ନେଇ ଦର୍ଶକଙ୍କ ମନୋରଞ୍ଜନ କରିଛନ୍ତି। ଓଡ଼ିଶା ଇନିଂସର ୬୮ତମ ଓଭରରେ ବାମହାତୀ ସ୍ପିନର ସୌରଭ କୁମାର ବୋଲିଂ କରୁଥିବାବେଳେ ସାମ୍ନାରେ ଉଇକେଟ୍‌କିପର ସୁଜିତ୍ ଲେଙ୍କା ୪୬ ରନ କରି ବ୍ୟାଟିଂ କରୁଥିଲେ। ଏହି ଓଭରର ୨ୟ ବଲକୁ ସୁଜିତ୍ କଭର୍ ଅଞ୍ଚଳରେ ଖେଳିବାକୁ ଯାଇଥିବାବେଳେ ବଲ୍ ଏଜ୍ ଲାଗି ପ୍ରଥମ ସ୍ଲିପ୍‌କୁ ଚାଲିଯାଇଥିଲା। ତେବେ ପ୍ରଥମ ସ୍ଲିପରେ ଠିଆ ହୋଇଥିବା ରାଇନା କୌଣସି ତ୍ରୁଟି ନ କରି ନିଜ ବାମପାର୍ଶ୍ୱକୁ ଡ୍ରାଇଭମାରି ଗୋଟିଏ ହାତରେ ଏକ ଅବିଶ୍ୱସନୀୟ କ୍ୟାଚ୍ ନେଇଥିଲେ। ମ୍ୟାଚ୍‌କୁ ଉପଭୋଗ କରୁଥିବା ଦର୍ଶକଙ୍କୁ ରାଇନାଙ୍କ ଏହି କ୍ୟାଚ୍ ମନମୁଗ୍ଧ କରିଥିଲା।

### ସୂର୍ଯ୍ୟକାନ୍ତ ଆଉଟ୍, ବସନ୍ତଙ୍କ ପ୍ରତ୍ୟାବର୍ତ୍ତନ

ଏହି ମ୍ୟାଚ୍ ଲାଗି ଘରୋଇ ଓଡ଼ିଶା ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଛି। ଅଭିଜ୍ଞ ଦ୍ରୁତ ବୋଲର ବସନ୍ତ ମହାନ୍ତି ଦଳକୁ ଫେରିଥିବାବେଳେ ଅଲ୍‌ରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଯାଇଛି। ପିତାଙ୍କ ଅସୁସ୍ଥତା ଲାଗି ବସନ୍ତ ହରିୟାଣା ବିପକ୍ଷ ମ୍ୟାଚ୍ ଖେଳିପାରି ନ ଥିଲେ। ସେହିପରି ଉତ୍ତରପ୍ରଦେଶ ଦଳକୁ ବରିଷ୍ଠ ବ୍ୟାଟ୍ସମ୍ୟାନ ସୁରେଶ ରାଇନା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗୋଆ ବିପକ୍ଷ ମ୍ୟାଚ୍‌ରେ ରାଇନା ଖେଳୁ ନ ଥିଲେ।

# ଜାତୀୟ ବେଞ୍ଚ୍ ପ୍ରେସ୍ ପାଇଁ ଓଡ଼ିଶା ଦଳ



କର୍ମକର୍ତ୍ତାଙ୍କ ଗହଣରେ ଜାତୀୟ ବେଞ୍ଚ୍ ପ୍ରେସ୍ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୨।୧୧(କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୧୪ରୁ ୧୮ ପର୍ଯ୍ୟନ୍ତ ପୁଣେଠାରେ ଜାତୀୟ ବେଞ୍ଚ୍ ପ୍ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାର ବିଭିନ୍ନ ବିଭାଗରେ ଓଡ଼ିଶାର ୧୮ ଜଣିଆ ଦଳ ଅଂଶଗ୍ରହଣ କରିବ। ସୋମବାର ପୁଣେ ଯାତ୍ରା କରିଥିବା ଓଡ଼ିଶାର ପ୍ରତିଯୋଗୀମାନେ ହେଲେ ସୁନୀଲ କୁମାର ନାୟକ, ଦିବାକର ଗୋଛାୟତ, ସୁଦାମ ସିଂ, ବିଶ୍ୱଜିତ୍ ଜେନା, ମହମ୍ମଦ ଅବିଦ୍, ବିଚିତ୍ର ନାୟକ, ଦୋରା କଣ୍ଡୋଗିରି, ମହମ୍ମଦ ଜାଭେଦ ଅର୍ଶାଦ, ରାକେଶ କୁମାର ଶତପଥୀ, ରାକେଶ ଭୁକ୍ତା, ଆଶିଷ ମଲିଆ, ସୁଜିତ କୁମାର ଗିରି, ବିଭୂତି ଭୂଷଣ ଭଞ୍ଜ, ପ୍ରଫୁଲ୍ଲ ଅମଲତ୍ୟା, ନାରାୟଣ ସେଠୀ, ରାଜେନ୍ଦ୍ର ପରିଡ଼ା, ଭାସ୍କର ବେହେରା ଓ ଚନ୍ଦ୍ରବଦନୀ ମହନ୍ତ। ଓଡ଼ିଆ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘର ସଭାପତି ଏମ୍‌ପି କଲିକେଶ ନାରାୟଣ ସିଂଦେଓ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଏବଂ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୧୨।୧୧(କ୍ରୀଡ଼ା ପ୍ରତିନିଧି):** ଓକିନୱା କରାଟେ ସ୍କୁଲ ଆନୁକୂଲ୍ୟରେ ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ୍ ଷ୍ଟିୱାର୍ଟ ସ୍କୁଲ ପରିସରରେ ସମ୍ପନ୍ନ ହୋଇଛି। ଜାପାନ କରାଟେ ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍କୁଲ ଓ କଲେଜରୁ ୬୦୦ ପ୍ରତିଯୋଗୀ ଏବଂ ୧୫୦ ଅଫିସିଆଲ ଯୋଗଦେଇଥିଲେ। ବିଭିନ୍ନ ବୟସ ଓ ଓଜନ ବର୍ଗରେ ୧୨୦ଟି କାଟେଗୋରିରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଦର୍ଶନ ଭିତ୍ତିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୧୨୦ଟି ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥିଲା।

### ପଦ୍ମଚରଣ ସ୍ମାରକୀ ଫୁଟବଲ୍

# ଝାଡ଼ଖଣ୍ଡ ଦଳ ବିଜୟୀ

**ନିମାପଡ଼ା, ୧୨।୧୧ (ଡି.ଏନ୍.ଏ.)**

ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଚାଲିଥିବା ରାଜ୍ୟସ୍ତରୀୟ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ସୋମବାର ମ୍ୟାଚ୍‌ରେ ଝାଡ଼ଖଣ୍ଡର ଧାନବାଦ ଫୁଟ୍‌ବଲ ଏକାଡେମୀ ବିଜୟ ଲାଭ କରିଛି। ଦଳ ପେନାଲ୍‌ଟି ଶୁଟଆଉଟରେ ୪-୨ଗୋଲରେ କଟକର ଓଡ଼ିଶା ପୋଲିସକୁ ହରାଇ ଦେଇଛି। ଏଥିସହିତ ଝାଡ଼ଖଣ୍ଡ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ନିଲୁତ ପଲ୍ କୋରହା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ସୁଦୀପ ଦାସ, କୀର୍ତ୍ତି ସ୍ୱାଇଁ, ଅମିତ ନାୟକ, ନିର୍ମଳ ମିଶ୍ର ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ସୋମବାର ମ୍ୟାଚରେ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ତହସିଲଦାର କମଲଜିତ୍ ଦାସ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି, କ୍ରୀଡ଼ାବିତ୍ ଅମରେଶ ନନ୍ଦନ ସାହୁ, ଆଥଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ତୃତୀୟ ଦିବସ ମ୍ୟାଚ କୋରାପୁଟର ସୁନାବେଡ଼ା ଦଳ ଏବଂ ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ମଧ୍ୟରେ ଖେଳାଯିବ।

# ପାକିସ୍ତାନର ବିଶ୍ୱକପ୍ ଖେଳିବା ନେଇ ଅନିଶ୍ଚିତତା ହଟିଲା

**କରାଚୀ, ୧୨।୧୧ (ପି.ଟି.)**

ଆର୍ଥିକ ସଂକଟ ଯୋଗୁ ହକି ବିଶ୍ୱକପ୍‌ରେ ପାକିସ୍ତାନର ଅଂଶଗ୍ରହଣ ନେଇ ଦେଖାଦେଇଥିବା ଅନିଶ୍ଚିତତା ଶେଷରେ ଦୂର ହୋଇଛି। ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍) ସମ୍ପାଦକ ଶାହବାଜ ଅହମ୍ମଦ ଏହି ସୂଚନା ଦେଇଛନ୍ତି। ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ଫ୍ରାଞ୍ଚାଇଜ୍ ପେଶାୱାର ଜାଲ୍‌ମିର ମାଲିକ ଜାଭେଦ ଆଫ୍ରିଦୀ ପିଏଚ୍‌ଏଫ୍ ସହିତ ଏକ ଚୁକ୍ତି କରିଛନ୍ତି। ଏହି ଫ୍ରାଞ୍ଚାଇଜ୍ ୨୦୨୦ ପର୍ଯ୍ୟନ୍ତ ପାକିସ୍ତାନ ହକିର ପ୍ରାୟୋଜକ ରହିବ। ଘରୋଇ ହକି ବ୍ୟତୀତ ସିନିୟର ଓ ଜୁନିୟର ଜାତୀୟ ଦଳର ସମସ୍ତ ଅନ୍ତର୍ଜାତୀୟ ଟୁର୍ ସ୍ପନସରଶିପ୍ ଚୁକ୍ତିର ପରିସରଭୁକ୍ତ ହୋଇଛି। ଏହାଦ୍ୱାରା ଆମକୁ ବଡ଼ ଆଶ୍ୱସ୍ତି ମିଳିଛି ବୋଲି ଶାହବାଜ ପ୍ରକାଶ କରିଛନ୍ତି। ବିଶ୍ୱକପ୍ ଖେଳିବା ଲାଗି ପାକିସ୍ତାନ ଦଳ ଭାରତ ଗସ୍ତରେ ଯିବା ଏଥର ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି। ତେବେ ଶାହବାଜ ସ୍ପନସରଶିପ୍‌ର ପରିମାଣ କେତେ ତାହା ଉଲ୍ଲେଖ କରି ନାହାନ୍ତି। ଭୁବନେଶ୍ୱରରେ ହକି ବିଶ୍ୱକପ୍ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ହେବ। ସୂଚନାଯୋଗ୍ୟ, ସରକାର ୮୦ ନିୟୁତ ଟଙ୍କା ମଞ୍ଜୁର ନ କଲେ ପାକିସ୍ତାନର ବିଶ୍ୱକପ୍‌ରେ ଅଂଶଗ୍ରହଣ ସମ୍ଭବ ନୁହେଁ ବୋଲି ପିଏଚ୍‌ଏଫ୍ ପୂର୍ବରୁ ଚେତାବନୀ ଦେଇଥିଲା। ହକିକୁ ଯଦିଓ ପାକିସ୍ତାନର ଜାତୀୟ ଖେଳ ଭାବେ ବିବେଚନା କରାଯାଉଛି ରବିବାର ସୁଦ୍ଧା ଇମ୍ରାନ ଖାଁଙ୍କ ନେତୃତ୍ୱାଧୀନ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରାଯାଇ ନାହିଁ। ପିଏଚ୍‌ଏଫ୍ ସମ୍ପାଦକ କହିଛନ୍ତି ବର୍ତ୍ତମାନ ଆମେ ଆମ ଖେଳାଳି ଓ ଅଫିସିଆଲଙ୍କ ଲାଗି ଭିଜା ପାଇଁ ଅପେକ୍ଷା କରିରହିଛୁ। ପିଏଚ୍‌ଏଫ୍ ଦେଶର କ୍ରିକେଟ ବୋର୍ଡଠାରୁ ଋଣ ନେବାକୁ ଚାହିଁଥିଲା। କିନ୍ତୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିଲା। ଶାହବାଜ କହିଛନ୍ତି ସ୍ପନସରଶିପ୍ ଚୁକ୍ତି ସ୍ୱାକ୍ଷର ଦ୍ୱାରା ଆମେ ଖେଳାଳିମାନଙ୍କ ଉପରେ ପଡ଼ି ରହିଥିବା ବକେୟା ପାଉଣା ପରିଶୋଧ କରିପାରିବୁ। ନିକଟରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍ ଏବଂ କ୍ୟାମ୍ପଗୁଡ଼ିକରେ ଅଂଶଗ୍ରହଣ ନେଇ ଖେଳାଳିମାନେ ଏପର୍ଯ୍ୟନ୍ତ ସେମାନଙ୍କ ଦୈନିକ ଭତ୍ତା ପାଇ ନାହାନ୍ତି। ୨୦୧୪ ଡିସେମ୍ବରରେ ପାକିସ୍ତାନ ଶେଷ ଥର ପାଇଁ ଭୁବନେଶ୍ୱରରେ ଚାମ୍ପିୟନ୍ସ ଟ୍ରଫି ଖେଳିଥିଲା। ଦଳ ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇପାରିଥିଲା।




ଅତିଥିଙ୍କ ଗହଣରେ କୃତୀ କରାଟେ ପ୍ରତିଯୋଗୀ।

“ ନ୍ୟୁଜିଲାଣ୍ଡ ଜଳବାୟୁ ଯଦିଓ ଅଷ୍ଟ୍ରେଲିଆ ପରି ନ ଥିଲେ ମଧ୍ୟ ଭାରତ ଏ’ ଦଳରେ ସ୍ଥାନ ପାଇଥିବା ଟେଷ୍ଟ ଖେଳାଳିଙ୍କ ଅଭ୍ୟାସ ପାଇଁ ଏହା ଉପଯୋଗୀ ହେବ ।

–ରାହୁଲ ଦ୍ରାବିଡ,
ଭାରତ ଏ’ କ୍ରିକେଟ ଦଳର କୋଚ୍



“ ଅଷ୍ଟ୍ରେଲିଆ ଟୁର୍ ପୂର୍ବରୁ ଶିଖର ଧାଓ୍ୱନ ଫର୍ମକୁ ପ୍ରତ୍ୟାବର୍ତ୍ତନ କରିବା ଆମ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ।

–ରୋହିତ ଶର୍ମା,
ଭାରତର କାମଚଳା ଅଧିନାୟକ



# ହକି ବିଶ୍ୱକପ୍ ଟ୍ରଫି ଉନ୍ମୋଚିତ

ଭୁବନେଶ୍ୱର, ୧୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍ ଆୟୋଜନ ହେବାକୁ ଆଉ ପାଖାପାଖି ଦୁଇ ସପ୍ତାହ ବାକିଥିବା ବେଳେ ଏହି ମେଗା ଇଭେଣ୍ଟର ଟ୍ରଫି ଉନ୍ମୋଚିତ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ସୋମବାର ସନ୍ଧ୍ୟାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱକପ୍ ଟ୍ରଫି ଉନ୍ମୋଚନ କରିଥିଲେ। ଏହି ଅବସରରେ ହକି ତଥା ଅନ୍ୟ କ୍ରୀଡ଼ାଗୁଡିକର ବିକାଶ ପାଇଁ ସରକାର ବଦ୍ଧପରିକର ବୋଲି ତାଙ୍କ ପୁରଣା ଆଭିମୁଖ୍ୟକୁ ଦୋହରାଇଥିଲେ। ଆଗାମୀ ଦିନରେ ଓଡ଼ିଶା ଜଣେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଆଥଲେଟ ସୃଷ୍ଟି କରିବ ବୋଲି ସେ ଆଶାପ୍ରକାଶ କରିଥିଲେ। ରାଜ୍ୟରେ କ୍ରୀଡ଼ାର ବିକାଶ ନେଇ ଚାଲିଥିବା ଯୁଗାନ୍ତକାରୀ ପ୍ରୟାସରେ ସେ ବେଶ୍ ଖୁସି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ। କ୍ରୀଡ଼ାର ବିକାଶ ପାଇଁ ଏହି ପ୍ରୟାସ ଆଗକୁ ଆହୁରି ଜୋରଦାର ହେବ ବୋଲି ସେ କହିଛନ୍ତି। ଏବେ ଓଡ଼ିଶା କେବଳ ଦେଶ ନୁହଁ ସାରା ବିଶ୍ୱକ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାକୁ ଯାଉଛି ବୋଲି ସେ କହିଛନ୍ତି। ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଶିଳ୍ପପତିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କ୍ରୀଡ଼ାର ବିକାଶ ପାଇଁ ବିଭିନ୍ନ ଶିଳ୍ପ ସଂସ୍ଥା ଓ ଶିଳ୍ପପତିଙ୍କ ସହ ହୋଇଥିବା ବୁଝାମଣା ପତ୍ର (ଏମ୍ଓୟୁ) ଦୀର୍ଘସ୍ଥାୟୀ ହେବ। ଏହା ଦ୍ୱାରା ରାଜ୍ୟରେ ବିଭିନ୍ନ କ୍ରୀଡ଼ାରେ ବିଶ୍ୱସ୍ତରୀୟ ଆଥଲେଟ ସୃଷ୍ଟି ହେବେ। ଏହା କେବଳ ପାଣ୍ଠି ଅନୁଦାନ କରିବାର ଏକ ବୁଝାମଣାଠାରୁ ଯଥେଷ୍ଟ ଅଧିକ। ଏହା ରାଜ୍ୟ ଓ ଦେଶରେ କ୍ରୀଡ଼ାକୁ ଏକ ନୂଆ ସୋପାନରେ ପହଞ୍ଚାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ମଧ୍ୟ ଅନୁରୂପ ଭାବେ ନିଜର ବକ୍ତବ୍ୟ ରଖିଥିଲେ। ରାଜ୍ୟ କ୍ରୀଡ଼ାରେ ଏକ ବୈପ୍ଳବିକ ପରିବର୍ତ୍ତନ ହେବାକୁ ଯାଉଛି ଓ ଏହାର ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ପାଖକୁ ଯାଉଛି ବୋଲି ସେ କହିଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଲ ଦେବ ରାଜ୍ୟରେ କ୍ରୀଡ଼ାର ବିକାଶ ଏବେ ନୂଆ ସୋପାନରେ ପହଞ୍ଚିଛି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଏହି ପ୍ରକ୍ରିୟା ଆଗକୁ ଜାରି ରହିବ ବୋଲି ସେ କହିଛନ୍ତି।

ବିଶ୍ୱକପ୍ ଟ୍ରଫି ଉନ୍ମୋଚନ ପରେ ଷ୍ଟାଡିୟମରେ ଆତସବାଜି କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଷ୍ଟାଡିୟମର ୱେଷ୍ଟ ଷ୍ଟାଣ୍ଡ ପୂରା ଭର୍ତ୍ତି ହୋଇଯାଇଥିବା ବେଳେ ଅନ୍ୟ ଷ୍ଟାଣ୍ଡଗୁଡିକରେ ମଧ୍ୟ ଦର୍ଶକ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ବିଶେଷ କରି ସ୍କୁଲ ଛାତ୍ରୀଛାତ୍ର ମାନେ ବହୁ ସଂଖ୍ୟାରେ ଗ୍ୟାଲେରୀରେ ବସିଥିଲେ। କାର୍ଯ୍ୟକ୍ରମ ଶେଷରେ ଜଣାଶୁଣା ଗାୟକ ସୁଖବିନ୍ଦର ସିଂ ଗୀତ ଗାଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ) ତଥା ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍ଆଇଏଚ୍) ଅଧ୍ୟକ୍ଷ ନରିନ୍ଦର ବାତ୍ରା, ଜଣାଶୁଣା ବ୍ୟାଡମିଣ୍ଟନ କୋଚ୍ ତଥା ପୁଲେଲା ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେଶନର ଅଧ୍ୟକ୍ଷ ପୁଲେଲା ଗୋପୀଚାନ୍ଦ, ଡାଲମିଆ ଭାରତ ଗ୍ରୁପ୍ ସିଏମ୍‌ଡି ପୁନିତ ଡାଲମିଆ, ଜେଏସ୍‌ଡବ୍ଲ୍ୟୁ ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ସଜ୍ଜନ ଜିନ୍ଦଲ, ଜଣାଶୁଣା ଶୁଟର ତଥା ଗଗନ ନାରଙ୍ଗ୍ ଶୁଟିଂ ପ୍ରମୋଶନ ଫାଉଣ୍ଡେଶନର ସହ ପ୍ରତିଷ୍ଠାତା ଗଗନ ନାରଙ୍ଗ, ଟେନ୍‌ଭିକ୍ ସ୍ପୋର୍ଟ୍ସ ପ୍ରତିଷ୍ଠାତା ତଥା ପୂର୍ବତନ କ୍ରିକେଟର ଅନିଲ କୁମ୍ବଲେ, ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ସାଧାରଣ ସମ୍ପାଦକ କୁଶାଲ ଦାସ, ଜାଭିୟର–ଏମ୍‌ଲାୟନ ବିଜନେସ୍ ସ୍କୁଲ ଅଧ୍ୟକ୍ଷ ଆଶଲେ ଫର୍ନାଣ୍ଡିଜ୍, ରିଲାଏନ୍ସ ଫାଉଣ୍ଡେଶନ ଡାଇରେକ୍ଟର ଜଲାଜ ଡାନୀ, ଟାଟା ଟ୍ରଷ୍ଟ ଚିଫ୍ ଅପରେଟିଂ ଅଫିସର ହରିଶ୍ କ୍ରିଷ୍ଣାସ୍ୱାମୀ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ମ୍ୟାନେଜିଂ ଡାରେକ୍ଟର ସତୀଶ ପାଇ, କେଜେଏସି ଆହ୍ଲୁୱାଲିଆ ଗ୍ରୁପ୍ ମ୍ୟାନେଜିଂ ଡାଇରେକ୍ଟର ପ୍ରଶାନ୍ତ ଆହ୍ଲୁୱାଲିଆ, ରୁଙ୍ଗଟା ମାଇନ୍ସ ଲିମିଟେଡ ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ନନ୍ଦଲାଲ ରୁଙ୍ଗଟା, ଅଭିନବ ଫ୍ୟୁଚରିଷ୍ଟିକ୍ସ ପ୍ରାଇଭେଟ ଲିମିଟେଡ ନିର୍ଦ୍ଦେଶକ ଦିଗପାଲ ସିଂ ରାଣାୱତ୍, ରଗବୀ ଇଣ୍ଡିଆ ବୋର୍ଡ ସଦସ୍ୟ ରାହୁଲ ବୋଷ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଲ ଦେବ, ଆଥଲେଟିକ ଫେଡେରେଶନ ଅଫ ଇଣ୍ଡିଆ (ଏଏଫ୍ଆଇ) ଅଧ୍ୟକ୍ଷ ଆଦିଲ ସୁମାରିୱାଲା, ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ୍, ଏଫ୍ଆଇଏଚ୍ ସମ୍ପାଦକ ସି.କେ. ଭାଲସନ, ରାଜ୍ୟ କ୍ରୀଡ଼ା ବିଭାଗର ଅନ୍ୟ ଅଧିକାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




କଳିଙ୍ଗ ଷ୍ଟାଡ଼ିୟମ୍‌ରେ ସୋମବାର ହକି ବିଶ୍ୱକପ୍ ଟ୍ରଫି ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ (ମଝି), ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା (ଡାହାଣ) ଓ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା।











କାର୍ଯ୍ୟକ୍ରମ ଅବସରରେ ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ, ଆଥ୍ଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ଆଡିଲ୍ ସୁମାରିୱାଲା, ବ୍ୟାଡ୍‌ମିଣ୍ଟନ କିମ୍ବଦନ୍ତୀ ପୁଲେଲା ଗୋପୀଚାନ୍ଦ, ତାରକା ଶୁଟର ଗଗନ ନାରଙ୍ଗ, ପୂର୍ବତନ ଭାରତୀୟ କ୍ରିକେଟର ଅନିଲ କୁମ୍ବଲେ ଏବଂ ରଗ୍‌ବୀ ଖେଳାଳି ତଥା ବଲିଉଡ୍ ଅଭିନେତା ରାହୁଲ ବୋଷ୍।



ନିମନ୍ତ୍ରିତ ଅତିଥିମାନେ।

ଫଟୋ
ମୌସମ



ଷ୍ଟାଡ଼ିୟମ୍‌ରେ ଉପସ୍ଥିତ ଦର୍ଶକ।

# କ୍ରୀଡ଼ାର ବିକାଶ ପାଇଁ ଐତିହାସିକ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ସୋମବାର ରାଜ୍ୟ କ୍ରୀଡ଼ା ପାଇଁ ଥିଲା ଏକ ଐତିହାସିକ ଦିନ। କେବଳ ସରକାର କିମ୍ବା କ୍ରୀଡ଼ା ବିଭାଗ ନୁହେଁ, ଏବେ ବିଭିନ୍ନ କ୍ରୀଡ଼ାର ପ୍ରଚାର, ପ୍ରସାର ଓ ସର୍ବୋପରି ବିକାଶ ପାଇଁ ରାଜ୍ୟ ସରକାର ଏବଂ ଦେଶର ଆଗଧାଡିର ବିଭିନ୍ନ କର୍ପୋରେଟ ହାଉସ୍ ତଥା ବିଭିନ୍ନ ଶିଳ୍ପ ଉଦ୍ୟୋଗ ଓ ଶିଳ୍ପପତି ଆଗେଇ ଆସିଛନ୍ତି। ଏଥିପାଇଁ ଶିଳ୍ପପତିମାନେ ସରକାରଙ୍କ ସହ ହାତ ମିଳାଇଛନ୍ତି। ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ଓଡ଼ିଶା ସ୍ପୋର୍ଟ୍ସ: କ୍ରିଏଟିଙ୍ଗ୍ ପାର୍ଟନରଶିପ୍ସ ଅଫ୍ ଏକ୍ସିଲେନ୍ସ’ରେ ଦେଶର ବିଭିନ୍ନ ଆଗଧାଡିର ଶିଳ୍ପପତିଙ୍କ ସହ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଥିଲା। ରାଜ୍ୟରେ କ୍ରୀଡ଼ା ସଂସ୍କୃତିର ସ୍ଥାପନ ଓ ଗୋଟିଏ ଗୋଟିଏ କ୍ରୀଡ଼ାର ଉନ୍ନତି ପାଇଁ ବିଭିନ୍ନ ଶିଳ୍ପସଂସ୍ଥା ସହ କେତେଗୁଡିଏ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା।

ଏହି ବୁଝାମଣା ଦ୍ୱାରା ରାଜ୍ୟରେ କ୍ରୀଡ଼ା ପ୍ରତିଭାର ଚିହ୍ନଟ ଓ ବିକାଶ ହୋଇପାରିବ। ଏଥିସହିତ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦିଆଯିବ। ପ୍ରତ୍ୟେକ କ୍ରୀଡ଼ା ପାଇଁ ଆବଶ୍ୟକ ଭିତ୍ତିଭୂମି ସ୍ଥାପନ କରାଯିବ। ଏହା ଦ୍ୱାରା କ୍ରୀଡ଼ା ପ୍ରତିଭାମାନେ ନିଜ ଦକ୍ଷତା ସମ୍ପର୍କରେ ଅବଗତ ହୋଇପାରିବେ। ପ୍ରଶିକ୍ଷଣ ତଥା ଟ୍ରେନିଂ ନେବାକୁ ଏମାନଙ୍କ ପାଖରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ହାତପାଆନ୍ତାରେ ମିଳିପାରିବ। ଏଥିପାଇଁ ରାଜ୍ୟରେ ହାଇ ପରଫର୍ମାନ୍ସ ସେଣ୍ଟର, ଆଡ୍‌ଭାନ୍ସ ମେଡିକାଲ ରିହାବିଲିଟେଶନ ସେଣ୍ଟର ସ୍ଥାପନ କରାଯିବ।

ଫୁଟ୍‌ବଲ, ସନ୍ତରଣ, ବ୍ୟାଡ୍‌ମିଣ୍ଟନ, ୱେଟ୍‌ଲିଫ୍ଟିଙ୍ଗ୍, ଶୁଟିଂ ଓ ହକିର ଉନ୍ନତି ପାଇଁ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା। ଆଥ୍ଲେଟିକ୍ସ ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍, ଫୁଟବଲ ଓ ସନ୍ତରଣ ଲାଗି ଜେଏସ୍‌ଡବ୍ଲ୍ୟୁ, ବ୍ୟାଡ୍‌ମିଣ୍ଟନ ପାଇଁ ଡାଲମିଆ ଭାରତ, ୱେଟ୍‌ଲିଫ୍ଟିଙ୍ଗ୍ ପାଇଁ ଆହଲୁୱାଲିଆ, ଶୁଟିଂ ପାଇଁ ଆଦିତ୍ୟ ବିର୍ଲା ଓ ହକି ପାଇଁ ଟାଟା ଗ୍ରୁପ୍ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଶିଳ୍ପପତିମାନେ ନିଜ ବକ୍ତବ୍ୟ ରଖିବା ପରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଅଧିକାରୀଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ।

ହକି ଓ ଅନ୍ୟାନ୍ୟ କ୍ରୀଡ଼ାର ଉନ୍ନତି ପାଇଁ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ। ରାଜ୍ୟର ୪ଟି ସହର ବ୍ରହ୍ମପୁର, ସମ୍ବଲପୁର, କଟକ ଓ ରାଉରକେଲାରେ ସାଟେଲାଇଟ୍ ଷ୍ଟାଡିୟମ ଓ ବିଭିନ୍ନ ସ୍ଥାନରେ ହାଇ ପରଫର୍ମାନ୍ସ ସେଣ୍ଟର ସ୍ଥାପନ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କହିଛନ୍ତି। ଏହି ଅବସରରେ କ୍ରୀଡ଼ାର ବିକାଶ ପାଇଁ ଏକ ନୂଆ ଯୁଗର ଶୁଭାରମ୍ଭ ହୋଇଛି ଓ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହା ଚାଲୁ ରହିବ ବୋଲି ଏଫ୍ଆଇଏଚ୍ ଅଧ୍ୟକ୍ଷ ନରିନ୍ଦର ବାତ୍ରା କହିଛନ୍ତି। ଏଥିସହିତ ଆଉ ମାତ୍ର ଦୁଇ ସପ୍ତାହ ପରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶୁଭେଚ୍ଛା ଜଣାଇଥିଲେ। ବିଶ୍ୱକପ୍ ସଫଳତାର ସହ ଆୟୋଜନ ହେବ ଓ ଏହା ରାଜ୍ୟ ତଥା ଦେଶ ପାଇଁ ଇତିହାସ ସୃଷ୍ଟି କରିବ ବୋଲି ସମସ୍ତେ କହିଥିଲେ।

### ଏମ୍ଓୟୁ

**ଆଥଲେଟିକ୍ସ:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍
**ଫୁଟବଲ ଓ ସନ୍ତରଣ:** ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍
**ବ୍ୟାଡମିଣ୍ଟନ:** ଡାଲମିଆ ଭାରତ ଗ୍ରୁପ୍
**ୱେଟ୍‌ଲିଫ୍ଟିଙ୍ଗ୍:** ଆହ୍ଲୁୱାଲିଆ ଗ୍ରୁପ୍
**ଶୁଟିଂ:** ଆଦିତ୍ୟ ବିର୍ଲା ଗ୍ରୁପ୍
**ହକି:** ଟାଟା ଗ୍ରୁପ୍



ସୁଖ୍‌ବିନ୍ଦର ସିଂଙ୍କ ସଙ୍ଗୀତ ପରିବେଷଣା।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୩/୨୦୧୮ Bhubaneswar, Tuesday, November 13 / 2018

## ୧୭ରୁ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)-** ଓଡ଼ିଶା ପରିବେଶ ସମିତି ଏବଂ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୭ ତାରିଖରୁ ବିଂଶତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଆରମ୍ଭ ହେବ। ଜଟଣୀସ୍ଥିତ ନାଇଜର ପରିସରରେ ଏହା ଦୁଇଦିନ ଧରି ଚାଲିବ। ଚଳିତ ବର୍ଷ ଏହି କଂଗ୍ରେସର ବିଷୟ ବସ୍ତୁ ରହିଛି 'ସମାଜ ନିମନ୍ତେ ବିଜ୍ଞାନ'। ରାଜ୍ୟ ତଥା ବାହାରୁ ବହୁ ପ୍ରତିଷ୍ଠିତ ବୈଜ୍ଞାନିକ ଏହି କଂଗ୍ରେସରେ ଯୋଗଦେବେ। ଏହି ଅବସରରେ ବିଜ୍ଞାନ କ୍ଷେତ୍ରକୁ ଜୀବନବ୍ୟାପୀ ଅବଦାନ ପାଇଁ ରାଜ୍ୟର ୫ଜଣ ସୁପ୍ରସିଦ୍ଧ ବରିଷ୍ଠ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆବାହକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଆଠଗଡ଼ ସିମେଣ୍ଟ ପ୍ରକଳ୍ପକୁ ନେଇ ଏନ୍‌ଜିଟିରେ ମାମଲା

# ରାଜ୍ୟ ସରକାରଙ୍କୁ ଜବାବ ତଲବ

**କଟକ ଅଫିସ, ୧୨।୧୧**

ଆଠଗଡ ବ୍ଲକର ଖମାର-ନୂଆଗାଁ ଓ କୋଳଥପାଙ୍ଗୀ ଗ୍ରାମରେ ହେବାକୁ ଥିବା ସିମେଣ୍ଟ କାରଖାନାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ମାମଲାର ଶୁଣାଣି କରି ଏନ୍‌ଜିଟିଙ୍କ ପୂର୍ବାଞ୍ଚଳ ଖଣ୍ଡପୀଠ ସୋମବାର ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ସଚିବ, କଟକ ଜିଲାପାଳ, କଟକ ବନଖଣ୍ଡ ଅଧିକାରୀ, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ପ୍ରମୁଖଙ୍କୁ ଜବାବ ତଲବ କରିଛନ୍ତି। ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ଆସନ୍ତା ଡିସେମ୍ବର ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।

ସୂଚନାଥାଉ କି, ୩ ନିୟୁତ ଟନ କ୍ଷମତା ବିଶିଷ୍ଟ ଏହି ସିମେଣ୍ଟ କାରଖାନା ପାଇଁ ୨୦୧୭ ଅକ୍ଟୋବର ୧୨ରେ ଜନଶୁଣାଣିର ଆୟୋଜନ କରାଯାଇଥିଲା। ହେଲେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ତାହା ସମ୍ପନ୍ନ ହୋଇପାରି ନ ଥିଲା। ହେଲେ ଉକ୍ତ ପ୍ରକଳ୍ପକୁ ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ସିଆ)ଙ୍କ ପକ୍ଷରୁ ୨୦୧୮ ଜୁଲାଇ ୧୬ ତାରିଖରେ ପରିବେଶ ମଞ୍ଜୁରୀ ଦିଆଯାଇଥିଲା। ଗ୍ରାମବାସୀଙ୍କ ଅଭିଯୋଗକୁ ବିଚାରକୁ ନିଆ ନ ଯାଇ ଏକତରଫା ଭାବେ ପରିବେଶ ମଞ୍ଜୁରୀ ଦିଆଯାଇଥିବାରୁ ଦୁର୍ଯ୍ୟୋଧନ ରାଉତଙ୍କ ସମେତ ୫ ଜଣ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ୯୦ଏକର ପରିମିତ ଅଞ୍ଚଳରେ ଏହି ପ୍ରକଳ୍ପ ପ୍ରତିଷ୍ଠା ହେବ। ଉକ୍ତ ଜମି ଗୋଚର କିସମର। ଏହାଦ୍ୱାରା ଗ୍ରାମବାସୀ ଚାରଣଭୂଇଁ ପାଇଁ ସମସ୍ୟାରେ ପଡିବେ। ଏହାବାଦ୍ ଉକ୍ତ ଅଞ୍ଚଳ ହାତୀ ଚଲାପଥ ଭାବେ ଜଙ୍ଗଲ ବିଭାଗ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଛି। ସେହିପରି ନିକଟବର୍ତ୍ତୀ ଅଞ୍ଚଳରେ ଛୋଟବଡ ୧୩ କଳକାରଖାନା ରହିଛି। ପ୍ରସ୍ତାବିତ ପ୍ରକଳ୍ପର ୨୦୦ ମିଟର ମଧ୍ୟରେ ସ୍କୁଲ ଏବଂ ଜନବସତି ରହିଛି। ପ୍ରକଳ୍ପ ପ୍ରତିଷ୍ଠା କରାଗଲେ ଭୂତଳ ଜଳ ଉପରେ ଏହାର ପ୍ରଭାବ ପଡିବ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି।

## ୨୬ରୁ ରକ୍ତଭଣ୍ଡାର କର୍ମଚାରୀଙ୍କ ଗଣଧାରଣା

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ):** ଓଡ଼ିଶା ରାଜ୍ୟ ରକ୍ତ ଭଣ୍ଡାର କର୍ମଚାରୀ ସଂଘର କର୍ମଚାରୀମାନେ ଆସନ୍ତା ୨୬ ତାରିଖରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଗଣଧାରଣାରେ ବସିବେ। ସ୍ଥାୟୀ ନିଯୁକ୍ତି ସହିତ ସପ୍ତମ ବେତନ କମିଶନ ହାରରେ ଦରମା ଓ ସରକାରୀ କ୍ୱାର୍ଟର୍ସ ଆଦି ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବେ ସଂଘ ପକ୍ଷରୁ କୁହାଯାଇଛି।


**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ - ଏକାଦଶାହ ଉପଲକ୍ଷେ**



✓ ଡ଼ା. ରବିନ୍ଦ୍ର କୁମାର ଦାସ (ରବି)
ଆବିର୍ଭାବ : ୧୫ / ୦୧ / ୧୯୬୨
ତିରୋଧାନ : ୦୩ / ୧୧ / ୨୦୧୮
ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର

ଆପଣଙ୍କର ଆଦର୍ଶ, ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଅଯାଚିତ ଓ ଅକୁଣ୍ଠିତ ସହଯୋଗ ପ୍ରବୃତ୍ତି ଆମକୁ ସଦାସର୍ବଦା ପ୍ରେରଣା ଦେଉଥାଉ ।

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଅଛୁ ।

**ଶୋକ ସନ୍ତପ୍ତ :**
ସମ୍ପର୍କୀୟ, ବନ୍ଧୁ ଓ ପରିବାରବର୍ଗ


### ସିସି କ୍ୟାମେରାରେ କଳା ବୋଳିଦେଲେ ଦୁର୍ବୃତ୍ତ

# ଲୁଟି ନେଲେ ୧ ଲକ୍ଷ ୮୮ ହଜାର ଟଙ୍କା ସହ ଏଟିଏମ୍ ମେଶିନ

**ଖୋର୍ଦ୍ଧା ଅଫିସ, ୧୨।୧୧**




ଖୋର୍ଦ୍ଧା ଟାଉନ ଥାନା ବାଘମାରୀ ଫାଣ୍ଡି ତୁଳସୀପୁରର ଇଣ୍ଡିକାସ୍ ଏଟିଏମର ସିସିଟିଭିରେ କଳା ବୋଳି ଦୁର୍ବୃତ୍ତମାନେ ରବିବାର ରାତିରେ ୧ଲକ୍ଷ ୮୮ ହଜାର ଟଙ୍କା ସହ ଏଟିଏମ ମେଶିନ ଲୁଟି ନେଇଛନ୍ତି। ଏ ନେଇ ଟାଉନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୩୮୦ ଦଫାରେ ନଂ. ୪୮୭/୧୮ରେ ମାମଲା ରୁଜୁ କରି ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁସାରେ ତୁଳସୀପୁର ବଜାରରେ ରହିଛି ଇଣ୍ଡିକାସ୍ ଏଟିଏମ। ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ଲୁଟ୍ କରିବା ଉଦ୍ଦେଶ୍ୟରେ ପ୍ରଥମେ ସିସିଟିଭି କ୍ୟାମେରାରେ କିଛି ନ ଦିଶିବା ପାଇଁ କଳା ବୋଳି ଦେଇଥିଲେ। ପରେ ଏଟିଏମ ମେଶିନ୍ ନେଇ ଯାଇଛନ୍ତି। ଉଲ୍ଲେଖଥାଉ କି ଗତ ୩୦ ତାରିଖ ରାତିରେ ବାଘମାରୀ ବଜାର ଉପରେ ଷ୍ଟେଟ ବ୍ୟାଙ୍କ ଏଟିଏମରୁ ଲୁଟ୍ ଉଦ୍ୟମ ହୋଇଥିଲା। ତଥାପି ବ୍ୟାଙ୍କ କର୍ତ୍ତୃପକ୍ଷ ଏଟିଏମର ସୁରକ୍ଷା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରୁନାହାନ୍ତି।

## ଡା. ଏସ୍. ଗୋପକୁମାରଙ୍କୁ ବୈଦ୍ୟ କୈବଲ୍ୟ ଉପାଧି



ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱମାନେ।

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)**

ଅଷ୍ଟାଙ୍ଗ ଆୟୁର୍ବେଦ ଚିକିତ୍ସାଳୟ ଓ ଆସ୍ଥା ଅନୁଷ୍ଠାନ ପକ୍ଷରୁ ରବିବାର ଉତ୍କଳ ରଙ୍ଗମଞ୍ଚଠାରେ ଆୟୁର୍ବେଦ ଉପରେ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଫେସର ବିପିନ ବିହାରୀ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଡାକ୍ତର ପ୍ରଫେସର ଏସ୍. ଗୋପକୁମାର ବୈଷୟିକ ବିଶେଷଜ୍ଞ ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖଣି ନିଗମର ପର୍ସୋନେଲ ଡାରେକ୍ଟର ଡା. ଶାନ୍ତନୁ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡା. ଏସ୍. ଗୋପକୁମାରଙ୍କୁ 'ବୈଦ୍ୟ କୈବଲ୍ୟ ଉପାଧି' ଓ ଡା. ସ୍ୱପ୍ନେଶ୍ୱର ପଣ୍ଡାଙ୍କୁ 'ବୈଦ୍ୟ ତୁଳସୀ ଉପାଧି'ରେ ଭୂଷିତ କରାଯାଇଥିଲା। ସେହିପରି ଡାକ୍ତର ଦମ୍ପତି ଡା. ଦେବାଶିଷ ପଣ୍ଡା ଓ ଡା. ସଂଘମିତ୍ରା ଦାଶଙ୍କୁ 'ମେଣ୍ଟର ଅଫ୍ ଏକ୍ସେଲେନ୍ସ-୨୦୧୮' ସମ୍ମାନ ପ୍ରଦାନ କରାଯାଇଥିଲା।

## ଶ୍ରୀଲିଙ୍ଗରାଜ ମନ୍ଦିର ଦୀପ ନିଆଁ ଲାଗି ମହିଳା ଗୁରୁତର

**ପୁରୁଣା ଭୁବନେଶ୍ୱର, ୧୨।୧୧(ଡି.ଏନ.ଏ.):** ସୋମବାର ଶ୍ରୀଲିଙ୍ଗରାଜ ମନ୍ଦିରରେ ଏକ ଅଭାବନୀୟ ଘଟଣା ଘଟିଛି। ଅପରାହ୍ନରେ ୨୨ ପାହାଚ ନିକଟ ନୃସିଂହ ମନ୍ଦିରଠାରେ ଥିବା ଦୀପଷ୍ଟାଣ୍ଡରେ ଜଣେ ମହିଳା ଦୀପ ଲଗାଉଥିବା ବେଳେ ତାଙ୍କ ଲୁଗାରେ ହଠାତ୍ ନିଆଁ ଲାଗିଯାଇଥିଲା। ସେ ଚିତ୍କାର କରିବା ସହ ଶରୀରୁ ଲୁଗାଟିକୁ ଫିଙ୍ଗି ଦେଇଥିଲେ। ହେଲେ ତାଙ୍କ ଶରୀରର କିଛି ଅଂଶ ପୋଡ଼ି ଯାଇଥିଲା। ତାଙ୍କୁ ତୁରନ୍ତ ବିଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ଆଜିଠୁ ଖୋଲିବ ଭୁବନେଶ୍ୱର କୋର୍ଟ

**ଭୁବନେଶ୍ୱର, ୧୨।୧୧ (ବ୍ୟୁରୋ):** ପୋଲିସର ମାଡ଼ ଘଟଣାକୁ ନେଇ ହାଇକୋର୍ଟ ଆଇନଜୀବୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏହାକୁ ସମର୍ଥନ କରି ଗତ ୧ ତାରିଖରୁ ଭୁବନେଶ୍ୱର ବାର୍ ଆସୋସିଏଶନ କୋର୍ଟ କାର୍ଯ୍ୟକୁ ବନ୍ଦ କରିଥିଲା। ଏନେଇ ସୋମବାର ଭୁବନେଶ୍ୱର ଆଇନଜୀବୀ ସଂଘ ସଭାପତି ଦୁର୍ଗା ମାଧବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ବସିଥିଲା। ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ଏଥିରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ମଙ୍ଗଳବାରଠାରୁ କୋର୍ଟ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘ ସଭାପତି ଦୁର୍ଗାମାଧବ କହିଛନ୍ତି, ସଂଘର ନିଜର ସ୍ୱତନ୍ତ୍ରତା ବଜାୟ ରଖିବା ସହ ଆଇନଜୀବୀଙ୍କ ଏକତା ରକ୍ଷା କରି ଆନ୍ଦୋଳନ କରି ଆସୁଛୁ। କିନ୍ତୁ ଜନସାଧାରଣ ନ୍ୟାୟ ନ ପାଇ ବହୁ ହଇରାଣ ହେଉଥିବାରୁ ଆଇନଜୀବୀମାନେ ସହମତିରେ ଆନ୍ଦୋଳନ ଛାଡ଼ି କାର୍ଯ୍ୟରେ ଯୋଗଦେବେ ବୋଲି ସେ କହିଛନ୍ତି। ଏହି ବୈଠକରେ ସଂଘର ସମ୍ପାଦକ ଅଞ୍ଜନ କୁମାର ସାମନ୍ତରାୟ, ଉପସଭାପତି ଅଶୋକ ବେହେରା, ଯୁଗ୍ମ ସମ୍ପାଦକ ଅତୁଲ୍ୟ କୁମାର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଦେବୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଯଦି ଆବଶ୍ୟକ ପଡୁଛି ସାହସ କରି ଏକାଥରକେ ଡେଇଁଯାଅ,
କାରଣ ଗୋଟିଏ ଗାତକୁ କେହି ଦୁଇ ଖେପାରେ ଡିଏଁ ନାହିଁ।
- ଡାଭିଡ୍ ହ୍ୟୁମ୍



## ସଂକ୍ଷେପରେ

### ତରବରିଆ ମ୍ୟୁଜିୟମ ଉଦ୍‌ଘାଟନକୁ ବିରୋଧ



**ଲଳିତଗିରି,୧୨।୧୧(ସ୍ୱ.ପ୍ର.):** ଲଳିତଗିରି ନଣ୍ଡା ପାହାଡ଼ଠାରେ ୧୯୮୨ ଉତ୍‌ଖନନରୁ ଆବିଷ୍କୃତ ଭଗବାନ ବୁଦ୍ଧଙ୍କ ଦେହାବଶେଷ(ରିଳିକ)କୁ ଲଳିତଗିରିଠାରେ ସ୍ଥାୟୀ ଭାବେ ସ୍ଥାପନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲା। ସେହି ଦାବି ଅନୁସାରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏକ ବୃହତ ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ମ୍ୟୁଜିୟମ ନିର୍ମାଣ କରାଯାଇ ତାହାକୁ ସ୍ଥାପନ କରାଯିବାକୁ ବ୍ୟବସ୍ଥା ହୋଇଛି। ମାତ୍ର ଏହାର ସମ୍ପୂର୍ଣ୍ଣ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦିତ ହୋଇ ନ ଥିବାବେଳେ ଏହାକୁ ଉଦ୍‌ଘାଟନ କରାଯିବାକୁ ମସୁଧା ହେଉଛି। ଏଥିସହିତ ବୁଦ୍ଧଙ୍କ ଦେହାବଶେଷ ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ମ୍ୟୁଜିୟମରେ ରଖାଯାଇଥିଲେ ମଧ ତାହାକୁ ଏଠାକୁ ଅଣାଯିବାକୁ କୌଣସି ବ୍ୟବସ୍ଥା କରାଯାଇନାହିଁ ଯାହାକୁ ନେଇ ସ୍ଥାନୀୟ ଜନସାଧାରଣ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏ ନେଇ ସୋମବାର ଲଳିତଗିରି ବୌଦ୍ଧ ମ୍ୟୁଜିୟମ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ବୁଦ୍ଧାୟନର ସଭାପତି ଆଇନଜୀବୀ ପ୍ରଦୀପ୍ତ କିଶୋର ଭୂୟାଁ, ବାଲିଚନ୍ଦ୍ରପୁର ସରପଞ୍ଚ ଫନିନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ରୁଦ୍ର ନାରାୟଣ ସିଂହ, କୁବେର ପ୍ରଧାନ, ଶ୍ରଦ୍ଧାନନ୍ଦ ବେହେରା, ପ୍ରଶାନ୍ତ କାନୁନ୍‌ଗୋ ଓ ଶରତ ମିଶ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ରହି ଯେ, ପର୍ଯ୍ୟନ୍ତ ବୁଦ୍ଧଙ୍କ ଅସ୍ଥି ଏହି ସଂଗ୍ରାହଳୟରେ ନ ରହିଛି ସେ ପର୍ଯ୍ୟନ୍ତ ଉଦ୍‌ଘାଟନ ନ କରିବାକୁ ଦାବି କରିଛନ୍ତି।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ବାଙ୍କୀ,୧୨।୧୧(ସ୍ୱ.ପ୍ର.):** ଲୋକ ବିକାଶ ଫାଉଣ୍ଡେଶନ୍, ସାପ୍ତାହିକ ଖବରକାଗଜ ଭୋକିଲାପେଟ ଓ ଜେପିଏମ ରୋଟାରି କ୍ଲବ କଟକ ଚକ୍ଷୁ ଚିକିତ୍ସାଳୟ ଓ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଡମପଡ଼ା ବ୍ଲକ ଦୁର୍ଗାପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶିବିରକୁ ଭୋକିଲାପେଟ ସମ୍ପାଦକ ସୁଧୀର ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଭାବେ ସରପଞ୍ଚ ଅଦ୍ୱୈତ ମହାପାତ୍ର, ସମ୍ମାନିତ ଅତିଥି ପ୍ରାଧାପକ ମନୋଜ ମହାପାତ୍ର ଓ ପ୍ରେସ୍‌କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦାନ କରି ଶିବିରର ସଫଳତା କାମନା କରିଥିଲେ। ଡା. ଶୁଭାଶିଷ ଦାସଙ୍କ ନେତୃତ୍ୱ ଏବଂ ସୁସ୍ମିତା ଓଝା, ଶକ୍ତିମୟୀ ଦାସ୍, ଶ୍ରୀଧର ନାୟକ, ସୁଧାଂଶୁ ପଟ୍ଟନାୟକ ଓ ଦାମୋଦର ଗୋଛି ପ୍ରମୁଖଙ୍କ ସହାୟତାରେ ୧୦୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୨ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ କଟକ ରୋଟାରି ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ଶିବିରକୁ ଭୋକିଲାପେଟ ସହସମ୍ପାଦକ ସୁଦର୍ଶନ ସାହୁ ପରିଚାଳନା କରିଥିଲେ।

### ସରପଞ୍ଚ ଉପନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଶେଷ

**ମାହାଙ୍ଗା,୧୨।୧୧(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅଧୀନ ବାସୁଦେବପୁର ପଞ୍ଚାୟତର ସରପଞ୍ଚ ଉପନିର୍ବାଚନ ପାଇଁ ଚାଲିଥିବା ପ୍ରାର୍ଥିପତ୍ର ଦାଖଲ ସୋମବାର ଶେଷ ହୋଇଛି। ଏହି ଶେଷ ଦିନ ସୁଦ୍ଧା ମୋଟ୍ ୬ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶେଷଦିନରେ ପଞ୍ଚାୟତର ବିଜେଡି ସମର୍ଥିତ ପ୍ରାର୍ଥୀ ଲକ୍ଷ୍ମଣ ପାତ୍ର ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ବ୍ଲକ୍ ନିର୍ବାଚନ ଅଧିକାରୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏଥିରେ ମାହାଙ୍ଗା ବିଜେଡି ସଭାପତି ରାଜକିଶୋର ଜେନା, ଭିକାରୀ ଚରଣ ସ୍ୱାଇଁ, ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ଦୀପକ ଦାଶ, ଯୁବନେତା ରିଆଜୁଲ ହୋଦା ଓ ଦୀନବନ୍ଧୁ ସାହୁଙ୍କ ସମେତ ଦଳର ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ସେହିପରି ପଞ୍ଚାୟତରେ ଶ୍ରୀକାନ୍ତ କୁମାର ପଣ୍ଡା, ମାନସ ରଞ୍ଜନ ସାହୁ, ରମେଶ ଚନ୍ଦ୍ର ବଳ, ଅଭିରାମ ମହାନ୍ତି, ରମେଶ ଚନ୍ଦ୍ର ସାହୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ଚୂଡ଼ାନ୍ତ ପ୍ରାର୍ଥିପତ୍ର ତାଲିକା ପ୍ରକାଶ କରାଯିବ ବୋଲି ଏବିଡିଓ ମହେଶ୍ୱର ସେଠୀ ସୂଚନା ଦେଇଛନ୍ତି।

■ ବାଲିମାଙ୍କ ନିକଟରେ ପହଞ୍ଚିପାରୁନି ସରକାରଙ୍କ ଯୋଜନା

# ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

**ନରସିଂହପୁର,୧୨।୧୧(ସ୍ୱ.ପ୍ର.)**



■ଛାଡ଼ି ଚାଲି ଯାଇଛନ୍ତି ସ୍ୱାମୀ
■୨ ପିଲାଙ୍କ ମୁହଁରେ ଦାନା ମୁଠାଏ ଦେବା କଷ୍ଟକର ହୋଇପଡ଼ିଛି
■୨୦୧୧ ଜନଗଣନାରେ ନାଁ ନ ଥିବାରୁ ମିଳୁନି ସହାୟତା

ସାମାଜିକ, ଆର୍ଥିକ କ୍ଷେତ୍ରରେ ଅନଗ୍ରସର ଥିବା ଗରିବ ଅସହାୟଙ୍କ ନିମନ୍ତେ ସରକାର ବହୁ ଯୋଜନା କରିଛନ୍ତି। ସେହିପରି ଆଦିବାସୀଙ୍କ ପାଇଁ ମଧ ସ୍ୱତନ୍ତ୍ର ଯୋଜନା କରାଯାଇଛି। ହେଲେ ଏତେ ସବୁ ଯୋଜନା ଥାଇ ମଧ ପ୍ରକୃତ ହିତାଧିକାରୀ ତାର ସୁଫଳ ପାଉନାହାନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନରସିଂହପୁର ବ୍ଲକର ବଣଜଙ୍ଗଲ ଘେରା ଉପାନ୍ତ ଅନୁନ୍ନତ ଅଞ୍ଚଳ ଦେଭୂଇଁ ପଞ୍ଚାୟତର ବ୍ରାହ୍ମଣୀ ଗ୍ରାମରେ। ଏହି ଆଦିବାସୀ ଗାଁର ଏକ ଭଙ୍ଗା କୁଡ଼ିଆରେ ଦୁଇ ପିଲାଙ୍କୁ ଧରି ଅତିଶୟ ଦୟନୀୟ ଭାବେ ଜୀବନ ବିତାଉଛିନ୍ତି ସ୍ୱାମୀ ପରିତ୍ୟକ୍ତା ମହିଳା ବାଲିମା ରମାଇ(୨୫)। ୭ ବର୍ଷ ତଳେ ବାଲିମା ସେହି ଗ୍ରାମର ଚରଣ ରମାଇଙ୍କୁ ବିବାହ କରିଥିଲେ। ସେମାନଙ୍କ ଔରସରୁ ଜନ୍ମ ହୋଇଥିଲେ ଦୁଇ ସନ୍ତାନ। ତେବେ ଦୁଇବର୍ଷ ତଳେ ଚରଣ ବାଲିମାଙ୍କୁ ଛାଡି କେଉଁ ଆଡ଼େ ଚାଲି ଯାଇଛନ୍ତି। ସେହିଦିନ ଠାରୁ ବାଲିମାଙ୍କ ଦୁଃଖ ବଢ଼ିଯାଇଛି। ଜଙ୍ଗଲରୁ କାଠ, ମହୁଲ ସଂଗ୍ରହ କରି ଏବଂ ମଜୁରୀ ଲାଗି ପେଟ ପୋଷିବା ସହିତ ଦୁଇ ପିଲାଙ୍କ ମୁହଁରେ ଦାନା ମୁଠାଏ ଦେବା ବାଲିମାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି।

ରାଜ୍ୟ ସରକରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ତାଙ୍କୁ ରାଶନ କାର୍ଡ ଖଣ୍ଡେ ମିଳି ପାରିନାହିଁ। ସେହିପରି ପକ୍କାଘର ଖଣ୍ଡିଏ ମଧ କେହି ଦେଉନାହାନ୍ତି। ଘଞ୍ଚ ଜଙ୍ଗଲ ଭିତରେ ଦୁଇ ପୁଅଙ୍କୁ ଧରି ରାତ୍ରି ଜାପନ କରୁଥିବା ବଲିମା ହାତୀ, ବାଘ, ଭାଲୁ ଓ ଅନ୍ୟ ଜଙ୍ଗଲି ଯନ୍ତୁଙ୍କ ସହ ସଂଗ୍ରାମ କରୁଛନ୍ତି। ସାତକୋଶିଆ ଅଭୟାରଣ୍ୟରେ ବାଘୁଣୀ ସୁନ୍ଦରୀ ଥିବାବେଳେ ଅତିଶୟ ଭୟଭୀତ ହୋଇ ଜୀବନ କାଟୁଥିଲେ ବୋଲି ବାଲିମା କାନ୍ଦି କାନ୍ଦି କହିଛନ୍ତି। ତେବେ ବିପିଏଲ ଯୋଜନାରେ ବିଦ୍ୟୁତ୍ ବଲବ୍ ଟିଏ ମିଳିଥିବା ବେଳେ ସ୍ୱାମୀ ପରିତ୍ୟକ୍ତ ଭାବେ ତାଙ୍କୁ ସରକାରଙ୍କ ପକ୍ଷରୁ ଆଉ କୌଣସି ସହାୟତା ମିଳିନାହିଁ ବୋଲି ସେ କହିଛନ୍ତି। ଗାଁଠାରୁ ପ୍ରାଥମିକ ବିଦ୍ୟାଳୟ ବହୁତ ଦୂର ହୋଇଥିବାରୁ ଘଞ୍ଚ ଜଙ୍ଗଲ ଦେଇ ଗାଁର କୌଣସି ପିଲା ସ୍କୁଲକୁ ଯାଉନାହାନ୍ତି। ବାଲିମା କାହିଁକି ଯୋଜନାରୁ ବଞ୍ଚିତ ହୋଇଛନ୍ତି ବୋଲି ସ୍ଥାନୀୟ ସରପଞ୍ଚ ବିପିନି ନାଏକଙ୍କୁ ପଚାରିବାରେ ସେ କହିଛନ୍ତି, ୨୦୧୧ ଜନଗଣନାରେ ତାଙ୍କ ନାମ ନାହିଁ। ସେଥିପାଇଁ ତାଙ୍କୁ କୌଣସି ସହାୟତା ମିଳି ପାରୁନାହିଁ। ତେଣୁ ପୁନଃ ଆବେଦନ କରାଯାଇଛି ବୋଲି କହିଥିଲେ। ଏ ସମ୍ପର୍କରେ ବିଡିଓ ପ୍ରଶାନ୍ତ କୁମାର ତରାଇ କହିଛନ୍ତି, ଏ ନେଇ ମୋ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଯଦି ଏପରି ହୋଇଥାଏ, ତଦନ୍ତ କରି ନିୟମ ଅନୁସାରେ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ତେବେ ଦେଖିବାକୁ ବାକି ରହିଲା ବାଲିମାଙ୍କୁ ସରକାରଙ୍କ ପକ୍ଷରୁ କିଭଳି ଥଇଥାନ କରାଯାଉଛି।



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

■ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

## ଫାଇନାଲରେ କାଳିଜାଈ ସ୍ପୋର୍ଟିଂ କ୍ଲବ

**ନରସିଂହପୁର,୧୨।୧୧(ଡି.ଏନ.ଏ.)**

ନରସିଂହପୁର ବ୍ଲକ କାନପୁର ମିନିଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଛି। କାନପୁର ଆଞ୍ଚଳିକ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ମ୍ୟାଚ କାଳିଜାଈ ସ୍ପୋର୍ଟିଂ କ୍ଲବ ଚିଲିକା ଓ ବଜରଙ୍ଗୀ କ୍ଲବ ଘାଟିକିଆ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ଥିଲା। ମ୍ୟାଚର ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ନିୟମ ଅନୁଯାୟୀ ଟାଇ ବ୍ରେକର ପଦ୍ଧତିରେ କାଳିଜାଈ ସ୍ପୋର୍ଟିଂ କ୍ଲବ ବଜରଙ୍ଗୀ କ୍ଲବକୁ ୬-୫ ଗୋଲ ଦେଇ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କାନପୁର କଲେଜ ଅଧ୍ୟକ୍ଷ ଅଜିତ ପ୍ରସାଦ ପଣ୍ଡା, ସମାନିତ ଅତିଥି ଡା. ସତିଶ ପଟ୍ଟନାୟକ, ବେଦବିଦ୍ ରାଜ କିଶୋର ହୋତା, କାନପୁର ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ସୌମ୍ୟ ପ୍ରକାଶ ମିଶ୍ର, ସତିଶ ଚନ୍ଦ୍ର ସାହୁ, ସନାତନ ପ୍ରଧାନ ଓ ସୁଜ୍ଞାନୀ ବସ୍ତିଆ ଉପସ୍ଥିତ ଥିଲେ। ରେଫରି ଅବିନାଶ ପଟ୍ଟନାୟକ, ଜଗନ୍ନାଥ ପରିଡା, ପ୍ରଶାନ୍ତ ମାରଣ୍ଡା, ନିଲୁ ପ୍ରଧାନ, ଶ୍ରୀକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥଲେ।

## ଆନ୍ତଃ କଲେଜ ପୁରୁଷ ଖୋଖୋରେ ବାଙ୍କୀ କଲେଜ ଉପବିଜେତା

**ବାଙ୍କୀ,୧୨।୧୧(ସ୍ୱ.ପ୍ର.)**

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଭୁବନେଶ୍ୱର ବାଣୀବିହାରଠାରେ ଚାଲିଥିବା ଆନ୍ତଃମହାବିଦ୍ୟାଳୟସ୍ତରୀୟ ପୁରୁଷ ଖୋଖୋ ପ୍ରତିଯୋଗିତାରେ ବାଙ୍କୀ କଲେଜ ଉପବିଜେତା ହୋଇଛି। ଏହି ସଫଳତା ପାଇଁ କଲେଜ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ଓ କ୍ରୀଡ଼ା କ୍ଲବ ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନ ଓ ଜିତେନ୍ଦ୍ର ଦେଓଙ୍କ ନେତୃତ୍ୱରେ ଜଗନ୍ନାଥ ଦଳେଇ, ସୁରେନ୍ଦ୍ର ବେହେରା, ସୁରୁଜ ମାଝି, ସବ୍ୟସାଚୀ ଦଳେଇ, ଜଗନ ବେହେରା, ତନ୍ମୟ ପ୍ରଧାନ, ବିଜୟ ନାୟକ, ଅଖିଳ ମଲିକ, ସାଇଶଙ୍କର ଦେଓ, ସହଦେବ ମଲିକ ଓ ଚନ୍ଦନ ମହାରଣା ପ୍ରମୁଖ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।

## ପୃଥକ୍ ସ୍ଥାନରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର, ୨୭ ହଜାର ଟଙ୍କା ଲୁଟ୍

**ସାଲେପୁର,୧୨।୧୧(ଡି.ଏନ.ଏ.)**

ସାଲେପୁର ଥାନାଠାରୁ ପ୍ରାୟ ୧୦୦ ମିଟର ବ୍ୟବଧାନରେ ଥିବା ୨ଜଣଙ୍କ ଘରୁ ରବିବାର ବିଳମ୍ବିତ ରାତ୍ରିରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଓ ୨୭ ହଜାର ଟଙ୍କା ଲୁଟ୍ ହୋଇଛି। ଏ ନେଇ ଥାନାରେ ୨ଟି ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଧୀନ ପେଜରପଡ଼ା ଗ୍ରାମର ପ୍ରମୋଦ ପଣ୍ଡା ଥାନା ରୋଡ୍‌ରେ ଚିତ୍ତରଞ୍ଜନ ଦାସଙ୍କ ଘରଭଡ଼ା ନେଇ ସପରିବାର ରହୁଥିଲେ। କୌଣସି କାର୍ଯ୍ୟପାଇଁ ସପରିବାର ନିଜ ଗ୍ରାମକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରର ସମ୍ମୁଖ କବାଟ ଭାଙ୍ଗି ଆଲ୍‌ମିରାରେ ଥିବା ଏକ ସୁନାଚେନ୍, ଦୁଇ ହଳ କାନଫୁଲ, ରୁପା ଆଙ୍କଲେଟ୍ ସହ ନଗଦ ୭ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ପଣ୍ଡା ସୋମବାର ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଥାନାରୋଡ୍‌ରେ ଘରକରି ରହୁଥିବା ପରିକ୍ଷିତ ବେହେରାଙ୍କ ଘରର ସମ୍ମୁଖ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଘରେ ପଶି ଗଡ୍‌ରେଜରୁ ଦୁଇ ସୁନାଚେନ୍, ଦୁଇ ସୁନାମୁଦି ଓ ନଗଦ ୨୦ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ତାଙ୍କ ପୁଅ ଚନ୍ଦନ ଥାନାରେ ଅଭିଯୋଗ କରିଛନ୍ତି।

■ ଆଠଗଡ଼ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ

# ପୁଣି ଧରାପଡ଼ିଲା ଜାଲ୍ କବଲା

**ଆଠଗଡ଼,୧୨।୧୧(ସ୍ୱ.ପ୍ର.)**

ଆଠଗଡ଼ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ପୁଣି ଏକ ଜାଲ କବଲାର ପର୍ଦ୍ଦାଫାଶ ହୋଇଛି। ୨।୭।୨୦୦୧ରେ ଛବି ଧଳ ସୋହନ ଧଳଙ୍କୁ ୩୩୦ ନମ୍ବର କବଲାରେ ଜମି ବିକ୍ରୟ କରିଥିଲେ। ସେହି ଅନୁସାରେ କ୍ରେତାଙ୍କୁ କବଲା ଯୋଗାଇ ଦିଆଯାଇଥିଲା। ଉକ୍ତ କବଲାଟି ନିଜିଗଡ ମୌଜାର ଖାତା ନଂ-୬୦୪/୩୩୦, ପ୍ଲଟ ନଂ-୧୬୯୯/୩୦୧୧, କିସମ-ଘରବାରି, ରକବା ଏ୦.୦୭.୦୫ ଡେସିମିଲ ଥିଲା। ବିଭିନ୍ନ କାରଣରୁ ସୋହନ ଉକ୍ତ କବଲାଟିକୁ ଦାଖଲ ଖାରଜ କରିପାରି ନ ଥିଲେ। ତେବେ ମାସେ ତଳେ କବଲାଟିକୁ ଆଠଗଡ ତହସିଲ କାର୍ଯ୍ୟାଳୟରେ ଦାଖଲ କରି ନିଜ ନାମରେ ପଟ୍ଟା କରାଇବା ପାଇଁ ଦରଖାସ୍ତ କରିଥିଲେ। ବହୁଦିନ ତଳୁ କବଲା ସମ୍ପାଦିତ ହୋଇଥିବାରୁ ରାଜସ୍ୱ ନିରୀକ୍ଷକଙ୍କ ପରାମର୍ଶ ଅନୁଯାୟୀ ଧଳ ଉକ୍ତ କବଲାର ସହି ନକଲ ପାଇଁ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଦରଖାସ୍ତ କରିଥିଲେ। ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଉକ୍ତ ନମ୍ବରର କବଲା ଯାଞ୍ଚ କରିବା ସମୟରେ ତାହା ସମସରପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ହୋଇଥିବା ଜଣାପଡିଥିଲା। ତେଣୁ ଉକ୍ତ କବଲାଟି ଏକ ଜାଲ୍ କବଲା ବୋଲି ଜଣାପଡିଥିଲା। ପରେ କ୍ରେତା ଧଳ ଏ ନେଇ ଗତ ୬ତାରିଖରେ ଆଠଗଡ ସବରେଜିଷ୍ଟ୍ରାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏତଦ୍‌ବ୍ୟତୀତ ଆଠଗଡ ଥାନା, ଉପଜିଲାପାଳ ଓ ତହସିଲଦାରଙ୍କ ଦୃଷ୍ଟି ମଧ ଆକର୍ଷଣ କରିଥିଲେ। ଧଳ ୨୦୦୧ ଜୁଲାଇ ୨ରେ ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜଣେ ଦଲିଲ ଲେଖକଙ୍କ ଦ୍ୱାରା କବଲା ସମ୍ପାଦନ ପାଇଁ ଦେଇଥିଲେ। ସମ୍ପୃକ୍ତ ଦଲିଲ ଲେଖକ ତାଙ୍କୁ କିଛି ଦିନ ପରେ କାର୍ଯ୍ୟାଳୟର ଦଲିଲ ସଂଖ୍ୟା ଓ ମୋହର ମରାଯାଇଥିବା ସମ୍ପାଦିତ ଦଲିଲ ହସ୍ତାନ୍ତର କରିଥିଲେ। ଏବେ ତାହା ଜାଲ ଦଲିଲ ବୋଲି ଜଣାପଡିବା ପରେ ସମ୍ପୃକ୍ତ ଦଲିଲ ଲେଖକ ଏହାକୁ ଏଡାଇ ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ପାଇ ସବ୍‌ରେଜିଷ୍ଟ୍ରାର ଆର୍ଯ୍ୟଦୀପ୍ତ ଆରଣ୍ୟକ ସାମନ୍ତରାୟ ଏ ସମ୍ବନ୍ଧରେ ଜିଲା ନିବନ୍ଧକ, କଟକ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହା ଜାଲ କବଲା ବୋଲି ଆଠଗଡ ଥାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିବା କହିଛନ୍ତି। ୨ ମାସ ତଳେ ୩୦।୧।୨୦୧୬ରେ ଖୁଣ୍ଟକଟା ମୌଜାର ବୀରେନ୍ଦ୍ର ମହାନ୍ତିଙ୍କ ଜମିକୁ ୪୦୧୬୦୦୧୦୪୬ନମ୍ବର କବଲାରେ ପଞ୍ଚାନନ ସ୍ୱାଇଁଙ୍କୁ ବିକ୍ରୟ କରାଯାଇଥିବା କବଲାଟି ଜାଲ ବୋଲି ଜଣାପଡିଥିଲା। ପରେ ଆଠଗଡ ସବ୍‌ରେଜିଷ୍ଟ୍ରାର ଜାଲ କବଲା ତିଆରି କରିଥିବା ଦଲିଲ ଲେଖକଙ୍କ ବିରୋଧରେ ଆଠଗଡ ଥାନାରେ ଏତଲା ଦାୟାର କରିଥିଲେ। ଏହି ଘଟଣାର ତଦନ୍ତ ଶେଷ ହୋଇ ନ ଥିବା ବେଳେ ସେହି ଦଲିଲ ଲେଖକଙ୍କ ବିରୋଧରେ ପୁଣି ଜାଲ୍ କବଲା ଯୋଗାଣ ଅଭିଯୋଗ ହୋଇଛି। ସମ୍ପୃକ୍ତ ଦଲିଲ ଲେଖକ ସବ୍‌ରେଜିଷ୍ଟ୍ରାରଙ୍କ ନକଲି ମୋହର ଓ ଜାଲ୍ ଦସ୍ତଖତ କରି ଏପରି ଅନେକ କବଲା ଯୋଗାଇ ଦେଇଥିବା ଅଭିଯୋଗ ହୋଇଛି। ତେଣୁ ଏହାର ଉପଯୁକ୍ତ ତଦନ୍ତ କରାଯାଇ ବିହିତ ପଦକ୍ଷପ ନେବାକୁ ଦାବି ହୋଇଛି।

## ମାଗଣା ଡାଇବେଟିସ୍ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

**ନରସିଂହପୁର,୧୨।୧୧(ସ୍ୱ.ପ୍ର.)**

ନରସିଂହପୁରରେ କିଡ଼ନୀ ଜନିତ ରୋଗ ଦିନକୁ ଦିନ ବଢି ଚାଲିଛି। ଏହି ରୋଗର ପ୍ରମୁଖ କାରଣ ଡାଇବେଟିସ୍ ହୋଇଥିବାରୁ ଏଠାରେ ଜନସାଧାରଣଙ୍କୁ ମାଗଣାରେ ଡାଇବେଟିସ୍ ଚିକିତ୍ସା ସେବା ଯୋଗାଇ ଦେବାକୁ ସ୍ୱେଚ୍ଛାସେବୀ ସଂଗଠନ ସାର୍ପ ପକ୍ଷରୁ ଉଦ୍ୟମ ହୋଇଛି। ଏହି କ୍ରମରେ ସଂଗଠନ ପକ୍ଷରୁ କେନ୍ଦୁପଲ୍ଲୀଠାରେ ଏକ ମାଗଣା ହାଇବେଟିସ ଚିକିତ୍ସା ସେବାକେନ୍ଦ୍ର ଖୋଲାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଲାଇଫ୍ ସ୍ୱାନ ଡାଇବେଟିସ୍ ଆଣ୍ଡ୍ ମଲ୍ଟି ସ୍ପେସିଆଲିଟି ଓ ସାର୍ପ ସଂଗଠନ ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ସେବାକେନ୍ଦ୍ରକୁ ସୋମବାର ଆନ୍ତର୍ଜାତିକ ଖ୍ୟାତିସମ୍ପର୍ଣ୍ଣ ସ୍ନାୟୁ ସଲ୍ୟ ଚିକିତ୍ସକ ଡା. ସନାତନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ଅଧ୍ୟାପକ କୁଳମଣି ବାରିକ, ଲାଇଫ୍ ସ୍ୱାନର ନିର୍ଦ୍ଦେଶକ ଡା. ବିଧୂ ପ୍ରକାଶ ସ୍ୱାଇଁ, ସାମାଜିକ କର୍ମୀ ଉପାସନା ଦେବୀ ଯୋଗଦେଇ କିଡ଼ନୀ ପ୍ରଭାବିତ ନରସିଂହପୁରବାସୀଙ୍କୁ ମାଗଣା ସେବା ଯୋଗାଇ ଦେବା ପାଇଁ ଏହା ଏକ ପ୍ରୟାସ ବୋଲି କହିଥିଲେ। ଆଗାମୀ ଦିନରେ ୧୦ ସଯ୍ୟା ବିଶିଷ୍ଟ ଏକ ସ୍ୱାସ୍ଥ୍ୟସେବା ସ୍ଥାପନ କରାଯିବ ବୋଲି କୁହାଯାଇଛି। ଏଥି ପାଇଁ ଜମି ଆବଶ୍ୟକତା ଥିବାରୁ ନରସିଂହପୁର ପଟ୍ଟାୟତ(ରାଜା) ସ୍ନେହାଷିସ୍ ସିଂହ ଦେଓ ଜମି ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସାର୍ପ ସମ୍ପାଦକ ବିଜୟ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

## ହକ୍ ପାଇଁ ୨ ସଂଗଠନର ଲଢ଼େଇ

**ନିଶ୍ଚିନ୍ତକୋଇଲି,୧୨।୧୧ (ସ୍ୱ.ପ୍ର./ଡି.ଏନ.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ସୋମବାର ଉଭୟ କୃଷକ ଓ ଶ୍ରମିକ ସଂଗଠନ ହକ୍ ପାଇଁ ଲଢେଇ କରିଛନ୍ତି। ଏଆଇୟୁଟିୟୁସି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଥିବା ବେଳେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ନଟକାଇ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଶକ୍ତିଶ୍ୱର ନିକଟରେ ଚାଷୀ ସମାବେଶ ହୋଇଥିଲା। ଏଥିରେ ଗ୍ରାମାଞ୍ଚଳ ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା ହେବା ସହ ଚାଷୀଙ୍କୁ ଭତ୍ତା, ପେନସନ ପାଇଁ ଦାବି କରାଯାଇଥିଲା। ବୈଠକରେ କୃଷକ ନେତା ରମେଶ ଚନ୍ଦ୍ର ସ୍ୱାଇଁ, ବଟକୃଷ୍ଣ ବେହେରା, ନିରଞ୍ଜନ ରାଉତ, ପରିକ୍ଷିତ ରାଉତ, ଅନନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମିଳିତ ନିର୍ମାଣ ଶ୍ରମିକ ସଂଘ ନିଶ୍ଚିନ୍ତକୋଇଲି ଶାଖା ପକ୍ଷରୁ ଶ୍ରମିକଙ୍କ ୧୧ ଦଫା ଦାବି ନେଇ ଏକ ଶୋଭାଯାତ୍ରା ନିଶ୍ଚିନ୍ତକୋଇଲି ଥାନା ନିକଟରୁ ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ଶ୍ରମିକ ନେତାମାନେ ନିର୍ମାଣ ଶ୍ରମିକଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ନିର୍ମାଣ ଶ୍ରମିକଙ୍କୁ ତୁରନ୍ତ ପକ୍କାଘର ପ୍ରଦାନ, ନେମାଳ ତିଳକଣା ପୋଲ ମଝିରେ ସଂଯୋଗ ସ୍ଥାନକୁ ଅବିଳମ୍ବେ ମରାମତି, ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ରାଶନକାର୍ଡ ପ୍ରଦାନ, ଝୁଲନ୍ତା ବିଦ୍ୟୁତ୍ ତାରକୁ ଅବିଳମ୍ବେ ମରାମତି, ନେମାଳ ମନ୍ଦିରଠାରେ ଗାଡି ପାର୍କିଂ ବ୍ୟବସ୍ଥା, ମନ୍ଦିରର ଭିତ୍ତିଭୂମିକୁ ଉନ୍ନତି କରିବା ଓ ପାଇଖାନା ଏବଂ ପକ୍କା ଘର ନିର୍ମାଣ କରିଥିବା ହିତାଧିକାରୀଙ୍କୁ ତୁରନ୍ତ ବିଲ ପ୍ରଦାନ କରିବାକୁ ଶ୍ରମିକମାନେ ଦାବି କରିଥିଲେ। ଏପହାରେ ୧୧ ଦଫା ଦାବିପତ୍ର ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରିଥିଲେ। ଅନୁଷ୍ଠାନର ପୂର୍ଣ୍ଣାନନ୍ଦ ସେଠୀ, ଅଜୟ ମଲିକ, ରାଜକିଶୋର ମଲିକ ଓ ବିଶ୍ୱାବସୁ ଦାସ ଏଥିରେ ସାମିଲ ହୋଇଥିଲେ।



ଏଆଇୟୁଟିୟୁସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପ୍ରାଇସ୍, ପ୍ରେଷ୍ଟିଜ୍, ପେନସନ ଦାବିରେ ଚାଷୀଙ୍କ ବିକ୍ଷୋଭ

**ନରସିଂହପୁର/ରଘୁନାଥପୁର, ୧୨।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**



ନରସିଂହପୁର ବ୍ଲକର ସରଧାପୁର ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ନବ ନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା ଧାରଣା ଦେଇଛନ୍ତି।

ନବନିର୍ମାଣ କୃଷକ ସଂଗଠନର ଆହ୍ୱାନ କ୍ରମେ ସଂଗଠନର ସଭ୍ୟମାନେ ସୋମବାର ରାଜ୍ୟର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେବାସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେହି ଅନୁସାରେ ନରସିଂହପୁର ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ସ୍ଥାନୀୟ ସଂଗଠନର କର୍ମକର୍ତ୍ତା ଧାରଣାଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ସହ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ ଯୋଗାଇ ଦେବା ପାଇଁ ସଂଗଠନ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ ହେଁ ପ୍ରଶାସନ ଶୁଣୁନାହିଁ। ଏପରି କି ଗତ ୫ ତାରିଖ ଦିନ ଭୁବନେଶ୍ୱରରେ ହେବାକୁ ଥିବା ସମାବେଶକୁ ସରକାର ଅନୁମତି ନ ଦେବା ପରେ ଚାଷୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେହି ଅନୁସାରେ ସଂଗଠକ ମହୋନ ପ୍ରଧାନଙ୍କ ନେତୃତ୍ୱରେ କମଳାଡିହ ପଞ୍ଚାୟତରେ ଗରୁଚରଣ ବିଶ୍ୱାଳ, ରେଗେଡ଼ା ପଞ୍ଚାୟତରେ ରାଜୀବ ଦାଶ, ବସନ୍ତପୁର ପଞ୍ଚାୟତରେ ହାଡ଼ିବନ୍ଧୁ ଓଝା, ଚକାମୁଣ୍ଡା ପଞ୍ଚାୟତରେ ଚନ୍ଦ୍ରମଣି ପ୍ରଧାନ, ଯୋଡ଼ମୁଁ ପଞ୍ଚାୟତରେ ଅରୁଣ ମହାପାତ୍ର, ଶରଧାପୁର ପଞ୍ଚାୟତରେ ପ୍ରିୟ ରଞ୍ଜନ ପ୍ରତାପ ସିଂହ, ନୂଆପଡା ପଞ୍ଚାୟତରେ ସନ୍ତୋଷ କୁମାର ନାୟକଙ୍କ ନେତୃତ୍ୱରେ ଚାଷୀ ଧାରଣା ଦେବାସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିଜ ଅଧିକାର ପାଇଁ ଚାଷୀଙ୍କୁ ରାଜଧାନୀକୁ ଯିବା ପାଇଁ ସରକାର ଅନୁମତି ଦେଇ ନ ଥିବାରୁ ନିଜ ପଞ୍ଚାୟତରେ ନେତା, ମନ୍ତ୍ରୀଙ୍କୁ ପ୍ରବେଶ କରେଇଦେବୁ ନାହିଁ ବୋଲି ନାରାବାଜି ଦେଇଥିଲେ। ଏଥିରେ ମୁକ୍ତି ସଂଗଠନ ସଭାପତି ସୁଶାନ୍ତ ମହାନ୍ତି, ଆଇନଜୀବୀ ଜ୍ଞାନରଞ୍ଜନ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ରଘୁନାଥପୁର ବ୍ଲକ ୧୯ ଗୋଟି ପଞ୍ଚାୟତ ସମ୍ମୁଖରେ ଚାଷୀମାନେ ଏକତ୍ରିତ ହୋଇ ପ୍ରତିବାଦ ଜଣାଇଛନ୍ତି। ଗଣତାନ୍ତ୍ରିକ ପଦ୍ଧତିରେ ସେମାନଙ୍କ ନ୍ୟାଯ୍ୟ ଦାବି ଉପସ୍ଥାନ କରିବାକୁ ସାରା ରାଜ୍ୟରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ସେମାନଙ୍କୁ ସହର ମଧ୍ୟକୁ ଛଡାଯାଇ ନ ଥିଲା। ନିଜର ପେଟ ପାଟଣା ସମ୍ପର୍କରେ ସରକାରଙ୍କୁ ଜଣାଇବାକୁ ଯିବା ବାଟରେ ଚାଷୀଙ୍କୁ ଅଗଣତାନ୍ତ୍ରିକ ଭାବେ ଗିରଫ କରାଗଲା। ଚାଷୀଙ୍କ ପାଇଁ ଯଦି ସହର ମନା ତାହା ହେଲେ ନେତା ଓ ମନ୍ତ୍ରୀଙ୍କୁ ଗାଁ ମନା ବୋଲି ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ରଶ୍ମିରଞ୍ଜନ ସ୍ୱାଇଁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀଙ୍କ ପ୍ରତି ସାମାନ୍ୟତମ ଦରଦ ନାହିଁ ବୋଲି କ୍ଷୋଭ ପ୍ରକାଶ କରିବା ସହ ଚାଷୀଙ୍କ ଅନ୍ତରରେ କୁହୁଳୁଥିବା ନିଆଁ ଅଗାମୀଦିନରେ ବିସ୍ଫୋରଣ ହୋଇ ସବୁ କିଛି ଓଲଟପାଲଟ କରିଦେବ ବୋଲି ସତର୍କ କରାଇ ଦେଇଥିଲେ। ଶରତ ଚନ୍ଦ୍ର ସ୍ୱାଇଁ, ଅଟଳ ବିହାରୀ ରାଉତ, ନିଗମାନନ୍ଦ ଦାସ, ସୁରେନ ରାଉତ, ସ୍ନେହାଂଶୁ ଜେନା, ବସନ୍ତ ସ୍ୱାଇଁ, ରମେଶ ଓଝା, ଘନଶ୍ୟାମ ମହାନ୍ତି, ବୈରାଗୀ ସାହୁ, ନିତ୍ୟାନନ୍ଦ ପାତ୍ର, ଧୂର୍ଜଟି ନାୟକଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଏକତ୍ରିତ ହୋଇଥିଲେ। ପେନ୍‌ସନ ଦାବି ନେଇ ସରକାରଙ୍କ ବିରୋଧରେ ଗର୍ଜିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସରପଞ୍ଚଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ।



ଯଦି ଆବଶ୍ୟକ ପଡୁଛି ସାହସ କରି ଏକାଥରକେ ଡେଇଁଯାଅ, କାରଣ ଗୋଟିଏ ଗାତକୁ କେହି ଦୁଇ ଖେପାରେ ଡିଏଁ ନାହିଁ।

–ଡାଭିଡ୍ ହ୍ୟୁମ୍

## ସଂକ୍ଷେପରେ

### ବିଶ୍ୱ ଶୌଚାଳୟ ଦିବସ

**ନିଆଳି,୧୨।୧୧(ଡି.ଏନ୍.ଏ):** ନିଆଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଶୌଚାଳୟ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱଚ୍ଛତା,ସଚେତନ କାର୍ଯ୍ଯକ୍ରମଟି ସରପଞ୍ଚ ପ୍ରଶାନ୍ତ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧକ୍ଷା କଳ୍ପନା ପାଣି, ବିଡିଓ ସୟେଦ୍ ଆରିଫ୍ ହୁସେନ୍, ନିର୍ବାହୀଯନ୍ତ୍ରୀ ସୁକାନ୍ତ ସେଠୀ, ତପସ୍ୱିନୀ ଚୌଧୁରୀ, ଇତିଶ୍ରୀ ରାଉତ, ସହକାରୀ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ନୂଆଗାଁ ସରପଞ୍ଚ ତିଳୋତ୍ତମା ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ନିଆଳିର ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ପଞ୍ଚାୟତ ସ୍ତରୀୟ ନିର୍ବାଚିତ ପ୍ରତିନିଧିମାନେ ଯୋଗଦେଇଥିଲେ। ବ୍ଲକ ସଂଯୋଜକ ଧରଣୀଧର ଶତପଥୀ, ସରୋଜ ରାଉତ, ଡଲି ରାଉତ, ସ୍ୱର୍ଣ୍ଣଲତା ଷଡଙ୍ଗୀ, ତ୍ରିଲୋଚନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହା ପରେ ଏକ ସ୍ୱଚ୍ଛତା ରଥ ବ୍ଲକ ପରିକ୍ରମା କରାଯାଇଥିଲା।

### ଆହାର କେନ୍ଦ୍ରରେ ଗଣ୍ଡଗୋଳ ସିକ୍ୟୁରିଟି ଗାର୍ଡ ଆହତ

**କଟକ ଅଫିସ,୧୨।୧୧:** ଖାଇବା ପାଇଁ ଧାଡିରେ ନ ଯିବାରୁ ଏସ୍‌ସିବି ମେଡିକାଲ ପରିସରରେ ଥିବା ଆହାର କେନ୍ଦ୍ରରେ ସୋମବାର ଗଣ୍ଡଗୋଳ ଘଟିଛି। ଏଥିରେ ଆହାର କେନ୍ଦ୍ର ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ୟୁରିଟି ଗାର୍ଡ ଚିନ୍ମୟ ଦାସ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ଚିନ୍ମୟ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ମାଡ ମାରିଥିବା ବ୍ୟକ୍ତିଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ମାଡ ମାରିଥିବା ବ୍ୟକ୍ତି ଜଣଙ୍କ ଏକ ଘରୋଇ ସିକ୍ୟୁରିଟି ସଂସ୍ଥାରେ କାର୍ଯ୍ୟ କରୁଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ମଧ୍ୟାହ୍ନରେ ଆହାର କେନ୍ଦ୍ରରେ ଖାଇବା ପାଇଁ ପ୍ରବଳ ଭିଡ ଲାଗିଥିଲା। ସବୁ ଲୋକ ଧାଡିରେ ଠିଆ ହୋଇଥିବାବେଳେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଧାଡି ଆସି ନ ଥିଲେ। ସେ ସିଧା ସଳଖ ଆସି ଖାଇବା ନେବାକୁ ଆସୁଥିବା ବେଳେ ଚିନ୍ମୟ ତାଙ୍କୁ ଅଟକାଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବ୍ୟକ୍ତି ଜଣଙ୍କ ତାଙ୍କ ପାଖରେ ଥିବା ୱାକିଟକିରେ ଚିନ୍ମୟଙ୍କ ମୁଣ୍ଡରେ ପ୍ରହାର କରିଥିଲେ। ମାଡରେ ଚିନ୍ମୟଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା।

### କିଶୋରନଗରରେ ଛବିରାଣୀ ଚଳଚ୍ଚିତ୍ର ଶୁଟିଂ

**କଟକ ସଦର, ୧୨।୧୧(ଡି.ଏନ୍.ଏ.):** ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନଙ୍କ ପ୍ରତି ପାଶବିକ ଅତ୍ୟାଚାର ବଢିଚାଲିଛି। ଏହି ଘଟଣାକୁ ନେଇ ଯୁବ ପ୍ରଯୋଜକ ତଥା ନିର୍ଦ୍ଦେଶକ ବବି ଇସ୍‌ଲାମ ଚଳଚ୍ଚିତ୍ର 'ଛବିରାଣୀ'ର ସୁଟିଂ ଆରମ୍ଭ କରିଛନ୍ତି। ଏହି ଚଳଚ୍ଚିତ୍ର ୧୯୮୦ ମସିହାରେ ଖବରଦାତା ନବକିଶୋର ମହାପାତ୍ରଙ୍କ ସ୍ତ୍ରୀ ଛବିରାଣୀଙ୍କୁ ବିଲୁଆଖାଇ ନଦୀପଠାରେ ପାଶବିକ ଅତ୍ୟାଚାର ପରେ ହତ୍ୟା କରାଯିବା ଘଟଣାକୁ ନେଇ ଅଧାରିତ। ଏହାର ସୁଟିଂ କଟକ ସଦର ବ୍ଲକ ଅଧୀନ କିଶୋର ନଗରଠାରେ ଆରମ୍ଭ ହୋଇଛି। ଏଥିରେ ବଙ୍ଗୀୟ ଅଭିନେତ୍ରୀ ଚନ୍ଦ୍ରାଣୀ ହିରୋଇନ୍ ଓ ଅମନ ହିରୋ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ଅନ୍ୟାନ୍ୟ ଭୂମିକାରେ ମିହିର ଦାସ, ସିଦ୍ଧାନ୍ତ ମହାପାତ୍ର ଓ ଅନୁ ଚୌଧୁରୀ ପ୍ରମୁଖ କଳାକାର ଅଛନ୍ତି। ଦେଶରେ ବଳାତ୍କାର ଘଟଣା ବଢ଼ି ଚାଲିଥିବାବେଳେ ଜନସମାଜକୁ ସଚେତନତା କରିବା ପାଇଁ ଏହି ଚଳଚ୍ଚିତ୍ରର ସୁଟିଂ କରାଯାଉଛି ବୋଲି ବବି କହିଛନ୍ତି। କଟକ ଜିଲା ବିରିଡି ବ୍ଲକର ଏକ ନକଲି ସିମେଣ୍ଟ କାରବାର ସମ୍ପର୍କରେ ଖବରଦାତା ନବକିଶୋର ଖବର ପରିବେଷଣ କରିବା ପରେ ସ୍ତ୍ରୀ ଛବିରାଣୀ ନକଲି ସିମେଣ୍ଟ ବ୍ୟବସାୟୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ରାତିରେ କେତେଜଣ ବ୍ୟବସାୟୀ ଛବିରାଣୀଙ୍କୁ ବିଲୁଆଖାଇ ନଦୀପଠାରେ ବଳାତ୍କାର କରି ହତ୍ୟା କରିଥିଲେ। ଏହି ଘଟଣା ଉକ୍ତ ସମୟରେ ଚହଳ ପକାଇଥିଲା।

### ଶିକ୍ଷକ ନେତାଙ୍କ ବିୟୋଗରେ ଶୋକସଭା

**ଫୁଲନଖରା, ୧୨।୧୧(ଡି.ଏନ୍.ଏ.):** ଲକ୍ଷେଶ୍ୱର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଶିକ୍ଷକ ନେତା ପୀତାମ୍ବର ସ୍ୱାଇଁଙ୍କ ବିୟୋଗରେ ସୋମବାର ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଯଶୋଧାରା ମହାପାତ୍ରଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗଦେଇ ପୀତାମ୍ବରଙ୍କ ସ୍ମୃତିଚାରଣ କରିଥିଲେ।

■ ବିକାଶଶୀଳ ରାଷ୍ଟ୍ରକୁ ଅନୁକରଣ କରନି

# 'ନିଜ ବୁଦ୍ଧିରେ ବାସୋପଯୋଗୀ ସହର ଗଢ଼'

**ଭୁବନେଶ୍ୱର,୧୨।୧୧ (ବ୍ୟୁରୋ)**




■ମୋ ବସ୍ ସେବା ଦେଖି ଖୁସି ହେଲେ ଡାରିଓ

■କାର ଚାଳକଙ୍କଠାରୁ ଅଧିକ କର ଆଣ

ବିକାଶଶୀଳ ଆମେରିକା, କାନାଡ଼ା, ରୁଷିଆ ଏବଂ ଜାପାନ ଭଳି ରାଷ୍ଟ୍ରର କାର୍ଯ୍ୟପନ୍ଥାକୁ ଅନୁକରଣ କରନାହିଁ। ନିଜ ସହରବାସୀଙ୍କ ପାଇଁ ଉପଯୁକ୍ତ ବାତାବରଣ କିପରି ସୃଷ୍ଟି କରାଯାଇ ପାରିବ, ସେନେଇ ନିଜସ୍ୱ ବୁଦ୍ଧିରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଇଣ୍ଟିଗ୍ରେଟେଡ୍ ଟ୍ରାନ୍ସପୋର୍ଟର ନିର୍ଦ୍ଦେଶକ ଡାରିଓ ହିଡାଲ୍‌ଗୋ କହିଛନ୍ତି।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ–୨୦୧୮ରେ ଯୋଗଦେଇ ଡାରିଓ କହିଛନ୍ତି, ଆମେରିକା, କାନାଡ଼ା, ରୁଷିଆ ଏବଂ ଜାପାନ ଭଳି ରାଷ୍ଟ୍ରରେ ଲୋକ ଚାଲିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇନି। ବିକାଶଶୀଳ ରାଷ୍ଟ୍ରଗୁଡିକରେ ଲୋକମାନେ ଯାତାୟତ ପାଇଁ କାର ବ୍ୟବହାର କରୁଛନ୍ତି। ଏହାଦ୍ୱାରା ପରିବେଶ ଅଧିକ ପ୍ରଦୂଷିତ ହେବା ସହିତ ସହରୀ ଜନଜୀବନ ପ୍ରଭାବିତ ହେଉଛି। ଭୁବନେଶ୍ୱର ସହରକୁ ଦେଖି ଖୁସି ଲାଗୁଛି ବୋଲି ଡାରିଓ କହିଥିଲେ। ଏଠାରେ ପାଦ ଚଲାଳି ଏବଂ ସାଇକେଲ ଚଲାଳି ଲୋକଙ୍କ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତା' ସହିତ ମୋ ବସ୍ ବ୍ୟବସ୍ଥା ଆହୁରି ଖୁସି କରିଛି। ସେ କୁହନ୍ତି, ମୋ ବସ୍‌ସେବା ଦ୍ୱାରା ଅଧିକାଂଶ ଲୋକ କାର ଏବଂ ବାଇକ୍ ବ୍ୟବହାର କରିବା ପରିବର୍ତ୍ତେ ମୋ ବସ୍‌ରେ ଯାତାୟାତ କରିବେ। ଫଳରେ ଯେଉଁ ଅନୁପାତରେ କାର ଏବଂ ବାଇକ୍ ରାସ୍ତାରେ ଗଡିବାର ସମ୍ଭାବନା ଥିଲା ତାହା କମିଯିବ। ଏହାଦ୍ୱାରା ସହରରେ ପ୍ରଦୂଷଣ କମିବା ସହିତ ବାସ ଉପଯୋଗୀ ସହରୀ ବ୍ୟବସ୍ଥା ହୋଇ ପାରିବ। କାର ଏବଂ ଗାଡିକୁ ଲୋକ ଆଉ ପ୍ରାଧାନ୍ୟ ଦେବେନାହିଁ।

ବିକାଶଶୀଳ ରାଷ୍ଟ୍ରଗୁଡିକରେ ଘର ପାଖରେ କାମ ପଡିଲେ ମଧ୍ୟ ଲୋକ ଚାଲିଚାଲି କିମ୍ବା ସାଇକେଲରେ ଯିବା ପରିବର୍ତ୍ତେ କାର ବ୍ୟବହାର କରିଥାନ୍ତି। ସେହି ରାଷ୍ଟ୍ରଗୁଡିକରେ ଲୋକଙ୍କ ପାଇଁ ଚାଲିବା କିମ୍ବା ସାଇକେଲ ଚଳାଇବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନାହିଁ। ଦକ୍ଷିଣ ଆମେରିକାରେ ଲୋକ କାର ଉପରେ ନିର୍ଭରଶୀଳ ହୋଇ ଯିବା ଆସିବା କରିଥାନ୍ତି। ଏପରି ସମୟ ଆସିଲା, ସହର ପ୍ରଦୂଷଣରେ ଭରପୂର ହୋଇଗଲା। ଅନ୍ୟ ଲୋକ ହଇରାଣ ହେଲେ। ସେଠିକାର ମେୟର ଘୋଷଣା କଲେ ଯେ, ସହରରେ ଗୋଟିଏ ଦିନ କୌଣସି ଗାଡିମୋଟର ଚଳାଚଳ କରିବ ନାହିଁ। ଏହାକୁ ଯିଏ ଅବମାନନା କରିବ ସେ ଜରିମାନା ଦେବ ବୋଲି ନିୟମ କରାଗଲା।

ଡାରିଓ ଆହୁରି ମଧ୍ୟ କହିଛନ୍ତି, କାର ମାଲିକ ଏବଂ ଚାଳକଙ୍କ ପାଖରୁ ଅଧିକ କର ରଖାଯିବାର ବ୍ୟବସ୍ଥା କରାଗଲେ ସେମାନେ କାର ଚଳାଚଳ ଉପରେ ନିର୍ଭରଶୀଳ ହେବେ ନାହିଁ। ଫଳରେ ରାସ୍ତା ଖାଲି ରହିବା ସହିତ ପ୍ରଦୂଷଣ ମାତ୍ରା କମିଯିବ। ଏନେଇ ବିଏମ୍‌ସି କମିଶନର କ୍ରିଷନ କୁମାର କୁହନ୍ତି, ମୋ ବସ୍ ଖୋର୍ଦ୍ଧା, ଜଟଣୀ, ପିପିଲି, ପୁରୀ ଏବଂ କଟକ ସହିତ ଭୁବନେଶ୍ୱର ସହରରେ ଗଡୁଛି। ପ୍ରଦୂଷଣ ରୋକିବା ପାଇଁ ଖୁବ୍ ଶୀଘ୍ର ବାଇସାଇକେଲ ଗଡିବ।

## ଡକାୟତି ଯୋଜନା: ୪ ଗିରଫ

**କଟକ ଅଫିସ, ୧୨।୧୧**

**ବନ୍ଧୁକ, ଭୁଜାଲି, ବାଇକ୍ ଜବତ: ୪ ଫେରାର**



ଲାଲବାଗ ଥାନା ଅନ୍ତର୍ଗତ ଆରଏନ୍‌ଟି ଗଳିରେ ରବିବାର ରାତିରେ ଏକ ଗ୍ୟାଙ୍ଗ ଡକାୟତି ପାଇଁ ଯୋଜନା କରୁଥିବାବେଳେ ପୋଲିସ ଚଢାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ମଣିସାହୁ ଛକ ଅଞ୍ଚଳର ସାମିଉଲ ହୁସେନ ଓରଫ୍ ପପୁନ(୨୪), ଦରଘାବଜାର ବାଉଁଶଗଳି ଅଞ୍ଚଳର ସେକ୍ ସାହାରୁଖ(୨୬), ଲାଲବାଗ୍ ଥାନା ଅନ୍ତର୍ଗତ କାଳିଗଳି ଅଞ୍ଚଳର ମହମ୍ମଦ ନବୀନ ଓରଫ୍ ଅନ୍‌ସାର (୨୦), ଓଡ଼ିଆ ବଜାରର ସେଖ୍ ଚାନ୍ଦ ବାବୁ(୧୮)। ସେମାନଙ୍କ ଠାରୁ ପୋଲିସ ଗୋଟିଏ ବନ୍ଧୁକ, ୩ଟି ଗୁଳି, ଗୋଟିଏ ଭୁଜାଲି, ବାଇକ୍ (ଓଡ଼ି ୦୫ ଏଜେ–୦୨୭୪) ଓ ଦୁଇଟି ମୋବାଇଲ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୬/୧୮) ରୁଜୁ ହୋଇଛି। ଅନ୍ୟପକ୍ଷରେ ପୋଲିସ ଚଢାଉବେଳେ ଅନ୍ୟ ଚାରି ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତିରେ ଅଭିଯୁକ୍ତମାନେ ଆରଏନ୍‌ଟି ଗଳି ତଥା ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପଛପଟେ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ ସୂଚନା ପାଇଥିଲା। ପରେ ଥାନା ଅଧିକାରୀ ବିଶ୍ୱଜିତ୍ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ରାତି ପ୍ରାୟ ୧୧.୩୦ରେ ସେଠାରେ ଚଢାଉ କରିଥିଲା। ପୋଲିସ ଆସିବା କ୍ଷଣି ଅଭିଯୁକ୍ତମାନେ ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ୪ ଜଣ ଧରାପଡିଥିଲେ। ପଚରାଉଚରା ପରେ ସେମାନେ ଲାଲବାଗ୍ ଥାନା ଅନ୍ତର୍ଗତ ନିମଚୌଡି ଛକରେ ଥିବା ଏକ ଗହଣା ଦୋକାନ ଲୁଟ୍ କରିବା ପାଇଁ ଯୋଜନା କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ।

## ଭାଜପାର ଜନପରାମର୍ଶ ପଦଯାତ୍ରା ପ୍ରସ୍ତୁତି ବୈଠକ

**ଚୌଦ୍ୱାର,୧୨।୧୧(ଡି.ଏନ୍.ଏ.)**

ଗତ ୧୧ତାରିଖରୁ ରାଜ୍ୟରେ ଭାଜପା ପକ୍ଷରୁ ଆରମ୍ଭ ହୋଇଥିବା ଜନପରାମର୍ଶ ପଦଯାତ୍ରା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ କଟକ ଲୋକସଭା ମଣ୍ଡଳୀର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଟାଉନହଲ୍ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୂର୍ବତନ ମନ୍ତ୍ରୀ ସମୀର ଦେ, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱିରାଜ ହରିଚନ୍ଦନ, ରାଜ୍ୟ ପ୍ରବକ୍ତା ପୀତାମ୍ବର ଆଚାର୍ଯ୍ୟ, ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି, କଟକ ନଗର ସଭାପତି ଲକ୍ଷ୍ମୀଧର ପ୍ରଧାନ ଓ ବିନୋଦ ଦାସ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ୧୮ବର୍ଷ ଶାସନର ବିଫଳତା ଓ କେନ୍ଦ୍ର ସରକାରଙ୍କ ୪ବର୍ଷର ସଫଳତାକୁ ନେଇ ଘରେ ଘରେ ଲୋକଙ୍କ ନିକଟରେ କିପରି ପହଞ୍ଚାଯାଇପାରିବ ତାହା ଏହି ପଦଯାତ୍ରାର ମୂଳଲକ୍ଷ୍ୟ ବୋଲି ନେତାମାନେ କହିଥିଲେ। ଏହି ବୈଠକରେ ପଦଯାତ୍ରାର ଦିନ, ତାରିଖ ଓ ସମୟ ସ୍ଥିର କରାଯାଇଥିଲା। ୨୦ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ପଦଯାତ୍ରାରେ ଭାଜପାର ୧୦୨ମଣ୍ଡଳର ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା, ବରିଷ୍ଠ ନେତା ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟକ୍ରମଗୁଡିକର ପ୍ରଚାରପ୍ରସାର କରାଇବା ପଦଯାତ୍ରାର ଲକ୍ଷ୍ୟହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ଚୌଦ୍ୱାର ମଣ୍ଡଳ ସଭାପତି ବୈରାଗୀ ଚରଣ ପ୍ରଧାନ, ପ୍ରଶାନ୍ତ ହୋତା, ଅଜିତ୍ ସୁବୁଦ୍ଧିରାୟ, ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରକାଶ ବଡଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ଡିଆର୍‌ଡିଏ ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ଗାଁ ସାଥୀମାନେ।

## ଗାଁ ସାଥୀଙ୍କ ଗଣଧାରଣା

**କଟକ ଅଫିସ, ୧୨।୧୧**

ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି କଟକ ଜିଲା ଶାଖା ପକ୍ଷରୁ ସୋମବାର ଡିଆର୍‌ଡିଏ ଅଫିସ ଆଗରେ ଗଣଧାରଣା ଅନୁଷ୍ଠିତ ହୋଇଛି। ଶାଖା ସଭାପତି ଗଗନଧର ସାହୁ ଓ ସମ୍ପାଦକ ବିଦ୍ୟାଧର ଭୋଇଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା। ଏଥିରେ ରାଜ୍ୟସ୍ତରୀୟ ଦାବିଗୁଡ଼ିକ ପୂରଣ ଦିଗରେ ଗୁରୁତ୍ୱ ଦିଆଯାଇଛି। ଦାବିଗୁଡ଼ିକ ମଧ୍ୟରେ ଗାଁ ସାଥୀମାନଙ୍କୁ ସର୍ବନିମ୍ନ ମାସିକ ୬ହଜାର ଟଙ୍କାରୁ ଊର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ ଓ ୩ ଦଫା ଜିଲାସ୍ତରୀୟ ଦାବି ଉପସ୍ଥାପନ କରାଯାଇଥିଲା। ଶିକ୍ଷାଗତ ଯୋଗ୍ୟତା ଆଧାରରେ ଚୟନ ହୋଇଥିବା ସମସ୍ତ ଗାଁ ସାଥୀଙ୍କର ଏକ ସ୍ୱତନ୍ତ୍ର ଡାଟାବେସ୍ ରିପୋର୍ଟ ତୁରନ୍ତ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଗତ ୫ ତାରିଖରେ ସଂଘର ଏକ ୩୫ ଜଣିଆ ପ୍ରତିନିଧି ଦଳ ସହିତ ଆଲୋଚନା କରି କାର୍ଯ୍ୟ ଚାଲୁ ରଖିଥିବାରୁ ରାଜ୍ୟରେ ଆସନ୍ତା ୧୪ ତାରିଖରେ ହେବାକୁ ଥିବା ଆନ୍ଦୋଳନକୁ ଚଳିତବର୍ଷ ଡିସେମ୍ବର ୧୦ ତାରିଖକୁ ଘୁଞ୍ଚାଇ ଦିଆଯାଇଛି।

## ବାଲିଯାତ୍ରା ଉପରପଡିଆ ସଫେଇ କଲା ବିଜୁ ଯୁବବାହିନୀ

**କଟକ ଅଫିସ,୧୨।୧୧**

ବାଲିଯାତ୍ରା ଉପରପଡିଆ ସୋମବାର ବିଜୁ ଯୁବ ବାହିନୀ ପକ୍ଷରୁ ସଫେଇ କରାଯାଇଛି। ବିଜେଡି କର୍ପୋରେଟର ରଞ୍ଜନ ବିଶ୍ୱାଳ ଏବଂ ରମକ୍ସଙ୍କନ ଖାଁଙ୍କ ସମେତ ବିଜୁ ଯୁବ ବାହିନୀର ବହୁ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତବର୍ଷ ବାଲିଯାତ୍ରାରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯିବା ସହ ବିଜୁ ଯୁବ ବାହିନୀ ପକ୍ଷରୁ ପ୍ରତି ଷ୍ଟଲରେ ସ୍ୱଚ୍ଛତା ରକ୍ଷା ଉପରେ ପୋଷ୍ଟର ପ୍ରଦର୍ଶନ କରାଯିବ ବୋଲି ବିଜୁ ଯୁବ ବାହିନୀ ପକ୍ଷରୁ କୁହାଯାଇଛି।

## ବର୍ଜ୍ୟବସ୍ତୁର ସୁବିନିଯୋଗ ସମ୍ବନ୍ଧରେ କର୍ମଶାଳା

**କଟକ ଅଫିସ, ୧୨।୧୧**

ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ସହାୟ ରକ୍ତଭଣ୍ଡାର ପରିସର ମଙ୍ଗଳାବାଗଠାରେ ଶନିବାର ଏକଦିବସୀୟ ପ୍ରଦର୍ଶନୀ ଓ କର୍ମଶାଳା ଅନୁଷ୍ଠିତ ହୋଇଛି। ବର୍ଜ୍ୟବସ୍ତୁଗୁଡ଼ିକର ସୁବିନିଯୋଗ କରି କେମିତି ବିଭିନ୍ନ ପ୍ରକାର ଉପକରଣ ଓ ସୁନ୍ଦର ପଦାର୍ଥ କରାଯାଇପାରିବ ସେ ବିଷୟରେ ତାଲିମ ପ୍ରଦାନ କରାଯାଇଛି। ଏହି କର୍ମଶାଳାରେ ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାଶନାଲ, କଟକର ରାଜାବଗିଚା ଡିଏଭି ସ୍କୁଲ, ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ, ସେଣ୍ଟ ଜୋସେଫ ସ୍କୁଲ ଓ ଅନ୍ୟାନ୍ୟ ସାଧାରଣ ବିଦ୍ୟାଳୟର ପିଲାମାନଙ୍କ ସହିତ ଦିବ୍ୟାଙ୍ଗ ପିଲାମାନେ ଯୋଗ ଦେଇଥିଲେ। ଓଲିଉଡ୍‌ର ଖ୍ୟାତନାମା ଓ ଜାତୀୟ ପୁରସ୍କାରପ୍ରାପ୍ତ ଚିତ୍ରକଳା ଶିଳ୍ପୀ ସୁକାନ୍ତ ପାଣିଗ୍ରାହୀ ଯୋଗଦେଇ ପିଲାମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ସବୁ ପଦାର୍ଥଗୁଡ଼ିକୁ ଆସନ୍ତା ଶିଶୁ ଦିବସରେ ସହାୟଠାରେ ପ୍ରଦର୍ଶନ କରାଯିବ। ସହାୟ ଅନୁଷ୍ଠାନର ସମ୍ପାଦିକା ମୃଣାଳିନୀ ପାଢୀ, କୋଷାଧକ୍ଷା ଇନା ପୁରୋହିତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

■ ମହିଳାଙ୍କୁ ଆକ୍ରମଣ ଘଟଣା

## ଅଭିଯୁକ୍ତଙ୍କୁ ପୋଲିସର ଅନୁକମ୍ପା

**କଟକ ଅଫିସ,୧୨।୧୧**

**ଡିଜିପିଙ୍କ ନିକଟରେ ଅଭିଯୋଗ**

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ରସଲପୁର ଅଞ୍ଚଳର ରେଶମ ଖାତୁନ ନାମ୍ନୀ ମହିଳାଙ୍କୁ କେତେକ ବ୍ୟକ୍ତି ଆକ୍ରମଣ କରିଥିଲେ। ଏ ନେଇ ସେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୧୧/୧୮) ରୁଜୁ କରିଥିଲା। ହେଲେ ଏହି ଘଟଣାରେ ପୋଲିସ ଏ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଅଭିଯୁକ୍ତଙ୍କ ପ୍ରତି ପୋଲିସର ଏଭଳି ଅନୁକମ୍ପା ବିରୋଧରେ ସେ ଜଗତ୍‌ସିଂପୁର ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିଲେ। ହେଲେ କୌଣସି ଲାଭ ନ ମିଳିବାରୁ ସୋମବାର ସେ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଅଗଷ୍ଟ ୨୪ ତାରିଖରେ ଅଭିଯୁକ୍ତମାନେ କୌଣସି କାରଣକୁ ନେଇ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରି କି ତାଙ୍କର ସୁନାଚେନ୍ ଛଡାଇ ନେଇଥିଲେ। ଏ ନେଇ ସେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏପରି ସ୍ଥଳେ ଅଭିଯୁକ୍ତମାନେ ତାଙ୍କୁ ମାମଲା ପ୍ରତ୍ୟାହାର କରି ନେବାକୁ ଧମକ ଦେଉଛନ୍ତି। ଯଦି ଅଭିଯୋଗ ପ୍ରତ୍ୟାହାର ନ କରନ୍ତି, ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦିଆଯାଇଥିବା ରେଶମ କହିଛନ୍ତି। ପୋଲିସ ଏ କ୍ଷେତ୍ରରେ ଚୁପ୍ ରହି ଥିବାରୁ ରେଶମଙ୍କ ଜୀବନ ପ୍ରତି ବିପଦ ଥିବା ସେ ଡିଜିପିଙ୍କୁ ଭେଟି ଜଣାଇଛନ୍ତି। ଏଥିସହ ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

## ଜିଲାପାଳଙ୍କ ଜନଶୁଣାଣି ଶିବିର

**ନିଆଳି, ୧୨।୧୧ (ଡି.ଏନ୍.ଏ.)**

ନିଆଳି ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ରାଜୀବଗାନ୍ଧୀ ସେବାକେନ୍ଦ୍ର ଗୃହରେ ସୋମବାର ଜିଲାପାଳଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଇନ୍ଦିରାଆବାସ, ମୋ' କୁଡିଆ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ପରିମଳ ଆଦି ସମସ୍ୟା ସମ୍ପର୍କିତ ୩୧୧ ଅଭିଯୋଗ ପତ୍ର ପଞ୍ଜୀକରଣ ହୋଇଥିଲା। ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସେଥି ମଧ୍ୟରୁ ଅଧିକାଂଶ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବରରେ ଗ୍ରାମାଞ୍ଚଳ ଏସ୍‌ପି ମାଧବ ଚନ୍ଦ୍ର ସାହୁ, ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ବିଡିଓ ସୟେଦ୍ ଆରିଫ୍ ହୁସେନ୍, ବ୍ଲକ ଅଧକ୍ଷ କଳ୍ପନା ପାଣିଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ। ବିଶେଷକରି ସାମୁହିକ ଭାବେ ନିଆଳିରୁ ନିଶା ହଟାଇବା, ନିଆଳି ଠାରେ ଶୌଚାଳୟ ନିର୍ମାଣ ଓ ସ୍ଥାନୀୟ ମେଡିକାଲରେ ଡାକ୍ତର ନିଯୁକ୍ତି ପାଇଁ ଜନସାଧାରଣଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି ହୋଇଥିଲା। ଅନ୍ୟପକ୍ଷରେ ବହୁତ ଲୋକ ଜିଲାପାଳଙ୍କୁ ଦେଖା ନ କରି ହତାଶ୍ ହୋଇ ଫେରିଥିବା ଜଣାଯାଇଛି।




ଶିବିରରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଅଭିଯୋଗର ଶୁଣାଣି କରୁଛନ୍ତି।

## ନବନିର୍ମାଣ କୃଷକ ସଙ୍ଗଠନର ଧାରଣା

**କଟକ ସଦର/ଫୁଲନଖରା/ ଚୌଦ୍ୱାର/ନିଆଳି, ୧୨।୧୧(ଡି.ଏନ୍.ଏ.)**



ଉଷୁମା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା।

ଚାଷୀମାନଙ୍କୁ ପ୍ରାଇସ୍, ପ୍ରେଷ୍ଟିଜ ଓ ପେନ୍‌ସନ୍ ପ୍ରଦାନ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କଟକ ସଦର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଦିଆଯାଇଥିଲା। କୁଳସରିଚୁଆଁ, ବାରଦା, କିଶୋର ନଗର, ଆୟଉପୁର, ପରମହଂସ, ଦଧିବାମନପୁର, ବୋଧପୁର ପ୍ରହରାଜପୁର ଓ ନିମେଇଶାପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଥିଲେ। କଟକ ସଦର ବ୍ଲକ ସଂଯୋଜକ ରାମଚନ୍ଦ୍ର ରାଉତ, ସତ୍ୟଜିତ୍ ପ୍ରଧାନ, ଇଲିୟାସ ଅଲ୍ଲୀ, ସୁଧୀର ବେହେରା ଓ ଦୁର୍ଗାଶଙ୍କର ପରିଡାଙ୍କ ସମେତ ବହୁ ଚାଷୀ ଏଥିରେ ସାମିଲ ହୋଇଥିଲେ।

ସେହିପରି ବାରଙ୍ଗ ବ୍ଲକର ଉଷୁମା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ବାରଙ୍ଗ ବ୍ଲକ ନବ ନିର୍ମାଣ କୃଷକ ସଙ୍ଗଠନର ସଂଯୋଜକ କୃଷ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ନଗରୀ, ହରିଅନ୍ତା, ସାଇଁଶୋ, ଖଳର୍ଦ୍ଦା, କୋରକୋରା, କୁରାଙ୍ଗପ୍ରଧାନ, କୁରାଙ୍ଗଶାସନ ପଞ୍ଚାୟତର ଚାଷୀମାନେ ଏହି ଧାରଣାରେ ସାମିଲ ହୋଇଥିଲେ। କୃଷକମାନଙ୍କ ଦାବି ପୂରଣ ପାଇଁ ଏକ ସ୍ମାରକପତ୍ର ସରପଞ୍ଚ ଯତୀନ୍ଦ୍ର କୁମାର ସାହୁଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଛି। ଏହି ଚାଷୀମାନଙ୍କୁ ସମର୍ଥନ ଜଣାଇ କଟକ ସଦର ୪ନଂ. ଜୋନ୍‌ର କଂଗ୍ରେସ ସଭାପତି ଲଲାଟେନ୍ଦୁ ହାତୀ, ବିଜୟ କୁମାର ମହାପାତ୍ର ଓ ବିଶ୍ୱରଞ୍ଜନ ଦାସ ପ୍ରମୁଖ ସାମିଲ ହୋଇଥିଲେ।

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ଆଗ୍ରାହାଟ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆଗ୍ରାହାଟ କୃଷକ ମଞ୍ଚ ପକ୍ଷରୁ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଥିଲା। ପ୍ରାଇସ, ପ୍ରେଷ୍ଟିଜ, ପେନସନ୍ ଆଦି ଦାବି ପୂରଣ ନ ହେଲେ ଆସନ୍ତା ୧୫ ତାରିଖରେ ଥାନା ଘେରାଉ କରାଯିବ ବୋଲି ମଞ୍ଚର ସଭାପତି ଚକ୍ରଧର ପ୍ରଧାନ, ସମ୍ପାଦକ ବସନ୍ତ କୁମାର ନାୟକ, କାର୍ତ୍ତିକ ପରିଡା, ବୁଲି ଦେହୁରି ଓ ରେଣୁବାଳା ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଥିଲା।

ନିଆଳି ନବନିର୍ମାଣ କୃଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଛି। ନବନିର୍ମାଣ କୃଷକ ସଂଘ ସଭାପତି ଜଟାଧାରୀ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ସେମାନଙ୍କ ବିଭିନ୍ନ ସମସ୍ୟା ଯଥା ପ୍ରାଇସ୍, ପେନ୍‌ସନ୍, ପ୍ରେଷ୍ଟିଜ୍ ଦେବା ପାଇଁ ଦାବି କରିଥିଲେ। ଏଥିରେ ଭରତ ଚନ୍ଦ୍ର ମଲ୍ଲିକ, ସୁଧାଂଶୁ କୁମାର ସ୍ୱାଇଁ, ଅନନ୍ଦା ପ୍ରସାଦ ବିଶ୍ୱାଳ, ଅଜିତ୍ ନାୟକ, ସଂଗ୍ରାମ ବିଶ୍ୱାଳ ପ୍ରମୁଖଙ୍କ ସମେତ ୩ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।



ଯଦି ଆବଶ୍ୟକ ପଡୁଛି ସାହସ କରି ଏକାଥରକେ ଡେଇଁଯାଅ,
କାରଣ ଗୋଟିଏ ଗାତକୁ କେହି ଦୁଇ ଖେପାରେ ଡିଏଁ ନାହିଁ।
-ଡାଭିଡ୍ ହ୍ୟୁମ୍



## ସଂକ୍ଷେପରେ

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଖୋର୍ଦ୍ଧା ଅଫିସ,୧୨।୧୧:** ଚିଲିକା ବ୍ଲକ ବଡକୂଲ ଓ ଡୁଙ୍ଗମାଳ ପଞ୍ଚାୟତରେ ସୋମବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନେତୃତ୍ୱରେ ପଦଯାତ୍ରା ବଡକୂଳ ଓ ଡୁଙ୍ଗମାଳ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିଥିଲା। ପରିକ୍ରମା ସମୟରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଜନହିତକର କାର୍ଯ୍ୟକ୍ରମ ସହ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କର ବୈମାତୃକ ମନୋଭାବକୁ ଅବଗତ କରାଇଥିଲେ। ଏହି ପଦଯାତ୍ରାରେ ଦଳୀୟ ପର୍ଯ୍ୟବେକ୍ଷକ ଅଜିତ ରାଉତ, ରମେଶ ମହାପାତ୍ର, ବ୍ଲକ ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ପଞ୍ଚାୟତ ସଭାପତି ସହଦେବ ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ।

ଶବର କପ୍ ଫୁଟବଲ ଟୁର୍ନାମେଣ୍ଟ

### ଧର୍ମଶାଳା ସ୍ପୋର୍ଟ୍ସ ଏକାଡେମୀ ଜିତିଲା

**ଯାଁଳା,୧୨।୧୧ (ଡି.ଏନ.ଏ.):** ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ରାଧାଚରଣପୁରର ସ୍କୁଲ ପ୍ରାଙ୍ଗଣରେ ଖେଳା ଯାଉଥିବା ୨୧ ତମ ଶବର କପ ଫୁଟବଲ ଖେଳ ସୋମବାର ଦ୍ୱିତୀୟ ଦିବସରେ ଜଗା ୟୁନାଇଟେଡ କ୍ଲବ ଭୁବନେଶ୍ୱର-ଧର୍ମଶାଳା ସ୍ପୋର୍ଟ୍ସ ଏକାଡେମୀ ଜାରକା ମଧରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୪ ମିନିଟ୍‌ରେ ଜାରକାର ଜର୍ସି ନଂ. ୧୦ ଗୋଧି ଭୋଇ, ରାକେଶଙ୍କ ପାସ୍ ଦ୍ୱାରା ଗୋଲ କରିଥିଲେ। ଜାରକା ଦଳ ୦-୧ ଗୋଲରେ ଅଗ୍ରଣୀ ରହିଥିଲା। ଖେଳକୁ ରେଫ୍‌ରି ଶବ ପ୍ରସାଦ ଦାସ ଓ ଲାଇନସ୍ ଦିବ୍ୟଜ୍ୟୋତି ସିଂ, ଦିଗବିଜୟ ଲକ୍ଷ୍ମୀପ୍ରସାଦ ପରିଚାଳନା କରିଥିଲେ। ସମୀର ବେହେରା, ମନ୍ମଥ ମହାପାତ୍ର ମଞ୍ଚାସୀନ ଅତିଥି ଥିଲେ।

### ବୋଇତ ବନ୍ଦାଣ ପ୍ରସ୍ତୁତି ବୈଠକ

**କୃଷ୍ଣପ୍ରସାଦ,୧୨।୧୧(ଡି.ଏନ.ଏ.):** ଉତ୍କଳର ନୌବାଣିଜ୍ୟ, ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ନିମନ୍ତେ ବିଭିନ୍ନ ଅନୁଷ୍ଠାନ ତରଫରୁ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଅବସରରେ ଚଳିତବର୍ଷ ମଧ ବୋଇତ ବନ୍ଦାଣ ଉତ୍ସବ ଚିଲିକା ନୂଆପଡ଼ା ପଞ୍ଚାୟତ ଅନ୍ତର୍ଗତ ଜହ୍ନିକୁଦା ଘାଟପେଣ୍ଠଠାରେ ଆଡମ୍ବର ସହକାରେ ଆୟୋଜିତ ହେବା ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ରବୀନ୍ଦ୍ର ନାଥ ତରେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସେ ନେଇ ସଦସ୍ୟମାନଙ୍କୁ ଦାୟିତ୍ୱ ଦିଆଯାଇଛି। ନଭେମ୍ବର ୨୩ରେ ଏହି ଉତ୍ସବ ଯେପରି ସୂଚାରୁ ରୂପେ ସମ୍ପନ୍ନ ହୋଇପାରିବ, ସେଥିନିମନ୍ତେ ବିଶେଷ ଆଲୋଚନା ହୋଇଥିଲା। ବୈଠକରେ ଚିଲିକା ନୂଆପଡ଼ା ପଞ୍ଚାୟତ ସରପଞ୍ଚ ମମତାମୟୀ ପ୍ରଧାନ, ସମିତି ସଭ୍ୟ ଉତ୍ତମ କୁମାର ତରେଇ, ଗ୍ରାମ୍ୟ କମିଟି ସମ୍ପାଦକ ପ୍ରତାପ ଚନ୍ଦ୍ର ପରିଡ଼ା, ରଘୁନାଥ ବତ୍ତୁ, ରାଜ କିଶୋର ପଲେଇ ଓ ବ୍ରଜ କିଶୋର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ୍ ଚୋରି କରି ଜେଲ ଗଲେ ଯୁବକ

**ଖୋର୍ଦ୍ଧା ଅଫିସ, ୧୨।୧୧:** ବାଇକ୍ ଚୋରି ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହୋଇଥିବା ପୁରୀ ଜିଲା ଗଡିଶାଗଡା ଥାନା ସାହସପୁର ଗାଁର ବିଶ୍ୱମୋହନ ମହାରଥୀ ଓରଫ ଲକି(୨୧)ଙ୍କୁ ଖୋର୍ଦ୍ଧା ଟାଉନ ଥାନା ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ବିଶ୍ୱଙ୍କୁ ଖୋର୍ଦ୍ଧା ସବ ଜେଲକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ଖୋର୍ଦ୍ଧା ସଦର ଥାନା ବାଜପୁର ଗାଁର ବ୍ରଜ ଗୋପାଳ ପଟ୍ଟନାୟକ ବାଇକ ଯୋଗେ ଗାଁରୁ ଖୋର୍ଦ୍ଧାର ସୂତାକଳ କଲୋନୀକୁ ଗତ ୨୪ ତାରିଖରେ ଆସୁଥିଲେ। ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଗଡିଶାଗଡା ଥାନା ସାହସପୁର ଗାଁର ବିଶ୍ୱ ବସ ଅପେକ୍ଷାରେ ରହି ବ୍ରଜଙ୍କୁ ଲିଫ୍ଟ ମାଗିଥିଲେ। ପାତ୍ରପଡା ଯିବାକୁ ଥିବା ବିଶ୍ୱ ବାଇକ ଚୋରାଇବା ଉଦ୍ଦେଶ୍ୟରେ ଜଟଣୀ ବାଇପାସ୍ ପର୍ଯ୍ୟନ୍ତ ବ୍ରଜଙ୍କ ସହ ଯାଇଥିଲେ। ସେଠାରେ ବାଇକ ରଖି ବ୍ରଜ ଭଉଣୀ ଘରକୁ ଯାଇଥିବାବେଳେ ବିଶ୍ୱ ସେଠାରେ ଅଟକି ରହି ଚତୁରତାର ସହ ବାଇକ ଚୋରାଇ ନେଇଥିଲେ। ବାଇକ ଚୋରି ନେଇ ବ୍ରଜ ଖୋର୍ଦ୍ଧା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ହେଲେ ବ୍ରଜ ନିଜର ଚତୁରତା ଯୋଗୁ ବିଶ୍ୱଙ୍କ ନିକଟରେ ପହଞ୍ଚି ବାଇକ୍ ଉଦ୍ଧାର କରିଥିଲେ। ପୋଲିସ ବିଶ୍ୱଙ୍କୁ ଗିରଫ କରିଥିଲା।

■ ବିକାଶଶୀଳ ରାଷ୍ଟ୍ରକୁ ଅନୁକରଣ କରନି

# ‘ନିଜ ବୁଦ୍ଧିରେ ବାସ ଉପଯୋଗୀ ସହର ଗଢ଼’

■ମୋ ବସ୍ ସେବା ଦେଖି ଖୁସି ହେଲେ ଡାରିଓ

■କାର ଚାଳକଙ୍କଠାରୁ ଅଧିକ କର ଆଣ

**ଭୁବନେଶ୍ୱର,୧୨।୧୧ (ବ୍ୟୁରୋ)**

ବିକାଶଶୀଳ ଆମେରିକା, କାନାଡା, ରୁଷିଆ ଏବଂ ଜାପାନ ଭଳି ରାଷ୍ଟ୍ରର କାର୍ଯ୍ୟପନ୍ଥାକୁ ଅନୁକରଣ କରନାହିଁ। ନିଜ ସହରବାସୀଙ୍କ ପାଇଁ ଉପଯୁକ୍ତ ବାତାବରଣ କିପରି ସୃଷ୍ଟି କରାଯାଇ ପାରିବ, ସେନେଇ ନିଜସ୍ୱ ବୁଦ୍ଧିରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଇଣ୍ଟିଗ୍ରେଟେଡ୍ ଟ୍ରାନ୍ସପୋର୍ଟର ନିର୍ଦ୍ଦେଶକ ଡାରିଓ ହିଡାଲ୍‌ଗୋ କହିଛନ୍ତି।



ମଞ୍ଚରେ ଡାରିଓ ହିଡାଲ୍‌ଗୋଙ୍କ ସହ ଅନ୍ୟମାନେ।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮ରେ ଯୋଗଦେଇ ଡାରିଓ କହିଛନ୍ତି, ଆମେରିକା, କାନାଡା, ରୁଷିଆ ଏବଂ ଜାପାନ ଭଳି ରାଷ୍ଟ୍ରରେ ଲୋକ ଚାଲିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇନି। ବିକାଶଶୀଳ ରାଷ୍ଟ୍ରଗୁଡିକରେ ଲୋକମାନେ ଯାତାୟତ ପାଇଁ କାର ବ୍ୟବହାର କରୁଛନ୍ତି। ଏହାଦ୍ୱାରା ପରିବେଶ ଅଧିକ ପ୍ରଦୂଷିତ ହେବା ସହିତ ସହରୀ ଜନଜୀବନ ପ୍ରଭାବିତ ହେଉଛି। ଭୁବନେଶ୍ୱର ସହରକୁ ଦେଖି ଖୁସି ଲାଗୁଛି ବୋଲି ଡାରିଓ କହିଥିଲେ। ଏଠାରେ ପାଦ ଚଲାଳି ଏବଂ ସାଇକେଲ ଚଲାଳି ଲୋକଙ୍କ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତା’ ସହିତ ମୋ ବସ୍ ବ୍ୟବସ୍ଥା ଆହୁରି ଖୁସି କରିଛି। ସେ କୁହନ୍ତି, ମୋ ବସ୍‌ସେବା ଦ୍ୱାରା ଅଧିକାଂଶ ଲୋକ କାର ଏବଂ ବାଇକ୍ ବ୍ୟବହାର କରିବା ପରିବର୍ତ୍ତେ ମୋ ବସ୍‌ରେ ଯାତାୟାତ କରିବେ। ଫଳରେ ଯେଉଁ ଅନୁପାତରେ କାର ଏବଂ ବାଇକ୍ ରାସ୍ତାରେ ଗଡିବାର ସମ୍ଭାବନା ଥିଲା ତାହା କମିଯିବ। ଏହାଦ୍ୱାରା ସହରରେ ପ୍ରଦୂଷଣ କମିବା ସହିତ ବାସ ଉପଯୋଗୀ ସହରୀ ବ୍ୟବସ୍ଥା ହୋଇ ପାରିବ। କାର ଏବଂ ଗାଡିକୁ ଲୋକ ଆଉ ପ୍ରାଧାନ୍ୟ ଦେବେନାହିଁ।

ବିକାଶଶୀଳ ରାଷ୍ଟ୍ରଗୁଡିକରେ ଘର ପାଖରେ କାମ ପଡିଲେ ମଧ ଲୋକ ଚାଲିଚାଲି କିମ୍ବା ସାଇକେଲରେ ଯିବା ପରିବର୍ତ୍ତେ କାର ବ୍ୟବହାର କରିଥାନ୍ତି। ସେହି ରାଷ୍ଟ୍ରଗୁଡିକରେ ଲୋକଙ୍କ ପାଇଁ ଚାଲିବା କିମ୍ବା ସାଇକେଲ ଚଳାଇବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନାହିଁ। ଦକ୍ଷିଣ ଆମେରିକାରେ ଲୋକ କାର ଉପରେ ନିର୍ଭରଶୀଳ ହୋଇ ଯିବା ଆସିବା କରିଥାନ୍ତି। ଏପରି ସମୟ ଆସିଲା, ସହର ପ୍ରଦୂଷଣରେ ଭରପୂର ହୋଇଗଲା। ଅନ୍ୟ ଲୋକ ହଇରାଣ ହେଲେ। ସେଠିକାର ମେୟର ଘୋଷଣା କଲେ ଯେ, ସହରରେ ଗୋଟିଏ ଦିନ କୌଣସି ଗାଡିମୋଟର ଚଳାଚଳ କରିବ ନାହିଁ। ଏହାକୁ ଯିଏ ଅବମାନନା କରିବ ସେ ଜରିମାନା ଦେବ ବୋଲି ନିୟମ କରାଗଲା।

ଡାରିଓ ଆହୁରି ମଧ କହିଛନ୍ତି, କାର ମାଲିକ ଏବଂ ଚାଳକଙ୍କ ପାଖରୁ ଅଧିକ କର ରଖାଯିବାର ବ୍ୟବସ୍ଥା କରାଗଲେ ସେମାନେ କାର ଚଳାଚଳ ଉପରେ ନିର୍ଭରଶୀଳ ହେବେ ନାହିଁ। ଫଳରେ ରାସ୍ତା ଖାଲି ରହିବା ସହିତ ପ୍ରଦୂଷଣ ମାତ୍ରା କମିଯିବ। ଏନେଇ ବିଏମ୍‌ସି କମିଶନର କ୍ରିଷନ କୁମାର କୁହନ୍ତି, ମୋ ବସ୍ ଖୋର୍ଦ୍ଧା, ଜଟଣୀ, ପିପିଲି, ପୁରୀ ଏବଂ କଟକ ସହିତ ଭୁବନେଶ୍ୱର ସହରରେ ଗଡୁଛି। ପ୍ରଦୂଷଣ ରୋକିବା ପାଇଁ ଖୁବ୍ ଶୀଘ୍ର ବାଇସାଇକେଲ ଗଡିବ।

## ଯୁବ ରେଡ୍‌କ୍ରସ୍ ଶିବିର ଉଦ୍‌ଯାପିତ


ଅତିଥିମାନେ ପୁରସ୍କାର ବିତରଣ କରିଛନ୍ତି।

**ନିରାକାରପୁର,୧୨।୧୧(ଡି.ଏନ.ଏ.)**

କମାଗୁରୁ ପଞ୍ଚାୟତସ୍ଥ ରାମଚନ୍ଦ୍ର କଳ୍ପନା ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଯୁବ ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଶିବିର ଚାଲିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସୋମବାର ମୁଖ୍ୟଅତିଥି ଭାବେ ପ୍ରାଣନାଥ କଲେଜ ଅଧ୍ୟକ୍ଷ ଡ. ବିଦ୍ୟାଧର ବେହେରା ଉପସ୍ଥିତ ଥିଲେ। ଶିବିର ପର୍ଯ୍ୟବେକ୍ଷକ ଡ. ଆଦିତ୍ୟ ମିଶ୍ର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଯୁବ ରେଡକ୍ରସ୍ ଜିଲା ସଂଯୋଜକ ଲକ୍ଷ୍ମୀ ପ୍ରସନ୍ନ ମିଶ୍ର, ସମ୍ପାଦକ ସୁବୋଧ କୁମାର ଜଗଦେବ, କଲେଜ ପ୍ରତିଷ୍ଠାତା ରାମଚନ୍ଦ୍ର ମହାପାତ୍ର ଏବଂ କଳ୍ପନା ମହାପାତ୍ର, କାଉନ୍‌ସିଲର ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କଲ୍ୟାଣକର କାର୍ଯ୍ୟ ସହ ବନ୍ୟା, ବାତ୍ୟା ଆଦି ବିପର୍ଯ୍ୟୟ ସମୟରେ ସ୍ୱେଚ୍ଛାସେବୀମାନେ ସର୍ବଦା ଆଗରେ ରହିଥାନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲାର ୧୫୦ ଜଣ ସ୍ୱେଚ୍ଛାସେବୀ ଶିବିରରେ ଯୋଗଦେଇଥିଲେ। କୃତୀ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା।

■ପୁସ୍ତକମେଳାର ପଞ୍ଚମ ଦିବସ

# ଇତିହାସ ବଦଳିବା ଦରକାର

**ଖୋର୍ଦ୍ଧା ଅଫିସ,୧୨।୧୧**

ଖୋର୍ଦ୍ଧା ସହରର ଗୀତା ଭବନ ସମ୍ମୁଖ ପଡିଆରେ ସପ୍ତମ ବାର୍ଷିକ ଖୋର୍ଦ୍ଧା ପୁସ୍ତକ ମେଳା ଚାଲୁ ରହିଛି। ଏହାର ୫ମ ଦିବସ ଅପରାହ୍ନ ଓ ରାତିରେ ତର୍କ ପ୍ରତିଯୋଗିତା ଓ ୟାହୁ ଗ୍ରୁପ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉପରେ ଆଲୋଚନାଚକ୍ର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସଙ୍ଗଠନର ଉପଦେଷ୍ଟା ଇଂ. ଶିଶିର କୁମାର ନାୟକ, ଉତ୍କଳ ବିକାଶ ପରିଷଦର ମହାସଚିବ ଋଷି ଗୁମାନସିଂହ, କଳିଙ୍ଗ ପାଇକ ସଙ୍ଗଠନର ବରିଷ୍ଠ ସଦସ୍ୟ କାଳିଚରଣ ଜୟସିଂହ, ବାଣପୁରର ଗବେଷକ ମଦନ ମୋହନ ମହାପାତ୍ର, ଦୁନ୍ଦୁଭିର ସମ୍ପାଦକ ବନ ବିହାରୀ ନାୟକ, ନୟାଗଡ଼ର ପୂର୍ବତନ ଏସ୍‌ପି ଦେବ ପ୍ରସାଦ ମଜୁମଦାର ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଇତିହାସରେ ୧୮୧୭ର ପାଇକ ବିଦ୍ରୋହ ଠିକ୍ ଭାବେ


ପୁସ୍ତକମେଳାରେ ଯୋଗଦେଇଥିବା ଅତିଥିମାନେ।

ଉପସ୍ଥାପନ ହୋଇପାରିନାହିଁ। ଯାହାଦ୍ୱାରା ପାଇକ ବିଦ୍ରୋହ ପରି ଏକ ଐତିହାସିକ ଘଟଣା ସାଧାରଣରେ ପରିପ୍ରକାଶ ହେଉନାହିଁ। ଖୋର୍ଦ୍ଧା ଜିଲା ସଦର ମହକୁମା ସମେତ, ରାଜ୍ୟର ବିଭିନ୍ନ ସ୍ଥାନ ଓ ଦିଲ୍ଲୀରେ ଖୋର୍ଦ୍ଧା ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ସରକାରୀ ଓ ବେସରକାରୀ ଭାବେ ଗତବର୍ଷ ପାଳନ ହେବା ପରେ ସତ୍ୟର ପର୍ଦ୍ଦାଫାଶ ହେବାରେ ଆରମ୍ଭ ହୋଇଛି। ଇଂରେଜମାନଙ୍କୁ ବିତାଡିତ କରିବାକୁ ଖୋର୍ଦ୍ଧା ପାଇକମାନଙ୍କୁ ସଙ୍ଗଠିତ କରି ଜୟୀ ରାଜଗୁରୁ ପ୍ରୋତ୍ସାହନ ଯୋଗାଇ ଥିଲେ, ଯାହାକି ୧୮୧୭ ବିଦ୍ରୋହ ଉପରେ ପ୍ରଭାବ ପକାଇଥିଲା। ପୁଣି ୧୮୨୭ ତାପଙ୍ଗ ଯୁଦ୍ଧକୁ ମଧ ପ୍ରେରଣା ଦେଇଥିଲା। ଏଣୁ ବାସ୍ତବରେ ୧୮୦୪ରୁ ପାଇକ ବିଦ୍ରୋହ ଆରମ୍ଭ ହୋଇଥିବାର କହିଲେ ଐତିହାସିକ ବିଭ୍ରାନ୍ତି ହେବ ନାହିଁ ବୋଲି ମତପ୍ରକାଶ ପାଇଛି। ଏଣୁ ଇତିହାସକୁ ବଦଳାଇବାର ସମୟ ଆସିଛି। ପ୍ରକୃତ ତଥ୍ୟ ଉପସ୍ଥାପନ କରାଗଲେ ଇତିହାସକୁ ଖୋର୍ଦ୍ଧାର ଅବଦାନ ସମ୍ପର୍କରେ ସମସ୍ତେ ଅବଗତ ହୋଇପାରିବେ। ଏଭଳିସ୍ଥଳେ ପାଇକ ବିଦ୍ରୋହ ଶହୀଦମାନଙ୍କର ବୀରତ୍ୱ ଗାଥା ମନେପକାଇବାକୁ ଖୋର୍ଦ୍ଧାରେ ପାଇକ ରେଜିମେଣ୍ଟ, ସମରକଳା ଏକାଡ଼େମୀ, ବକ୍ସୀଙ୍କ ଏକ ସୁଉଚ୍ଚ ପ୍ରତିମୂର୍ତ୍ତି ବରୁଣେଇ ପାହାଡରେ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ବକ୍ତାମାନେ ଦେଇଛନ୍ତି। କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

### ଜଙ୍ଗଲରେ ଯୁବତୀଙ୍କୁ ଗଣବଳାତ୍କାର ଘଟଣା

## ଅଭିଯୁକ୍ତଙ୍କୁ ଧରାଇଲା ବାଇକ ନମ୍ବର

**ଖୋର୍ଦ୍ଧା ଅଫିସ,୧୨।୧୧**

ଜଙ୍ଗଲରେ ଭିନ୍ନକ୍ଷମ ଯୁବତୀଙ୍କୁ ଗଣବଳାତ୍କାର ଘଟଣାରେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ଷଡ଼େଇଗଡର ସନ୍ତୋଷ ଅରିସଲ(୨୧)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସନ୍ତୋଷଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ଯିବାକୁ ପଡିଛି। ଗତ ୩ ତାରିଖରେ ୨୨ ବର୍ଷୀୟା ଭିନ୍ନକ୍ଷମ ଯୁବତୀଙ୍କୁ ଜଙ୍ଗଲରେ ଗଣବଳାତ୍କାର କରାଯାଇଥିଲା। ୩ ଜଣ ଯୁବକ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ୩୭୬(ଘ) ଦଫାରେ ନଂ. ୧୬୩/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଳମ୍ବକୁ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଉଲ୍ଲେଖଥାଉକି ଭିନ୍ନକ୍ଷମ ପୀଡିତାଙ୍କ ପରିବାର ନ୍ୟାୟ ନ ପାଇଲେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ୧୩ତାରିଖରେ ଜଙ୍କିଆ ଥାନା ସମ୍ମୁଖରେ ଧାରଣା ଦେବ ବୋଲି ଚେତାବନୀ ଦେଇଥିଲା। ତା ପୂର୍ବରୁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସାରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛି। ତେବେ ଗଣବଳାତ୍କାର ଘଟଣାରେ ଅଭିଯୁକ୍ତମାନେ ବ୍ୟବହାର କରିଥିବା (ନଂ. ଓଡି୦୨ ଏଏଚ ୫୩୫୬) ବାଇକ୍ ସେମାନଙ୍କୁ ଧରାଇ ଦେଇଛି। ପୋଲିସ ସନ୍ତୋଷଙ୍କୁ ଗିରଫ କରିବା ସହ ବାଇକ୍ ଜବତ କରିଛି।

## ମୁକ୍ତ ମଞ୍ଚ ନାଟକ ମଞ୍ଚସ୍ଥ

**ବେଗୁନିଆ,୧୨।୧୧ (ଡି.ଏନ.ଏ.)**

ବେଗୁନିଆ ବ୍ଲକ ଅଧୀନ ଲାଖପଡା-ପିଣ୍ଡାମୂଳ ଗ୍ରାମରେ ମୁକ୍ତ ମଞ୍ଚ ନାଟକ ‘ରାତି ଅଳପକୁ ସପନ ବେଶି’ ରବିବାର ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର ଦେବ ନାଟ୍ୟ କଳା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ନାଟ୍ୟ ଉତ୍ସବକୁ ମୁଖ୍ୟଅତିଥି ଭାବେ ଦୁର୍ଗାଚରଣ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ବକ୍ତା ଭାବେ ଦୁର୍ଗାଚରଣ ମଙ୍ଗରାଜ ଯୋଗ ଦେଇଥିଲେ। ଗ୍ରାମର ପ୍ରାୟ ୩୫ ଜଣ ଛୋଟବଡ କଳାକାରମାନଙ୍କୁ ନେଇ ପରିବେଷିତ ଏହି ନାଟକକୁ ବୈକୁଣ୍ଠ ନାଥ ସେଠୀ ଏବଂ ସାଧୁ ଚରଣ ଚମ୍ପତି ନିର୍ଦ୍ଦେଶନା ଦେଇଥିଲେ। ଶରତ ଚନ୍ଦ୍ର ପଟ୍ଟନାୟକ ସଭା କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ଶେଷରେ ନକୁଳ ପଟ୍ଟନାୟକ ଧନ୍ୟବାଦ କରିଥିଲେ।

## ବିଜୁ ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟନ



ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥିମାନେ।

**ବେଗୁନିଆ,୧୨।୧୧ (ଡି.ଏନ.ଏ.)**

ବେଗୁନିଆ ସଦର ମହକୁମାରେ ସୋମବାର ବିଜୁଦକ୍ଷତା ବିକାଶ କେନ୍ଦ୍ରର ଶୁଭ ଉଦ୍‌ଘାଟନ ହୋଇଛି। ଦକ୍ଷତା ବିକାଶ ଓ ବୈଷୟିକ ତାଲିମ ବିଭାଗୀୟ ମନ୍ତ୍ରୀ ଉଷା ଦେବୀ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ, ଖୋର୍ଦ୍ଧା ଉପଜିଲାପାଳ ସରୋଜ କୁମାର ସାହୁ, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ଜାନକୀ ସ୍ୱାଇଁ ଏବଂ ଉପାଧ୍ୟକ୍ଷା ତନୁଜା ପାଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବ୍ଲକର ବହୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ଜଗଦ୍ଦେବଙ୍କ ନେତୃତ୍ୱରେ ବହୁ ସମର୍ଥକ ସାରୁଅ ଛକଠାରୁ ବେଗୁନିଆ ବ୍ଲକ କାର୍ଯ୍ୟାଳୟ ନିକଟକୁ ବାଇକ୍ ରାଲି କରି ଆସିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

**ଟାଙ୍ଗୀ(ଖୋର୍ଦ୍ଧା),୧୨।୧୧(ଡି.ଏନ.ଏ.)**

ଟାଙ୍ଗୀସ୍ଥିତ ଶ୍ରୀ ଶ୍ରୀ ବାଲୁକେଶ୍ୱରଦେବଙ୍କ ପବିତ୍ର ପୀଠରେ ସୋମବାର ୪ ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏକ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶହ ଶହ ଭକ୍ତଙ୍କ ଉପସ୍ଥିତିରେ ଗୋଧୂଳି ଲଗ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

## କ୍ରିକେଟ୍ :ଫାଇନାଲରେ ଦିଶା କ୍ଲବ ବୈଦେଶ୍ୱର

ଖୋର୍ଦ୍ଧା ଅଫିସ,୧୨।୧୧

ଖୋର୍ଦ୍ଧା ବ୍ଲକ କୁମାରବସ୍ତ କ୍ରିକେଟ ପଡ଼ିଆରେ ରାଇଜିଂ ଷ୍ଟାର କ୍ଲବ ଆନୁକୂଲ୍ୟରେ ଗଗନ କାଳିଆ ମେମୋରିଆଲ କ୍ରିକେଟ କପ ଚାଲୁ ରହିଛି। ଏହାର ସୋମବାର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଦିଶା କ୍ଲବ ବୈଦେଶ୍ୱର ୩୬ ରନରେ ସତ୍ୟପୀର ସ୍ପୋର୍ଟିଂ କାଇପଦରକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ବୈଦେଶ୍ୱର ଦଳ ଟସରେ ଜିତି ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ଉଇକେଟ ହରାଇ ୧୬୨ ରନ କରିଥିଲା। ଦଳ ପକ୍ଷରୁ ଗିରିଶ ନାୟକ ୪୨ ବଲରେ ୭୧ ରନ ଓ ଆଶିଷ ଛୋଟରାୟ ୨୭ରନ କରିଥିଲେ। ଜବାବରେ କାଇପଦର ଦଳ ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ରନ କରିବାକୁ ସକ୍ଷମ ହୋଇଥିଲା। ବୈଦେଶ୍ୱର ଦଳର ଗିରିଶ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ ପ୍ରକାଶ ପଟ୍ଟନାୟକ ଓ ଦୁର୍ଯ୍ୟୋଧନ ପରିଡ଼ା ପରିଚାଳନା କରିଥିଲେ।

## ଶ୍ରୀମଦ୍ ଭାଗବତ କଥାଯଜ୍ଞ


ଭାଗବତ କଥା ଯଜ୍ଞରେ ପ୍ରବକ୍ତା ଓ ଅନ୍ୟମାନେ।

**ବୋଲଗଡ଼,୧୨।୧୧(ଡି.ଏନ.ଏ.)**

ବୋଲଗଡ ବ୍ଲକ୍ ସାନପଦର ସ୍ଥିତ ଭକ୍ତ ଚରଣ ସ୍ମୃତି ସଦନଠାରେ ରବିବାର ଶ୍ରୀମଦ୍ ଭାଗବତ କଥାଯଜ୍ଞ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ପୂର୍ବାହ୍ନରେ ୧୦୮ଜଣ ଶ୍ରଦ୍ଧାଳୁ କଳସଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ସହ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ଦିବ୍ୟାଙ୍ଗମାନଙ୍କୁ ଅନ୍ନବସ୍ତ୍ର ଆଦି ଦାନ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୁରୁଷାର୍ଥ ଆଧ୍ୟାତ୍ମିକ ସତ୍‌ସଂଘ ସେବା ସଦନର ଅଧ୍ୟକ୍ଷ ନବୀନଜୀ ମହାରାଜ ଓ ଆମନ୍ତ୍ରିତ ଅତିଥିମାନେ ଯୋଗଦେଇଥିଲେ। ସନ୍ଧ୍ୟାରେ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ ବେଳେ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭୁପ୍ରସାଦ ସୁବୁଦ୍ଧି, ଗଗନ କୁମାର ସ୍ୱାଇଁ, ସୁଶାନ୍ତ କୁମାର ନାୟକ, ଅମ୍ବିକା ପ୍ରସାଦ ପଟ୍ଟନାୟକ ଓ ପ୍ରଭାସ ଚନ୍ଦ୍ର ନାୟକ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

■ପ୍ରାଇସ୍, ପ୍ରେଷ୍ଟିଜ୍, ପେନ୍‌ସନ ପାଇଁ ଆନ୍ଦୋଳନ

# ନବନିର୍ମାଣ କୃଷକ ସଙ୍ଗଠନର ଧାରଣା

**ଖୋର୍ଦ୍ଧା ଅଫିସ,୧୨।୧୧**

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ପ୍ରାଇସ୍, ପ୍ରେଷ୍ଟିଜ୍, ପେନ୍‌ସନ ଦାବିରେ ଚାଷୀଙ୍କ ଆନ୍ଦୋଳନ ତ୍ୱରାନ୍ୱିତ ହୋଇଚାଲିଛି। ଖୋର୍ଦ୍ଧା ବ୍ଲକର ୨୨ ପଞ୍ଚାୟତରୁ ୧୭ ପଞ୍ଚାୟତ ନରଣଗଡ, ଗୋଳବାଇ, ଗୋଡିପଡା, ଗଡହଳଦିଆ, ଟାଙ୍ଗିଆପଡା, ମଲ୍ଲୀପୁର, କେରଙ୍ଗ, ବରସାହି, ପୁରୁସାହି, ନାଳିପଡା ଅର୍ଜ୍ଜୁନପୁର, ବଙ୍ଗିଦା, କାଇପଦର, ତାପଙ୍ଗ, ଜଙ୍କିଆ, ବ୍ରଜମୋହନପୁର, କୁରାଢ଼ମଲ୍ଲ ଓ କଁପୁର ସମ୍ମୁଖରେ ସୋମବାର ପ୍ରତୀକ ଧାରଣା ହୋଇଛି। କେଉଁଠି ପଞ୍ଚାୟତ କାର୍ଯ୍ୟାଳୟ ବନ୍ଦ ଥିଲା ତ ଆଉ କେଉଁଠି ଆନ୍ଦୋଳନକୁ ଦେଖି କର୍ତ୍ତୃପକ୍ଷ ବନ୍ଦ କରି ଚାଲି ଯାଇଥିଲେ। ସ୍ଥାନେ ସ୍ଥାନେ ପଞ୍ଚାୟତ କାର୍ଯ୍ୟାଳୟ ଖୋଲାଥିଲା। ପଞ୍ଚାୟତ ଆନ୍ଦୋଳନର ସଫଳତା ପରେ ଚାଷୀ ଥାନା ଘେରାଉ କରିବାକୁ ପୁଣି ସଜବାଜ ହେଲେଣି। ସୋମବାର ପଞ୍ଚାୟତଗୁଡ଼ିକରେ ପ୍ରତୀକ ଧାରଣା ଚାଲୁ ସମୟରେ ଚାଷୀମାନେ ସରକାରଙ୍କୁ ସମାଲୋଚନା କରିଥିଲେ। ଏ ନେଇ ନବନିର୍ମାଣ କୃଷକ ସଙ୍ଗଠନର ସଂଯୋଜକ ତ୍ରିନାଥ ବରାଳ କୁହନ୍ତି, ଗତ ଅକ୍ଟୋବର ୨୯ ଠାରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପଦଯାତ୍ରାରେ ଚାଷୀମାନେ ଭୁବନେଶ୍ୱର ଉପକଣ୍ଠରେ ପହଞ୍ଚିଥିଲେ। ଚାଷୀଙ୍କ ପାଇଁ ଯଦି ଭୁବନେଶ୍ୱର ମନା ତାହା ହେଲେ ନେତା ଓ ମନ୍ତ୍ରୀଙ୍କୁ ଗାଁ ମନା ବୋଲି ଉପସ୍ଥିତ ଚାଷୀମାନେ କହିଥିଲେ। ଏ ନେଇ ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇ ପ୍ରତି ପଞ୍ଚାୟତ ସମ୍ମୁଖରେ ପ୍ରତୀକ ଧାରଣା ଦିଆଯାଇଥିଲା। ସେହିପରି ଜଟଣୀ ବ୍ଲକ ପ୍ରଧାନସାହି, ଜାମୁକୋଳି ପଞ୍ଚାୟତରେ ଅନୁରୂପ ଭାବେ କୃଷକମାନେ ଧାରଣା ଦେଇଥିଲେ।



ଖଙ୍ଗୁରିଆ ପଞ୍ଚାୟତ ସମ୍ମୁଖରେ କୃଷକ ସଂଗଠନର ଧାରଣା।

**ବେଗୁନିଆ,(ଡି.ଏନ.ଏ.)** ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୩ ଦଫା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ସେମାନେ ଗ୍ରାମାଞ୍ଚଳରେ ଆନ୍ଦୋଳନକୁ ବ୍ୟାପକ କରୁଛନ୍ତି। ସଙ୍ଗଠନ ପକ୍ଷରୁ ସୋମବାର ବେଗୁନିଆ ବ୍ଲକର ୨୧ଟି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଆସନ୍ତା ୧୫ ତାରିଖରେ ସମସ୍ତ ଥାନା ସମ୍ମୁଖରେ ଆଇନ ଅମାନ୍ୟ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**ବୋଲଗଡ଼,(ଡି.ଏନ.ଏ.)**–ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବୋଲଗଡ଼ ବ୍ଲକ୍ ଖଙ୍ଗୁରିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ଶତାଧିକ ଚାଷୀ ସାମିଲ ହୋଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ଜଳଧର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ସଙ୍ଗଠନର ଖୋର୍ଦ୍ଧା ଜିଲା କର୍ମକର୍ତ୍ତା ସୁରେଶ କୁମାର ମାନସିଂହ ବକ୍ତବ୍ୟ ରଖିଥିଲେ। ବାସୁଦେବ ଦାସ, ସାଧୁଚରଣ ରାଉତରାୟ, ନବକିଶୋର ଲେଙ୍କା, ଦାମୋଦର ସୁନ୍ଦରାୟ, ନୀଳମଣି ମଙ୍ଗରାଜ ଓ ଉମେଶ କୁମାର ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ଯଦି ଆବଶ୍ୟକ ପଡୁଛି ସାହସ କରି ଏକାଥରକେ ଡେଇଁଯାଅ,
କାରଣ ଗୋଟିଏ ଗାତକୁ କେହି ଦୁଇ ଖେପାରେ ଡିଏଁ ନାହିଁ।
-ଡାଭିଡ୍ ହ୍ୟୁମ୍



## ସଂକ୍ଷେପରେ

### ଦୁର୍ଘଟଣାରେ ୩ଗୁରୁତର

ବ୍ରହ୍ମଗିରି,୧୨।୧୧(ଡି.ଏନ୍.ଏ.):ବ୍ରହ୍ମଗିରି ଥାନା ଅନ୍ତର୍ଗତ କୁସୁବେଣ୍ଟି ଛକଠାରେ ସୋମବାର ଏକ ଅଟୋ ଓ ବାଇକ୍ ମଧରେ ଧକ୍କା ହେବାରୁ ୩ଜଣ ଗୁରୁତର ହୋଇଛନ୍ତି। ଆହତମାନେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସୋମବାର ବାଇକ୍ ଯୋଗେ କୁସୁବେଣ୍ଟି ଗ୍ରାମର ସୁଶାନ୍ତ ସାହୁ(୨୮), ପଦ୍ମଚରଣ ପ୍ରଧାନ(୨୮) ଓ କୁଶ ପ୍ରଧାନ ଗାଁକୁ ଫେରୁଥିବା ବେଳେ ଅପରପକ୍ଷରୁ ଏକ ଅଟୋ କ୍ଷିପ୍ର ଗତିରେ ଆସି ଦୁର୍ଘଟଣା ଘଟାଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଛନ୍ତି। ଅଟୋ ଚାଳକ କିମ୍ବା ଅଟୋ ନମ୍ବର ଜଣାପଡି ନାହିଁ।

### ୫ରେ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ସାମ୍ବିଧାନିକ ସମ୍ମିଳନୀ

ପୁରୀ ଅଫିସ,୧୨।୧୧: ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ରାଜ୍ୟସ୍ତରୀୟ ସମ୍ମିଳନୀ ଆସନ୍ତା ଜାନୁୟାରୀ ୫ ଓ ୬ ଦୁଇଦିନ ଧରି ପୁରୀଠାରେ ଅନୁଷ୍ଠିତ ହେବ। ଏ ନେଇ ସୋମବାର ମଞ୍ଚର ରାଜ୍ୟ ସଭାପତି ମାଧବ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଓଷ୍ଟା କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଶିକ୍ଷକ ପ୍ରତିନିଧି ଯୋଗଦେବେ। ରାଜ୍ୟର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ଶିକ୍ଷକ ନିଯୁକ୍ତି, ଠିକା ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ବାତିଲ, ସମସ୍ତ ଶିକ୍ଷକଙ୍କୁ ଅବସରକାଳୀନ ସୁବିଧା, ୨୦୦୫ ମସିହାର ପ୍ରଚଳିତ ପେନ୍‌ସନ ବ୍ୟବସ୍ଥା ପୁନଃ ପ୍ରଚଳନ, ବ୍ଲକଗ୍ରାଣ୍ଟ ଉଚ୍ଛେଦ ଆଦି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ରାଜ୍ୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା କହିଥିଲେ। ଏହି ବୈଠକରେ ମଞ୍ଚର ସାଧାରଣ ସମ୍ପାଦକ ପ୍ୟାରୀମୋହନ ଦାସ, ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ଓଷ୍ଟା ପୁରୀ ଜିଲା ସମ୍ପାଦକ ମହେନ୍ଦ୍ର ରଣସିଂ, ଶିକ୍ଷକ ମଞ୍ଚ ପୁରୀ ଜିଲା ସମ୍ପାଦକ ଗୋବିନ୍ଦ ଫାରକ, ସୁକାନ୍ତ ବେହେରା, କୈଳାସ ପଣ୍ଡା ଓ ଜୟପ୍ରକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ପଶାଖେଳ ଉଦ୍‌ଯାପିତ

ସାକ୍ଷୀଗୋପାଳ, ୧୨।୧୧(ଡି.ଏନ୍.ଏ.): ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୁଇଦିନ ଧରି ଚାଲିଥିବା ରାଜ୍ୟ ସ୍ତରୀୟ ପଶାଖେଳ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏଥିରେ ବିଜୟୀ ହୋଇଥିବା ପୁରୀର ଉପେନ୍ଦ୍ର ଯାଦବଙ୍କୁ ଚାମ୍ପିୟନ ଟ୍ରଫି ଓ ରନର୍ସଅପ୍ ନୀଳାମ୍ବର ହୋତାଙ୍କୁ ସାକ୍ଷୀଗୋପାଳ ସେବାୟତ ସଂଘ ପକ୍ଷରୁ ବିଜେତା କପ୍ ପ୍ରଦାନ କରାଯାଇଥିଲା। ସେହିପରି ସେମିଫାଇନାଲରେ ତାଳଚେରର ଦିଲୀପ କୁମାର ଦାସ ଓ ସାଥୀ ଅଭୟ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ସ୍ଥାନରୁ ୬୪ଟି ଦଳ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ।

### ଆମ ପୋଲିସ ବୈଠକ

ବଳଙ୍ଗା,୧୨।୧୧(ଡି.ଏନ.ଏ): ବଳଙ୍ଗା ଥାନା ପରିସରରେ ସୋମବାର ଆମ ପୋଲିସ ବୈଠକ ସାମାଜିକ କର୍ମୀ ରାଜକିଶୋର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବଳଙ୍ଗା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିଗ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ବଳଙ୍ଗା ବଜାରରେ ଟ୍ରାଫିକ୍ ନିୟନ୍ତ୍ରଣକୁ କଡାକଡି କରିବା, ବେଆଇନ ଯାତାୟାତ କରୁଥିବା ଯାନବାହନକୁ ତନଖି କରିବା, ଦ୍ରୁତଗତିରେ ଚଳାଉଥିବା ଚାଳକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସରପଞ୍ଚ ପ୍ରଦୀପ୍ତ କୁମାର ମିଶ୍ର, ଅମୂଲ୍ୟ ନାରାୟଣ ସିଂ, ପୂର୍ବତନ ସରପଞ୍ଚ ଶ୍ରୀଧର ପ୍ରଧାନ, ରାମଚନ୍ଦ୍ର ମିଶ୍ର, ସାମାଜିକ କର୍ମୀ କେଦାରେଶ୍ୱର ନନ୍ଦ, ସୁରେଶ ଚନ୍ଦ୍ର ମହାନ୍ତି, ମାନସ ରଞ୍ଜନ ଦାଶ, ମନୋଜ ପ୍ରଧାନ, ପୂର୍ବତନ ସମିତିସଭ୍ୟ କୃପସା ସିନ୍ଧୁ ଦତ୍ତ, ପ୍ରଭାତ ରାୟ, ସାମାଜିକ କର୍ମୀ ଅଜିତଚାନ୍ଦ ଦାସ, ସୁନୀଲ ରଥ, ପ୍ରକାଶ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବଳଙ୍ଗା ଥାନାର ସମସ୍ତ ଏଏସ୍‌ଆଇ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

■ ବିକାଶଶୀଳ ରାଷ୍ଟ୍ରକୁ ଅନୁକରଣ କରନି

# ‘ନିଜ ବୁଦ୍ଧିରେ ବାସ ଉପଯୋଗୀ ସହର ଗଢ଼’

ଭୁବନେଶ୍ୱର,୧୨।୧୧ (ବ୍ୟୁରୋ)




ମଞ୍ଚରେ ଡାରିଓ ହିଡାଲ୍‌ଗୋଙ୍କ ସହ ଅନ୍ୟମାନେ।

■ମୋ ବସ୍ ସେବା ଦେଖି ଖୁସି ହେଲେ ଡାରିଓ

■କାର ଚାଳକଙ୍କଠାରୁ ଅଧିକ କର ଆଣ

ବିକାଶଶୀଳ ଆମେରିକା, କାନାଡା, ରୁଷିଆ ଏବଂ ଜାପାନ ଭଳି ରାଷ୍ଟ୍ରର କାର୍ଯ୍ୟପନ୍ଥାକୁ ଅନୁକରଣ କରନାହିଁ। ନିଜ ସହରବାସୀଙ୍କ ପାଇଁ ଉପଯୁକ୍ତ ବାତାବରଣ କିପରି ସୃଷ୍ଟି କରାଯାଇ ପାରିବ, ସେନେଇ ନିଜସ୍ୱ ବୁଦ୍ଧିରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଇଣ୍ଟିଗ୍ରେଟେଡ୍ ଟ୍ରାନ୍ସପୋର୍ଟର ନିର୍ଦ୍ଦେଶକ ଡାରିଓ ହିଡାଲ୍‌ଗୋ କହିଛନ୍ତି।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮ରେ ଯୋଗଦେଇ ଡାରିଓ କହିଛନ୍ତି, ଆମେରିକା, କାନାଡା, ରୁଷିଆ ଏବଂ ଜାପାନ ଭଳି ରାଷ୍ଟ୍ରରେ ଲୋକ ଚାଲିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇନି। ବିକାଶଶୀଳ ରାଷ୍ଟ୍ରଗୁଡିକରେ ଲୋକମାନେ ଯାତାୟତ ପାଇଁ କାର ବ୍ୟବହାର କରୁଛନ୍ତି। ଏହାଦ୍ୱାରା ପରିବେଶ ଅଧିକ ପ୍ରଦୂଷିତ ହେବା ସହିତ ସହରୀ ଜନଜୀବନ ପ୍ରଭାବିତ ହେଉଛି। ଭୁବନେଶ୍ୱର ସହରକୁ ଦେଖି ଖୁସି ଲାଗୁଛି ବୋଲି ଡାରିଓ କହିଥିଲେ। ଏଠାରେ ପାଦ ଚଲାଳି ଏବଂ ସାଇକେଲ ଚଲାଳି ଲୋକଙ୍କ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତା’ ସହିତ ମୋ ବସ୍ ବ୍ୟବସ୍ଥା ଆହୁରି ଖୁସି କରିଛି। ସେ କୁହନ୍ତି, ମୋ ବସ୍‌ସେବା ଦ୍ୱାରା ଅଧିକାଂଶ ଲୋକ କାର ଏବଂ ବାଇକ୍ ବ୍ୟବହାର କରିବା ପରିବର୍ତ୍ତେ ମୋ ବସ୍‌ରେ ଯାତାୟାତ କରିବେ। ଫଳରେ ଯେଉଁ ଅନୁପାତରେ କାର ଏବଂ ବାଇକ୍ ରାସ୍ତାରେ ଗଡିବାର ସମ୍ଭାବନା ଥିଲା ତାହା କମିଯିବ। ଏହାଦ୍ୱାରା ସହରରେ ପ୍ରଦୂଷଣ କମିବା ସହିତ ବାସ ଉପଯୋଗୀ ସହରୀ ବ୍ୟବସ୍ଥା ହୋଇ ପାରିବ। କାର ଏବଂ ଗାଡିକୁ ଲୋକ ଆଉ ପ୍ରାଧାନ୍ୟ ଦେବେନାହିଁ।

ବିକାଶଶୀଳ ରାଷ୍ଟ୍ରଗୁଡିକରେ ଘର ପାଖରେ କାମ ପଡିଲେ ମଧ୍ୟ ଲୋକ ଚାଲିଚାଲି କିମ୍ବା ସାଇକେଲରେ ଯିବା ପରିବର୍ତ୍ତେ କାର ବ୍ୟବହାର କରିଥାନ୍ତି। ସେହି ରାଷ୍ଟ୍ରଗୁଡିକରେ ଲୋକଙ୍କ ପାଇଁ ଚାଲିବା କିମ୍ବା ସାଇକେଲ ଚଳାଇବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନାହିଁ। ଦକ୍ଷିଣ ଆମେରିକାରେ ଲୋକ କାର ଉପରେ ନିର୍ଭରଶୀଳ ହୋଇ ଯିବା ଆସିବା କରିଥାନ୍ତି। ଏପରି ସମୟ ଆସିଲା, ସହର ପ୍ରଦୂଷଣରେ ଭରପୂର ହୋଇଗଲା। ଅନ୍ୟ ଲୋକ ହଇରାଣ ହେଲେ। ସେଠିକାର ମେୟର ଘୋଷଣା କଲେ ଯେ, ସହରରେ ଗୋଟିଏ ଦିନ କୌଣସି ଗାଡିମୋଟର ଚଳାଚଳ କରିବ ନାହିଁ। ଏହାକୁ ଯିଏ ଅବମାନନା କରିବ ସେ ଜରିମାନା ଦେବ ବୋଲି ନିୟମ କରାଗଲା।

ଡାରିଓ ଆହୁରି ମଧ୍ୟ କହିଛନ୍ତି, କାର ମାଲିକ ଏବଂ ଚାଳକଙ୍କ ପାଖରୁ ଅଧିକ କର ରଖାଯିବାର ବ୍ୟବସ୍ଥା କରାଗଲେ ସେମାନେ କାର ଚଳାଚଳ ଉପରେ ନିର୍ଭରଶୀଳ ହେବେ ନାହିଁ। ଫଳରେ ରାସ୍ତା ଖାଲି ରହିବା ସହିତ ପ୍ରଦୂଷଣ ମାତ୍ରା କମିଯିବ। ଏନେଇ ବିଏମ୍‌ସି କମିଶନର କ୍ରିଷନ କୁମାର କୁହନ୍ତି, ମୋ ବସ୍ ଖୋର୍ଦ୍ଧା, ଜଟଣୀ, ପିପିଲି, ପୁରୀ ଏବଂ କଟକ ସହିତ ଭୁବନେଶ୍ୱର ସହରରେ ଗଡୁଛି। ପ୍ରଦୂଷଣ ରୋକିବା ପାଇଁ ଖୁବ୍ ଶୀଘ୍ର ବାଇସାଇକେଲ ଗଡିବ।

■ ସରକାରୀ ଚିନାବାଦାମ ବିହନ ମିଳୁନି

# ଅଧିକ ଦରରେ କିଣୁଛନ୍ତି ଚାଷୀ

**ବିହନ ନ ଥିବାରୁ ୮ହଜାର ହେକ୍ଟର ଜମି ଖାଲି ପଡିଛି**

କଣାସ,୧୨।୧୧(ସ୍ୱ.ପ୍ର.)

କଣାସ ବ୍ଲକରେ ଅଧିକାଂଶ ପରିବାର ଚାଷ ଉପରେ ନିର୍ଭର କରୁଥିବାବେଳେ ଚଳିତବର୍ଷର ଲଗାଣବର୍ଷା ଯୋଗୁ ଧାନଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଫଳରେ ଚିନବାଦାମ ଚାଷକୁ ଚାଷୀ ଆଶା ବାନ୍ଧିଥିଲେ । ଏଥିପାଇଁ ଚାଷୀମାନେ ୧୫ଦିନ ହେବ ୮ହଜାର ହେକ୍ଟର ଜମିରେ ଚାଷ ପାଇଁ ହଳ କରିଥିଲେ ବି ବିହନକୁ ଚାହିଁ ରହିଛନ୍ତି। ବିହନ ବିକ୍ରି ପାଇଁ ସରକାର ଦେଇଥିବା ସମବାୟ ସମିତି ନିକଟରେ ବର୍ତ୍ତମାନସୁଦ୍ଧା ଚିନାବାଦାମ ବିହନ ଆସିପାରି ନାହିଁ। ଯାହାଫଳରେ ଚାଷୀ ସରକାରୀ ମୂଲ୍ୟ କୁଇଣ୍ଟାଲ ପିଛା ୫ହଜାର ଟଙ୍କା ଥିବାବେଳେ ବାଧ ହୋଇ ୭ରୁ ୮ହଜାର ଟଙ୍କା ଅଧିକ ମୂଲ୍ୟ ଦେଇ କଟକ ଓ ଢେଙ୍କାନାଳର ବିଭିନ୍ନ ସ୍ଥାନରୁ ବିହନ କ୍ରୟ କରୁଛନ୍ତି। ଆହୁରି ଜଣାପଡ଼ିଛି ଯେ, କିଛିଦିନ ହେବ ୧୦୦କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚିନାବାଦାମ ବିହନ ବିନା ମୂଲ୍ୟରେ ଚାଷୀଙ୍କୁ ବାଣ୍ଟିବା ପାଇଁ ଆସି କୃଷି କାର୍ଯ୍ୟାଳୟରେ ଗଚ୍ଛିତ ଥିଲେ ମଧ୍ୟ ତାହା ଦିଆଯାଉ ନାହିଁ। ଏ ନେଇ କଣାସ କୃଷି ଅଧିକାରୀ କେ.ନଳିନୀଙ୍କୁ ପଚାରିବାରୁ କୁହନ୍ତି, ୧ଶହ କୁଇଣ୍ଟାଲ ସ୍ୱୀକୃତିପ୍ରାପ୍ତ ବିକ୍ରେତାଙ୍କୁ ବିହନ ବିକିବା ପାଇଁ ଦୁଇମାସ ହେବ ଜିଲା ଅଧିକାରୀଙ୍କୁ ଅର୍ଡର ଦେଇସାରିଛୁ। କିନ୍ତୁ ବିହନ ନିଗମ କାର୍ଯ୍ୟାଳୟରେ ବିହନ ନ ଥିବାରୁ ତାହା ଆସିପାରି ନାହିଁ। ଏବଂ ଯେଉଁ ଫ୍ରି ବିହନ ବଣ୍ଟନ ପାଇଁ ଆସିଛି ତାହା ଯଥାଶୀଘ୍ର ବଣ୍ଟାଯିବ। ଜମିରୁ ପାଗ ଛିଡିଯାଉଥିବା ବେଳେ ଚାଷୀମାନେ ବାଧ ହୋଇ ବାହାରୁ ଅଧିକା ଦରରେ ବିହନ କିଣିଥିବାରୁ ଚାଷୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

# ସୂଚନା ଅଧିକାର କର୍ମୀଙ୍କୁ ଦିଆଗଲା ଛତୁଆ, ସୁଷମ ଖାଦ୍ୟ ନମୁନା



ଅଧିକାରୀମାନେ ଖାଦ୍ୟ ନମୁନା ସଂଗ୍ରହ କରୁଛନ୍ତି।

କାକଟପୁର, ୧୨।୧୧(ଡି.ଏନ୍.ଏ.)

ରାଜ୍ୟ ସୂଚନା ଅଧିକାର କମିଶନଙ୍କ ନିର୍ଦ୍ଦେଶରେ କାକଟପୁର ବ୍ଲକ ସିଡିପିଓ ସୋମବାର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରୁ ଛତୁଆ ଓ ସୁଷମ ଖାଦ୍ୟର ନମୁନା ସଂଗ୍ରହ କରିଛନ୍ତି। କାକଟପୁର ବିଡିଓ, ଯୋଗାଣ ଅଧିକାରୀ, ବାଙ୍ଗୁରିଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ, ସିଡିପିଓ ପ୍ରମୁଖଙ୍କ ଉପସ୍ଥିତିରେ ସୂଚନା ଅଧିକାର କର୍ମୀ ଗମ୍ଭାରିପଦା ଗ୍ରାମର ଶିବାନନ୍ଦ ଶତପଥୀଙ୍କୁ ସଂଗୃହୀତ ନମୁନା ପ୍ରଦାନ କରାଯାଇଥିଲା। ଏହାର ମାନ ପରୀକ୍ଷା କରିବାକୁ ଶତପଥୀ କେନ୍ଦ୍ରୀୟ ପରୀକ୍ଷାଗାରକୁ ପଠାଇବେ ବୋଲି କହିଥିଲେ । କାକଟପୁର ବ୍ଲକରେ ସମୁଦାୟ ୧୬ଟି ପଞ୍ଚାୟତରେ ୧୮୨ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଏଠାରେ ପଢୁଥିବା ଛାତ୍ରୀଛାତ୍ର, ଗର୍ଭବତୀ, ପ୍ରସୂତି ମହିଳା, ଅପପୁଷ୍ଟି ଶିଶୁମାନଙ୍କୁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଣ୍ଡା, ଛତୁଆ, ପୁଷ୍ଟିକର ଖାଦ୍ୟ ମାଗଣାରେ ଯୋଗାଇ ଦେବାର ନିୟମ ରହିଛି। ଏହି ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ସମ୍ପର୍କରେ ସୂଚନା ଅଧିକାର କର୍ମୀ ଶତପଥୀ ପୁରୀ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଭାଗୀୟ ସଚିବ ଓ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ବାଧ ହୋଇ ଶତପଥୀ ସୂଚନା ଅଧିକାର ଆଇନ ସହାୟତାରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଖାଦ୍ୟ ସମ୍ପର୍କରେ ସବିଶେଷ ତଥ୍ୟ ମାଗିଥିଲେ। ମାତ୍ର ସେ କୌଣସି ତଥ୍ୟ ପ୍ରଦାନ ନ କରିବାରୁ ଶତପଥୀ ରାଜ୍ୟ ସୂଚନା ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ କେସ୍ ନଂ ୪୬୪/୧୬ରେ ରାଜ୍ୟ ସୂଚନା ଅଧିକାର କମିଶନ ତୁରନ୍ତ ଶତପଥୀଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ଛତୁଆ, ସୁଷମ ଖାଦ୍ୟର ନମୁନା ପ୍ରଦାନ କରିବାକୁ କାକଟପୁର ବ୍ଲକ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଖାଦ୍ୟ ସଂଗ୍ରହ ପରେ ସେଗୁଡ଼ିକୁ ବିଭାଗୀୟ କାର୍ଯ୍ୟାଳୟ ନିଆଯାଇ ଓଜନ କରିବାରୁ ପ୍ୟାକେଟରେ କମ୍ ପରିମାଣର ଖାଦ୍ୟ ଥିବାର ଜଣାପଡ଼ିଥିଲା।

## ମା’ ଓ ଶିଶୁଙ୍କ ପୁଷ୍ଟିହୀନତା ଶୀର୍ଷକ କାର୍ଯ୍ୟକ୍ରମ

ପୁରୀ ଅଫିସ,୧୨।୧୧:

ଗୋପବନ୍ଧୁ ସେବା ପରିଷଦ ଆନୁକୂଲ୍ୟରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଭୁବନେଶ୍ୱର ଓ ରାଷ୍ଟ୍ରୀୟ ସଦ୍‌ଭାବନା ମଞ୍ଚ ସହଯୋଗରେ ମା’ ଓ ଶିଶୁମାନଙ୍କ ପୁଷ୍ଟିହୀନତା ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ସୋମବାର ବେଲଦଳ ପଞ୍ଚାୟତର ଆଳତୁଙ୍ଗା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି।

ପରିଷଦର ସଭାପତି ପ୍ରଦୀପ କୁମାର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମଞ୍ଚର ଉପସଭାପତି ସମୀର କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ କହିଲେ, ଗର୍ଭାବସ୍ଥାରେ ମହିଳାମାନେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଉଚିତ। ଶିଶୁର ସ୍ୱାସ୍ଥ୍ୟଗତ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ମା’ ଓ ଶିଶୁର ଉପଯୁକ୍ତ ଯତ୍ନ ନିଆଗଲେ ପୁଷ୍ଟିହୀନତାକୁ ଦୂର କରାଯାଇପାରିବ ବୋଲି ସେ କହିଥିଲେ। ସାଧନକର୍ମୀ ଚାରୁଲତା ବାରିକ ମନୁଷ୍ୟର ଜୀବନଚକ୍ର ଉପରେ ଆଲୋକପାତ କରିଥିଲେ। ଗର୍ଭବତୀ ମହିଳା ଓ ନବଜାତ ଶିଶୁର ବିକାଶ ଲାଗି ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏହାର ସାହାଯ୍ୟ ନେବା ଲାଗି ସେ କହିଥିଲେ। ନିଜ ଘରବାରିରେ ଶାଗ ପଟାଳି କରିବା ସହ ସଜନା, ଅମୃତଭଣ୍ଡା, କଦଳୀ ଗଛ ଲଗାନ୍ତୁ। ତଟକା ପନିପରିବା ଖାଆନ୍ତୁ ବୋଲି ସେ କହିଥିଲେ।

■ ଗୋପ ମହାବିଦ୍ୟାଳୟ

# କ୍ୟାମ୍ପସ୍‌ରେ ବଢୁଛି ଅଣଛାତ୍ରଙ୍କ ଗୁଣ୍ଡାଗର୍ଦ୍ଦି

**ଅଭିଯୋଗ ପରେ ବି କର୍ତ୍ତୃପକ୍ଷ ନୀରବ**

ଗୋପ, ୧୨।୧୧(ଡି.ଏନ୍.ଏ.)

ଗୋପ ମହାବିଦ୍ୟାଳୟ ବ୍ଲକରେ ଅନ୍ୟତମ ପୁରାତନ କଲେଜ ଭାବରେ ପରିଚିତ ହୋଇଥିବାବେଳେ ଦୀର୍ଘ ବର୍ଷ ଧରି ବହୁ ସମସ୍ୟା ଦେଇ ଗତି କରୁଛି। ବହୁସମୟରେ କଲେଜ ପରିସରରେ ଅଣଛାତ୍ରମାନଙ୍କ ଗୁଣ୍ଡାଗର୍ଦ୍ଦି ସହିତ ସନ୍ଧ୍ୟାରେ କଲେଜ ପରିସରରେ ନିଶା ସେବନକାରୀଙ୍କ ଭିଡ଼ ଜମୁଥିବା ଅଭିଯୋଗ ହେଉଛି। ମାତ୍ର ଏପରି ଅଭିଯୋଗକୁ ନେଇ ପରିଚାଳନା ସଭାପତି ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଓ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା ଚୁପ୍ ରହିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶ ଯେ, ଗୋପ କଲେଜଟି ଦୀର୍ଘ ବର୍ଷ ଧରି ଭଙ୍ଗା ଘରେ ଚାଲୁଥିବାବେଳେ ଛାତ୍ରୀଛାତ୍ରଙ୍କ ଲାଗି ଶୌଚାଳୟ, ଖେଳପଡ଼ିଆ ସହିତ ଚତୁଃପାର୍ଶ୍ୱରେ ପାଚେରି ମଧ୍ୟ ନାହିଁ। ଅଧିକାଂଶ ସମୟ ଅଧ୍ୟାପକମାନେ ପାଳିରେ ଆସୁଥିବାବେଳେ ମହାବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ମହାବିଦ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ଅଧ୍ୟାପକମାନେ ଥିବାରୁ ସେମାନେ ମନଇଚ୍ଛା କଲେଜକୁ ଆସୁଥିବା ଭଳି ପୂର୍ବରୁ ଛାତ୍ରୀଛାତ୍ରମାନେ ଅଭିଯୋଗ କରିବା ସହିତ ବାରମ୍ବାର କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଦୀର୍ଘ ବର୍ଷ ଧରି ମହାବିଦ୍ୟାଳୟରେ ଅଧ୍ୟକ୍ଷ ପଦ ସହ ୫ ଅଧ୍ୟାପକ ଏବଂ ଅନ୍ୟାନ୍ୟ ପଦବୀଟି ଖାଲି ପଡ଼ିଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ପ୍ରତ୍ୟେକ ଦିନ କଲେଜ ପରିସରରେ ଅଣଛାତ୍ରମାନେ ପ୍ରବେଶ କରିବା ସହ ସନ୍ଧ୍ୟାରେ କଲେଜ ପରିସରରେ ନିଶା ସେବନକାରୀଙ୍କ ଭିଡ଼ ଜମିବା ଭଳି ଅଭିଯୋଗ ହେଉଛି। କଲେଜରେ ସିସି ଟିଭି ଲାଗିଥିଲେ ମଧ୍ୟ ଅଧିକାଂଶ ସମୟ ଏହା ବନ୍ଦ ରହୁଥିବା ଘଟଣା ସମସ୍ତଙ୍କୁ ଚକିତ କରୁଛି। କେତେକ ଅଧ୍ୟାପକ ବିଭିନ୍ନ ସମୟରେ କଲେଜରେ ଚାଲୁଥିବା ଠିକାଦାରି କାର୍ଯ୍ୟରେ ନିୟୋଜିତ ରହୁଥିବାରୁ ଠିକ୍ ଭାବରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ମିଳୁ ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ନେଇ ପରିଚାଳନା କମିଟି ସଭାପତି ତଥା ବିଧାୟକ ଦାଶଙ୍କୁ ପଚାରିବାରେ, ଏହିସବୁ ଅଭିଯୋଗ ଉପରେ ଦୃଷ୍ଟି ଦେବା ସହ ଖୁବ୍ ଶୀଘ୍ର ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରାଯିବ ବୋଲି କହିଥିଲେ। ଏ ନେଇ କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ପଣ୍ଡା କୁହନ୍ତି, ମୋ ନିକଟରେ ଏପରି ଅଭିଯୋଗ ଆସିନାହିଁ। ତଥାପି ଦୃଷ୍ଟି ଦେବା ସହ ଛାତ୍ରୀଛାତ୍ରଙ୍କ ସମସ୍ୟାକୁ ଦେଖିବେ ବୋଲି କହିଥିଲେ।

■ ଲୁଣା ନଦୀବନ୍ଧ କାର୍ଯ୍ୟ ଆରମ୍ଭ

# ୨ ପଞ୍ଚାୟତର ୨୦ଗ୍ରାମ ଉପରୁ ଟଳିଲା ବିପଦ

**୬ କି.ମି. ନଦୀବନ୍ଧ ଲାଗି ଖର୍ଚ୍ଚ ହେବ ୪କୋଟି ୭୦ଲକ୍ଷ**

ଗୋପ, ୧୨।୧୧(ଡି.ଏନ୍.ଏ.)

ବହୁ ପ୍ରତୀକ୍ଷିତ ଗୋପ ଜଳସମ୍ପଦ ଉପଖଣ୍ଡ ଅଧୀନ ଲୁଣା ନଦୀବନ୍ଧର କାର୍ଯ୍ୟ ରବିବାର ଆରମ୍ଭ ହୋଇଛି। ଦୀର୍ଘ ୬କି.ମି. ଦୀର୍ଘ ବନ୍ଧର ଦୁଇ ପାର୍ଶ୍ୱରେ ପଥର ପ୍ୟାକିଂ ହେବା ସହ ବନ୍ଧକୁ ଉଚ୍ଚ କରିବା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ରବିବାର ନିମାପଡ଼ା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ର, ଗୋପ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି ପହଞ୍ଚିବା ପରେ ବିଭାଗ ପକ୍ଷରୁ ମାପ ଚୁପ କରଯାଇ କାମ ଆରମ୍ଭ କରାଯାଇଛି। ଫଳରେ ଗୋପ ବ୍ଲକର ସୁତନ, ତରକୋର ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗାଁର ଗ୍ରାମବାସୀଙ୍କ ଭୟ ଦୂର ହୋଇଛି। ପ୍ରକାଶ ଯେ, ପ୍ରତ୍ୟେକ ବର୍ଷ କୁଶଭଦ୍ରା ନଦୀରେ ବନ୍ୟା ଆସିଲେ ଗୋପ ବ୍ଲକର ସୁତନ ଓ ତରକୋର ପଞ୍ଚାୟତ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିବା ସହ ଘରଦ୍ୱାରା ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଥାନ୍ତି। ଦୀର୍ଘ ବର୍ଷ ଧରି ଏହି ଗ୍ରାମବାସୀ ଲୁଣା ନଦୀବନ୍ଧର ସୁଦୃଢ଼ୀକରଣ ଲାଗି ଦାବି କରି ଆସୁଥିବାବେଳେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀଙ୍କ ଉଦ୍ୟମରେ ୬ କି.ମି. ଦୀର୍ଘ ନଦୀବନ୍ଧ ଲାଗି ୪କୋଟି ୭୦ଲକ୍ଷ ଟଙ୍କା ମଞ୍ଜୁର ହେବା ପରେ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟ ଦୀର୍ଘ ବର୍ଷ ଧରି ନ ହେବା ଫଳରେ ଜନସାଧାରଣଙ୍କ ମନରେ ଅସନ୍ତୋଷ ଦେଖାଦେଇଥିଲା। ବିଧାୟକ ସେଠୀ ଏହି କାର୍ଯ୍ୟ କରିବା ପାଇଁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତଥ୍ୟ ଭିତ୍ତିକ ପତ୍ର ଲେଖିଥିଲେ।

■ ଜିଲାସ୍ତରୀୟ ଶିକ୍ଷା କର୍ମଶାଳା

# ଶିକ୍ଷା ହେଉଛି ସଫଳତାର ମାପକାଠି

ପୁରୀ ଅଫିସ, ୧୨।୧୧:




ପୁରୀ ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅଲ୍ ଇଣ୍ଡିଆ ଡିୱାଇଓ ଏବଂ ଡେମୋକ୍ରାଟିକ୍ କଲଚ୍ରାଲ ଫୋରମ ପୁରୀ ଜିଲାର ମିଳିତ ଆନୁକୂଲ୍ୟରେ ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ଶିକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର, ଯୁବପିଢ଼ି, ବୁଦ୍ଧିଜୀବୀ, ଶିକ୍ଷକ ଏବଂ ଅଧ୍ୟାପକମାନେ ଯୋଗଦେଇଥିଲେ।

ଫୋରମ୍‌ର ଜିଲା ସଂଯୋଜକ ଅଜୟ କୁଅଁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଗୋପବନ୍ଧୁ ଆୟୁର୍ବେଦ କଲେଜର ଅଧ୍ୟକ୍ଷ ପ୍ରଫେସର ସୁଦର୍ଶନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଶିକ୍ଷା ହେଉଛି ସଫଳତାର ମାପକାଠି। ଆଜିର ଯୁବପିଢ଼ି ଏଥିରେ ଅନୁପ୍ରାଣିତ ହେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ପ୍ରଫେସର ହରିହର ମିଶ୍ର ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ବକୁଳବନ ବନବିଦ୍ୟାଳୟ ସମ୍ପର୍କରେ ଆଲୋକପାତ କରିଥିଲେ। ସତ୍ୟବାଦୀର ପଞ୍ଚସଖା ଓଡ଼ିଶାର ଗର୍ବ ଓ ଗୌରବ। ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ବକୁଳବନ ବିଦ୍ୟାଳୟ ସର୍ବଦା ଆଦର୍ଶ ହୋଇ ରହିବ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ଡ. କାର୍ତ୍ତିକ କୁମାର ଦାସ ଯୋଗଦେଇ କହିଲେ, ଶିକ୍ଷାର ଘରୋଇକରଣ ଯୋଗୁ ଏହାର ମାନ ହ୍ରାସ ପାଇବାରେ ଲାଗିଛି। ଶିକ୍ଷା ବ୍ୟବସାୟମୁକ୍ତ ହେବା ଉଚିତ। ଅଧ୍ୟାପକ ଦୁଷ୍ମନ୍ତ ଉପାଧ୍ୟାୟ, ଜିଲା ସାଇନ୍ସ ଫୋରମର ସଭାପତି ଦେବଦତ୍ତ ବିଶ୍ୱରଞ୍ଜନ ମିଶ୍ର, କେଶରୀ ନନ୍ଦନ ପ୍ରଧାନ ଓ କବି ହଟକିଶୋର ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ କବିତା ଆବୃତ୍ତି ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରସନ୍ନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଏବଂ ଅଧ୍ୟାପକ ଶିବ ନାରାୟଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।